R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୭୪
ତିଥି : ପଞ୍ଚମୀ
୩୦ ମାର୍ଚ୍ଚ ୨୦୨୪, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXVI, No. 174
30 March 2024, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

# ୪୦° ଛୁଇଁଲା ପାରଦ

ଭୁବନେଶ୍ୱର, ୨୯।୩ (ସବ୍ୟୁ) : ଚଳିତବର୍ଷ ପ୍ରଥମ ଥର ପାଇଁ ରାଜ୍ୟରେ ୪୦ ଡ଼ିଗ୍ରୀ ଛୁଇଁଲା ତାତି । ଟିଟଲାଗଡ, ବଲାଙ୍ଗିର, ବୌଦ୍ଧ, ଭବାନୀପାଟଣା ଓ ନୟାଗଡରେ ସର୍ବୋଚ୍ଚ ତାପମାତ୍ରା ୪୦ ଡ଼ିଗ୍ରୀ ଛୁଇଁଛି । ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ଏହି ପ୍ରକାର ତାପମାତ୍ରା ରହିବ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏନେଇ ସୂଚନା ଦିଆଯାଇଛି ।



ପାଣିପାଗ ବିଭାଗର କହିବାନୁସାରେ, ରାଜ୍ୟରେ ସ୍ୱାଭାବିକ ଠାରୁ ୩ରୁ ୪ ଡିଗ୍ରି ଉପରେ ପାରଦ । ଆସନ୍ତା ୫ ଦିନ ପର୍ଯ୍ୟନ୍ତ ତାତିରୁ ମିଳିବନି ନିସ୍ତାର । ଉପକୂଳ ଓଡ଼ିଶାରେ ତାତି ସହ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେବ । ଲୋକେ ସନ୍ତୁଳି ହେବେ । ଦିନ ୧୧ ଟାରୁ ଅପରାହ୍ଣ ୩ ଟାକୁ ପିକ୍ ଆୱାର ଘୋଷଣା କରାଯାଇଛି । ଏହି ସମୟରେ ବୟସ୍କ ଏବଂ ଶିଶୁଙ୍କୁ ସିଧାସଳଖ ଖରା ସଂସ୍ପର୍ଶରେ ନ ଆସିବାକୁ ପରାମର୍ଶ ଦିଆଯାଇଛି । ଆଭ୍ୟନ୍ତରୀଣ ଓଡ଼ିଶାରେ ୪୦ ଡିଗ୍ରି ଅତିକ୍ରମ କରିବ ତାପମାତ୍ରା । ଉପକୂଳ ଓଡ଼ିଶାରେ ୩୯ ଡିଗ୍ରୀ ସହ ୬୦ ପ୍ରତିଶତ ରହିବ ଆର୍ଦ୍ରତା ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି ।

ସେପଟେ କୃଷି ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ସାରା ରାଜ୍ୟରେ ତାତି ବଢ଼ିବ । ଶନିବାର ଦକ୍ଷିଣ ଓ ଉତ୍ତର ଆଭ୍ୟନ୍ତରରେ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ହେଇପାରେ । ଆସନ୍ତାକାଲି(ଶୁକ୍ରବାର) ଠାରୁ ଭୁବନେଶ୍ୱର ସମେତ ସମଗ୍ର ଉପକୂଳରେ ତାପମାତ୍ରା ବଢ଼ିବ । ସେଲସିୟସ ଅତିକ୍ରମ କରିପାରେ । ଉତ୍ତର ଉପକୂଳ ଓ ଉତ୍ତର ଆଭ୍ୟନ୍ତର ଓ କେନ୍ଦ୍ରୀୟ ଓଡ଼ିଶାରେ ଅନେକ ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିପାରେ । ବର୍ତ୍ତମାନ ଗରମ ରହିଥିବା ଦକ୍ଷିଣ ଆଭ୍ୟନ୍ତରରେ ତାତି ଜାରି ରହିବ । ହୁଏତ ଆସନ୍ତା ତିନି ଦିନ ଭିତରେ ଆଉ ୧ ଡିଗ୍ରୀ ବଢ଼ିପାରେ । ତେବେ ସପ୍ତାହେ ପର୍ଯ୍ୟନ୍ତ ତାତି କମିବାର

### ୫ ଜିଲ୍ଲାରେ ତାପମାତ୍ରା ୪୦ ଡିଗ୍ରୀ
### ଆଉ ୫ଦିନ ତାତିରୁ ନିସ୍ତାର ନାହିଁ
### ଉପକୂଳରେ ଗୁଳୁଗୁଳି ଜାରି ରହିବ
### ଏପ୍ରିଲ ୧ରେ ଭୁବନେଶ୍ୱରରେ ୪୦°

ସମ୍ଭବତଃ ଏପ୍ରିଲ ପହିଲାରେ ଭୁବନେଶ୍ୱର ତାପମାତ୍ରା ୪୦ ଡିଗ୍ରୀ ସମ୍ଭାବନା ନାହିଁ । ଏପ୍ରିଲ ୨ତାରିଖରେ ଭୁବନେଶ୍ୱର ରାଜ୍ୟର (୯ ପୃଷ୍ଠାରେ)

### ଦେଶରେ ଶିକ୍ଷିତ ବେକାରୀଙ୍କ ସଂଖ୍ୟା ସର୍ବାଧିକ

## ସ୍ନାତକ ବେରୋଜଗାର ୨୯.୧%

ନୂଆଦିଲ୍ଲୀ, ୨୯।୩ : ଭାରତରେ ଶିଖିତ ବେକାର ଯୁବକଙ୍କ ସଂଖ୍ୟା ଯଥେଷ୍ଟ ଅଧିକ । ଯେଉଁମାନେ ଲେଖିବା ଓ ପଢ଼ିବା ଶିଖିଛନ୍ତି ବା ଉଚ୍ଚ ଶିକ୍ଷିତ ଓ ସ୍ନାତକ ପାସ୍ କରିଛନ୍ତି, ଏମାନଙ୍କ ହାର ୨୯.୧% । ଅର୍ଥାତ ଏମାନଙ୍କୁ ନିଯୁକ୍ତି ମିଳିନାହିଁ । ବେକାରୀ ହାର ପ୍ରାୟ ୯ଗୁଣ ବୃଦ୍ଧି ପାଇଛି ବୋଲି ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲ୍‌ଓ) ରିପୋର୍ଟରେ ଉଲ୍ଲେଖ କରାଯାଇଛି ।




ସେହିଭଳି ଯେଉଁମାନେ ଉଚ୍ଚ ମାଧ୍ୟମିକ ଶିକ୍ଷା ଲାଭ କରିଛନ୍ତି ସେମାନଙ୍କ ମଧ୍ୟରେ ୧୮.୪% ବେକାର । ଯାହା ୬ଗୁଣ ବଢ଼ିଛି । ବେକାରୀ ସମସ୍ୟା ଏବେ ଯୁବକମାନଙ୍କ ପାଇଁ ଏକ ବଡ଼ ସମସ୍ୟା ହୋଇଛି । ବିଶେଷକରି ଯେଉଁ ଯୁବକମାନେ ଉଚ୍ଚ ମାଧ୍ୟମିକ ସ୍ତରର ବା ତା'ଠୁ ଅଧିକ ପାଠ ପଢ଼ିଛନ୍ତି, ସେମାନେ ଚାକିରୀ ପାଇଁ ବାରଦୁଆର ବୁଲୁଛନ୍ତି । ଆଇଏଲ୍‌ଓ ପକ୍ଷରୁ କୁହାଯାଇଛି ଯେ ସେହିଭଳି କୁଶଳୀ ଶ୍ରମ ଶକ୍ତିଙ୍କ ସହ ବଜାରରେ ସୃଷ୍ଟି ହେଉଥିବା ନିଯୁକ୍ତି ସୁଯୋଗର ତାଳମେଳ ନାହିଁ । ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ସତର୍କ କରାଇ ଦେଇଥିଲେ ଯେ ଭାରତରେ ଗରିବଙ୍କ ସଂଖ୍ୟା ବୃଦ୍ଧି ଅର୍ଥନୀତିର ବିକାଶରେ ବାଧା ସୃଷ୍ଟି କରୁଛି । ବିଶ୍ୱସ୍ତରରେ ଭାରତର ଯୁବ ବେକାରୀଙ୍କ ହାର ଏବେ ସର୍ବାଧିକ । ଭାରତୀୟ ଅର୍ଥନୀତି ଅଣସଂଗଠିତ କ୍ଷେତ୍ରରେ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରୁ ନାହିଁ । ଫଳରେ ନୂଆ ଉଚ୍ଚଶିକ୍ଷିତ ଯୁବକଗୁଡ଼ିକ ଶ୍ରମ ଶକ୍ତି ମଧ୍ୟରେ ସ୍ଥାନ ପାଉନାହାନ୍ତି ଓ ବେକାରୀ ହାର ବଢ଼ିଛି । ଚୀନରେ ବେକାରୀ ହାର ୧୬-୨୪ ବର୍ଷ ଯୁବକଙ୍କ ମଧ୍ୟରେ ୧୫.୩ % ଚଳିତ ବର୍ଷର ପ୍ରଥମ ଦୁଇମାସରେ ଆକଳନ କରାଯାଇଛି । (୯ ପୃଷ୍ଠାରେ)

### ପଢ଼ାଲେଖା ଜାଣିଥିବା ଯୁବକଙ୍କ ଠାରୁ ୯ ଗୁଣ ଅଧିକ
### ୧୫ରୁ ୨୯ ବର୍ଷ ମଧ୍ୟରେ ୮୮.୬% ଯୁବକ ବେକାର

### ହୀରାକୁଦରେ ଝାଡ଼ାବାନ୍ତି ନିୟନ୍ତ୍ରଣାଧୀନ

## କାର୍ଯ୍ୟରେ ଅବହେଳା, ୩ କର୍ମଚାରୀ ନିଲମ୍ବିତ

ସମ୍ବଲପୁର, ୨୯।୩ (ସବ୍ୟୁ) : ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦରେ ଝାଡ଼ାବାନ୍ତି ରୋଗ ବ୍ୟାପିଥିଲା । ବର୍ତ୍ତମାନ ଏହା ନିୟନ୍ତ୍ରଣାଧୀନ ରହିଛି। ୩ ଜଣ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । କେହି ରୋଗୀ ଗୁରୁତର ନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ହୀରାକୁଦରେ ଚିକିତ୍ସାଧୀନ ରୋଗୀଙ୍କ ତୁରନ୍ତ ଉପଚାର ପାଇଁ ହୀରାକୁଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରେପିଡ୍ ରେସ୍‌ପନ୍ସ ଟିମ୍ (ଆର୍‌ଆର୍‌ଟି) ମୁତୟନ କରାଯାଇଛି। ଅତ୍ୟାବଶ୍ୟକ ଔଷଧ ବିତରଣ ଏବଂ ପାନୀୟ ଜଳର ସ୍ୱଚ୍ଛତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରଭାବିତ ଅଞ୍ଚଳରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ ନିୟୋଜିତ କରାଯାଇଛି। ଯୁଦ୍ଧକାଳୀନ ଭିତ୍ତିରେ ପାନୀୟ ଜଳ ବିତରଣ ପାଇଁ ଥିବା ପାଇପ୍ ଗୁଡିକର ଛିଦ୍ର ମରାମତି କରାଯିବା ସହ ହୀରାକୁଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଭ୍ରାମ୍ୟମାଣ ଶୌଚାଳୟ କରାଯାଇଛି। ପାଣିକୁ ସୁପର କ୍ଲୋରିରେସନ୍ କରାଯାଇ ପ୍ରତିଦିନ ଜଳର ନମୂନା ଯାଞ୍ଚ କରାଯାଉଛି। ପାଣିର ଗୁଣବତ୍ତା ପରୀକ୍ଷା ପାଇଁ ପିଏଚ୍‌ଇଡି ଓ ଜନସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନେଇ ଟିମ୍ ନିୟୋଜିତ ହୋଇଛନ୍ତି। ତେବେ ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ୍ ରୋଗରେ କାହାର ଜୀବନହାନୀ ହୋଇନଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ।

ହୀରାକୁଦ ଅଞ୍ଚଳରେ ଗତ ୧୯ ତାରିଖରୁ ଗ୍ୟାଷ୍ଟ୍ରୋଏଣ୍ଟେରାଇଟିସ (ଝାଡାବାନ୍ତି) (୯ ପୃଷ୍ଠାରେ)

## କେଜରିୱାଲଙ୍କ ଗିରଫ ପ୍ରତିବାଦରେ ୩୧ରେ ମହାମେଳି

### ଯୋଗଦେବେ ବିରୋଧୀ ମେଣ୍ଟର ବରିଷ୍ଠ ନେତା
### କେଜରିୱାଲଙ୍କ ପତ୍ନୀଙ୍କ ହ୍ୱାଟ୍ସଆପ୍ ଅଭିଯାନ

ନୂଆଦିଲ୍ଲୀ, ୨୯।୩ : ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀର ପ୍ରତିବାଦରେ ନୂଆଦିଲ୍ଲୀର ରାମଲୀଳା ମଇଦାନରେ ବିରୋଧୀ ମେଣ୍ଟ ଇ.ଣ୍ଡି.ଆ. ପକ୍ଷରୁ ଆସନ୍ତା ୩୧ରେ ବିଶାଳ ସମାବେଶ କରାଯିବ । ଏଥିଲାଗି ନିର୍ବାଚନ କମିଶନ ଓ ଦିଲ୍ଲୀ ପୋଲିସର ଅନୁମତି ମିଳିଛି । ବିରୋଧୀ ମେଣ୍ଟର ବରିଷ୍ଠ ନେତାମାନେ ଏଥିରେ ଯୋଗଦେବେ ।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଶ୍ରୀ କେଜ୍ରିୱାଲଙ୍କୁ ଗିରଫ କରାଯାଇଛି । ଗତକାଲି ତାଙ୍କୁ ରାଉସ ଆଭେନ୍ୟୁ କୋର୍ଟରେ ଦାଖଲ କରାଯାଇଥିଲା । ଇଡି ଏପ୍ରିଲ ପହିଲା ଯାଏ ତାଙ୍କୁ ରିମାଣ୍ଡରେ ନେଇଛି । ଇତିମଧ୍ୟରେ ଆମ୍ ଆଦ୍‌ମୀ ପାର୍ଟି ପକ୍ଷରୁ କେଜ୍ରିୱାଲଙ୍କ ଗିରଫଦାରୀକୁ କେନ୍ଦ୍ରର ରାଜନୈତିକ ଷଡ଼ଯନ୍ତ୍ର ବୋଲି ବର୍ଣ୍ଣନା କରାଯାଇଛି । ଶୁକ୍ରବାରଠାରୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ କେଜ୍ରିୱାଲଙ୍କ ପତ୍ନୀ ସୁନିତା କେଜ୍ରିୱାଲ ଏକ ହ୍ୱାଟ୍‌ସଆପ୍ ଅଭିଯାନ ଆରମ୍ଭ କରିଛନ୍ତି । 'କେଜ୍ରିୱାଲକୁ ଆଶୀର୍ବାଦ' ଏହି ପ୍ରଚାରର ନାଁ ରଖାଯାଇଛି । ଲୋକମାନଙ୍କୁ ଏହି ରାଲିକୁ ସମର୍ଥନ କରିବା ପାଇଁ ମେସେଜ ଦେବାପାଇଁ ଅନୁରୋଧ କରାଯାଇଛି । ବିରୋଧୀ ମେଣ୍ଟର ସବୁ ପ୍ରମୁଖ ନେତା ଯଥା ମଲ୍ଲିକାର୍ଜ୍ଜୁନ ଖଡ଼ଗେ, ରାହୁଲ ଗାନ୍ଧି, ଶରଦ




ପାୱାର, ଉଦ୍ଧବ ଠାକରେ, ଅଖିଳେଶ ଯାଦବ, ଫାରୁକ୍ ଅବଦୁଲ୍ଲା, ଭଗବନ୍ତ ମାନ୍, ଚମ୍ପାଇ ସୋରେନ, ତେଜସ୍ୱୀ ଯାଦବ, ସୀତାରାମ ୟେଚୁରୀ, ଡେରାକ ଓ ବୀରେନ, ଡି. ରାଜା, କଳ୍ପନା ସୋରେନ୍ ଆଦି ଯୋଗଦେବା ପାଇଁ ସମ୍ମତି ଦେଇଛନ୍ତି । ପୂର୍ବାହ୍ନ ୯.୩୦ରୁ ମଧ୍ୟାହ୍ନ ୨ଟା ଯାଏ ଏହି ଶୋଭାଯାତ୍ରା ଚାଲିବ ।

## ବିଜେପି ଛାଡ଼ିଲେ ସୁକାନ୍ତ

ନୀଳଗିରି, ୨୯।୩ (ସବ୍ୟୁ) : କିଛିଦିନ ଧରି ଚର୍ଚ୍ଚା, ଆଲୋଚନା ଓ ସମାଲୋଚନାପରେ ଶେଷରେ ଭାରତୀୟ ଜନତା ପାର୍ଟିରୁ ଇସ୍ତଫା ଦେଇଛନ୍ତି ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଶୁକ୍ରବାର ମଧ୍ୟାହ୍ନ ୧୨.୩୦ମିନିଟ୍ ସମୟରେ ବିଧାୟକ ଶ୍ରୀ ନାୟକ ତାଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା କହିଛନ୍ତି । ତାଙ୍କର ଇସ୍ତଫା ପତ୍ର ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ନିକଟକୁ ପଠାଇଦେଇଥିବା ପ୍ରକାଶ କରିଛନ୍ତି । ତେବେ କ'ଣ ପାଇଁ ଦଳଛାଡ଼ିଲେ ବୋଲି ସାମ୍ବାଦିକ ମାନଙ୍କ ପ୍ରଶ୍ନର ଉତ୍ତରରେ କୌଣସି ପ୍ରତିକ୍ରିୟା ନଦେଇ ଆଗାମୀ ଦିନରେ ସମସ୍ତ ଉତ୍ତର ରଖିବେ ବୋଲି କହିଥିଲେ । ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଜେପି ଦଳରେ ବିଧାୟକ ଥାଇ ନୀଳଗିରି ନିର୍ବାଚନ ମଣ୍ଡଳୀ ପାଇଁ କାମ କରିଥିଲେ ମଧ୍ୟ ସାଂସଦ ଏବଂ ତାଙ୍କ କର୍ମଚାରୀମାନଙ୍କ ଦ୍ୱାରା ଚାପର ବଶବର୍ତ୍ତୀ ହୋଇ କାମ କରିବା ଫଳରେ ଅଣନିଶ୍ୱାସୀ ହୋଇପଡ଼ିଥିବା ଚର୍ଚ୍ଚା ହେଉଛି । ତେବେ ବିଧାୟକ ଶ୍ରୀ ନାୟକ ଛାତ୍ର ଜୀବନରୁ ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ପରିଚାଳିତ ହୋଇ ରାଜନୀତିକୁ ଆସିଥିବା ବେଳେ ନୀଳଗିରି ନିର୍ବଚନ ମଣ୍ଡଳୀରୁ ପ୍ରଥମ ଥର ପାଇଁ ୨୦୧୪ ମସିହାରେ (୯ ପୃଷ୍ଠାରେ)

## ସି-ଭିଜିଲ୍ ଆପ୍‌ରେ ୭୯ ହଜାର ଅଭିଯୋଗ

ଭୁବନେଶ୍ୱର, ୨୯।୩ (ସବ୍ୟୁ) : ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ସମ୍ପର୍କରେ ଅଭିଯୋଗ କରିବା ପାଇଁ ଭାରତର ନିର୍ବାଚନ କମିଶନଙ୍କ ସି-ଭିଜିଲ ଆପ୍ ଲୋକଙ୍କ ହାତରେ ଏକ ପ୍ରଭାବଶାଳୀ ଅସ୍ତ୍ର ପାଲଟିଛି । ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ପରଠାରୁ ଏହି ଆପ୍‌ରେ ଆଜି ସୁଦ୍ଧା ୭୯ ହଜାରରୁ ଅଧିକ ଅଭିଯୋଗ ଆସିଛି । ୯୯% ରୁ ଅଧିକ ଅଭିଯୋଗର ସମାଧାନ ହୋଇଛି ଏବଂ ୧୦୦ ମିନିଟ୍ ମଧ୍ୟରେ ପ୍ରାୟ ୮୯% ଅଭିଯୋଗର ସମାଧାନ ହୋଇଛି । ଦ୍ରୁତ ବେଗ ଏବଂ ସ୍ୱଚ୍ଛତା ହେଉଛି ସିଭିଜିଲ ଆପ୍‌ର ମୂଳଦୁଆ ।

ବେଆଇନ ହୋର୍ଡିଂ ଏବଂ ବ୍ୟାନର ବିରୋଧରେ ୫୮,୫୦୦ରୁ ଅଧିକ ଅଭିଯୋଗ (ସମୁଦାୟ ୭୩%) ଆସିଛି । ୧୪୦୦ରୁ ଅଧିକ ଅଭିଯୋଗ ଟଙ୍କା, ଉପହାର ଏବଂ ମଦ ବଣ୍ଟନ ସମ୍ବନ୍ଧୀୟ ରହିଛି । ପାଖାପାଖି ୩% ଅଭିଯୋଗ (୨୪୫୪) ସମ୍ପତ୍ତି ନଷ୍ଟ କରିବା ସମ୍ବନ୍ଧୀୟ ହୋଇଥିବା ବେଳେ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନ ଏବଂ ଧମକ ଦେବା ପାଇଁ ଆସିଥିବା ୫୩୫ଟି ଅଭିଯୋଗ ମଧ୍ୟରୁ ୫୨୯ଟିର ସମାଧାନ ହୋଇସାରିଛି । ନିଷିଦ୍ଧ ଅବଧିରେ ମାଇକ ଯୋଗେ ପ୍ରଚାର ପାଇଁ ୧୦ ଅଭିଯୋଗ ଆସିଛି ।

### ସାଧାରଣ ନିର୍ବାଚନ ଘୋଷଣା ପରେ ଆସିଛି ଇସିଆଇଙ୍କୁ ଆପତ୍ତି

ସିଭିଜିଲ୍ ଆପ୍ ନିର୍ବାଚନୀ ତଦାରଖ ଏବଂ ପ୍ରଚାର ବିଶୃଙ୍ଖଳା ହ୍ରାସ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି କରିଛି । ସୂଚନାଯୋଗ୍ୟ, ସାଧାରଣ ନିର୍ବାଚନ ୨୦୨୪ ଘୋଷଣା ପାଇଁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ନାଗରିକମାନଙ୍କୁ ସତର୍କ ରହିବାକୁ ଅନୁରୋଧ କରିଥିଲେ ଏବଂ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଏବଂ ଭୋଟରଙ୍କୁ କୌଣସି ପ୍ରକାର ପ୍ରଲୋଭନ ବଣ୍ଟନ ବିଷୟରେ ଜଣାଇବା ପାଇଁ ଏହି ଆପ୍ ବ୍ୟବହାର କରିବାକୁ ଅନୁରୋଧ କରିଥିଲେ ।

ସିଭିଜିଲ୍ ହେଉଛି ଉପଭୋକ୍ତା-ଅନୁକୂଳ ଏବଂ ପରିଚାଳନା କରିବାକୁ ସହଜ ଆପ୍ଲିକେସନ୍, ଯାହା ସଚେତନ ନାଗରିକମାନଙ୍କୁ ଜିଲ୍ଲା ନିୟନ୍ତ୍ରଣ କକ୍ଷ, ରିଟର୍ଣ୍ଣିଂ ଅଫିସର ଏବଂ ଫ୍ଲାଇଂ ସ୍କ୍ୱାଡ୍ ଟିମ୍ ସହିତ ସଂଯୋଗ କରେ । ଏହି ଆପ୍ ବ୍ୟବହାର କରି ନାଗରିକମାନେ କିଛି ମିନିଟ୍ ମଧ୍ୟରେ (୯ ପୃଷ୍ଠାରେ)

### କଂଗ୍ରେସର ଗ୍ୟାରେଣ୍ଟି

## ସରକାରୀ ଚାକିରିରେ ମହିଳାଙ୍କୁ ୫୦% ସଂରକ୍ଷଣ

ନୂଆଦିଲ୍ଲୀ, ୨୯।୩ : କଂଗ୍ରେସ କ୍ଷମତାକୁ ଆସିଲେ ମହିଳାମାନଙ୍କ ପାଇଁ ସରକାରୀ ନିଯୁକ୍ତିରେ ୫୦% ସଂରକ୍ଷଣ କରାଯିବ । ସେହିଭଳି ତୁରନ୍ତ ସଂସଦ ଓ ବିଧାନସଭାରେ ମହିଳା ସଂରକ୍ଷଣ ବିଲ୍ ଲାଗୁ କରାଯିବ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି କହିଛନ୍ତି । ଲୋକସଭା ନିର୍ବାଚନ ପୂର୍ବରୁ ରାହୁଲଙ୍କ ଏହି ଘୋଷଣାର ଅନେକ ସୁଦୂର ପ୍ରସାରୀ ପ୍ରଭାବ ପଡିବ ବୋଲି ଆକଳନ କରାଯାଉଛି ।

କଂଗ୍ରେସ ଚାହୁଁଛି ଯେ ଜନସଂଖ୍ୟାର ଅର୍ଦ୍ଧାଧିକ ଥିବା ଲୋକଙ୍କୁ ସେମାନଙ୍କ ପୁରା ହକ୍ ମିଳୁ । ମହିଳାମାନଙ୍କର ଦକ୍ଷତାକୁ ସମ୍ପୂର୍ଣ୍ଣ ବିନିଯୋଗ କରାଯାଉ । ମହିଳାମାନେ ମଧ୍ୟ ସରକାର ଚଳାଇବାରେ ସମାନ ଭାଗିଦାରୀ ରହୁ । ସୋସିଆଲ ମିଡିଆରେ ଏହି ପୋଷ୍ଟ କରି ରାହୁଲ କହିଛନ୍ତି ଯେ ଯଦି ସବୁ ନୂଆ ସରକାରୀ ଚାକିରୀରେ ମହିଳାମାନଙ୍କ ଲାଗି ସଂରକ୍ଷଣ କରାଯିବ । ମହିଳାମାନଙ୍କୁ ସୁରକ୍ଷିତ ଆୟ, ଭବିଷ୍ୟତର ସ୍ଥାୟୀତ୍ୱ ଓ ଆତ୍ମ ସମ୍ମାନ ଦେବାସହ ସମାଜରେ ଶକ୍ତିଶାଳୀ କରିବା ପାଇଁ ଆମେ ପଦକ୍ଷେପ ନେବୁ । ମହାଲକ୍ଷ୍ମୀ ଗ୍ୟାରେଣ୍ଟି ଯୋଜନାରେ ପ୍ରତି ଗରିବ ପରିବାରର ଜଣେ ମହିଳାକୁ ବାର୍ଷିକ ୧ ଲକ୍ଷ ଟଙ୍କା ପ୍ରଦାନ କରାଯିବ ।

### ରାହୁଲଙ୍କ ଚେତାବନୀ : ଗଣତନ୍ତ୍ରକୁ ବିପର୍ଯ୍ୟସ୍ତ କରୁଥିବା ବ୍ୟକ୍ତିଙ୍କୁ ଛାଡ ମିଳିବନି

## ସରକାର ବଦଳିଲେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୨୯।୩ : ଆୟକର ବିଭାଗ ପକ୍ଷରୁ କଂଗ୍ରେସକୁ ୧୮୦୦ କୋଟି ଟଙ୍କାର ଟିକସ ଫାଙ୍କି ଅଭିଯୋଗରେ ଜରିମାନା କରାଯାଇଛି । ୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ଜରିମାନା ଓ ସୁଧକୁ ନେଇ ଏହି ଆକଳନ କରାଯାଇଛି । ଯାହାକୁ ନେଇ ଆଜି କଂଗ୍ରେସ ସାଂସଦ କେନ୍ଦ୍ରୀୟ ସଂସ୍ଥା ଉପରେ ବର୍ଷିଛନ୍ତି । ଆଇଟିର ଏହି ନୋଟିସକୁ ଟିକସ ଆତଙ୍କବାଦ ସହ ତୁଳନା କରିଛନ୍ତି ।

ରାହୁଲ କହିଛନ୍ତି ଯେ ଯେତେବେଳେ ସରକାରର ପରିବର୍ତ୍ତନ ହେବ ଯେଉଁମାନେ ଗଣତନ୍ତ୍ରକୁ ବିପର୍ଯ୍ୟସ୍ତ କରିଛନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । କାର୍ଯ୍ୟାନୁଷ୍ଠାନ ଏଭଳି ନିଆଯିବ ଭବିଷ୍ୟତରେ ଏଭଳି କାର୍ଯ୍ୟ କରିବାକୁ ଆଉ କେହି ସାହସ କରିବେ ନାହିଁ । ଏହା ହେଉଛି ମୋର ଗ୍ୟାରେଣ୍ଟି । ସୋସିଆଲ ମିଡିଆ ଏକ୍ସ'ରେ ରାହୁଲ ଏହି ପୋଷ୍ଟ କରିଛନ୍ତି । କଂଗ୍ରେସ ଏବେ ଆୟକର ବିଭାଗ ପକ୍ଷରୁ ୨୦୦ କୋଟି ଟଙ୍କା ଜରିମାନା ନାଇଁ ସେମାନଙ୍କ ଆକାଉଣ୍ଟକୁ ଅଚଳ କରିଥିବା ସ୍ଥିତିରେ ଗତି କରୁଛି । ଏହି ମାମଲାରେ

### କଂଗ୍ରେସକୁ ୧୮୦୦ କୋଟିର ଆୟକର ନୋଟିସ୍



ହାଇକୋର୍ଟ ପକ୍ଷରୁ କଂଗ୍ରେସକୁ ଆଶ୍ୱସ୍ତି ମିଳିଲା ନାହିଁ । କିଛି ସପ୍ତାହ ପରେ ଲୋକସଭା ନିର୍ବାଚନ ଥିବାରୁ କଂଗ୍ରେସ ଖୁବଶୀଘ୍ର ସୁପ୍ରିମକୋର୍ଟ ଯିବ ବୋଲି ଜଣାପଡ଼ିଛି । ରାହୁଲ ଅଭିଯୋଗ କରିଛନ୍ତି ଯେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟ କରୁଥିବା ସଂସ୍ଥା ଯଥା ଆୟକର ବିଭାଗ ବିଜେପିର ହାତବାରିଶୀ ହୋଇ କାର୍ଯ୍ୟ କରୁଛି । କଂଗ୍ରେସ ଏ କ୍ଷେତ୍ରରେ ଏକ ଦୀର୍ଘ ଆଇନ ଯୁଦ୍ଧ ଲଢ଼ିବା ପାଇଁ ନିଜକୁ ପ୍ରସ୍ତୁତ କରୁଛି । କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି ଯେ ଗତ କିଛିବର୍ଷରେ ବିଜେପି ହଜାର ଲୋକଙ୍କଠାରୁ ଚାନ୍ଦା ନେଇଛି । ସେମାନଙ୍କ ଆୟକରକୁ ମଧ୍ୟ ହିସାବ କରାଯାଉ । ଯେଉଁମାନଙ୍କଠୁ ଚାନ୍ଦା ନିଆଯାଇଛି, କେବଳ ସେମାନଙ୍କ ନାମ ରହିଛି, ଠିକଣା ନାହିଁ । ଆଉ କେତେକଙ୍କର ନାଁ ମଧ୍ୟ ନାହିଁ । ଏହାକୁ ମଧ୍ୟ ତଦନ୍ତ କରାଯାଉ । କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି ଯେ ବିଜେପି ଆୟକର ଆଇନର ଗୁରୁତର ଉଲ୍ଲଂଘନ କରିଛି । ଏଥିଲାଗି ତାହା ଉପରେ ୪୬୧୭.୫୮ କୋଟି ଟଙ୍କା ଆୟକର ବିଭାଗ ପକ୍ଷରୁ ଦାବି କରାଯାଉ । ଶ୍ରୀ ମାକେନ କହିଛନ୍ତି ଯେ ରାଜନୈତିକ (୯ ପୃଷ୍ଠାରେ)

### ମା ସମଲେଶ୍ୱରୀଙ୍କ ଦର୍ଶନ ପରେ ପ୍ରଚାର ଅଭିଯାନ ଆରମ୍ଭ କଲେ ପ୍ରଣବ

## ସମ୍ବଲପୁର ଲୋକସଭାରୁ ଆରମ୍ଭ ହେବ ବିକଶିତ ଓଡିଶାର ପ୍ରକ୍ରିୟା



ସମ୍ବଲପୁର, ୨୯।୩ (ସବ୍ୟୁ) : ବିଜେଡି ଲୋକସଭା ପ୍ରାର୍ଥୀ ଭାବେ ପ୍ରଣବ ପ୍ରକାଶ ଦାସ(ବବି)ଙ୍କ ନାମ ଘୋଷଣା କରିବା ପରେ ସେ ଶନିବାର ପ୍ରଥମ ଥର ସମ୍ବଲପୁର ଗସ୍ତରେ ଆସିଥିଲେ । ତାଙ୍କୁ ସମଲେଶ୍ୱରୀ ମନ୍ଦିରରେ ଦଳ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା । ପୂର୍ବାହ୍ନ ସାଢେ ୧୦ଟାରେ ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିବା ସହ ଆର୍ଶିବାଦ ଭିକ୍ଷା କରିଥିଲେ । ଏହାପରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ନିଜ ପ୍ରତିକ୍ରିୟା କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଓ ବିଜେଡି ଦଳର ଏକ ମାତ୍ର ଏଜେଣ୍ଡା, ତାହା ହେଉଛି ବିକଶିତ ଓଡିଶା । ଏହି ବିକଶିତ ଓଡିଶାର (୯ ପୃଷ୍ଠାରେ)



# ଆଡେନୋମାୟୋସିସ୍

ଏହା ଏକପ୍ରକାର ଋତୁସ୍ରାବ ସମ୍ବନ୍ଧିତ ସମସ୍ୟା । ଏହି ସମସ୍ୟାରେ ଗର୍ଭାଶୟରେ ଥିବା ଟିସୁ ୟୁଟେରିନ୍ ୱାଲ୍ ସହିତ ମିଶି ବଢିବାରେ ଲାଗିଥାଏ । ଏହା ଫଳରେ ରୋଗୀର ଗର୍ଭାଶୟର ଆକାର ବଢିବାର ସମ୍ଭାବନା ରହିଥାଏ । ସେହିଭଳି ଏହି ସମସ୍ୟା ହେଲେ ଋତୁସ୍ରାବ ସମୟରେ ଅତ୍ୟଧିକ ରକ୍ତସ୍ରାବ, ପେଟରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ତେବେ କେତେକ କ୍ଷେତ୍ରରେ ଏହାର ଲକ୍ଷଣ ଦେଖିବାକୁ ମିଳିନଥାଏ, କିନ୍ତୁ କେତେକ କ୍ଷେତ୍ରରେ ଖୁବ କଷ୍ଟଦାୟକ ଲକ୍ଷଣ ଦେଖିବାକୁ ମିଳିଥାଏ । ଏହି ସମୟରେ ମହିଳାଙ୍କର ମୁଡ୍ ସୁଇଂ ଖୁବ ଅଧିକ ହୋଇଥାଏ । ତେବେ ଏହି ସମସ୍ୟା ୪୦ରୁ ୫୦ ବର୍ଷ ଭିତରେ ଅଧିକ ଦେଖିବାକୁ ମିଳିଥାଏ । ସେହିଭଳି ଗୋଟିଏ ଛୁଆ ହେବା ପରେ ମଧ୍ୟ ଏହା ହେବାର ଆଶଙ୍କା ରହିଛି । ତେବେ ଯଦି ଆପଣ ଏହି ରୋଗର କୌଣସି ଲକ୍ଷଣ ଦେଖିବାକୁ ପାଉଛନ୍ତି ତାହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ ।



# ମଧୁମେହ କମାଏ ଭେଣ୍ଡି



ରକ୍ତରେ ଶର୍କରାର ପରିମାଣ ବଢ଼ିବା କାରଣରୁ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପ୍ରକାରର ନକରାତ୍ମକ ପ୍ରଭାବ ପଡ଼ିବାର ଆଶଙ୍କା ସୃଷ୍ଟି ହୋଇଥାଏ । ଯେଉଁ ଲୋକଙ୍କ ଠାରେ ସୁଗାର୍ ଲେବଲ ସର୍ବଦା ଅଧିକ ଥାଏ ତାଙ୍କୁ ଟାଇପ୍ ୨ ମଧୁମେହ ହେବାର ବିପଦ ଦେଖାଦିଏ । ସେହିପରି ଯେଉଁମାନଙ୍କୁ ପୂର୍ବରୁ ମଧୁମେହ ଥିବା ସତ୍ତ୍ୱେ ସେମାନଙ୍କ ଠାରେ ଶର୍କରା ସ୍ତର ବଢ଼େ ସେମାନଙ୍କ ଠାରେ ଆଖି, ହୃଦୟ ଓ କିଡ୍ନୀ ଆଦି ସମ୍ବନ୍ଧିତ ବିଭିନ୍ନ ସମସ୍ୟା ଦେଖାଦିଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦିଅନ୍ତି । ତେଣୁ ମଧୁମେହର ସ୍ତରକୁ କମାଇବା ପାଇଁ ଭେଣ୍ଡି ଖୁବ୍ ଲାଭଦାୟକ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ କୁହନ୍ତି । ଭେଣ୍ଡି ତରକାରୀ କିମ୍ବା ଭେଣ୍ଡି ପାଣି ପିଇବା ମଧୁମେହ ରୋଗୀଙ୍କ ପକ୍ଷେ ବେଶ୍ ଫଳପ୍ରଦ ହେବ । ଭେଣ୍ଡିରେ ଅନେକ ପୋଷକ ତତ୍ତ୍ୱ ସହିତ ଫାଇବର, ମାଙ୍ଗାନିଜ୍, ମାଗ୍ନେସିୟମ୍ର ଭରପୂର ମାତ୍ରା ରହିଛି । ଯାହାଫଳରେ ମେଟାବଲିଜିମ୍ ଏବଂ ଶର୍କରା ସ୍ତର ନିୟନ୍ତ୍ରଣାଧୀନ ରହିବ ବୋଲି କୁହାଯାଏ । ରାତିରେ କଟାଭେଣ୍ଡିକୁ ପାଣିରେ ଭିଜେଇ ସକାଳୁ ଖାଲିପେଟରେ ପିଇବା ଦ୍ୱାରା ଉପସମ ମିଳିଥାଏ । ଏଥିରେ ଭିଟାମିନ୍ ଡି ରହିଛି ଯାହା ଆଣ୍ଟିଅକ୍ସିଡାଣ୍ଟ୍ ରୂପେ କାର୍ଯ୍ୟ କରିଥାଏ ଓ ରୋଗ ପ୍ରତିରୋଧକ ଶକ୍ତିକୁ ବୃଦ୍ଧି କରିବାରେ ସକ୍ଷମ ବୋଲି ଅଧ୍ୟୟନରୁ ଜଣାପଡ଼ିଛି । ତଥାପି କୌଣସି ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ପ୍ରଥମେ ଡାକ୍ତରଙ୍କର ପରାମର୍ଶ ନିଅନ୍ତୁ ।

## ଇତିହାସ

୧୮୪୨– ଚେତାଶୂନ୍ୟରେ ବ୍ୟବହୃତ ମେଡିସିନ୍ ଇଥରର ପ୍ରଥମ ଥର ପାଇଁ ପ୍ରୟୋଗ କରାଗଲା ।

୧୮୯୯– ଭାରତ-ପାକିସ୍ତାନ ବିଭାଜନର ରୂପରେଖ ପ୍ରସ୍ତୁତ କରିଥିବା ସାଇରିଲ ରେଡ୍କ୍ଲିଫ୍ଙ୍କ ଜନ୍ମ ।

୧୯୪୯– ରାଜସ୍ଥାନର ସ୍ଥାପନା କରାଗଲା ଏବଂ ଜୟପୁରକୁ ରାଜ୍ୟର ରାଜଧାନୀ କରାଗଲା । ତେଣୁ ଏହି ଦିନକୁ ରାଜସ୍ଥାନ ଦିବସ ରୂପେ ପାଳନ କରାଯାଏ ।

୧୯୮୨– ନାସାର ମହାକାଶ ଯାନ କୋଲମ୍ବିଆ ଏସ୍ଟିଏସ୍–୩ ମିଶନ ପୂରା କରି ପୃଥିବୀପୃଷ୍ଠକୁ ଫେରିଲା ।

୨୦୦୨– ପ୍ରସିଦ୍ଧ ସଙ୍ଗୀତଜ୍ଞ ଆନନ୍ଦ ବକ୍ସିଙ୍କ ଦେହାନ୍ତ ।

୨୦୦୫– ଲୋକପ୍ରିୟ କାର୍ଟୁନିଷ୍ଟ ତଥା ଲେଖକ ଓ.ଭି. ବିଜୟନଙ୍କ ପରଲୋକ ।

## ସୋସିଆଲ କୋଟ୍ସ



ପୁରା ଶୋ'ର ଫ୍ୟାନ୍ ଫଲୋଇଂ ଗୋଟିଏ ପଟେ, କେବଳ ସୁନିଲ୍ଙ୍କର ଫ୍ୟାନ ଗୋଟିଏ ପଟେ । ତାଙ୍କ ଫ୍ୟାନ ଫଲୋଇଂର କୌଣସି ହିସାବ ନାହିଁ ।

କପିଳ ଶର୍ମା, ଅଭିନେତା



ସତୀଶ କୌଶିକ ଆମର ଖୁବ ନିଜର ଥିଲେ । ତାଙ୍କ ସହିତ ଅନେକ ସ୍ମରଣୀୟ ମୁହୂର୍ତ୍ତ ରହିଛି । ସେ ଖୁବ ଶୀଘ୍ର ଆମକୁ ଛାଡି ଚାଲିଗଲେ ।

ସଲମାନ ଖାନ, ଅଭିନେତା



ଦୁନିଆରେ ଏଭଳି କୌଣସି ଆକ୍ଟର ନାହାନ୍ତି, ଯାହାର ଫିଲ୍ମ ଫ୍ଲପ୍ ହୋଇନାହିଁ । ଶାହରୁଖ ଖାନ୍ଙ୍କୁ ମଧ୍ୟ ହିଟ୍ ଫିଲ୍ମ ପାଇଁ ୧୦ ବର୍ଷ ଅପେକ୍ଷା କରିବାକୁ ପଡିଛି । ମୋର ଆଗକୁ ଫିଲ୍ମ ଏମରଜେନ୍ସି ଆସୁଛି, ଆଶା କରୁଛି ଭଲ ହେବ ।

କଙ୍ଗନା ରାଣାଓ୍ୱତ, ଅଭିନେତ୍ରୀ

# ଗାଈଗୋରୁ ସେବାରେ ଜୀବନ ଉତ୍ସର୍ଗ



ଆମ ଦେଶରେ ଗୋମାତାଙ୍କୁ ପୂଜା କରାଯାଇଥାଏ । ହେଲେ ଆମ ଦେଶ ବ୍ୟତୀତ ବିଶ୍ୱରେ ଏଭଳି କିଛି ଜନଜାତିର ଲୋକ ଅଛନ୍ତି ଯେଉଁମାନେ ଗୋମାତାଙ୍କୁ ପୂଜା କରିବା ସହିତ ଏମାନଙ୍କୁ ନିଜ ଜୀବନ ବୋଲି ଭାବନ୍ତି । ସେଠାକାର ସଂସ୍କୃତି ଅଳ୍ପାଂଶରେ ଆମ ସଂସ୍କୃତି ସହିତ ସମାନ ଥାଏ । ଏହି ଜନଜାତିଙ୍କର ବିଶେଷତା ହେଉଛି ସେମାନେ ଗାଈଗୋରୁଙ୍କୁ ନିଜର ସବୁକିଛି ମାନନ୍ତି । ଏମାନେ ଆଜୀବନ ଗାଈଗୋରୁଙ୍କ ସେବାରେ ହିଁ ନିଜ ଜୀବନକୁ ଉତ୍ସର୍ଗ କରିଥାଆନ୍ତି । ଗାଈମାନଙ୍କ ଉପରେ ଏମାନଙ୍କ ସମ୍ପୂର୍ଣ୍ଣ ଜୀବିକା ନିର୍ଭର କରୁଥିବାରୁ ସେମାନଙ୍କୁ ସମସ୍ତ ସୁବିଧାସୁଯୋଗ ଉପଲବ୍ଧ କରାଇଥାଆନ୍ତି । ଏଭଳିକି ମେସିନ୍ ଗନ୍ ଧରି ଏମାନେ ଗାଈଗୋରୁଙ୍କୁ ସୁରକ୍ଷା ଦିଅନ୍ତି । ମୁଣ୍ଡାରୀ ନାମକ ଏହି ଜନଜାତିର ଲୋକେ ଆଫ୍ରିକାର ଦକ୍ଷିଣ ସୁଡାନରେ ବସବାସ କରୁଥିବାବେଳେ ଗାଈ ସହିତ ଯଦି କୌଣସି ବ୍ୟକ୍ତି କିଛି ଅଘଟଣ ଘଟାନ୍ତି ତେବେ ଏମାନେ ତାହାକୁ ସହଜରେ ସହ୍ୟ କରିପାରନ୍ତି ନାହିଁ । ଗାଈମାନେ ଶୋଇବା ସମୟରେ ଏମାନେ ମେସିନ୍ଗନ୍ ଧରି ପ୍ରହରା ଦେଇଥାଆନ୍ତି । କେବଳ ଏତିକି ନୁହେଁ, ଏହି ଜନଜାତିର ଲୋକେ ଗୋମୂତ୍ରରେ ସେମାନଙ୍କର ମୁଣ୍ଡ ଧୁଅନ୍ତି ଏବଂ ଗୋବରରେ ବ୍ରସ୍ କରନ୍ତି । ଏହି ଗାଈକୁ ଏମାନେ କଦାପି କୌଣସି ପ୍ରକାରର ହାନୀ ପହଞ୍ଚାନ୍ତି ନାହିଁ । ଏମାନେ ଗାଈଗୋରୁଙ୍କୁ ଯୌତୁକ କିମ୍ବା ଉପହାର ସ୍ୱରୂପ ଅନ୍ୟକୁ ପ୍ରଦାନ କରନ୍ତି ।

# ପବନମୁକ୍ତାସନ

ଏହି ଆସନଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍ ଉପରେ ପିଠି ତଳକୁ କରି ଶୋଇପଡ଼ନ୍ତୁ । ବର୍ତ୍ତମାନ ଆଣ୍ଠୁକୁ ଭାଙ୍ଗି ଛାତିରେ ଲଗାଇବାକୁ ଚେଷ୍ଟା କରନ୍ତୁ । ଏହାପରେ ଦୁଇହାତ ସାହାଯ୍ୟରେ ଆଣ୍ଠୁକୁ ଧରି ଧୀରେ ଧୀରେ ନିଃଶ୍ୱାସ ନେଇ ମୁଣ୍ଡକୁ ଉପରକୁ ଉଠାନ୍ତୁ ଓ ଥୋମଣିକୁ ଆଣ୍ଠୁରେ ଲଗାଇବାକୁ ଚେଷ୍ଟା କରନ୍ତୁ ।

### ଉପକାର

- ଏସିଡିଟିରୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରିବ ।
- ପିଠି ମାଂସପେଶୀକୁ ଶକ୍ତ କରିବା ସହିତ ପିଠି ଯନ୍ତ୍ରଣାକୁ ହ୍ରାସ କରିବ ।
- ଋତୁସ୍ରାବଜନିତ ସମସ୍ୟାକୁ ଦୂର କରିବ ।
- କୋଷ୍ଠକାଠିନ୍ୟରୁ ମୁକ୍ତି ଦେବ ।
- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।



# ପାରାଗ୍ଲାଇଡିଂ କରି ରାନ୍ଧିଲେ କବାବ

ବିଶ୍ୱରେ ଅନେକ ଲୋକଙ୍କର ଅଜବ ସଉକ୍ ରହିଥାଏ । କେହି କେହି ଅନେକ ଫୁଟ ଉଚ୍ଚରେ ଲଞ୍ଚ କରିବାକୁ ପସନ୍ଦ କରନ୍ତି ତ ଆଉ କେହି ପରିଣତ ବୟସରେ ସ୍କାଏଡାଇଭିଂ କରିବା ଲାଗି ଇଚ୍ଛା ବଳାଇଥାଆନ୍ତି । ଠିକ୍ ସେହିପରି ଏଠାରେ ଜଣେ ବ୍ୟକ୍ତି ପାରାଗ୍ଲାଇଡିଂ କରିବା ସମୟରେ କବାବ ରାନ୍ଧି ଚର୍ଚ୍ଚା ପରିସରକୁ ଆସିଛନ୍ତି । ବର୍ତ୍ତମାନ ସୋସିଆଲ୍ ମିଡିଆରେ ଏହାର ଏକ ଭିଡିଓ ଭାଇରାଲ୍ ହେବାରେ ଲାଗିଛି, ଯେଉଁଠି ଜଣେ ବ୍ୟକ୍ତି ହଜାର ହଜାର ଫୁଟ ଉଚ୍ଚରେ କବାବ ରାନ୍ଧି ଏହାକୁ ମଜା ସହକାରେ ଖାଉଥିବାର ଦୃଶ୍ୟ ରହିଛି । ୟୁଜର୍ସ ଏହି ବ୍ୟକ୍ତିଙ୍କ ସାହସକୁ ଖୁବ୍ ପ୍ରଶଂସା କରିଥିବାବେଳେ କେହି କେହି ଏହାକୁ ଅଜବ ଷ୍ଟଣ୍ଟ୍ ବୋଲି ମତ ଦେଇଛନ୍ତି । ପାରାଗ୍ଲାଇଡିଂ ହେଉଛି ବିନା କୌଣସି ଇଞ୍ଜିନ୍ରେ ପାରାଗ୍ଲାଇଡର୍ଙ୍କ ସାହାଯ୍ୟରେ ଉଚ୍ଚ ଆକାଶରେ ଉଡ଼ିବାର ଏକ ଦୁଃସାହସିକ ଆଡଭେଞ୍ଚର ସ୍ପୋର୍ଟ୍ସ । ହେଲେ କୌଣସି ବ୍ୟକ୍ତି ପାରାଗ୍ଲାଇଡିଂରେ ନିଜ ମନପସନ୍ଦର ଡିସ୍ ରାନ୍ଧିବା ସହିତ ଏହାକୁ ଖାଇବାର କେବେ ଶୁଣିଛନ୍ତି କି ? ଆଶ୍ଚର୍ଯ୍ୟ ଲାଗିଲେ ବି ଏହା ସମ୍ପୂର୍ଣ୍ଣ ରୂପେ ସତ । ଭାଇରାଲ୍ ଭିଡିଓରେ ବ୍ୟକ୍ତିଜଣଙ୍କର ଏହି ଦୁଃସାହସିକ କର୍ତ୍ତୃତ୍ୱକୁ ଅନେକ ପସନ୍ଦ କରିବା ସହିତ କେହି କେହି ତାଙ୍କର ଏଭଳି କାର୍ଯ୍ୟର ମଜାକ୍ ଉଡ଼ାଇଛନ୍ତି । ନିଜ ଜୀବନକୁ ବାଜି ଲଗାଇ ବ୍ୟକ୍ତିଜଣଙ୍କ ଏଭଳି କରୁଥିବାରୁ ଅନେକ ୟୁଜର୍ସ ତାଙ୍କର ଏହି କାର୍ଯ୍ୟକୁ ମୂଲ୍ୟହୀନ ବୋଲି ପ୍ରତିକ୍ରିୟା ଦେଇଛନ୍ତି ।





# କ୍ଲୋଭ୍ ଟି'

ଚା' ପିଇବାକୁ ସମସ୍ତେ ଭଲ ପାଆନ୍ତି । ଏହାକୁ କେବଳ ରିଫ୍ରେସ୍ମେଣ୍ଟ ନୁହେଁ ବରଂ ଔଷଧୀୟ ଗୁଣ ପାଇଁ ମଧ୍ୟ ପିଇଥାଆନ୍ତି । ଏହି ତାଲିକାରେ ଅନେକ ପ୍ରକାର ଟି ସାମିଲ ଅଛି, ଯେପରି ଗ୍ରୀନ୍ ଟି, ଲେମନ୍ ଟି, ବ୍ଲାକ୍ ଟି ଆଦି । ସେହିଭଳି ଏକ ଚା ହେଲା କ୍ଲୋଭ ଟି ବା ଲବଙ୍ଗ ଚା' । ଏହା ଆମର ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ । ଏହାର ସ୍ୱାଦ ଯେପରି ନିଆରା ଏହା ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ ଉପକାରୀ । ଏହାକୁ ଆପଣ ବିଶେଷକରି ହେଭି ଖାଦ୍ୟ ଖାଇବା ପରେ ପିଅନ୍ତୁ, ଖୁବ ଆରାମ ମିଳିଥାଏ । ଏହା ପ୍ରାକୃତିକ ଉପାୟରେ ଆମ ପାଚନତନ୍ତ୍ରକୁ ସୁଧାରିବାରେ ସାହାଯ୍ୟ କରିଥାଏ । ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ ଗୁଣ ଭରି ହୋଇ ରହିଥାଏ, ଯାହା ଆମ ପାଟିର ବିଭିନ୍ନ ସମସ୍ୟାକୁ ଦୂର କରିଥାଏ । ଏହା ଆମ ଦାନ୍ତକୁ ଶକ୍ତ କରିବା ସହିତ ପାଟିର ଦୁର୍ଗନ୍ଧକୁ କମାଇଥାଏ । ସେହିଭଳି ଏହା ଷ୍ଟ୍ରେସ୍ ରିଲିଭର ଭାବେ ମଧ୍ୟ କାମ କରିଥାଏ । ଏହା ବ୍ଲଡ୍ ସୁଗାର ଲେବଲକୁ ମ୍ୟାନେଜ୍ କରିବାରେ ମଧ୍ୟ ସହାୟକ ହୋଇଥାଏ । ଏହାର ବାସ୍ନା ଖୁବ ସୁନ୍ଦର ହୋଇଥାଏ, ଯାହାଫଳରେ ଏହା ଆମର ମନକୁ ମଧ୍ୟ ଶାନ୍ତ କରିଥାଏ । ଏହି ଚା'ରେ ଭିଟାମିନ୍ ସି ଭରି ରହିଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ହୋଇଥାଏ ।



# ମନମୋହୁଛନ୍ତି ରବିନା

ନିକଟରେ ବଲିଉଡ୍କୁ କମ୍ବ୍ୟାକ୍ କରିଛନ୍ତି ନବେଦଶକର ହିଟ୍ ନାୟିକା ରବିନା ଟଣ୍ଡନ୍ । ସବୁବେଳେ କମ୍ବ୍ୟାକ କରିବା ସମୟରେ ଅଭିନେତାମାନେ ଦର୍ଶକ ସେମାନଙ୍କୁ ଗ୍ରହଣ କରିବେ କି ନାହିଁ ସେ ନେଇ ଦ୍ୱନ୍ଦ୍ୱରେ ରହିଥାଆନ୍ତି । ଏଭଳି କେତେଜଣ ଷ୍ଟାର ଅଛନ୍ତି ଯେଉଁମାନେ ନବେଦଶକରେ ହିଟ୍ ଥିଲେ ମଧ୍ୟ ତାଙ୍କ କମ୍ବ୍ୟାକ୍କୁ ଦର୍ଶକ ଗ୍ରହଣ କରି ନାହାନ୍ତି । ହେଲେ ରବିନାଙ୍କ କ୍ଷେତ୍ରରେ ଏହା ଭିନ୍ନ ପ୍ରମାଣିତ ହୋଇଛି । ରବିନାଙ୍କ ଫ୍ୟାନ୍ମାନେ ତାଙ୍କୁ ଏବେ ମଧ୍ୟ ସେତିକି ଭଲପାଇବା ଦେଉଛନ୍ତି । ନିକଟରେ ବେଶ୍ କିଛି ୱେବ୍ସିରିଜ୍ ଓ ଫିଲ୍ମରେ ତାଙ୍କ ଅଭିନୟକୁ ଦର୍ଶକଙ୍କ ସହ ସମୀକ୍ଷକ ମଧ୍ୟ ବେଶ୍ ଭଲ କହିଛନ୍ତି । ବର୍ତ୍ତମାନ ତାଙ୍କର ରିଲିଜ୍ ହୋଇଛି ଫିଲ୍ମ 'ପଟନା ଶୁକ୍ଲା',ଯାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ଏଥିରେ ରବିନାଙ୍କୁ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଦେଖିବାକୁ ମିଳୁଛି । ଫିଲ୍ମଟି ବର୍ତ୍ତମାନ ଡିଜନିହଟ୍ଷ୍ଟାରରେ ଷ୍ଟ୍ରିମିଂ ହେଉଛି । ଫିଲ୍ମର ନିର୍ଦ୍ଦେଶନା ଭାର ବିବେକ୍ ବୁଦ୍ଧୋକ୍ତି ସମ୍ଭାଳିଥିବାବେଳେ, ରବିନାଙ୍କ ସହିତ ଏଥିରେ ସତୀଶ କୈଶିକ, ଅନୁଷ୍କା କୌଶିକ୍ ଆଦିଙ୍କୁ ଦେଖିବାକୁ ମିଳୁଛି । ଫିଲ୍ମଟିର କାହାଣୀ ପରୀକ୍ଷା ଉତ୍ତରପତ୍ର ଅଦଳବଦଳକୁ ନେଇ ଜଣେ ଛାତ୍ରୀ କରିଥିବା ଅଭିଯୋଗ ଉପରେ ନିର୍ମାଣ କରାଯାଇଛି ।





ବିଜେଡିର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ରାଜ୍ୟସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି, ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ ପାଣ୍ଡିଆନଙ୍କୁ ସାକ୍ଷାତ କରୁଛନ୍ତି ।

# ବିଜେଡ଼ିରେ ଢେଙ୍କାନାଳ, ଅନୁଗୁଳ ଜିଲ୍ଲାର ଶତାଧିକ ବିଜେପି ନେତା




ଭୁବନେଶ୍ୱର (ସବ୍ୟୁ): ଢେଙ୍କାନାଳ ଓ ଅନୁଗୁଳ ଜିଲ୍ଲାର ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଶୁକ୍ରବାର ଶଙ୍ଖଭବନ ଠାରେ ଢେଙ୍କାନାଳ ବିଧାୟକ ସୁଧୀର ସାମଲ, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର, ସୁଲାତା ଦେଓ ଓ ୨୦୨୪ ସାଧାରଣ ନିର୍ବାଚନର ବିଜେଡ଼ି ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଅବିନାଶ ସାମଲଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧିଙ୍କୁ ଶ୍ରୀ ସାମଲ, ଡକ୍ଟର ପାତ୍ର, ଶ୍ରୀମତୀ ଦେଓ ଓ ଅବିନାଶ ସାମଲ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଆଜି ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ଢେଙ୍କାନାଳ ଲୋକସଭା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଶ୍ରୀ ସାମଲ କହିଥିଲେ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସମସ୍ତ ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲୁ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବୁ। ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ବିଜେପି ଅନୁଗୁଳ ଜିଲ୍ଲା ଏସ୍‌ସି ମୋର୍ଚ୍ଚା ଉପସଭାପତି ତଥା ୨୭ ନଂ ଜୋନ ଜିଲ୍ଲା ପରିଷଦ ପ୍ରାର୍ଥୀ ମହେଶ୍ୱର ବେହେରା, ବିଜେପି ରାଜ୍ୟ ଏସ୍‌ସି ମୋର୍ଚ୍ଚା ସମ୍ପାଦିକା ସବିତା ନାୟକ, ଓଡ଼ପଡ଼ା ବ୍ଲକ ବିଜେପି ମଣ୍ଡଳ ସଭାପତି ଜ୍ୟୋତି ପ୍ରକାଶ ରାଉତ, ଢେଙ୍କାନାଳ ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ତଥା ମଣିପୁର ସରପଞ୍ଚ ରୁଦ୍ର ପଟ୍ଟନାୟକ, ଅନୁଗୁଳ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଅଜିତ ନାୟକ, ସରପଞ୍ଚ ମଳୟ କୁମାର ବେହେରା, ସୁନିଲ ଧଳ, ପ୍ରାଣବନ୍ଧୁ ନାୟକ, ବିଶ୍ୱଜିତ ନାୟକ, ପୂର୍ବତନ ସରପଞ୍ଚ ବିନୋଦ ଦେହୁରୀ, ବିଜେପି ବଅଁରପାଳ ମଣ୍ଡଳ ସଭାପତି ସନ୍ତୋଷ ପ୍ରଧାନ, ଯୁବମୋର୍ଚ୍ଚା ପ୍ରଭାରୀ ଜୟନ୍ତ କୁମାର ଦଳବେହେରା, ମିଡିଆସେଲ ପ୍ରମୁଖ ପ୍ରିୟବ୍ରତ ସାମଲ, ସଞ୍ଜୟ ବେହେରାଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହି ମିଶ୍ରଣ ପର୍ବରେ ବିଜେଡ଼ି ମୁଖପାତ୍ର ଗୁମନାଥ ପଣ୍ଡା ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।

## ନୂତନ ଆଇଆଇସିଙ୍କୁ ପ୍ରେସ କ୍ଲବର ସ୍ୱାଗତ ସମ୍ବର୍ଦ୍ଧନା

କାକଟପୁର , (ସବ୍ୟୁ) : ପୁରୀଜିଲ୍ଲା କାକଟପୁର ଥାନାର ଅଧିକାରୀ ଉମେଶ ଚନ୍ଦ୍ର ସାହୁଙ୍କ ବଦଳି ହେବାପରେ ଏବେ ନୂତନ ଥାନା ଅଧିକାରୀ ଭାବେ ବିଜୟ କେତନ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି।ଏହା ପୂର୍ବରୁ ଶ୍ରୀ ବେହେରା ପୁରୀଜିଲ୍ଲା ସତ୍ୟବାଦୀ ଥାନାରେ ସଫଳତାର ସହିତ କାର୍ଯ୍ୟ କରିଛନ୍ତି। ଗୁରୁବାର ଦିନ କାକଟପୁର ପ୍ରେସ କ୍ଲବ ପକ୍ଷରୁ କ୍ଲବର ସଭାପତି କମଳ ଲୋଚନ ଦୀକ୍ଷିତ, ଉପସଭାପତି ତୁଷାର ରଞ୍ଜନ ଦୀକ୍ଷିତ,ପ୍ରଶାନ୍ତ ଜେନା, ଆଦିତ୍ୟ ରାଉତ, ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ପ୍ରଦୀପ୍ତ ଦୀକ୍ଷିତ, ପ୍ରଭାତ ଦୀକ୍ଷିତ,ପ୍ରଭାସ ପୁଷ୍ଟି , ପୂର୍ଣଚନ୍ଦ୍ର ପଣ୍ଡା,ନୃସିଂହ ବେହେରା, ମାନସ ଦୀକ୍ଷିତ ପ୍ରମୁଖ ସାମ୍ବାଦିକ ମାନେ ଆଇଆଇସି ଶ୍ରୀ ବେହେରାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ ।କାକଟପୁର ଥାନା ଅଧୀନରେ ଥିବା ସମସ୍ତ ଜନସାଧାରଣ କିଭଳି ଭାବେ ପୁଲିସ ଠାରୁ ଉତ୍ତମ ସେବା ପାଇପାରିବା ସହିତ ବିଶ୍ୱାସଭାଜନ ହୋଇପାରିବେ ସେ ପ୍ରତି ଦୃଷ୍ଟି ଦେବାକୁ ଶ୍ରୀ ବେହେରା ତାଙ୍କ ପ୍ରତିକ୍ରିୟା ରେ ପ୍ରକାଶ କରିଥିଲେ ।

# ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉଦ୍‌ଘାଟିତ

ଭୋଗରାଇ, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଲୋକଙ୍କ ବହୁଦିନର ଦାବି ଯୋଗୁଁ ଥାନା ଛକ ଆନନ୍ଦ ବଜାର ଠାରେ ବୁଧବାର ଦିନ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଶାଖା ଉଦ୍ଘାଟିତ ହୋଇଯାଇଛି । ଧାନ, ମୀନ ଓ ପାନର ଗନ୍ତାଘର କୁହାଯାଉଥିବା ଭୋଗରାଇରେ ଶସ୍ୟ ଉତ୍ପାଦନ, କୃଷି ଓ କୃଷକର ଉନ୍ନତି ସହିତ ଆର୍ଥିକ, ସାମଜିକ ସ୍ଥିତିର ସୁଧାର ନିମନ୍ତେ ଏହି ବ୍ୟାଙ୍କ ଗ୍ରାହକ ମାନଙ୍କ ସମସ୍ତ ସୁବିଧା ଉପଲବ୍ଧ କରାଇବ ବୋଲି ଉଦ୍ଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଆୟୋଜିତ ଉଦ୍ଘାଟନୀ ଉତ୍ସବରେ ଭାରତଜ୍ୟୋତି ପୁରସ୍କାର ପ୍ରାପ୍ତ ବରିଷ୍ଠ ଚିକିତ୍ସକ ଡାକ୍ତର ଶ୍ରୀଶ କୁମାର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ନୂତନ ବ୍ୟାଙ୍କ ଶାଖାର ଉଦ୍ଘାଟନ କରିଥିଲେ । ସମ୍ମାନୀତ ଅତିଥିଭାବେ ଏଚ୍‌ଡିଏଫ୍‌ସି ବ୍ୟାଙ୍କର ଉପସଭାପତି ବାଲେଶ୍ୱର - ଭଦ୍ରକ କ୍ଲଷ୍ଟର ମୁଖ୍ୟ ଦେବେନ୍ଦ୍ର ନାୟକ, ବ୍ୟବସାୟ ପରିଚାଳକ ଯଯାତି ନାଥ, ବିଶିଷ୍ଟ ଶିକ୍ଷାବିତ ପଙ୍କଜାକ୍ଷ ପଣ୍ଡା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଅରୁଣାଂଶୁ ପରିଡ଼ା, ଏଚ୍‌ଡିଏଫ୍‌ସି ଭୋଗରାଇ ବ୍ୟାଙ୍କ ଶାଖା ପରିଚାଳକ ତାପସ କୁମାର ନାୟକ, ସହପରିଚାଳକ ସତ୍ୟଜିତ ସାହୁ, କ୍ୟାସ କାଉଣ୍ଟର ପରିଚାଳକ ନିମାଇଁ ଚରଣ ଦାସ, ୨ଚକିଆ ଯାନ ଋଣ ବିଭାଗ ଏରିୟା ମୁଖ୍ୟ ହିମାଂଶୁ ଶେଖର ପଟ୍ଟନାୟକ, ଦୁଇଚକିଆ ଯାନ ଋଣ ବିଭାଗ ଏରିୟା ସେଲ୍ସ ମ୍ୟାନେଜର ଗୀତିକା ବିଶ୍ୱାଳ ପ୍ରମୁଖଙ୍କ ସମେତ ବହୁ ଗ୍ରାହକ ଓ ଖାତାଧାରୀ ଉପସ୍ଥିତ ଥିଲେ । ଏହି ଶାଖା ଗ୍ରାହକ ମାନଙ୍କୁ ସମସ୍ତ ବ୍ୟାଙ୍କିଂ ସୁବିଧା ଯୋଗାଇଦେବା ସହିତ ତ୍ୱରିତ ସେବା ପ୍ରଦାନ କରିବା ପାଇଁ ସଂକଳ୍ପବଦ୍ଧ ବୋଲି କ୍ଲଷ୍ଟର ମୁଖ୍ୟ ଦେବବ୍ରତ ନାୟକ ସୂଚନା ଦେଇଛନ୍ତି । ଏହା ସହିତ ଗ୍ରାହକ ମାନଙ୍କୁ ସ୍ୱଳ୍ପ ଦେୟରେ ସୁରକ୍ଷିତ ବ୍ୟାଙ୍କ ଲକର ସେବା ଯୋଗାଇଦେବା ପାଇଁ ଏହି ଶାଖା ପରିସରରେ ୭୫ଟି ଲକର ବ୍ୟବସ୍ଥା କରାଯାଇଛି ବୋଲି ସୂଚନା ଦେଇଥିଲେ ।

# ଦୁଇଦିନ ପରେ ନିଖୋଜ ଯୁବକଙ୍କ ମୃତଦେହ ବୈତରଣୀରୁ ଉଦ୍ଧାର

ପାଟଣା, (ସବ୍ୟୁ) : କେନ୍ଦୁଝର ଜିଲ୍ଲା ପାଟଣା ଥାନା ସାହାରପଡା ବ୍ଲକ ଅନ୍ତର୍ଗତ ଡାଳପକା ଗ୍ରାମ ନିକଟସ୍ଥ ବୈତରଣୀ ନଦୀ ଘାଟରୁ ଦୁଇଦିନ ପରେ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି ।ସୂଚନା ଅନୁଯାୟୀ ଡାଳପକା ଗ୍ରାମର ଜଣେ ଯୁବକ ବୁଧବାର ଦିନ ବୈତରଣୀ ନଦୀକୁ ଗାଧେଇବା କୁ ଯାଇ ନିଖୋଜ ହୋଇଥିଲେ। ମୃତ ଯୁବକ ଜଣଙ୍କ ଡାଳପକା ଗ୍ରାମର ପଗରାମ ମୁଣ୍ଡା ଙ୍କ ପୁଅ ଦୋଳ ଗୋବିନ୍ଦ ମୁଣ୍ଡା (୨୯) ବୋଲି ଜଣାପଡିଛି। ଶୁକ୍ରବାର ଦିନ ତାଙ୍କ ମୃତଦେହ ଡାଳପକା ନିକଟ ବୈତରଣୀ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ତାଙ୍କ ପରିବାର ସହ ପାଟଣା ଥାନାକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ପାଟଣା ଥାନା ସବ୍ ଇନ୍ସପେକ୍ଟର ମନୋରମା ସ୍ୱାଇଁ ପହଞ୍ଚି ପାଟଣା ଅଗ୍ନିଶମ ବାହିନୀଙ୍କ ସହାୟତାରେ ନଦୀ ଭିତରୁ ମୃତଦେହ ଉଦ୍ଧାର କରିଛନ୍ତି। ଏନେଇ ପାଟଣା ଥାନା ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ପୁଲିସ ଘଟଣାର ତଦନ୍ତ କରୁଛି।

# ସତ୍ୟବାଦୀ ଓ କଣାସର ବିକାଶର ସଙ୍କଳ୍ପ ନେଲେ ସଂଜୟ

କଣାସ,(ସବ୍ୟୁ) : ଶୁକ୍ରବାର ସକାଳ ୧୦ ଘଟିକା ସମୟରେ ପୁରୀ ଠାରେ ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ବିଧାୟକ ପ୍ରାର୍ଥୀ ଶ୍ରୀଯୁକ୍ତ ସଞ୍ଜୟ କୁମାର ଦାସବର୍ମା। ସତ୍ୟବାଦୀ ନିର୍ବାଚନ ମଣ୍ଡଳୀର ସାମ୍ବାଦିକ ବନ୍ଧୁ ମାନଙ୍କୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଦାସବର୍ମା। କହିଛନ୍ତି ସତ୍ୟବାଦୀ ବିଧାନସଭା ନିର୍ବାଚନ ମଣ୍ଡଳୀ ପଞ୍ଚସଖାଙ୍କ ପବିତ୍ର ସାଧନାର ଭୂମିଛି ସେହି ଭୂମିର ସେବା କରିବାର ସୁଜୋଗ ପାଇବା ମୋ ଜୀବନର ସବୁଠୁ ବଡ଼ ଓ ମାହାର୍ଘ ଉପଲବ୍ଧି। ବିକାଶ ପୁରୁଷ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ବୀନ ପଟ୍ଟନାୟକ ମତେ ସୁଯୋଗ ଦେଇଥିବାରୁ ତାଙ୍କୁ କୃତଜ୍ଞତା ଜଣାଇବା ସହ ଆପଣ ମାନଙ୍କର ଆର୍ଶୀବାଦ ଓ ସଦିଚ୍ଛା କାମନା କରୁଛି । ଓଡିଆ ଜାତିର ତୀର୍ଥକ୍ଷେତ୍ର ଉତ୍କଳ ମଣିଙ୍କ ଜନ୍ମପୀଠ ସୁଆଣ୍ଡୋର ବିକାଶ ଧାରା ସଂପ୍ରସାରିତ, ଅର୍ଥପୂର୍ଣ୍ଣ ଓ ମହିମା ମଣ୍ଡିତ କରିବା ମୋ'ର ସଂକଳ୍ପ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ପ୍ରଗତିର ମହାପର୍ବ ଚାଲିଛି। ସାରା ଓଡ଼ିଶାକୁ ମାର୍ଗଦର୍ଶନ କରାଉଥିବା ମାଟି ପଞ୍ଚସଖାଙ୍କ ଠୁ ପ୍ରାଣନାଥ ପଟ୍ଟନାୟକଙ୍କ ପର୍ଯ୍ୟନ୍ତ ଅନେକେ ପ୍ରାତଃ ସ୍ମରଣୀୟ ବରପୁତ୍ରଙ୍କ କର୍ମ ଭୂମି ଓ ଜନ୍ମ ଭୂମି, ସେହିମାନଙ୍କ ଆଦର୍ଶକୁ ଧେୟ କରିବାରେ ଜୀବନର ସାର୍ଥକତା ଅଛି ବୋଲି ମୁଁ ବିଶ୍ୱାସ କରେ। ପ୍ରଭୁ ସାକ୍ଷୀ ଗୋପିନାଥ, ମା' ଦକ୍ଷୀଣ କାଳି, ବରାଳ ବାଲୁଙ୍କେଶ୍ୱର, ମା' ଜାଗୁଳାଇ, ମା' କୁଞ୍ଜେଶ୍ୱରୀ, ମା' ମଙ୍ଗଳା, କରମଳା ଗାଦୀ, ମା' ଭଗବତୀଙ୍କ ଅପାର କରୁଣାରୁ ସତ୍ୟବାଦୀ ଓ କଣାସର ଇତିହାସ ଓ ଐତିହ୍ୟ ପରିପୃଷ୍ଟ। ମୁଁ ସତ୍ୟବାଦୀର ପ୍ରଗତି ପାଇଁ ଆର୍ଶୀବାଦ କାମନା କରିଛି।ମୁଁ ଆଶା କରୁଛି,ଏହି ସାମ୍ବାଦିକ ସମ୍ମିଳନୀରେ ସତ୍ୟବାଦୀ ବ୍ଲକ ବିଜୁ ଜନତା ଦଳର ସଭାପତି ପ୍ରମୋଦ ରାଉତରାୟ, ବ୍ଲକ ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, ଉପାଧ୍ୟକ୍ଷଙ୍କ ପ୍ରତିନିଧି ପ୍ରକାଶ କୁମାର ପ୍ରଧାନ, କଣାସ ବ୍ଲକ ବିଜୁ ଜନତା ଦଳର ସଭାପତି ସୁରେଶ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ସୁସୀଲ କୁମାର ରାଉତ ଏବଂ ପୂର୍ବତନ ଅଧ୍ୟକ୍ଷ ପ୍ରେମାନନ୍ଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡି ପରିତ୍ୟାଗ କରି ବିଜେପିରେ ସାମିଲ ହେଲେ ପୂର୍ବତନ ସାଂସଦ ଓ ବିଧାୟକ ଧନେଶ୍ୱର ମାଝୀ



ଭୁବନେଶ୍ୱର (ସବ୍ୟୁ): ପୂର୍ବତନ ରାଜ୍ୟସଭା ସାଂସଦ ଏବଂ କେସିଙ୍ଗା ଓ ନର୍ଲା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ୫ଥରର ବିଧାୟକ ଧନେଶ୍ୱର ମାଝୀ ଶୁକ୍ରବାର ବିଜୁ ଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି । ଓଡିଶାର ସାମଗ୍ରିକ ବିକାଶ ପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପବଦ୍ଧ । ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି । ମୋଦି ସରକାର ଏବଂ ମୋଦି ଗ୍ୟାରେଂଟି ଉପରେ ଓଡିଶାବାସୀଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି । ଅନ୍ୟ ପଟେ ରାଜ୍ୟର ବିକାଶରେ ବଡ ବାଧକ ସାଜିଛି ବିଜେଡି । ବିଜେଡିରେ ଗଣତନ୍ତ୍ର ସଂପୂର୍ଣ୍ଣ ଧ୍ୱଂସ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ମନ୍ତ୍ରୀ ସୁରମା ପାଢ଼ୀ, ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସମ୍ପାଦକ ସରୋଜ କର, ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ଆଜାଦ୍ ହିନ୍ଦ୍ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ନୂତନ ସଦସ୍ୟଙ୍କୁ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ ।

# ଭୁବନେଶ୍ୱରକୁ ଅଥେଣ୍ଟିକ ଥାଇ କୁଜିନ ଓ ବିଳାସପୂର୍ଣ୍ଣ ବାର୍ କଲ୍ଚର ଆଣିଛି ଲାଇଫ୍ ହୋଟେଲ୍ସ

ଭୁବନେଶ୍ୱର(ସବ୍ୟୁ) : ଲାଇଫ୍ ହୋଟେଲ୍ସ ଭୁବନେଶ୍ୱର ଆଜି ଏହାର ନୂଆ ଫାଇନ୍-ଡାଇନିଂ ଥାଇ ରେଷ୍ଟୁରାଂଟ୍ 'ସ୍ୱିଟ୍ ବେଜିଲ' ଏବଂ ହ୍ୟାଣ୍ଡକ୍ରାଫ୍ଟେଡ କକ୍‌ଟେଲ ଓ ରିଫ୍ରେଶ୍‌ମେଂଟ୍ ପ୍ରଦାନ କରୁଥିବା 'ମୋଜୋ ବାର୍'ର ଗ୍ରାଣ୍ଡ ଓପନିଂ ସମ୍ପର୍କରେ ଘୋଷଣା କରି ଆନନ୍ଦିତ। ଏକ୍ସପାଟ୍ ଥାଇ ସେଫ୍ ସାରା ପାନିସାରାଙ୍କ ଦ୍ୱାରା ପରିଚାଳିତ ଏହି ରେଷ୍ଟୁରାଂଟ ଫାଇନ୍ ଡାଇନିଂ କ୍ଷେତ୍ରରେ ଲାଇଫ୍ ହୋଟେଲ୍ସର ପ୍ରଥମ ଭେଂଚର୍‌କୁ ଚିହ୍ନିତ କରିଛି, ଯାହା ଥାଇଲ୍ୟାଣ୍ଡର ପ୍ରକୃତ ସ୍ୱାଦକୁ ମହତ୍ୱ ଦେଉଛି। ଭୁବନେଶ୍ୱରକୁ ଥାଇଲ୍ୟାଣ୍ଡର ଆକର୍ଷଣୀୟ ସ୍ୱାଦ ଓ ଆତିଥ୍ୟ ସହ ପରିଚିତ କରିବା ଉପରେ ଏକ ଗୁରୁତ୍ୱ ସହିତ ଏହି ହୋଟେଲ ଅତିଥିମାନଙ୍କୁ ଏକ ସ୍ମରଣୀୟ ଖାଦ୍ୟ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛି। ପ୍ରଥମ ମହଲାରେ ଅବସ୍ଥିତ ସ୍ୱିଟ୍ ବେଜିଲ ଓ ମୋଜୋ ବାର୍‌ର ବିସ୍ତୃତ ଡାଇନିଙ୍ଗ୍ ସ୍ପେଶ ବାଧାମୁକ୍ତ ଭାବେ ରେଷ୍ଟୁରାଂଟ୍ ଓ ବାର୍ ଅଂଚଳକୁ ପୃଥକ୍ କରୁଛି, ଯାହାକି ୧୭୫ ବର୍ଗମିଟର ଅଂଚଳକୁ କଭର କରିବା ସହିତ ୯୦ ଜଣ ଅତିଥିଙ୍କ ପାଇଁ ସିଟ୍ ବ୍ୟବସ୍ଥା ପ୍ରଦାନ କରୁଛି। ସ୍ୱିଟ୍ ବେଜିଲ ମେନ୍ୟୁରେ କ୍ଲାସିକ ଥାଇ ଡିସ୍‌ଗୁଡିକର ଏକ ବିବିଧ ଶୃଙ୍ଖଳା ଓ ସେଫ୍ ପାନିସାରାଙ୍କ ପସନ୍ଦର ଡିସ ଯେପରିକି 'ଟମ୍ ୟମ୍ କୁଙ୍ଗ୍' ଓ 'ଟମ୍ ୟମ୍ ପାକ୍' ସାମିଲ ରହିଛି, ଯାହା ଭୁବନେଶ୍ୱରର କେନ୍ଦ୍ରରେ ଏକ ବାସ୍ତବ ନିମଜ୍ଜିତ ଖାଦ୍ୟ ଅନୁଭୂତି ସୁନିଶ୍ଚିତ କରୁଛି। ଏସମ୍ପର୍କରେ ଲାଇଫ୍ ହୋଟେଲ୍ସ, ଭୁବନେଶ୍ୱରର ସାଧାରଣ ସମ୍ପାଦକ ପ୍ରକାଶ ଶଙ୍କର କହିଛନ୍ତି ' ଭୁବନେଶ୍ୱରରେ ଲାଇଫ୍ ହୋଟେଲ୍ସରେ ସ୍ୱିଟ୍ ବେଜିଲ ଓ ମୋଜୋ ବାର୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରି ଆମେ ଉତ୍ସାହିତ ଅଛୁ। ଏହି ଉତ୍ସାହଜନକ ନୂଆ ଭେନ୍ୟୁଗୁଡିକ ଚମତ୍କାର ଡାଇନିଂ ଓ ବେଭ୍‌ରେଜ ଅନୁଭୂତି ପ୍ରଦାନ କରିବା ପାଇଁ ଆମର ପ୍ରତିବଦ୍ଧତା ପ୍ରତି ଏକ ପ୍ରମାଣ ଅଟେ ।

## ବାବାଲୋକେଶ୍ୱରଙ୍କ ପୀଠ ରେ ଜମୁଛି ଫୁଲଦୋଳ ମେଳଣ

# ୬୧ ପିଣ୍ଡିରେ ଦୋଳ ବିରାଜମାନ

ଖୋର୍ଦ୍ଧା (ସବ୍ୟୁ): ଫଗୁ ଦଶମୀ ଠାରୁ ଥାନାପତି ଓ ମଦନମୋହନ ଦୋଳ ବିମାନରେ ବୁଲି ଭୋଗ ଖାଇବା ପରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦୋଳପର୍ବ ଏବଂ ମେଳଣମାନ ଅନୁଷ୍ଠିତ ହେଉଛି । ଏହି ଅବସରରେ ଖୋର୍ଦ୍ଧା ସହର ଉପକଣ୍ଠ ବାବା ଲୋକେଶ୍ୱରଦେବଙ୍କ ପୀଠ ଚଳଚଂଚଳ ହେବାରେ ଲାଗିଛି । ବୁଧବାର ମଧ୍ୟ ରାତ୍ରିରୁ ଥାନାପତି ଭାବେ ଲୋକେଶ୍ୱରଦେବଃ ବେଶ ଜାକଜମକରେ ବାଜା, ରୋଷଣୀ, ଆତସବାଜି, ସଂକୀର୍ତନ ଓ ଘୋଡ଼ାନାଚ ର ତାଳେ ତାଳେ ହଜାର ହଜାର ସଂଖ୍ୟକ ଶ୍ରଦ୍ଧାଳୁ ଙ୍କ ଗହଣରେ ରାତ୍ରିର ନିରବତାକୁ ଭଙ୍ଗ କରି ମେଳଣ ପଡ଼ିଆକୁ ଆଗମନ କରିବା ପରେ ପାଖପଡ଼ୋଶୀ ଗ୍ରାମ ଦେବାଦେବୀ ପଲ୍ଲାହାଟର ଆଖଣ୍ଡଳମଣୀ, ଲୋକେଶ୍ୱରପୁର ର ମଦନମୋହନ ଦେବ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡ଼ିର ଲକ୍ଷ୍ମୀନାରାୟଣ, ଦୁର୍ଗାପୁରର ରାଧାମୋହନ, ଜଟଣୀ ବଡ଼ତୋଟାର ରାଧାଗୋବିନ୍ଦ ଓ ଚନ୍ଦ୍ରଶେଖର, ବଣିଆଟାଙ୍ଗି ନଟବରଚନ୍ଦ୍ର, ସାମନ୍ତରାପୁର ସ୍ୱପ୍ନେଶ୍ୱର, ସିଆଳିଆର ମଦନମୋହନ, ଟାଙ୍ଗିଆପଡ଼ାର କେଦାରେଶ୍ୱର, ପାଟପୁରର ରାଧାକୃଷ୍ଣ, ଜରିପୁଟର ରଘୁନାଥ ଓ ଗୋପିନାଥଦେବ ପ୍ରମୁଖ ପ୍ରାୟ ପ୍ରାୟ ୫୦ଖଣ୍ଡ ଗ୍ରାମର ୬୧ଟି ଦୋଳ ସୁସଜ୍ଜିତ ଦୋଳ ବିମାନରେ ମେଳନ ପଡ଼ିଆରେ ଏକତ୍ରିତ ହୋଇଥାନ୍ତି । ଏହି ମେଳନ ଯାତ୍ରାକୁ ଦେଖିବାଲାଗି ଆଖପାଖ ଅଂଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବାବେଳେ ଶ୍ରଦ୍ଧାଳୁଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମମାନ ଶ୍ରୀ ଶ୍ରୀ ଲୋକେଶ୍ୱର ଦେବଃ ପରିଚାଳନା କମିଟି ପକ୍ଷରୁ ଆୟୋଜନ ହୋଇଥାଏ । ସନ୍ଧ୍ୟାରେ ନାମ ସଂକୀର୍ତନ ହୋଇଥିବାବେଳେ ରାତ୍ରିରେ ଚଳିତବର୍ଷ ଅପେରାପାର୍ଟି କମିଟି ପକ୍ଷରୁ ଅୟୋଜନ ହୋଇଛି । ସେହିପରି ବିଭିନ୍ନ ଅଂଚଳରୁ ଆସିଥିବା ବ୍ୟବସାୟୀ ଏଠାରେ ତାଙ୍କର ପସରା ମେଲାଇଥିବାବେଳେ ଦୋକାନ ଗୁଡ଼ିକରେ ଲୋକଙ୍କ ବେଶ ଭିଡ଼ ପରିଲକ୍ଷିତ ହୋଇଛି । ମେଳନକୁ ଶାନ୍ତି ଶୃଙ୍ଖଳାର ସହ ଶେଷ ପାଇଁ ପରିଚାଳନା କମିଟି ଓ ଗ୍ରାମବାସୀଙ୍କ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବା କମିଟିର ଆବାହକ ବିଜୟ କୁମାର ପ୍ରଧାନ ପ୍ରକାଶ କରିଛନ୍ତି । ମେଳଣ ବହୁ ବର୍ଷର ହୋଇଥିବାବେଳେ ମଝିରେ ଏହା ବନ୍ଦ ହୋଇଯାଇଥିଲା । ମାତ୍ର ଶ୍ରୀ ପ୍ରଧାନ ଓ ପଲା, ଲୋକେଶ୍ୱରପୁର, ଭାଲିଆବାଡି ଏବଂ ଆଖପାଖ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ



ଏହା ଦୀର୍ଘ ୩୦ବର୍ଷ ହେବ ଅନୁଷ୍ଠିତ ହୋଇଆସୁଥିବା ଶ୍ରୀ ପ୍ରଧାନ କହିଛନ୍ତି । ସେହିପରି ଖୋର୍ଦ୍ଧା ବ୍ଲକ୍ ଅନ୍ତର୍ଗତ ଗୋଡିପଡାରେ ମଧ୍ୟ ଦୋଳ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଥାନାପତି ବାଲୁଙ୍କେଶ୍ୱର ଦେବ ପାଟ ପଟୁଆରରେ ପ୍ରଥମେ ଗୋଡିପଡା ମେଳଣ ପଡିଆରେ ଆସନ ଗ୍ରହଣ କରିବା ପରେ ନିମନ୍ତ୍ରିତ ୩୦ ରୁ ଉର୍ଦ୍ଧ୍ୱ ଦୋଳ ସେମାନଙ୍କର ଆସନରେ ଜଣକ ପରେ ଜଣେ ବିରାଜମାନ କରିଥିଲେ ।

# ହାଇକୋର୍ଟ ନାମ, ଓରିଶାରୁ ଓଡ଼ିଶା କେବେ ?

ଭୁବନେଶ୍ୱର (ତଥ୍ୟ): ଓଡ଼ିଆ ଭାଷାରେ ଅଦାଲତି କାର୍ଯ୍ୟ କରିବା ପାଇଁ ହାଇକୋର୍ଟ ଗୁରୁତ୍ୱାରୋପ କରୁଥିବାବେଳେ ଆମ ହାଇକୋର୍ଟର ନାମ କିନ୍ତୁ ଏଯାବତନ୍ଧ ଓଡ଼ିଶା ନହୋଇ ଓରିଶା ରହିଛି। ଉତ୍କଳ ଦିବସର ଅବ୍ୟବହିତ ପୂର୍ବରୁ ଦଳମତ ନିର୍ବିଶେଷରେ ବହୁ ବୁଦ୍ଧିଜୀବୀ, ଭାଷାପ୍ରେମୀ ଓ ଆଇନଜୀବୀ ଆମ ହାଇକୋର୍ଟର ନାମ ଇଂରାଜୀରେ ଓରିଶା ପରିବର୍ତ୍ତେ ଓଡ଼ିଶା ରଖିବାକୁ ମତ ଦେଉଛନ୍ତି ।୧୯୩୬ ଏପ୍ରିଲ ପହିଲାରେ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବେ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସେତେବେଳେ ଇଂରେଜ ସରକାର ଇଂରାଜୀ ଲିପିରେ ଆମ ରାଜ୍ୟର ନାମ ଓଡ଼ିଶା ଲେଖିବା ପରିବର୍ତ୍ତେ ଓରିଶା ଲେଖିଥିଲେ । ଭାରତୀୟ ସମ୍ବିଧାନରେ ବି ରାଜ୍ୟମାନଙ୍କ ତାଲିକାରେ ଏହା ଇଂରାଜୀରେ ଓରିଶା ଓ ହିନ୍ଦୀରେ ଉଡ଼ିଆ ବୋଲି ରହିଥିଲା । ତେବେ ବିଭିନ୍ନ ମହଲରୁ ପ୍ରବଳ ଦାବି ପରେ ରାଜ୍ୟ ସରକାରଙ୍କ ସୁପାରିଶ ମୁତାବକ କେନ୍ଦ୍ର ସରକାର ସମ୍ବିଧାନରେ ସଂଶୋଧନ ଆଣି ଆମ ରାଜ୍ୟର ନାମକୁ ଉଭୟ ଇଂରାଜୀ ଓ ହିନ୍ଦୀ ଭାଷାରେ ଓଡ଼ିଶା କରାଇଥିଲେ। ଏହା ପରଠାରୁ ଓଡ଼ିଶାରେ ଯାନବାହନ ପଞ୍ଜିକରଣ ବେଳେ ଗାଡ଼ିର ନମ୍ବର ଓଆରନ୍ଧ ପରିବର୍ତ୍ତେ ଓଡ଼ି ରହିଲା ଏବଂ କେନ୍ଦ୍ର ସରକାରଙ୍କ ବିଜ୍ଞପ୍ତି ପରେ ରାଜ୍ୟସରକାରଙ୍କ ବିଜ୍ଞପ୍ତି ଆଧାରରେ ସମସ୍ତ ଦପ୍ତରର ନାମ ଇଂରାଜୀ ଭାଷାରେ ଓରିଶାରୁ ଓଡ଼ିଶାକୁ ପରିବର୍ତ୍ତିତ ହୋଇଥିଲା।

କିନ୍ତୁ ୧୯୪୮ ମସିହାରେ ପ୍ରତିଷ୍ଠା କରାଯାଇଥିବା ଆମ ରାଜ୍ୟର ଉଚ୍ଚ ନ୍ୟାୟାଳୟର ନାମ ଏବେବି ଇଂରାଜୀରେ ହାଇକୋର୍ଟ ଅଫ ଓରିଶା ବୋଲି ଆଜିର ଦିନରେ ବି ଲେଖାଯାଉଛି। ଏମିତିକି ହାଇକୋର୍ଟଙ୍କ ସମସ୍ତ ରାୟ, ଆଦେଶନାମା, ଚିଠିପତ୍ର ଓ ସାଇନନ୍ଧବୋର୍ଡ ଆଦିରେ ବି ଇଂରାଜୀରେ ଓଡ଼ିଶା ବଦଳରେ ଓରିଶା ରହିଛି। ଏ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ସୁପ୍ରିମନ୍ଧକୋର୍ଟ ଓ ଓଡ଼ିଶା ହାଇକୋର୍ଟ ଉଦନ୍ଧମ କଲେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନାମ ସହଜରେ ଓରିଶାରୁ ଓଡ଼ିଶାକୁ ବଦଳାଯାଇପାରିବ । ଏଠାରେ ଉଲ୍ଲେଖନୀୟ ଯେ ଆଞ୍ଚଳିକ ଭାଷାରେ କୋର୍ଟ କାର୍ଯ୍ୟ କରିବା ପାଇଁ ଟିଟିଲାଗଡ଼ର ଜଣେ ଭାଷାପ୍ରେମୀ ତଥା ଆଇନଜୀବୀ ଗଜାନନ ମିଶ୍ର ପୂର୍ବରୁ ଏକ ମାମଲା ରୁଜୁ କରିଥିଲେ ଏବଂ ଏହି ମାମଲାରେ ନିମ୍ନ ଅଦାଲତର ରାୟ ଓଡ଼ିଆ ଭାଷାରେ ଦେବାଲାଗି କୌଣସି ପ୍ରତିବନ୍ଧକ ନାହିଁ ବୋଲି କୁହାଯାଇଥିଲା। ଇତିମଧ୍ୟରେ ସୁପ୍ରିମକୋର୍ଟ ଆଞ୍ଚଳିକ ଭାଷାରେ ଅଦାଲତି କାର୍ଯନ୍ଧ ପରିଚାଳନା ଉପରେ ଗୁରୁତ୍ୱ ଦେବାସହ ସୁପ୍ରିମ କୋର୍ଟର ବହୁ ଗୁରୁତ୍ୱପୂର୍ଣ୍ଣ ପୁରୁଣା ମାମଲାର ରାୟ ଗୁଡିକର ଅନୁବାଦ ଇଂରାଜୀରୁ ଓଡ଼ିଆ ଭାଷାରେ କରାଯାଇ ଇରନେଟରେ ସମସ୍ତଙ୍କ ବ୍ୟବହାର ଲାଗି ଛଡାଯାଇଛି। ଓଡ଼ିଶା ହାଇକୋର୍ଟର ବହୁ ରାୟର ମଧ୍ୟ ଇତିମଧ୍ୟରେ ଓଡ଼ିଆ ଭାଷାରେ ଅନୁବାଦ କରାଯାଇଛି। ଏମିତିକି ଓଡ଼ିଶା ହାଇକୋର୍ଟର ୭୫ବର୍ଷ ପାଳନ ଅବସରରେ ଅନ୍ୟତମ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ମଧ୍ୟ ଖୋଲା ଅଦାଲତରେ ପ୍ରଥମ ଓଡ଼ିଆ ରାୟ ପ୍ରକାଶ କରିଛନ୍ତି। ଏବେ ଉଚ୍ଚ ନ୍ୟାୟାଳୟ ସମେତ ରାଜ୍ୟର ଅନ୍ୟ ଅଦାଲତ ଗୁଡିକରେ ଓକିଲମାନେ ମାମଲା ପରିଚାଳନାବେଳେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ତର୍କ ରଖୁଥିଲେ ମଧ୍ୟ ଅଦାଲତର ଭାଷା ଇଂରାଜୀ ରହୁଥିବାରୁ କୋର୍ଟରେ ଦାଖଲ କରାଯାଉଥିବା ଅରଜୀ ଓ ଅନ୍ୟାନ୍ୟ ଆବେଦନ ଆଦି ଇଂରାଜୀ ଭାଷାରେ ହେଉଛି।

କେବଳ ସେତିକି ନୁହେଁ ଇଂରେଜ ସରକାର ଅମଳରେ ଆଇନ ଅଦାଲତ ଗୁଡିକରେ ବିଚାରପତିମାନଙ୍କୁ ଲର୍ଡ, ମାଇଁଲର୍ଡ, ଇୟୋର ଲର୍ଡସିପନ୍ଧ ଆଦି ସମ୍ବୋଧନ କରାଯାଉଥିବାବେଳେ ଏହି ଉପନିବେଶବାଦ ଯୁଗର ସମ୍ବୋଧନକୁ ହଟାଇବା ପାଇଁ ଆଇନରେ ସଂଶୋଧନ ଅଣାଯାଇ ଭାରତ ସରକାରଙ୍କ ଗେଜେଟ ବିଜ୍ଞପ୍ତିରେ ପ୍ରକାଶ ପାଇଛି। ବାରନ୍ଧ କାଉନନ୍ଧସିଲନ୍ଧ ଅଫନ୍ଧ ଇଣ୍ଡିଆ ପକ୍ଷରୁ ଏ ସଂକ୍ରାନ୍ତରେ ସମସ୍ତ ଓକିଲ ସଂଘକୁ ଜଣାଇଦେବା ସହ ଗଣମାଧ୍ୟମରେ ବାରମ୍ବାର ପ୍ରଚାର କରାଯାଇଛି। ଏମିତିକି ଜଷ୍ଟିସ ଏସ . ମୁରଲୀଧର ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଥିବାବେଳେ ତାଙ୍କ ଖଣ୍ଡପୀଠର ମୋକଦ୍ଦମା ତାଲିକାରେ ଲର୍ଡ ସମ୍ବୋଧନ ନକରିବା ପାଇଁ ମଧ୍ୟ ଉଲ୍ଲେଖ କରାଯାଉଥିଲା। ଜଷ୍ଟିସ ମୁରଲୀଧରଙ୍କ କାର୍ଯ୍ୟକାଳ ସରିଗଲା ପଛେ ଲର୍ଡ ସମ୍ବୋଧନ କିନ୍ତୁ ସରିଲାନାହିଁ ବୋଲି ଅନେକ ଆଇନଜୀବୀ କ୍ଷୋଭର ସହ କହୁଛନ୍ତି। ଜାତିର ଅସ୍ମିତାର ପ୍ରତୀକ ଭାବେ ଉତ୍କଳ ଦିବସ ପାଳନ କରାଯାଉଥିବାବେଳେ ଲର୍ଡ ସମ୍ବୋଧନର ପରିସମାପ୍ତି ସହ ଆଇନ ଅଦାଲତରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚଳନ ଏବଂ ରାଜ୍ୟର ହାଇକୋର୍ଟର ନାମ ଇଂରାଜୀରେ ଓରିଶାରୁ ଓଡ଼ିଶାକୁ ବଦଳାଇବା ପାଇଁ ପୁଣି ଦାବି ହେଉଛି।

# ହୋଲି ଗଣ୍ଡଗୋଳ : ୮ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ଅନ୍ତର୍ଗତ ବ୍ରିଟ କଲୋନୀ ହୋଲି ଗଣ୍ଡଗୋଳକୁ ନେଇ ପୋଲିସ ୪ ମାମଲା ରୁଜୁ କରିବା ସହ ୮ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ମଧ୍ୟରୁ ଜଣେ ନାବାଳକ ଥିବା ଡିସିପି ପ୍ରତୀକ ସିଂହ କହିଛନ୍ତି । ଗଣ୍ଡଗୋଳକାରୀ ଯୁବକମାନେ କେନ୍ଦୁ ଖୁଣ୍ଟିଆ ଓ ତାଙ୍କ ପରିବାରକୁ ଆକ୍ରମଣ କରିବା ସହ ଦୁର୍ଗାପ୍ରସାଦ ବେହେରା ନାମକ ଅନ୍ୟ ଜଣେ ଯୁବକକୁ ମଧ୍ୟ ଆକ୍ରମଣ କରିଥିଲେ । ଦୁର୍ଗା ଗୁରୁତର ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ । ବ୍ରିଟ କଲୋନୀ ବାଲୁଙ୍କେଶ୍ୱର ମନ୍ଦିର ପାଖକୁ କେନ୍ଦୁ ଖୁଣ୍ଟିଆ ଗାଧୋଇବାକୁ ଯାଇଥିବାବେଳେ ତାକୁ ଯୁବକମାନେ ଆକ୍ରମଣ କରିଥିଲେ । ସେ ଭୟରେ ପଳାଇ ଆସିବାରୁ ଯୁବକମାନେ ତାଙ୍କ ଘରକୁ ଆସି ଗଣ୍ଡଗୋଳ କଲେ । କେନ୍ଦୁ ଘର ପାଖରେ ଗଣ୍ଡଗୋଳକାରୀ ଯୁବକଙ୍କୁ ଦୁର୍ଗା ପ୍ରସାଦ କିଛି କହିବାରୁ ତାକୁ ମରଣାନ୍ତକ ଆକ୍ରମଣ କରିଥିଲେ । ଆକ୍ରମଣକାରୀ ଯୁବକମାନେ ହେଲେ କୁଶା ମୁଣ୍ଡା, ସୁଦର୍ଶନ ବାଲମୁଚୁ, ରକି ନାୟକ, ରାଜକିଶୋର ଦିଘାଲ, ସୁମନ ପାତ୍ର, ସଞ୍ଜୟ ସାହୁ, ବିଭୁ ନାୟକ । ନାଳକଙ୍କ ନାମ ପ୍ରକାଶ କରାଯାଉ ନାହିଁ । ଏହି ଯୁବକମାନଙ୍କଠାରୁ ପୋଲିସ ମାରଣାସ୍ତ୍ର ଜବତ କରିବା ସହ ସେମାନଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଛି । ଆକ୍ରମଣକାରୀ ଯୁବକଙ୍କ ସ୍କୁଟର, କାର୍, ମୋବାଇଲ, ଖଣ୍ଡା ଆଦି ଜବତ ହୋଇଥିବା ପୋଲିସ କହିଛି ।

# ଯୁବପିଢ଼ିଙ୍କ ସ୍ୱପ୍ନ ପୂରଣ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତିବଦ୍ଧ

ଭୁବନେଶ୍ୱର (ସବ୍ୟୁ): ବିଜୁ ଯୁବଜନତା ଦଳର ନିର୍ବାଚନୀ ପ୍ରସ୍ତୁତି ବୈଠକ ଶୁକ୍ରବାର ଶଙ୍ଖଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ବିଜୁ ଯୁବଜନତା ଦଳର ସଭାପତି ତଥା ବିଧାୟକ ଡଃ ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଜୁ ଯୁବଜନତା ଦଳର ସମସ୍ତ ରାଜ୍ୟ କାର୍ଯ୍ୟକର୍ତ୍ତା, ଜିଲ୍ଲାସଭାପତି, ଜୋନ ସଭାପତି ପ୍ରମୁଖ ଯୋଗ ଦେଇଥିଲେ । ଯୁବକ ହେଉଛନ୍ତି ରାଜ୍ୟ ଗଠନର ସୂତ୍ରଧର । ରାଜ୍ୟର ଯୁବଗୋଷ୍ଠୀ ଦକ୍ଷ, ଦାୟିତ୍ୱବାନ, ପ୍ରେରଣାଦାୟୀ ଓ ଚିନ୍ତାଶୀଳ ଅଟନ୍ତି । ସେଥି ପାଇଁ ଓଡ଼ିଶାର ଯୁବବର୍ଗ ନବୀନ ବାବୁଙ୍କୁ ପାଞ୍ଚ ପାଞ୍ଚ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି ।




ଆଗାମୀ ୨୦୨୪ ନିର୍ବାଚନ ବିଜୁଜନତା ଦଳର ବୃହତ ବିଜୟର ମଙ୍ଗ ଧରିବା ସହ ବିରୋଧୀଙ୍କ ଅପପ୍ରଚାର ବିରୋଧରେ ଲଢ଼େଇ ଜାରି ରଖିବା କ୍ଷେତ୍ରରେ ଗୁରୁମନ୍ତ୍ର ଦେଇଥିଲେ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ । ମୁଖ୍ୟମନ୍ତ୍ରୀଙ୍କ ଷଷ୍ଠ ଥର ଓଡ଼ିଶାରେ ବିଜୁଜନତା ଦଳ ଆଗାମୀ ନିର୍ବାଚନରେ ସମୃଦ୍ଧିର ଶିଖର ଛୁଇଁବ । ଜାତୀୟ ଦଳମାନଙ୍କ ପାଇଁ ଓଡ଼ିଶା ହେଉଛି ବିନ୍ଦୁ ଏବଂ ବିଜୁଜନତା ଦଳ ପାଇଁ ଓଡ଼ିଶା ହେଉଛି ସିନ୍ଧୁ । ଜାତୀୟ ଦଳର ସାଂସଦମାନେ ରାଜ୍ୟର ସ୍ୱାର୍ଥ କଥା ସଂସଦରେ ନ ଉଠାଇକେବଳ ନିଜସ୍ୱାର୍ଥ କଥା ଚିନ୍ତାକରନ୍ତି ଏବଂ ଜାତୀୟ ଦଳର ସାଂସଦମାନେ ରାଜ୍ୟର ସ୍ୱାର୍ଥକୁ ଅଣଦେଖା କରୁଛନ୍ତି ଏବଂ ରାଜ୍ୟର ବିକାଶକୁ ବିରୋଧ କରୁଛନ୍ତି । ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗରେ ରାଜ୍ୟ ବିରୁଦ୍ଧରେ କାମ କରୁଛନ୍ତି, କିନ୍ତୁ ଆମ ପ୍ରିୟ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ବିଭିନ୍ନ କ୍ଷେତ୍ରରେ ଆଗକୁ ନେଇଛନ୍ତି । ଖାଦ୍ୟସୁରକ୍ଷା, ଦାରିଦ୍ର୍ୟ ଦୂରୀକରଣ, ପ୍ରାକୃତି କବି ପର୍ଯ୍ୟାୟ, କୃଷିକର୍ମଣ ପୁରସ୍କାର ଏମିତି ଅନେକ କ୍ଷେତ୍ରରେ ଓଡ଼ିଶା ଆଜି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହେଉଛି । ଓଡ଼ିଶା ଶ୍ରୀ ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର, ସମଲେଶ୍ୱରୀ ମନ୍ଦିର ଓଡ଼ିଶାବାସୀଙ୍କ ଆସ୍ଥା ରଖୁଥିବା ସମସ୍ତ ବଡ଼ମନ୍ଦିର, ମସଜିଦ, ଚର୍ଚ୍ଚରସବୁ ଧର୍ମାବଲମ୍ବୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରୂପାନ୍ତରୀକରଣ କରିଛନ୍ତି । ରାଜ୍ୟର ପ୍ରାୟ ୮୦୦୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟର ରୂପାନ୍ତରୀକରଣ କରି ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛନ୍ତି ।

୬ ମାସ ମଧ୍ୟରେ ଲକ୍ଷ୍ମୀବସ ସେବା ଦ୍ୱାରା ସମସ୍ତ ଜିଲ୍ଲାରେ ପରିବହନ ଓ ଗମନାଗମନକୁ ସୁଦୃଢ଼ କରାଯାଇଛି । ଓଡ଼ିଶାର ଯୁବବର୍ଗ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଯୁବ ବଜେଟ ଷଷ୍ଠ ପାଳିରେ ପ୍ରଥମ ଦିଗରହିଛି । ଯୁବବର୍ଗଙ୍କ ପାଇଁ ୨୦୨୪ରୁ ୨୦୩୪ ହେଉଛି ଯୁବଙ୍କ ଦଶନ୍ଧି । ନୂଆ-ଓ ବୃତ୍ତି ଦ୍ୱାରା ରାଜ୍ୟର ୯୮% ପିଲା ଛାତ୍ର ବୃତ୍ତି ପାଉଛନ୍ତି, ଯେଉଁଠି ଅନ୍ୟ ସବୁ ରାଜ୍ୟରେ ଛାତ୍ରବୃତ୍ତି ୨୦ରୁ ୨୫% ରହିଛି । ଏକ ସଶକ୍ତ ଓଡ଼ିଶା ନୂଆ ଓଡ଼ିଶା ଗଠନରେ ଯୁବମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ନିଜ ବକ୍ତବ୍ୟରେ କହିଥିଲେ । ନିଜ ବକ୍ତବ୍ୟରେ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ବିରୋଧୀଙ୍କ ଅପପ୍ରଚାରକୁ ସାମାଜିକ ଗଣମାଧ୍ୟମରେ କଡ଼ା ଜବାବ ଦେବା ସହ ସାଙ୍ଗଠନିକ ସ୍ତରରେ ଯୁବଜନତା ଦଳର ଲଢ଼େଇ ଦୁର୍ବାରରହିବ । ବିରୋଧୀ ଜାତୀୟ ଦଳ ପାଇଁ ନିଜ ପାର୍ଟି ଆଗ ଓ ମାଟି ପଛ, କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ପାଇଁ ପ୍ରତିଟି ଓଡ଼ିଆଙ୍କ ବିକାଶ ସଦାସର୍ବଦା ଆଗରେ ରହିଛି । ନିଜବକ୍ତବ୍ୟରେ ସାଧାରଣ ସମ୍ପାଦକ (ଛାତ୍ର ଯୁବବ୍ୟାପାର) ପ୍ରଣବ ବଳବନ୍ତରାୟ କହିଥିଲେ, ମୁଖ୍ୟମନ୍ତ୍ରୀ ଷଷ୍ଠ ଥର ପାଇଁ ଶପଥ ନେବା ସହିତ ବିଜୁଜନତା ଦଳ ରେକର୍ଡ଼ ସଂଖ୍ୟକ ଆସନ ଅକ୍ତିଆର କରି ଓଡ଼ିଶା ରାଜନୀତିରେ ଇତିହାସ ରଚିବ । ଶେଷରେ ବିଜୁ ଯୁବଜନତା ଦଳର ସାମ୍ବାଦିକ ସମ୍ମିଳନୀରେ ଯୁବଜନତା ଦଳର ସଭାପତି ବ୍ୟୋମକେଶ ରାୟ ଆଜିର କାର୍ଯ୍ୟକ୍ରମ ବିଷୟରେ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାୟକ, ଧୃତିରନ ମାର୍ଥା, ଶୁଭେନ୍ଦୁ ମଙ୍ଗରାଜ, ଉପସଭାପତି ସୋଫିଆ ଆଲାମ, ସାଧାରଣ ସମ୍ପାଦିକା ମଧୁସ୍ମିତା ନାୟକ, ମହିକ୍ଷୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ଶିଶୁ ବିଦ୍ୟାମନ୍ଦିର ଛାତ୍ରଙ୍କ ବିୟୋଗରେ ସ୍ମୃତିସଭା

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଖଇରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସପ୍ତମ ଶ୍ରେଣୀର ଛାତ୍ର ସାଇ ପ୍ରସନ୍ନ ନାୟକ(୧୨)ଙ୍କର ଅକାଳ ବିୟୋଗରେ ବିଦ୍ୟାଳୟ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଆଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିସଭାରେ ସମସ୍ତ ଗୁରୁମା ଗୁରୁଜୀ ଓ ଛାତ୍ରଛାତ୍ରୀ କାକୁଡିଆ ଗ୍ରାମର ଏହି ସୁନାପୁଅର ବିଭିନ୍ନ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଅମରଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା ।

## ସରିଲା ଲୁଣିଆ ଓ ସହିଦନଗର ମେଳଣ : ଏକ ହେଲେ ଭକ୍ତ ଭଗବାନ

ଅସୁରାଳି,(ସବ୍ୟୁ):ପ୍ରସିଦ୍ଧ ଲୁଣିଆ ଓ ସହିଦନଗର ମେଳଣ ମହୋତ୍ସବ ଶେଷ ହୋଇଛି। ଧାମନଗର ବ୍ଲକର ଲୁଣିଆ ଠାରେ ଶହଶହ ବର୍ଷ ଧରି ଧର୍ମ ସଂସ୍କୃତି ଓ ପରମ୍ପରାର ମହାମିଳନ ପର୍ବ ରୂପେ ଖ୍ୟାତ ଏହି ମେଳଣ ପୂର୍ଣ୍ଣମୀ ପରଦିନ ସନ୍ଧ୍ୟାରେ ଆରମ୍ଭ ହୋଇଥିଲା। ୨୬ ଗୋଟି ଦୋଳ ବିମାନ ସେମାନଙ୍କ ସେବାୟତଙ୍କ ଗହଣରେ ବାଜା ବାଣ ରୋସଣି ପଟୁଆରରେ କ୍ରମାନ୍ୱୟରେ ମେଳଣ ମଣ୍ଡପକୁ ବିଜେ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ମେଳଣର ମୁଖ୍ୟ ଆକର୍ଷଣ ଭାବେ ବଡ ଠାକୁର ଶ୍ରୀଦାମୋଦରଙ୍କ ଆଗମନ ହିଁ ମେଳଣରେ ଆଧ୍ୟାତ୍ମିକତା ପରିବେଶ ଭରି ଦେଇଥିଲା। ମଦନମୋହନଙ୍କ ଆଗମନ ପରେ ଦାମୋଦର ଏବଂ ଲକ୍ଷ୍ମୀନାରାୟଣ ଭଜନ କର୍ତ୍ତନ ପଟୁଆର ପାରମ୍ପରିକ ରଙ୍ଗ ଅବିର ଖେଳ ସହିତ ଆସିବା ମୁହୂର୍ତ୍ତ ଶୋଭାଯାତ୍ରା ସ୍ଥଳରେ ଭକ୍ତ ଆଉ ଭଗବାନଙ୍କ ଅପୂର୍ବ ମିଳନର ପରିବେଶ ସୃଷ୍ଟି କରିଥିଲା। ଦାମୋଦରଙ୍କ ମେଳଣ ମଣ୍ଡପ ବିଜେ ପରେ ଶାସ୍ତ୍ରୀୟ ବିଧାନ ମତେ ସମସ୍ତ ରାଧା ଗୋବିନ୍ଦ ବିମାନ ଆସି ତାଙ୍କ ସହିତ ମିଳିତ ହୋଇଥିଲେ। ଏହି ପ୍ରତୀକ୍ଷିତ ମୁହୂର୍ତ୍ତକୁ ହଜାର ହଜାର ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ଏହା ପରେ ଦୁଇଦିନ ଧରି ଚାଲିଥିବା ଉତ୍ସବ ଶେଷ ହୋଇଥିଲା। ଚଳିତ ବର୍ଷ ଲୁଣିଆ ଓ ସହିଦନଗର ମେଳଣରେ ବହୁସଂଖ୍ୟାରେ ଉଠା ଦୋକାନ ପଡିଥିବା ବେଳେ ଲୋକେ ବିଭିନ୍ନ ସମାଗ୍ରୀ କିଣାକିଣି କରିବା ସାଙ୍ଗକୁ ଖାଦ୍ୟ ସାମଗ୍ରୀର ମଜା ଉଠାଇଥିଲେ। ସେହିପରି ଆନନ୍ଦ ବଜାର,କୋରୁଆ ପ୍ରଭୃତି ସ୍ଥାନରେ ମେଳଣ ଅନୁଷ୍ଠିତ ହୋଇଯାଇଛି।

## ପୁଣି ବନେଟ ମାଙ୍କଡ଼ର ମୃତ୍ୟୁ, ବାଘ ଅସୁସ୍ଥ : ଲାଗିବ କୃତ୍ରିମ ଗୋଡ଼

ବାରଙ୍ଗ , (ସବ୍ୟୁ) :ଗୁରୁବାର ଦିନ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଜନ୍ମ ହେବାର ସପ୍ତାହ ନପୁରୁଣୁ ପୁଣି ଗୋଟିଏ ଛୁଆ ବନେଟ୍ ମାଙ୍କଡର ମୃତ୍ୟୁ ହୋଇଛି। ମୃତ୍ୟୁ ର ପ୍ରକୃତ କାରଣ ଜଣାପଡିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି ସୂଚନା ମିଳିଛି ।ତେବେ ପୂର୍ବରୁ ଚଳିତ ମାସ ୨୩ ତାରିଖରେ ଚିକିତ୍ସିତ ହେଉଥିବା ୫ବର୍ଷର ଗୋଟିଏ ଅଣ୍ଡିରା ବନେଟମାଙ୍କଡ଼ର ମୃତୁ ହୋଇଥିଲା।ଗତ କିଛିଦିନ ହେବ ମାଙ୍କଡର ଦେହ ଖରାପ ହେବାରୁ ତାର ସ୍ୱାସ୍ଥ୍ୟ ବସ୍ଥା ଅନୁଧ୍ୟାନ ପାଇଁ ଡାକ୍ତରଖାନାକୁ ଅଣାଯାଇଥିଲା। ଡାକ୍ତରମାନେ ମାଙ୍କଡର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଇଂଜେକସନ ଓ ଔଷଧ ଦେଇଥିଲେ।କିନ୍ତୁ ମାଙ୍କଡ ଟିକୁ ବଞ୍ଚେଇ ପାରି ନଥିଲେ ଡାକ୍ତରୀ ଟିମ୍ । ଏହି ପ୍ରଜାତି ମାଙ୍କଡ ନନ୍ଦନକାନନ ରେ ୭ଟି ଥିବା ସୂଚନା ମିଳିଛି ।ଛ ସେହିପରି ଚଳିତ ମାସ ୨୩ ତାରିଖରେ ନୟାଗଡ଼ ଜିଲ୍ଲା ବୁଗୁଡ଼ା ଅଞ୍ଚଳ ରୁ ଉଦ୍ଧାର ହୋଇ ଆସିଥିବା ୩ବର୍ଷ ର ଅଣ୍ଡିରା କଲରାପତ୍ରିଆ ବାଘ ଏବେ ପାରାଲେସ ହୋଇଯାଇଛି। ବାଘଟି ଗୋଟିଏ ଜାଗାରେ ପଡି ରହୁଛି । ଡାକ୍ତରୀ ଟିମ୍ ଚିକିତ୍ସା ଜାରି ରଖିଥିବା ବେଳେ ଏହି ବାଘ ର କୃତିମ୍ ଗୋଡ଼ ଲଗାଯିବ ବୋଲି ସୂଚନା ମିଳିଛି ।

## ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କୁ ଶ୍ରଦ୍ଧାଞ୍ଜଳି

# ଜନଜାତିଙ୍କ ସ୍ୱାଭିମାନ ଅସ୍ମିତାର ଅନନ୍ୟ ପ୍ରତୀକ ଲକ୍ଷ୍ମଣ ନାଏକଙ୍କ ପାଇଁ ଆମେ ଗର୍ବିତ

ଭୁବନେଶ୍ୱର (ସବ୍ୟୁ) ଆଜି ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ମିଳିତ ସହଯୋଗରେ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧଦିବ ସ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସୂଚନା ଓ ଲୋକ ସଂପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ସରୋଜ କୁମାର ସାମଲ କହିଲେ ଯେ ଆପଣାର ହକ୍ ବା ଅଧିକାର ସାବ୍ୟସ୍ତ କରିବା ପାଇଁ ଜଣେ ସରଳ ଜନଜାତି ମଣିଷ କିପରି ଦେଶପ୍ରେମର ନିଦର୍ଶନ ରଖିଯାଇପାରେ, ତାହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଶହୀଦ ବୀର ଲକ୍ଷ୍ମଣ ନାଏକ । ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଣ୍ଟରେ ଝୁଲିଥିଲେ ସେମାନଙ୍କ ମଧ୍ୟରେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକ ଅନ୍ୟତମ । ବିଶିଷ୍ଟ ଶିକ୍ଷାବିତ୍ ଓ ଗବେଷକ ଡ. ଗିରିଶ ପ୍ରସାଦ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶହୀଦ ଲକ୍ଷ୍ମଣ ନାଏକଙ୍କ ଜୀବନୀ ଓ ଆଦର୍ଶ ନେଇ ସବିଶେଷ ସୂଚନା ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ ଅବସରରେ କହିଲେ ଯେ ଲକ୍ଷ୍ମଣ ନାଏକଙ୍କ ଆନ୍ଦୋଳନ ଇଂରେଜ ସରକାର ଓ ଜୟପୁର ଜମିଦାରୀର ଶୋଷଣ ଏବଂ ଆଦିବାସୀମାନଙ୍କ ପ୍ରତି ଅନ୍ୟାୟ ବିରୋଧରେ ଉଦ୍ଦିଷ୍ଟ ଥିଲା । ନିଃସ୍ୱାର୍ଥପର ଓ ନିର୍ଭୀକ ଜନସେବା ଯୋଗୁଁ ସେ ଲୋକଙ୍କର ପ୍ରିୟପାତ୍ର ହୋଇଥିଲେ । ପ୍ରାରମ୍ଭରେ ଅତିଥିମାନେ ମହାନ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର ଇଂ ଗୋଦାବୀଶ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ସୂଚନା ଓ ଲୋକସଂପର୍କ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଛାତ୍ରଛାତ୍ରୀ, ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସକାଳେ ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଓ ଅନ୍ୟ ବିଭାଗୀୟ ଅଧିକାରୀ, ଶବରୀ ସାଂସ୍କୃତିକ ପରିଷଦ, ଭୁବନେଶ୍ୱରର କର୍ମକର୍ତ୍ତା ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆ ଏବଂ ୮.୩୦ ସମୟରେ କଳିଙ୍ଗ ହସ୍‌ପିଟାଲ ଛକସ୍ଥିତ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।




# ପାଣି ପାଇଁ ରାସ୍ତା ଅବରୋଧ



କେନ୍ଦୁଝର , (ସ୍ୱପ୍ର) : ଖରା ଆରମ୍ଭରୁ ଦେଖାଦେଇଛି ଜଳ ସଙ୍କଟ। ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଛନ୍ତି ଗ୍ରାମବାସୀ।ଗାଁରେ ଥିବା ନଳକୂପ ଅଚଳ ହୋଇପଡ଼ିଛି। ଏହାର ମରାମତିପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କେଣସି ସୁଫଳ ନ ମିଳିବାରୁ କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଭେଜିଡିହି ଗ୍ରାମର ଶତାଧିକ ମହିଳା ଗରା, ବାଲଟି ଧରି ରାସ୍ତା ଅବରୋଧ କରିଛନ୍ତି। ଫଳରେ ଶୁଆକାଟି-ଦବୁନା ରାସ୍ତାରେ ଗାଡ଼ିମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା।ବହୁ ସମୟ ଧରି ରାସ୍ତାର ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍, ଅନ୍ୟାନ୍ୟ ଗାଡ଼ିମୋଟର ଅଟକି ରହିଥିଲା। ଘଟଣାସ୍ଥଳରେ ନୟାକୋଟ ପୁଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲାଛ ପାନୀୟଜଳ ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ରାସ୍ତାରୋକ ହଟିବନି ଲୋକେ ଜିଦ୍ ଧରିଥିଲେ । ଏସ୍‌ଆଇ ପୁରୋଷୋତ୍ତମ ପଟେଲ ଫୋନରେ ବିଡିଓଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବା ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସମସ୍ୟାର ସମାଧାନ ନହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଗ୍ରାମର ସୀମା ଡାଙ୍ଗୁଆ, ତିଲୋତ୍ତମା ନାଏକ, ଗୋଲାପ ବେହେରା ପ୍ରମୁଖ ଚେତାବନୀ ଦେଇଛନ୍ତି।

## ନିଖୋଜ ନାବାଳକ ମୃତଦେହ ଭିମକୁଣ୍ଡରୁ ଉଦ୍ଧାର

ପାଟଣା, (ସବ୍ୟୁ) ମଙ୍ଗଳବାର ଦିନ ୨୬ ତାରିଖ ଦିନ ହୋଲି ଖେଳି ସାରି ଗୋଧୋଉ ଥିବା ବେଳେ ନାବାଳକ ନିଖୋଜ ହୋଇ ଯାଇଥିଲେ । ଏହି ନିଖୋଜ ର ଘଟଣା ୭୨ଘଣ୍ଟା ପରେ ନାବାଳକ ର ମୃତଦେହ ଉଦ୍ଧାର ହୋଇଛି।କେନ୍ଦୁଝର ଜିଲ୍ଲା ଘଟଗାଁ ଥାନା ଅନ୍ତର୍ଗତ ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ଅନ୍ତର୍ଗତ ବଣମହୁଲଡିହା ଗ୍ରାମର ସେଲାର ମାଝିଙ୍କ ପୁଅ ଭୀମ ମାଝୀ(୧୬) ମଙ୍ଗଳବାର ଦିନ ଅପରାହ୍ନରେ ହୋଲି ଖେଳି ସାରି ସାଙ୍ଗମାନଙ୍କ ସହିତ ବୈତରଣୀ ନଦୀର ଦଲକିଘାଗି ଘାଟକୁ ଗାଧୋଇବାକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ବୈତରଣୀ ନଦୀର ପାଣି ସ୍ରୋତରେ ଭାସିଯାଇ ନିଖୋଜ ହୋଇ ଯାଇ ଥିଲେ । ଖବର ପାଇ ପାଟଣା ଅଗ୍ନିସମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ବହୁ ଖୋଜାଖୋଜି କରିଥିଲେ। ଅନ୍ଧାରର ହୋଇ ଯିବା ପରେ ସମ୍ଭବ ହୋଇ ନଥିଲା।ଗୁରୁବାର ଦିନ ନିଖୋଜ ହେବା ୭୨ଘଣ୍ଟା ପରେ ଭୀମ ମୃତ ଦେହ ଭାସୁଥିବା ଦେଖି ଘଟଗାଁ ଥାନାକୁ ଖବର ଦେଇଥିଲେ।ଘଟଗାଁ ପୋଲିସ ଖବର ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଛି।

## 'ଲୋକଭାଷା'ର ବିଂଶତମ ବାର୍ଷିକ ଉତ୍ସବ, ସମ୍ବର୍ଦ୍ଧନା ପର୍ବ

କଟକ (ସବ୍ୟୁ): ପାକ୍ଷିକ ସମ୍ବାଦ ଓ ସାହିତ୍ୟ ଭିତ୍ତିକ ପତ୍ରିକା 'ଲୋକଭାଷା'ର ବିଂଶ ତମ ବାର୍ଷିକ ଉତ୍ସବ ଓ ସାହିତ୍ୟ ପତ୍ରିକା ଆମ ଲୋକଭାଷାର ଉନ୍ମୋଚନ ପର୍ବ କିଶନନଗର ମୁକ୍ତେଶ୍ୱର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । 'ଲୋକଭାଷା'ର ସମ୍ପାଦକ ଶୁକଦେବ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଇଂ. ପ୍ରଭାକର ସ୍ୱାଇଁ ମୁଖ୍ୟ ଅତିଥି,କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ମୁଖ୍ୟବକ୍ତା, କେନ୍ଦ୍ର ସାହିତ୍ୟ ଏକାଡେମି ପୁରସ୍କାରପ୍ରାପ୍ତ ଲେଖିକା ପ୍ରାଧ୍ୟାପିକା ଡକ୍ଟର ରଞ୍ଜିତା ନାୟକ,ବିଶିଷ୍ଟ ସାହିତ୍ୟିକ ଡକ୍ଟର ନାରାୟଣ ମହାନ୍ତି ଓ ମୁକ୍ତେଶ୍ୱର ପୀଠାଧିଶ ବାବା ଅଦ୍ୱୈତାନନ୍ଦ ସରସ୍ୱତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସଭାରେ ଅତିଥି ମାନେ କଟକ ଜିଲ୍ଲାର ପାଇକାଣ ସୋମପୁର ଭଳି କ୍ଷୁଦ୍ର ଗ୍ରାମରୁ ଦୀର୍ଘ ୨୦ ବର୍ଷ ହେବ ପ୍ରକାଶ ପାଉଥିବାରୁ ଲୋକଭାଷା ପରିବାର ଓ ସମ୍ପାଦକ ଶୁକଦେବ ପରିଡାଙ୍କୁ ଉଚ୍ଛ ପ୍ରଶଂସା କରିଥିଲେ । ଇଞ୍ଜିନିୟର୍ ସେବକ ଶ୍ରୀକାନ୍ତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ସତ୍ୟରଞ୍ଜନ ବାରିକ, ଅମୂଲ୍ୟ ଦେବଦାସ ପ୍ରମୁଖ ସହଯୋଗ କରିଥିଲେ,ସଭାରେ ବହୁ ବ୍ୟକ୍ତି ବିଶେଷଙ୍କ ସହ କିଛି ସାମାଜିକ ସଂଗଠନ ଏପରି ଛତିଶ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପଣ୍ଡିତ ଦୀନବନ୍ଧୁ ପଣ୍ଡା ବେଦପାଠ କରିଥିଲେ । ସାହିତ୍ୟିକ ପ୍ରଦୀପ୍ତ ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସାମ୍ବାଦିକ ସୈୟଦ୍ ସାଜିଦ୍ ଅଲ୍ଲୀ ଧନ୍ୟବାଦ ଦେଇଥିଲେ । ପ୍ରାରମ୍ଭରେ କନ୍ଦରପୁର ସରସ୍ୱତୀ କଳାପରିଷଦର ଛାତ୍ରୀମାନେ ଗୁରୁ ଅଶୋକ ପଟ୍ଟନାୟକଙ୍କ ନିର୍ଦ୍ଦେଶନାରେ ଶିବ ତାଣ୍ଡବ ନୃତ୍ୟ ପରିବେଷଣ କରିଥିଲେ ।

# ସମ୍ ହସ୍ପିଟାଲ୍‌ରେ ଯକ୍ଷ୍ମା ରୋଗ ନେଇ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର (ସବ୍ୟୁ): ଯକ୍ଷ୍ମା ଅର୍ଥାତ ଟ୍ୟୁବରକ୍ୟୁଲୋସିସ୍ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ ଓ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ ସୁସ୍ଥ ହୋଇପାରିବ ବୋଲି ବିଶେଷଜ୍ଞ ମତ ଦେଇଛନ୍ତି । ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ଏକ ସପ୍ତାହ ବ୍ୟାପୀ ଆୟୋଜିତ ସଚେତନତା କାର୍ଯ୍ୟକ୍ରମ ଅବସରରେ ଅନୁଷ୍ଠିତ ସିଏମ୍‌ଇରେ ଯକ୍ଷ୍ମାରେ ପୀଡ଼ିତ ବ୍ୟକ୍ତିବିଶେଷଙ୍କର ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଔଷଧ ସେବନ ଉପରେ ଗୁରୁତ୍ୱ ଦେଇଛନ୍ତି ହସ୍ପିଟାଲ୍‌ର ପିଜି ଡିପାର୍ଟମେଂଟ ଅଫ୍ ରେସ୍‌ପିରେଟୋରୀ ମେଡିସିନ୍ ବିଭାଗର ମୁଖ୍ୟ ପ୍ରଫେସର ବନାନୀ ଜେନା। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ସଂଘମିତ୍ରା ମିଶ୍ର ହସ୍ପିଟାଲ୍‌ରେ ଖୁବ୍ ଶୀଘ୍ର ଯକ୍ଷ୍ମା ରୋଗର ଚିହ୍ନଟ ନିମନ୍ତେ ଏକ ଜେନମ୍ ସିକ୍ୱେନ୍ସି ଲ୍ୟାବ୍ ପ୍ରସ୍ତୁତ କରାଯିବା ସହ ରୋଗୀଙ୍କ ଚିକିତ୍ସା ନିମନ୍ତେ ଏକ ମଲ୍ଟି ଡ୍ରଗ୍ ରେଜିଷ୍ଟାନ୍ସ ଟିବି ୱାର ଆରମ୍ଭ କରାଯିବ ବୋଲି କହିଥିଲେ। ଏଥି ସହିତ ଟିବିକୁ ରୋକିବାରେ ସ୍ୱାସ୍ଥ୍ୟକର୍ମୀ, ଆଶାକର୍ମୀ ଓ ଛାତ୍ରଛାତ୍ରୀମାନଙ୍କୁ ନେଇ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଥିଲେ । ଏହି ଅବସରରେ ରାଜମହେନ୍ଦ୍ରୀ ସ୍ଥିତ




ଜିଏସ୍‌ଏଲ୍ ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ୍‌ର ଟିବି ଆଣ୍ଡ ଚେଷ୍ଟ ଡିଜିଜେସ୍ ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ସୋମନାଥ ଦାଶ ମୁଖ୍ୟ ବକ୍ତାଭାବେ ଯୋଗ ଦେଇ ଟିବି ଓ ଡାଇବିଟିସ୍ କିଭଳି ଜଣେ ରୋଗୀ ଉପରେ ଭାରି ପଡ଼େ ଓ ଏହାକୁ ନିରାକରଣ କରିବା ନେଇ ଉପଯୁକ୍ତ ଚିକିତ୍ସା ଓ ପଦକ୍ଷେପ ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ।

ଆୟୋଜିତ ସିଏମ୍‌ଇରେ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ମେଟାବୋଲିଜିମ୍ ବିଭାଗର ପ୍ରଫେସର ଜୟଶ୍ରୀ ସ୍ୱାଇଁ ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ହେଡ କ୍ୱାର୍ଟର୍‌ର ଏନ୍‌ଟିଇପି କନ୍‌ସଲ୍‌ଟାଂଟ ଡାକ୍ତର ସୁବ୍ରତ ପଣ୍ଡା ମଧ୍ୟ ଯକ୍ଷ୍ମା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ। ଏହି ଅବସରରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଓଏସ୍‌ଡି ପ୍ରହ୍ଲାଦ ମହାନ୍ତି, ସୋଆର ଚିଫ୍ ଫାସିଲିଟେଟିଂ ଅଫିସର ଶ୍ରୀମତି ପ୍ରତିମା ରାଉତରାୟ, ଫାୟାର ଅଫିସର 1 ଏ.ଟି ବସ୍ତିଆ, ଏଓ, ସିକ୍ୟୁରିଟି ପି.ସି ପଣ୍ଡା, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଏଏନ୍‌ଏସ୍ ଶ୍ରୀମତି ରଶ୍ମିତା ସ୍ୱାଇଁ, ଏଏନ୍‌ଏମ୍ ସୁଶ୍ରୀ ଶୁଭସ୍ମିତା ସାହୁ, ଷ୍ଟାଫ୍ ନର୍ସ ସୁଶ୍ରୀ ନମିତା ନାୟକ ଓ ଶ୍ରୀମତି ଶୁଭଲକ୍ଷ୍ମୀ ଖୁଂଟିଆ ପ୍ରମୁଖଙ୍କୁ ସମ୍ମାନତ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ଆସୋସିଏଟ ପ୍ରଫେସର ଡାକ୍ତର ପ୍ରୀତମ ଛୋଟରାୟ ଧନ୍ୟବାଦ ଅର୍ପଣ କରିଥିଲେ। ହସ୍ପିଟାଲ୍‌ର ପଲ୍‌ମୋନାରୀ ବିଭାଗର ପ୍ରଫେସର ରାଖି ଲୁଦାମ୍, ପ୍ରଫେସର ପ୍ରିୟଦର୍ଶିନୀ ବେହେରା, ଆସୋସିଏଟ୍ ପ୍ରଫେସର, ଡାକ୍ତର ସଂଗୀତା ଜେନା, ଡାକ୍ତ ସୋନାଲୀ ପରିଡ଼ା, ଡାକ୍ତର ପ୍ରୀତମ୍ ଛୋଟରାୟ ଏବଂ ଆସିଷ୍ଟାଂଟ ପ୍ରଫେସର, ଡାକ୍ତର କେ.ସି. ସାହୁ, ଡାକ୍ତର ସୋନାଲୀ ମଲ୍ଲିକ୍, ଡାକ୍ତର ପ୍ରଜ୍ଞା ରାଉତ, ଡାକ୍ତର ଅମ୍ଳାନ୍ ମିଶ୍ର ଓ ଡାକ୍ତର ସୌରଭ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଶ୍ୱ ଯକ୍ଷ୍ମା ଦିବସ ପରିପ୍ରେକ୍ଷୀରେ ହସ୍ପିଟାଲ୍ ପକ୍ଷରୁ ସଚେତନତା ର୍‍ୟାଲି ଓ ପଥପ୍ରାନ୍ତ ନାଟକ ମଧ୍ୟ ଆୟୋଜିତ ହୋଇଥିଲା।

## ମାମୁଁ ଘରପୋଖରୀରେ ପଡି ଭଣଜା ମୃତ

ବାସୁଦେବପୁର, (ସବ୍ୟୁ):ମାମୁଁ ଘରକୁ ଶୀତଳା ପୂଜା ଦେଖିବାକୁ ଯିବା କାଳ ହେଲା। ମାମୁଁ ଘର ପୋଖରୀରେ ପଡି ଭଣଜାର ମୃତ୍ୟୁ। ବାସୁଦେବପୁର ପୌରପାଳିକାର ରଞ୍ଜିତ ଜେନାଙ୍କ ପତ୍ନୀ ସୁନିତା,ପୁଅ ଚନ୍ଦନ ଓ ତିନି ବର୍ଷର ଝିଅ ଶୀତଳା ପୂଜା ଦେଖିବାକୁ ଶନିବାର ଦିନ ଶଶୁର ଘର କିସ୍ମତ କୃଷ୍ଣପୁର ପଂଚାୟତର ବୋହୂମାଘେରୀ ଗ୍ରାମର ପ୍ରଭାସ ରାଉତଙ୍କ ଘରକୁ ଯାଇଥିଲେ। ସୁନିତା ପିଲାଛୁଆଙ୍କୁ ଧରି ବାପ ଘରେ ଥିବା ବେଳେ ଆଜି ପୁଅ ଚନ୍ଦନ ଅଜା ସହିତ ବୁଲିବାକୁ ଯାଇ ଘରକୁ ଫେରିଥିଲା। ମଧ୍ୟାନ୍ନରେ ଚନ୍ଦନକୁ ନପାଇ ପରିବାର ଲୋକ ଖୋଜାଖୋଜି କରିଥିଲେ। ଶେଷରେ ପୋଖରୀ ମଧ୍ୟରେ ଖୋଜିବା ସମୟରେ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରିଥିଲେ। ଚିକିତ୍ସା ପାଇଁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରାଥମିକ ଭାବେ ପରୀକ୍ଷା କରି ମୃତ ଘୋଷଣା କରିଥିଲେ। ଦୁଇ ପରିବାର ମଧ୍ୟରେ ଶୋକର ଛାୟା ଖେଳିଯାଇଛି।

## ବୋମା ତିଆରି କାରଖାନାରେ ଚଢ଼ାଉ, ମାଲିକ ଗିରଫ



ଭୁବନେଶ୍ୱର, (ସବ୍ୟୁ) : ଜଟଣୀ ଥାନା ପୋଲିସ ବେଣାପଞ୍ଜରୀ ନିକଟ ବୋମା ତିଆରି କାରଖାନାରେ ଚଢ଼ାଉ କରି ଏସ୍‌କ୍ଲୁସିଭ୍ ଜିନିଷ ଜବତ କରି ସହ କାରଖାନାର ମାଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ବୋମା ପ୍ରସ୍ତୁତକାରୀ ମାଲିକ ସୁମନ୍ତ ପାତ୍ର । ସେ ବୋମା ତିଆରି କରି ଡେଲାଙ୍ଗ, ବ୍ରହ୍ମଗିରି, ପିପିଲି, ଜଟଣୀ ଆଦି ଅଞ୍ଚଳକୁ ଚାଲାଣ କରେ ବୋଲି ଡିପିସି ପ୍ରତୀକ ସିଂହ ସାମ୍ବାଦିକମାନଙ୍କୁ ସୂଚନା ଦେଇଛନ୍ତି । ଜବତ ହୋଇଥିବା ଏସ୍‌କ୍ଲୁସିଭ୍- ୫କେଜି ସଲଫର, ବରାତ ୫ କେଜି, ପୋଟାସିୟମ ନାଇଟ୍ରେଟ ୧କେଜି, ଚାର୍ଚୋଲ- ୫କେଜି, ଆଲୁମିନିୟମ ପାଉଡର ୨ କେଜି, ଗନ ପାଉଡର ୫ କେଜି, ଗନ ପାଉଡର ବଲବ୍ ୧୦ କେଜି, ଅନ୍ୟ କେମିକାଲ ପାଉଡର ୭ କେଜି, ଫାୟର କାର୍କର୍ସ, ହ୍ୟାଣ୍ଡମେଡ ଡବଲ ସଟ୍ ଓ ସିଙ୍ଗଲ ସଟ୍ କାର୍କର୍ସ ଓ ବୋମା ତିଆରି ଅନ୍ୟ ଜିନିଷ ଜବତ ହୋଇଛି । ଗିରଫ ଅଭିଯୁକ୍ତ ସୁମନ୍ତକୁ ଶୁକ୍ରବାର କୋର୍ଟ ଚାଲାଣ ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଇ ଦିଆଯାଇଛି ।

# ବିଜେପି ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା



ବ୍ରହ୍ମପୁର, (ସବ୍ୟୁ) : ଶୁକ୍ରବାରେ ଭାରତୀୟ ଜନତା ପାର୍ଟି (ବିଜେପି) ଗଞ୍ଜାମ ଜିଲ୍ଲା ପକ୍ଷରୁ ହୋଟେଲ ଜ୍ୟୋତି ରେସିଡେନ୍ସି ସମ୍ମିଳନୀ କକ୍ଷରେ ବିଜେପି ଲୋକସଭା ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ ଯୋଗ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪- ୨୪ ଦଶ ବର୍ଷରେ ଓଡ଼ିଶାକୁ ୧୯ ଲକ୍ଷ କୋଟି ଟଙ୍କା ଅନୁଦାନ ଦେଇଛନ୍ତି ।

ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ବ୍ରହ୍ମପୁର ସହର ଶିକ୍ଷା, ସ୍ୱାସ୍ଥ୍ୟ, ସାଂସ୍କୃତିକ, ସାମାଜିକ, ଆର୍ଥିକ, ବ୍ୟବସାୟିକ ଓ ରାଜନୈତିକ ସବୁ କ୍ଷେତ୍ରରେ ଦକ୍ଷିଣ ଓଡ଼ିଶାର ନେତୃତ୍ୱ ନେଇ ଓଡିଶା ଆସିଛି । ଏବେ ପରିବର୍ତ୍ତନର ସମୟ ଆସିଛି । ବ୍ରହ୍ମପୁରରୁ ହିଁ ପରିବର୍ତ୍ତନ ଆରମ୍ଭ ହେବ । ନେତୃତ୍ୱ ବଦଳିବ ଏବଂ ଏହି ପରିବର୍ତ୍ତନର ବାର୍ତ୍ତା ସାରା ଓଡ଼ିଶାକୁ ଯିବ ବୋଲି ବିଜେପି ସାଂସଦ ପ୍ରାର୍ଥୀ ଡ଼ଃ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି । କେନ୍ଦ୍ର ସରକାରଙ୍କ ପ୍ରତ୍ୟେକ ଯୋଜନା ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ଯୋଜନା ବିଷୟରେ ବୁଝାଇବା, ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ କଥା କହିବାକୁ କାର୍ଯ୍ୟକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ । ଓଡ଼ିଶାବାସୀ ସିଙ୍ଗଲ୍ ଇଞ୍ଜିନ ସରକାର ବହୁତ ଦେଖିଲେଣି, ଏଥର ଡ଼ବଲ୍ ଇଞ୍ଜିନ ସରକାର ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହା ସହ ବ୍ରହ୍ମପୁର ମହାନଗର ନିଗମରେ କିଭଳି ଦୁର୍ନୀତି ଚାଲିଛି ସେ ବିଷୟରେ ଉଲ୍ଲେଖ କରିଥିଲେ । ଏହି ସମ୍ବର୍ଦ୍ଧନା ସଭାରେ ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲା ସଭାପତି ଡା.ସୁବାସ ସାହୁ,ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ପ୍ରସାଦ ଶତପଥୀ,ବ୍ରହ୍ମପୁର ଲୋକସଭା ପ୍ରଭାରୀ ଅଶୋକ ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସରୋଜ ସାବତ, ରାମ ପ୍ରସାଦ ସାମଲ,ବରିଷ୍ଠ ନେତା କେ.ଅନିଲ କୁମାର, ପୂର୍ବତନ ମେୟର ଶିବ ଶଙ୍କର ଦାସ, ପ୍ରଶାନ୍ତ ନାୟକ, ଜୋନ୍ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ ମଞ୍ଚ ପରିଚାଳନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ସମ୍ପାଦିକା ରତ୍ନଗର୍ଭା ସରସ୍ୱତୀ ଦେବୀ,ଏସ୍. ରାଣୀ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଟୁଟୁନ୍ ପାତ୍ର,କର୍ପୋରେଟର ସବିତା ସାହୁ,ପୂର୍ବତନ କର୍ପୋରେଟର ରଞ୍ଜିତ ପଟ୍ଟନାୟକ,ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ,ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ଅନୁଜା ନନ୍ଦ ବିଶ୍ୱାଳ, ସାମୁଏଲ୍ ବେହେରା, ଏଲ୍.ଗୋପି, ସଞ୍ଜୟ ଜେନା, ରାଜେନ୍ଦ୍ର ସେଠୀ,ପତିତପାବନ ଗନ୍ତାୟତ, ବର୍ଷା ବିଦ୍ୟୁସ୍ମିତା, ମୋନିତା ଦାସ, ପ୍ରେମଶିଳା ନନ୍ଦ, ସନ୍ତୋଷୀ ଦାସ, ପ୍ରବୀର ପାତ୍ର, ମନୋଜ ପାଢ଼ୀ, ପ୍ରଦୀପ ମିଶ୍ର, ସୈମେନ୍ଦ୍ର ଦାସ, ଏସ୍.ଶ୍ରୀନିବାସ, କେ.ରବି ରାଓ,କମଲ ପାତ୍ରଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ଶୁକ୍ରବାର ଦିନ ବିଜୁ ଜନତା ଦଳ ଏବଂ କଂଗ୍ରେସର ଶତାଧିକ କାର୍ଯ୍ୟକର୍ତ୍ତା ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ।

# ଅଟୋ ସହ ୫୫୦ ଲିଟର ଦେଶୀ ମଦ ଜବତ



କାମାକ୍ଷାନଗର, (ସବ୍ୟୁ) : କାମାକ୍ଷାନଗର ଥାନା ସିଆରିମାଳିଆ ଛକ ଠାରେ ଏକ ଅଟୋ ସହ ୫୫୦ ଲିଟର ଦେଶୀମଦ ଜବତ କରିବା ସହ ଜଣକୁ ଅଟକ ରଖିଛି କାମାକ୍ଷାନଗର ଅବକାରୀ ବିଭାଗ । ପରଜଙ୍ଗ ଥାନା କନ୍ଦରସିଂହା ଗ୍ରାମ ର ଅମର୍ତ୍ୟ ବିଶ୍ୱାଳ ଏକ ଅଟୋ ଯୋଗେ ଦେଶୀମଦ ଆଣୁଥିବା ଖବର ପାଇ ଅବକାରୀ ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲା ।

ଢେଙ୍କାନାଳ ଅବକାରୀ ଅଧିକ୍ଷକ କ୍ରିଷ୍ଣା ନାୟକଙ୍କ ନିର୍ଦ୍ଦେଶ କ୍ରମେ ହୋଇଥିବା ଏହି ଚଢ଼ାଉ ରେ ୫୫୦ ଲିଟର ଦେଶୀମଦ, ଗୋଟିଏ ମୋବାଇଲ ଫୋନ ଓ ଅଟୋ ଜବତ କରିଛି ଅବକାରୀ ବିଭାଗ । କାମାକ୍ଷାନଗର ଡେପୁଟି ଅବକାରୀ ଅଧିକ୍ଷକ ସାଓ୍ୱନ ଭୋଳଙ୍କ ନେତୃତ୍ୱରେ ଅବକାରୀ ଅଧିକାରୀ ପ୍ରକାଶ କୁମାର ସାହୁ, ଦୀପ୍ତ୍ୟୋୟନ ପଟ୍ଟନାୟକ, ସନ୍ତୋଷ କୁମାର ସ୍ୱାଇଁ, ପରମଜ୍ୟୋତି ସିଂ, ହରିହର ସୋରେନ, ପୁଷ୍ପାଞ୍ଜଳି ନାଏକ ପ୍ରମୁଖ ଏହି ଚଢ଼ାଉରେ ସାମିଲ ହୋଇଥଲେ । ଏ ସଂକ୍ରାନ୍ତରେ କାମାକ୍ଷାନଗର ଅବକାରୀ ଥାନା ରେ ଏକ ମାମଲା ରୁଜୁ ହେବା ସହ ଅଟକ ଅମର୍ତ୍ୟ ବିଶ୍ୱାଳକୁ କୋର୍ଟ ଚାଲାଣ କରାଯାଇଛି ।

# ତାଳଚେରରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳିଗୁଳି
# ଜଳଛତ୍ର ଓ ଅଂଶୁଘାତ ୱାର୍ଡ଼ ଖୋଲାଯିବାକୁ ଦାବି

ସାଉଥବଲଣ୍ଡା, (ସବ୍ୟୁ) : ମାର୍ଚ୍ଚ ମାସ ନସରୁଣୁ କୋଇଲାନଗରୀ ତାଳଚେରରେ ଏବେଠାରୁ ଆରମ୍ଭ ହୋଇଗଲାଣି ପ୍ରବଳ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଅସହ୍ୟ ଗୁଳୁଗୁଳି । ତାଳଚେରରେ ବିଗତ ଏକ ସପ୍ତାହ ହେବ ଅସହ୍ୟ ଗରମ ଅନୁଭୂତ ହେଉଥିବା ବେଳେ ଆଜିର ତାପମାତ୍ରା ୩୯.୮କୁ ପହଁଚି ଯାଇଛି । ଏଭଳି ଉତାପ ଯୋଗୁଁ ଦିନ ତମାମ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି । ସକାଳ ୧୦ଟା ବେଳୁ ଆରମ୍ଭ ହୋଇ ଯାଉଥିବା ଖରାତାତି ଅପରାହ୍ନ ୫ଟା ପର୍ଯ୍ୟନ୍ତ ବଳବତର ରହୁଥିବାର ସ୍ପଷ୍ଟ ଅନୁଭବ ହେଉଛି । ସାରାଦିନ ରାସ୍ତାଘାଟ ଜନଶୂନ୍ୟ ହୋଇପଡ଼ିବା ସହ ବ୍ୟବସାୟରେ ମାନ୍ଦାବସ୍ଥା ଦେଖାଦେଇଛି । ତାଳଚେର ବସଷ୍ଟାଣ୍ଡ, ରେଳଷ୍ଟେସନ ଠାରେ ମଧ ଯାତ୍ରୀଙ୍କ ସଂଖ୍ୟା ହ୍ରାସ ପାଇଥିବାର ଦେଖିବାକୁ ମିଳୁଛି । ତାଳଚେରରେ ବହୁ କୋଇଲାଖଣି ରହିଥିବା ହେତୁ ଖଣି ଅଂଚଳ ଏବଂ ପାରିପାର୍ଶ୍ୱିକ ସ୍ଥାନଗୁଡ଼ିକରେ ସ୍ୱାଭାବିକ ତାପମାତ୍ରା ଠାରୁ ୨/୩ ତିନି ଡିଗ୍ରୀ ଅଧିକ ରହୁଛି ।

ତେବେ ଏଭଳି ଗ୍ରୀଷ୍ମ ପ୍ରବାହ ସମୟରେ ପ୍ରଶାସନକ ସ୍ତରରେ ସ୍ଥାନେ ସ୍ଥାନେ ରାସ୍ତା ପାର୍ଶ୍ୱରେ ଲୋକମାନଙ୍କୁ ଜଳଛତ୍ର ଜରିଆରେ ପାନୀୟଜଳ ବନ୍ଦୋବସ୍ତ କରାଯିବାର ନିୟମ ରହିଥିଲେ ସୁଦ୍ଧା ଏଥିପ୍ରତି ଆଦୌ ଦୃଷ୍ଟି ଦିଆଯାଇ ନଥିବାର ଅଭିଯୋଗ ହୋଇଛି । ଏଥିସକାଶେ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ସେହିପରି ବିଭିନ୍ନ ଡାକ୍ତରଖାନା ଓ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ଚିକିତ୍ସା କରିବାକୁ ସ୍ୱତନ୍ତ୍ର ୱାର୍ଡ଼ ଖୋଲିବାକୁ ମଧ କୌଣସି ପଦକ୍ଷେପ ନିଆଯାଉନଥିବାର ଅଭିଯୋଗ ହେଉଛି । ତାଳଚେରରେ ଆଗାମୀ ଦିନରେ ପ୍ରବଳ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ରହିଥିବାରୁ ସରକାରୀ ଏବଂ ବେସରକାରୀ ସ୍ତରରେ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

# ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ଏରିଆ ପର୍ସନାଲ୍ ମ୍ୟାନେଜରଙ୍କୁ ସମ୍ବର୍ଦ୍ଧନା



ସାଉଥବଲଣ୍ଡା, (ସବ୍ୟୁ) : ତାଳଚେର ସେଣ୍ଟ ଜନ୍ ଆମ୍ବୁଲାନସ୍ ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ ପକ୍ଷରୁ ଜଗନ୍ନାଥ କ୍ଷେତ୍ରର ଏରିଆ ପର୍ସନାଲ୍ ମ୍ୟାନେଜର ମାନସ ରନ ଜେନାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିବା ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏମ୍‌ସିଏଲ୍ ଆମ୍ବୁଲାନସ୍ ଡିଭିଜନ୍ କମାଣ୍ଡର ତଥା ଅନୁଗୋଳ ଜିଲ୍ଲା ଅବୈତନିକ ଯୁଗ୍ମ ସମ୍ପାଦକ ଦିନବନ୍ଧୁ ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କାର୍ଯ୍ୟାଳୟ ଠାରେ ସାକ୍ଷାତ କରି ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରାଯିବା ସହିତ ଅନୁଷ୍ଠାନ ବିଷୟରେ ଆଲୋଚନା କରିଥିଲେ । ଏରିଆ ପର୍ସନାଲ୍ ମ୍ୟାନେଜର ଶ୍ରୀ ଜେନା ଜଣେ ମେଳାପୀ, ସ୍ୱଷ୍ଟବାଦୀ, ବିଚକ୍ଷଣ, ସୁଦକ୍ଷ, ସହାନୁଭୂତି ସମ୍ପନ୍ନ ଓ ନୀତିବାନ୍ ଅଧିକାରୀ ଭାବେ ପରିଚିତ ଅଛନ୍ତି ।

ତାଙ୍କ ମାର୍ଗ ଦର୍ଶନରେ ଏମସିଏଲ ସହିତ ସାରା ଓଡିଶାରେ ବିଭିନ୍ନ ପ୍ରକାର ଅସୁବିଧା ଯଥା– ଦୁର୍ଘଟଣା, ଆକସ୍ମିକ ପ୍ରାକୃତିକ ବିପର୍ଯ୍ୟୟ, ଭୂମିକମ୍ପ, ବାତ୍ୟା, ବନ୍ୟା, ଗଣଦୌଡ, ସାଧାରଣସଭା, ପ୍ରଦର୍ଶନୀ, ମେଳା, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ, ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ପ୍ରଭୃତି ସେଣ୍ଟ ଜନ୍ ଆମ୍ବୁଲାନସ୍ ଗାଇଡ୍ ଲାଇନ୍ ଅନୁଯାୟୀ ସମସ୍ୟା ବହୁମାତ୍ରାରେ ସମାଧାନ ହେବା ସହିତ ସମାଜ ଉପକୃତ ହୋଇପାରିବ ବୋଲି କୁହାଯାଇଛି ।

ଏହି ସାକ୍ଷାତ ଆଲୋଚନା ବେଳେ ସାମୁହିକ ବୃତିଗତ ଶିକ୍ଷା କେନ୍ଦ୍ରର ଅଧ୍ୟକ୍ଷ ବସନ୍ତ କୁମାର ବରାଳଙ୍କ ସମେତ ଆମ୍ବୁଲାନସ୍ ଅଫିସର ହିମାଂଶୁ ଭୂଷଣ ପ୍ରଧାନ, ପ୍ରଶାନ୍ତ କୁମାର ଜେନା, ସୁଶାନ୍ତ କୁମାର ପାଣି, ରନ ପ୍ରଧାନ, ଟିକନ ସାହୁ, ଚିତରନ ପ୍ରଧାନ, ଦୁଷ୍ମନ୍ତ ସାମଲ, ପ୍ରିୟବ୍ରତ ସାହୁ, ମନୋଜ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

# ଭୁଷଳରେ ଦୋଳଯାତ୍ରା

ଭୁବନ, (ସବ୍ୟୁ) : ଭୁବନ ବ୍ଲକ ଭୁଷଳ ବ୍ରାହ୍ମଣ ସମାଜ ପକ୍ଷରୁ ରାଧାକୃଷ୍ଣଙ୍କ ଦୋଳ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସନ୍ଧ୍ୟାରେ ସୁସଜ୍ଜିତ ବିମାନରେ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା । ହନୁମାନ ଛକରେ ମେଷାସୁର ଦହନ କାର୍ଯ୍ୟ ସମ୍ପାଦନ କରାଯିବା ପରେ ଦୋଳ ମଣ୍ଡପରେ ରାଧାକୃଷ୍ଣଙ୍କୁ ଦୋଳି ଖେଳାଯାଇଥିଲା । ଦର୍ଶକଙ୍କ ମନୋରଂଜନ ପାଇଁ ଯାତ୍ରା ଚନ୍ଦ୍ର ମହଲ ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା । ଯାତ୍ରା କାର୍ଯ୍ୟକ୍ରମକୁ ଶାନ୍ତି କମିଟି ସମ୍ପାଦକ କାର୍ତ୍ତିକେଶ୍ୱର ପଣ୍ଡା ଉଦ୍ଘାଟନ କରିଥିଲେ । ଯାତ୍ରା ଜଗତର ଖଳ ଅଭିନେତା ଜ୍ଞାନ ରଞ୍ଜନ ଦାଶ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ଭଜନ ଓ ସଂଳାପ ପରିବେଷଣ କରିଥିଲେ । ପ୍ରତାପ କୁମାର ପଣ୍ଡା ସଂଯୋଜନା କରିଥିବାବେଳେ ଜୟରାମ ମହାନ୍ତି, ରମାକାନ୍ତ ପାଣିଗ୍ରାହୀ, ବିଜୟ ମହାନ୍ତି, ରଞ୍ଜନ ଦାଶ, ହେମନ୍ତ ଦାଶ, ଶ୍ରୀନିବାସ ଦାଶ, ପ୍ରମୋଦ ଶତପଥୀ, ପ୍ରେମାନନ୍ଦ ଦାଶ, ବ୍ରହ୍ମାନନ୍ଦ ଦାଶ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ପ୍ରେମାନନ୍ଦ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାନ୍ଥନିବାସ ପୂଜା କମିଟିର ଦଣ୍ଡ ନାଚ ବୈଠକ

ରମ୍ଭା, (ସବ୍ୟୁ) : ଶୁକ୍ରବାର ଦିନ ରମ୍ଭା ପାନ୍ଥ ନିବାସ ପୂଜା କମିଟିର ଦଣ୍ଡ ନାଚ ପ୍ରସ୍ତୁତି ବୈଠକ ପ୍ରାକ୍ତନ ଓଡ଼ିଆ ଅଧାପକ ଡ଼ଃ ବିଜୟ । ନନ୍ଦ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ପ୍ରତିବର୍ଷ ପରି ଚଳିତ ବର୍ଷ କମିଟି ବୈଠକରେ ଏପ୍ରିଲ ମାସ ୧୧ରିଖ ବିରୁଳିଗଡ଼ ଦଣ୍ଡ ନାଚ ଅନୁଷ୍ଠିତ ହେବା ପାଇଁ କମିଟି ପକ୍ଷରୁ ସ୍ଥିରୀକୃତ କରାଯାଇଛି । ତତ ସହିତ ପ୍ରତିବର୍ଷ ଭିନ୍ନ ଭିନ୍ନ ଦଣ୍ଡନାଚକୁ ନେଇ ମଞ୍ଚସ୍ଥ କରିବା ପାଇଁ ବୈଠକରେ ସଭ୍ୟ /ସଭ୍ୟାଙ୍କ ଉପସ୍ଥିତରେ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା ।

ଉପରୋକ୍ତ ବୈଠକରେ ଉପଦେଷ୍ଟା ବିଜୟ ଦାସ, କୋଷାଧକ୍ଷ ପ୍ରଶାନ୍ତ କୁମାର ସେଠୀ, ଆବାହକ ତଥା କାଉନସିଲର କ୍ଷେତ୍ର ମୋହନ ବେହେରା, ଗୀତାଞ୍ଜଳି ପଟ୍ଟନାୟକ, ରାଜେଶ ବାଜାଜ, ଗୁପ୍ତେଶ୍ୱର ସେଠୀ, ବଳରାମ ବେହେରା, କାହ୍ନୁ ଚରଣ ମହାପାତ୍ର, ଭାଗିରଥି ବେହେରା, କାଳିଆ ବେହେରା, ଡାକ, ପୂର୍ଣ୍ଣ, ସୂର୍ଯ୍ୟ, ଶଙ୍କର, ବାବୁ, ଆଦିତ୍ୟ, ମିଥୁନ, ଶିବ, ଚନ୍ଦନ, କାଳିଆ ମହାରଣା, ଜୀବନ, ବିଷ୍ଣୁ, ଦୁର୍ଗା, ଅଜିତ, ଚିକୁ, ପ୍ରମୁଖ ସମସ୍ତ ସଦସ୍ୟ/ ସଦସ୍ୟା ସାମିଲ ହୋଇଥିଲେ ।

# ମାନବିକତା ଦେଖାଇଲେ ଛତ୍ରପୁର ବିଧାୟକ



ଛତ୍ରପୁର, (ସବ୍ୟୁ) : ଛତ୍ରପୁର ଥାନା ଅଧିନ ହଂସପୁର ଗ୍ରାମ ଠାରେ ଜଣେ ଆହାତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଛନ୍ତି ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା । ଆହାତ ବ୍ୟକ୍ତି ଜଣକ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ରାଜପୁର ଗ୍ରାମର ଧୃବ ଗୌଡ। କୌଣସି କାରଣ ବସତଃ ଧୃବ ହଂସପୁର ଗ୍ରାମ ନିକଟରେ ଆହାତ ହୋଇ ପଡିଥିବା ବେଳେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲରେ ଭର୍ତ୍ତି କରିଥିଲେ ।

ତେବେ ଧୃବଙ୍କୁ କେହି ଆକ୍ରମଣ କରି ଆହାତ କରିଥିବା ସନ୍ଦେହ କରାଯାଉଥିବା ବେଳେ ଛତ୍ରପୁର ଥାନା ପୋଲିସ୍ ଉପଖଣ୍ଡ ଚିକିତ୍ସାଳୟରେ ପହଂଚି ତଦନ୍ତ ଜାରି ରଖିଛି । ତେବେ ଗତ କିଛି ଦିନ ତଳେ ରଘୁନାଥପୁର ଛକ ନିକଟ ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଆହାତ ହୋଇଥିବା କିଛି ବ୍ୟକ୍ତିଙ୍କୁ ମଧ ଛତ୍ରପୁର ବିଧାୟକ ଶ୍ରୀ ବେହେରା ଉଦ୍ଧାର କରି ବ୍ରହ୍ମପୁର ମେଡିକାଲ ପଠାଇଥିବା ବେଳେ ଶୁକ୍ରବାର ଦିନ ମଧ ଏହି ଆହାତ ବ୍ୟକ୍ତିଙ୍କୁ ଉଦ୍ଧାର କରି ବିଧାୟକ ଶ୍ରୀ ବେହେରା ମାନବିକତା ଦେଖାଇଥିବା ଚର୍ଚ୍ଚାର ବିଷୟ ପାଲଟିଛି ।

# ଉଲ୍ଲୁକ ଶାବକ ଉଦ୍ଧାର



ଠାକୁରଗଡ଼, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡା ଅଞ୍ଚଳରୁ ଶୁକ୍ରବାର ଦିନ ଏକ ଉଲ୍ଲୁକ ଶାବକକୁ ଅଞ୍ଚଳବାସୀ ଉଦ୍ଧାର କରିଛନ୍ତି । ଉକ୍ତ ଶାବକକୁ କିଛି କାଉ ଆକ୍ରମଣ କରୁଥିବା ବେଳେ ଦେଖି ଗ୍ରାମର ବିକ୍ରମ ବିଶ୍ୱାଳ, ଆନନ୍ଦ ବେହେରା, ସୁବ୍ରତ ସାହୁ ଦେଖି ଉଦ୍ଧାର କରିଥିଲେ । ପରେ ପ୍ରାଥମିକ ଚିକିତ୍ସା କରି ଶାବକକୁ ଖାଇବାକୁ ଦେଇଥିଲେ । ପରେ ଧଣ୍ଡାତୋପା ବନ ବିଭାଗ ସାହାଯ୍ୟରେ ନିକଟରେ ଥିବା ଆମ୍ବତୋଟାରେ ଛାଡିଥିବା ଜଣାପଡିଛି ।

# ମା’ର ଅଭିଯୋଗ
# କେଉଁଆଡ଼େ ଚାଲିଯାଇଛି ଅର୍ଦ୍ଧପାଗଳ ପୁଅ



ବୁଗୁଡ଼ା, (ସବ୍ୟୁ) : ବୁଗୁଡ଼ା ଥାନା ବିରଞ୍ଚିପୁର ପଞ୍ଚାୟତ ଅନ୍ତର୍ଗତ ଜଗତ ପାଟଣା ଗ୍ରାମର ଜନୈକ ଅର୍ଦ୍ଧ ପାଗଳ ଯୁବକ ନିଖୋଜ ନେଇ ଥାନାରେ ଅଭିଯୋଗ ହୋଇଛି । ନିଖୋଜ ଅର୍ଦ୍ଧ ପାଗଳ ଯୁବକ ଜଣକ ହେଲେ ଡାକ୍ତର ଗୌଡ (୩୫) ।

ପ୍ରକାଶ ଯେ, ଗତ ୨୭ ତାରିଖ ମଧ୍ୟରାତ୍ରରୁ ଡାକ୍ତର କେଉଁ ଆଡେ ଚାଲିଯାଇଥିବା ବେଳେ ପରିବାର ଲୋକେ ତାକୁ ବହୁତ ଖୋଜାଖୋଜି କରିଥିଲେ ସୁଦ୍ଧା ତାହାର କୌଣସି ପତ୍ତା ପାଇପାରିନାହାନ୍ତି । ଶେଷରେ ନିରାଶ ହୋଇ ମାଆ ଲକ୍ଷ୍ମୀ ଗୌଡ ପୁଅର ନିଖୋଜ ହୋଇଥିବା ନେଇ ଥାନାରେ ଅଭିଯୋଗ କରି ଏତଲା ଦାଏର୍ କରିଥିବା ଜଣାଯାଇଛି ।

# ନୂଆହତା ଗ୍ରାମରେ ତିନିଦୋଳ ଯାତ୍ରା

ବଅଁରପାଳ, (ସବ୍ୟୁ) : ବଅଁରପାଳ ବ୍ଲକ ଅନ୍ତର୍ଗତ ନୂଆହତା ଗୋପାଳ ସାହି ଠାରେ ଚବିଶିତମ ତିନଦୋଳ ଯାତ୍ରା ପାଳିତ ହୋଇଯାଇଛି । ଚଇତ ମାସର କୃଷ୍ଣ ପକ୍ଷରେ ଏହି ପର୍ବଟି ପାଳିତ ହୋଇଥାଏ । ଠାକୁରଙ୍କ ପରମ୍ପରା ଅନୁସାରେ ଦୋଳପୂର୍ଣ୍ଣିମା ପର ଠାରୁ ପଞ୍ଚୁଦୋଳ ପର୍ଯ୍ୟନ୍ତ ଠାକୁରଙ୍କ ବାନା ପାଞ୍ଚ ଦିନ ଧରି ଗ୍ରାମ ପରିକ୍ରମା କରି ସମସ୍ତଙ୍କ ବାସଗୃହକୁ ଯାଇ ଠାକୁରଙ୍କୁ ଭୋଗ, ଲହୁଣୀ ଦେଇ ବନ୍ଦାପନା କରିଥାନ୍ତି ।ତିନି ଦୋଳ ଦିନ ଶ୍ରୀ ରାଧାକୃଷ୍ଣ ଠାକୁରଙ୍କୁ ଗୋପାଳ ମାନେ ବହୁ ସଂଖ୍ୟାରେ ଯୋଗଦେଇ ଲଉଡ଼ିଖେଳ, ଘଣ୍ଟବାଦ୍ୟ, ମହିଳା ସଙ୍କୀର୍ତ୍ତନ ମଣ୍ଡଳୀ, ଦୁଇ ଗୋପାଳ ଦଳ ନୂଆହତା ଜୁନିଅର, ସିନିଅର ଏବଂ ବଳଦିଆ ବନ୍ଧ ଗୋପାଳ ସମାଜ ଲଉଡ଼ିଖେଳ ପରିବେଷଣ କରିଥିଲେ ଏବଂ ବିଭିନ୍ନ ବାଦ୍ୟଯନ୍ତ୍ର ମାଧମରେ ଶ୍ରୀ ରାଧାକୃଷ୍ଣ ଠାକୁରଙ୍କୁ ଗ୍ରାମ ପରିକ୍ରମା କରି ଦୋଳମଣ୍ଡପ କୁ ଆଣି ପାରମ୍ପାରିକ ରିତିରେ ବ୍ରାହ୍ମଣ ପୂଜାର୍ଚ୍ଚନା କରିଥାନ୍ତି ।

ଶ୍ରୀ ରାଧାକୃଷ୍ଣ ଠାକୁରଙ୍କ ମାର୍ଫତଦାର ତଥା ପ୍ରମୁଖ କୁମାର ସିଂହ(ନବ) ଉପସ୍ଥିତରେ ଠାକୁର ପୂଜାର୍ଚ୍ଚନା ହୋଇଥାଏ । ଏଥିରେ ପ୍ରମୁଖ କୁମାର ସିଂହ(ନବ), ଅଶୋକ କୁମାର ଧିର (ସମାଜସେବୀ) , ପୀତବାସ ରାଉତ (ସଭାପତି), ଧରଣୀ ଧର ରାଉତ (ଉପସଭାପତି), ଅଖିଳ କୁମାର ରାଉତ (ସମ୍ପାଦକ ), ବ୍ରଜବନ୍ଧୁ ରାଉତ (କୋଷାଧକ୍ଷ) ଲମ୍ବୋଧର ରାଉତ (ଠାକୁରଙ୍କ ବେହେରା) ଛବିଳ ରାଉତ (ସହଯୋଗୀ) ଜୟ କୃଷ୍ଣ ରଥ (ପୂଜକ) ପ୍ରମୁଖ ଉପସ୍ଥିତ ଥିଲେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଦଣ୍ଡ ବାଦ ସୁଲେଇପାଳ ସହିତ କାଣ୍ଡସର ଅନୁଷ୍ଠିତ ହୋଇଥିଲା । ଆଖପାଖ ନୂଆହତା, ବଅଁରପାଳ, ସନ୍ତ୍ରୀ ଏବଂ ଅନ୍ୟ ଗ୍ରାମର ବହୁ ସଂଖ୍ୟାରେ ଦର୍ଶକମାନେ ଉପଭୋଗ କରିଥିଲେ ।

# ରାଜକନିକାରେ ପୋଲିସର ଫ୍ଲାଗମାର୍ଚ୍ଚ

ରାଜକନିକା, (ସବ୍ୟୁ) : ନିର୍ବାଚନ କମିଶନ ନିର୍ବାଚନ ତାରିଖ ଘୋଷଣା କରିବା ପରେ ତତ୍ପର ହୋଇ ପଡିଛି ପ୍ରଶାସନ । ରାଜ୍ୟରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ସ୍ଥିର ହୋଇଥିବା ବେଳେ ଜୁନ ୧ରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଭୋଟ ହେବାର ପ୍ରାବଧାନ ଅଛି । କେନ୍ଦ୍ରାପଡ଼ା ଲୋକସଭା ତଥା ଆଳି ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ବ୍ଲକ ପ୍ରଶାସନ ତତ୍ପର ହୋଇପଡିଛ । ଆଳି ନିର୍ବାଚନ ମଣ୍ଡଳୀର ରାଜକନିକା ଓ ଆଳି ବ୍ଲକକୁ ନେଇ ଗଠିତ ରାଜକନିକା ବ୍ଲକର ୨୯ ଗୋଟି ପଞ୍ଚାୟତ ଥିବା ବେଳେ ଆଳି ବ୍ଲକର ୩୪ ଗୋଟି ପଞ୍ଚାୟତକୁ ନେଇ ଗଠିତ ଆଳି ବିଧାନସଭା ଆସନ ନିର୍ବାଚନକୁ ଅବାଧ ଓ ନିରପେକ୍ଷ କରିବା ଉଦ୍ଦେଶ୍ୟରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି । ଆଗାମୀ ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପକ୍ଷରୁ ଅଧିକାରୀମାନଙ୍କୁ ତାଲିମ ଦିଆଯାଉଛି । ସେହିପରି ବୁଧବାର ଅପରାହ୍ଣରେ ରାଜକନିକା ଥାନାଧିକାରୀ ଦିଲ୍ଲିପ କୁମାର ଧଳଙ୍କ ନେତୃତ୍ୱରେ ରାଜକନିକା ଥାନା ପୋଲିସ ସହିତ ଏକ କମ୍ପାନୀ ସିଆଇଏସଏଫ ଯବାନଙ୍କୁ ନେଇ ଫ୍ଲାଗମାର୍ଚ୍ଚ କରାଯାଇଛି । ପୋଲିସ ବାହିନୀ ରାଜକନିକା ଥାନାରୁ ବାହାରି କଣ୍ଟପଡ଼ା ବଜାର, ଚନ୍ଦନ ପୋଖରୀ ଛକ, ଅଶୋକ ବଜାର ହୋଇ ଥାନାରେ ପହଞ୍ଚି ପରେ ଓଳାଭର ବଜାର ଓ କଣ୍ଡିଆ ଫାଣ୍ଡି ଅଞ୍ଚଳ କଣ୍ଡିଆ ବଜାରରେ ଫ୍ଲାଗମାର୍ଚ୍ଚ କରିଥିଲେ ।

# ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ପାଳନ




ବ୍ରହ୍ମପୁର, (ସବ୍ୟୁ) : ଶୁକ୍ରବାର ଦି ପିପୁଲସ ଟ୍ରଷ୍ଟ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୧ ତମ ବଳିଦାନ ଦିବସ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲଠାରେ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ଅଳି କିଶୋର ପଟ୍ଟନାୟକ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ଲକ୍ଷ୍ମଣ ନାୟକଙ୍କୁ ଜଣେ ମୁକ୍ତିଯୋଦ୍ଧା, ଦେଶ ପ୍ରେମୀ ଓ ଆଦିବାସୀଙ୍କ ମେସିହା ଥିଲେ ବୋଲି ବର୍ଣ୍ଣନା କରିଥିଲେ ।

ବ୍ରିଟିଶକୁ ହଟାଇ ଏକ ଶୋଷଣ ଓ କଷଣ ମୁକ୍ତ ସମାଜର ସ୍ୱପ୍ନ ଦେଖିଥିଲେ । ଯେଉଁଥିରେ ଆଦିବାସୀ ଭାଇଭଉଣୀ ସ୍ୱାଭିମାନରସହ ବଞ୍ଚିପାରିବେ । ଏଥିପାଇଁ ସେ ନିଜ ଜୀବନକୁ ବଳିଦାନ ଦେବାକୁ ମଧ ପଛାଇ ନ ଥିଲେ । କିନ୍ତୁ ୮୧ ବର୍ଷ ପରେ ମଧ ସେ ସ୍ୱପ୍ନ ପୂରଣ ହୋଇ ପାରିଲା ନାହିଁ । ସେ ଅପୁରଣୀୟ କାର୍ଯ୍ୟକୁ ପୂରଣ କରିବା ପାଇଁ କାର୍ଯ୍ୟ କରିବା ହିଁ ତାଙ୍କ ପାଇଁ ସର୍ବ ଶ୍ରେଷ୍ଠ ସମ୍ମାନ ହେବ ବୋଲି କହିଥିଲେ ।

ଅନ୍ୟ ମାନଙ୍କ ମଧ୍ୟରେ ବିଶିଷ୍ଟ ଲେଖିକା ବିଧୁ ପ୍ରଭା ରଥ ଓ ପୂର୍ବତନ ଚେୟାରମ୍ୟାନ କୈଳାସ ଷଡଙ୍ଗୀ ମଧ୍ୟ ଶହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ । ଏହି ଆଲୋଚନା ସଭାରେ ପିପୁଲସ ଟ୍ରଷ୍ଟର ଅଧ୍ୟକ୍ଷ ଯୁଧିଷ୍ଠିର ବେହେରା ଅଧ୍ୟକ୍ଷତା କରିଥିଲେ । ସକାଳେ ଟ୍ରଷ୍ଟ ପକ୍ଷରୁ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା ।

# ବନୀକରଣ ବାଟବଣା : ବଢୁଛି ପ୍ରଦୂଷଣ, ଉତ୍ତାପ, ଜଳକଷ୍ଟ



ତାଳଚେର , (ସବ୍ୟୁ) : ତାଳଚେର ବନବିଭାଗ ପକ୍ଷରୁ ବର୍ଷାଋତୁ ପ୍ରାରମ୍ଭରେ ବିଭିନ୍ନ ଯୋଜନାରେ ଭିନ୍ନଭିନ୍ନ ସ୍ଥାନରେ ବନିକରଣ କରାଯାଇଥିବା ବେଳେ ଏହି ବନିକରଣ ପ୍ରକ୍ରିୟା କେଉଁଠାରେ ବାଟବଣା ହେଉଛିତ ଆଉ କେଉଁଠି ରକ୍ଷଣବେକ୍ଷଣା ଅଭାବରୁ ତାହା ଆଜି ନିଶ୍ଚିହ୍ନ ହେବାକୁ ବସିଛି ବୋଲି ପରିବେଶବିତ ମାନେ ଅଭିଯୋଗ କରିଛନ୍ତି । ତାଳଚେର ଏକ ଶିଳ୍ପସମୃଦ୍ଧ ଅଂଚଳ ହୋଇଥିବାରୁ ଏଠାରୁ କ୍ରମଶଃ ବିଭିନ୍ନ କଳକାରଖାନାରେ ହଜାର ହଜାର ସଂଖ୍ୟକ ଶାଳ, ପିଆଶାଳ, ଡ଼ିମିରି, କଦମ୍ବ, ଲିମ୍ବ, ଆମ୍ବ, ଦେବଦାରୁ, କରଞ୍ଜ, ଶାଗୁଆନ୍, ଗମ୍ଭାରୀ, କେନ୍ଦୁ ଓ ବିଭିନ୍ନ ଔଷଧୀୟ ବୃକ୍ଷ ଆଜି ଧ୍ୱଂସ ପାଇଛି । ଏପରିକି, ବଡ଼ବଡ଼ ଜଙ୍ଗଲ ମଧ ଏଥିରୁ ବାଦ୍ ପଡ଼ିନାହିଁ । ଯାହା ଫଳରେ ତାଳଚେରର ତାପମାତ୍ରା ବୃଦ୍ଧି ସହିତ ଜଳସ୍ତର ନିମ୍ନଗାମୀ ଓ ବ୍ୟାପକ ପ୍ରଦ୍ୟୁଷଣରେ ଆଜି ଅଂଚଳବାସୀ ଜର୍ଜରିତ ହେଉଥିବା ବେଳେ କିଛି ଅସାଧୁ ବନକର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ବନିକରଣ ହେଉଛି ଏଠାରେ ବାଟବଣା ବୋଲି ଅଭିଯୋଗ ହେଉଥାଏ ।

ଦେଖିବାକୁ ଗଲେ ଯେଉଁ ହାରରେ ବନବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରାଯାଇଥାଏ ଏବେ ସେହି ଜାଗାରେ ଆଉ ଗଛଟିଏ ଦେଖିବାକୁ ମିଳିନଥିବା ବେଳେ ଆଉଁ କେଉଁଠାରେ କେବଳ କାଗଜପତ୍ରରେ ବୃକ୍ଷ ରୋପଣ ସୀମିତ ରହିଥାଏ ବୋଲି କୁହାଯାଇଥାଏ । ତେବେ ଏହାକୁ ଆଧାରକରି ସୂଚନା ଅଧିକାର ଆଇନ୍‌ବଳରେ ଜଣାଯାଏ ୨୦୧୭-୧୮ରେ ଜିଲ୍ଲା ଖଣିଜପାଣ୍ଠିରୁ ତାଳଚେର ବନାଚଂଳ ଅନ୍ତର୍ଗତ କଣିହାଁ ବ୍ଲକ ବିଜିଗୋଳ, ଡ଼େରେଙ୍ଗ ଓ ତାଳଚେର ନିଜଗଡ଼ ଟାଉନ୍ ଅଂଚଳରେ ୫ହଜାର ଲେଖାଏଁ ମୋଟ ୧୫ହଜାର ବୃକ୍ଷ ପ୍ରାୟ ୬୭.୫୯୯୩୭ ଲକ୍ଷଟଙ୍କା ବିନିଯୋଗରେ ଚାରା ରୋପଣ କରାଯାଇଥିଲା । ସେହିଭଳି କଣିହାଁ ଡ଼େରେଙ୍ଗ ଡ଼୍ୟାମ ଅଂଚଳରେ ୫ହଜାର, ତାଳଚେର ଅଂଚଳର ଗୁରୁଜାଙ୍ଗ ମୌଜାରେ ୮ହଜାର ଓ ତାଳଚେର ବ୍ଲକ ରୁଢ଼ାସର୍ ମୌଜାରେ ୭ହଜାର ବୃକ୍ଷ ପ୍ରାୟ ୮୪.୯୪୦୮୨୨ ଟଙ୍କା ଖର୍ଚ୍ଚ କରାଯାଇଛି ।

୨୦୧୮-୧୯ରେ ଡ଼େରେଙ୍ଗ ଡ୍ୟାମ ଅଂଚଳରେ ୧୦ହଜାର ବୃକ୍ଷ, ତାଳଚେର ବ୍ଲକ ଡ଼େରା ଅଂଚଳରେ ୧୦ହଜାର ବୃକ୍ଷ, ଏନଟିପିସି ତେଲିସିଙ୍ଗା ଅଂଚଳରେ ୫ହଜାର ବୃକ୍ଷ ଓ କମରେଇ ଅଂଚଳରେ ୧୫ହଜାର ବୃକ୍ଷ ସର୍ବମୋଟ ୧୬୫.୪୪୫୯ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ଦର୍ଶାଯାଇଛି । ୨୦୧୯-୨୦ ବର୍ଷରେ ଛେଣ୍ଡିପଦା ଆରଏଫ୍ ୧୦ହଜାର ବୃକ୍ଷ ଓ ପୁନଶ୍ଚ ସେହି ଅଂଚଳରେ ୬ହଜାର ବୃକ୍ଷ, ତାଳଚେର ବ୍ଲକର ଡେରା ଅଂଚଳରେ ୧୦ହଜାର ବୃକ୍ଷ ଓ ବିଜିଗୋଳ ଅଅଂଚଳରେ ୫ହଜାର ବୃକ୍ଷ ଏପରି ଜିଲ୍ଲା ଖଣିଜପାଣ୍ଠିରୁ ସର୍ବମୋଟ ୧୫୨.୦୪୪୧ ଲକ୍ଷଟଙ୍କା ବିନିଯୋଗ କରାଯାଇ ବୃକ୍ଷରୋପଣ କରାଯାଇଛି । ସେହିଭଳି ୨୦୨୦-୨୧ରେ ଜିଲ୍ଲା ଖଣିଜପାଣ୍ଠିରୁ ତାଳଚେର ଡ଼େରେଙ୍ଗ ଡ଼୍ୟାମ ଅଂଚଳରେ ୧୦ହଜାର ବୃକ୍ଷ, ତାଳଚେର ବ୍ଲକ କଙ୍କିଳି ଅଂଚଳରେ ୭ହଜାର, ସରେଇଲ ଗ୍ରାମାଚଂଳରେ ୬ହଜାର ବୃକ୍ଷ, ଗୋପାଳ ପ୍ରସାଦ ଅଂଚଳରେ ୧୨ହଜାର ଓ ଚିତଲପୁର ଅଂଚଳରେ ୨୧ହଜାର ବୃକ୍ଷ ୨୧୯.୮୯୪୬ ଲକ୍ଷ ଟଙ୍କା ବିନିଯୋଗ କରାଯାଇ ବୃକ୍ଷ ରୋପଣ କରାଯାଇଥିବା ସୂଚନା ଆଇନ ଅନୁଯାୟୀ ତଥ୍ୟରୁ ଜଣାପଡ଼ିଛି ।

ତେବେ ଯଦି ଏତେ ସଂଖ୍ୟକ ଚାରା ରୋପଣ କରାଯାଇଛି ବୋଲି ଦର୍ଶା ଯାଇଛି ତେବେ ଏଅଂଚଳରେ ବ୍ୟାପକ ଜଙ୍ଗଲ ସୃଷ୍ଟି ହେବା ପରିବର୍ତେ ଆଜି ତାହା ସବୁ ପଦା ହୋଇ ଗଛ ବିହୀନ ମରୁଭୂମି ପାଲଟିଛି ବୋଲି ପରିବେଶବିତ୍ ମାନେ ଏହା ପ୍ରଶ୍ନ ଉଠାଇଛନ୍ତି । ତେବେ ଶିଳ୍ପାଚଂଳ ଯୋଗୁଁ ତାଳଚେର ଅଂଚଳର ଲୋକ ଉତାପ ସହିତ ଜଳକଷ୍ଟ ନେଇ ତ୍ରାହି ତ୍ରାହି ଡ଼ାକ ଦେଇଥିବା ବେଳେ ଏପରିକି, ପଶୁପକ୍ଷୀମାନେ ମଧ ଜଙ୍ଗଲ ନଥିବାରୁ ଏମାନଙ୍କ ସଂଖ୍ୟା ଲୋପ ପାଇ ପରିବେଶ ନିଜର ସନ୍ତୁଳନ ହରାଇ ବସିଛି ବୋଲି କୁହାଯାଉଛି । ତେବେ ଏହାର ବିଧିବଦ୍ଧ ତଦନ୍ତ କରାଗଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିପାରନ୍ତା ବୋଲି କୁହାଯାଉଛି ।

# ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୩ ଇଂଜିନିୟରିଂ କଲେଜ ଛାତ୍ର ଗୁରୁତର




ବରଗଡ,(ସବ୍ୟୁ):ବରଗଡ଼ ଘୁଲିପାଲି ଛକରେ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ତିନିଜଣ ଇଞ୍ଜିନିୟରିଂ ଛାତ୍ର ଗୁରୁତର ଆହତ ହୋଇଛନ୍ତି । ଆହତ ମାନେ ହେଲେ ବାଲେଶ୍ୱର ବାହାନଗା ବ୍ଲକ ଦୀପକ ମଲ୍ଲିକ, ଗଞ୍ଜାମ ବେଲଗୁଣ୍ଠା ବ୍ଲକର ଶୁଭମ ପ୍ରଧାନ, ଆଉ ଜଣେ ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ମାନସ କୁମାର ବୋଲି ଜଣାପଡିଛି । ତିନିଜଣ ଯାକ କଳାହାଣ୍ଡି ସରକାରୀ ଇଂଜିନିୟରିଂ କଲେଜର ଛାତ୍ର ହୋଇଥିବା ବେଳେ ଗତ ଗୁରୁବାର ଦିନରୁ ସେମାନେ ସମ୍ବଲପୁର ସମଲେଇ ମନ୍ଦିର ଦର୍ଶନ ତଥା ପାଇକମାଲ ସ୍ଥିତ ନୃସିଂହନାଥ ମନ୍ଦିର ଦର୍ଶନ କରିବା ପାଇଁ ବାହାରି ଥିଲେ । ଶୁକ୍ରବାର ବରଗଡ଼ ଘୁଲିପାଲି ଛକରେ ଏକ ଟ୍ରକ ସହିତ ବାଡେଇ ହୋଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ । ଠିକ ସେହି ସମୟରେ ସଂକଳ୍ପ ପରିବାରର ସଦସ୍ୟ ବିକାଶ ଅଗ୍ରୱାଲ ଦୁର୍ଘଟଣା ହୋଇଥିବା ଯୁବକ ମାନଙ୍କୁ ଦେଖି ସଙ୍ଗେ ସଙ୍ଗେ ୧୦୮ ଆମ୍ବୁଲାନ୍ସ ଓ ଅଶୋକା ବିଲଡକନର ଏକ ଆମ୍ବୁଲାନ୍ସ ସାହାଯ୍ୟରେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା କରିବା ପରେ ଜଣକର ଗୋଡ଼ ଓ ଅନ୍ୟ ଦୁଇ ଜଣ ଯୁବକଙ୍କ ହାତ ଭାଙ୍ଗିବା ସହିତ ଶରୀରର ଅନ୍ୟ ସ୍ଥାନରେ ମଧ କ୍ଷତ ହୋଇଥିବାରୁ ତାଙ୍କୁ ବିଭାଗୀୟ ଡାକ୍ତର ଭୀମସାର ବୁର୍ଲାକୁ ସ୍ଥାନାନ୍ତରଣ କରିଥିଲେ। ବର୍ତମାନ ବିକାଶଙ୍କ ସହିତ ସଂକଳ୍ପ ପରିବାରର ସଦସ୍ୟ ଶେଷଦେବ ପଧାନ, ବନ୍ତ ପଧାନ ,ସୁମନ୍ତ ,ନିଲେସ , ଅକ୍ଷୟ ମିଶ୍ର ମିଶି ଭୀମସାର ବୁର୍ଲା କୁ ତିନିଜଣ ଯାକ ଯୁବକଙ୍କୁ ନେଇଛନ୍ତି ଓ ଭୀମସାର ଆଶୁ ଆରୋଗ୍ୟ ବିଭାଗରେ ଚିକିତ୍ସା ଚାଲିଛି ।

# ବିପଦରେ ମହାନଦୀ, ପିଇବା ଓ ଗାଧୁଆ ଉପଯୋଗୀ ନୁହେଁ

ବଲାଙ୍ଗିର/ବୌଦ୍ଧ/ସୋନପୁର,(ସବ୍ୟୁ): କେବଳ ସମ୍ବଲପୁର କାହିଁକି, ସୋନପୁର, ବୌଦ୍ଧର ଚିତ୍ର ବି କିଛି କମ୍ ବିକଳ ନୁହେଁ। ନଦୀ କୂଳରେ କୁଢ଼ କୁଢ଼ ଆବର୍ଜନା। ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ପ୍ଲାଷ୍ଟିକ ଓ ଅନ୍ୟ ବର୍ଜ୍ୟବସ୍ତୁ ମହାନଦୀ ପ୍ରତି ବିପଦ ସୃଷ୍ଟି କରିଛି। ପ୍ରଦୂଷଣ ସଙ୍କଟ ପାଇଁ ବିପଦରେ ମହାନଦୀ। ଏହାର ଜଳର ମାନକୁ ନେଇ ଉଦବେଗ ପ୍ରକାଶ ପାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କ ସୂଚନା ଅନୁସାରେ ମହାନଦୀର ଜଳ ଅନେକ ସ୍ଥାନରେ ବ୍ୟବହାର ଅନୁପଯୋଗୀ ଓ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ଏଭଳି ସ୍ଥିତିରେ ମହାନଦୀକୁ ଅକାଳ ମୃତ୍ୟୁରୁ ରୋକିବାକୁ ବେଳ ଥାଉ ଥାଉ ପ୍ରଶାସନ ଯଥାଶୀଘ୍ର ଉଚିତ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ସମ୍ବଲପୁରର ମହାନଦୀ ଜଳ ଜଳ ଦିଶୁଛି ଜଳର ଦୁଃସ୍ଥିତି। ଫେବୃଆରୀରେ ସମ୍ବଲପୁରର ୪ଟି ସ୍ଥାନରୁ ମହାନଦୀ ଜଳ ନମୁନା ପରୀକ୍ଷା କରି ଏହାକୁ 'ସି' ଶ୍ରେଣୀଭୁକ୍ତ ଦର୍ଶାଇଥିଲା ରାଜ୍ୟ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ । ଅର୍ଥାତ ଏହା ବ୍ୟବହାର ଅନୁପଯୋଗୀ ଓ ଏଥିରେ ରହିଛି ଜଣ୍ଡିସ ସୃଷ୍ଟିକାରୀ ବ୍ୟାକ୍ଟେରିଆ। ପିଇବା ତ ଦୂରର କଥା



ଗାଧୁଆ ଯୋଗ୍ୟ ବି ନୁହେଁ। ହେଲେ ବାସ୍ତବ ସ୍ଥିତିକୁ ଦେଖିଲେ, ସଚେତନତା ଅଭାବରୁ ଏବେବି ଲୋକେ ନଈରେ ଗାଧୋଉଛନ୍ତି। ବାଲଟିରେ ପାଣି ବି ନେଉଛନ୍ତି।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ.ସତ୍ୟ ନନ୍ଦଙ୍କ କହିବା କଥା, ବାଲିବନ୍ଧା, ବୀଣାଖଣ୍ଡୀ ଓ ସଡ଼କଘାଟ ଠାରେ ମହାନଦୀରେ ସିଧାସଳଖ ମିଶୁଛି ଆବର୍ଜନା ପାଣି। ହୀରାକୁଦ ଡ୍ୟାମରେ ମିଶୁଛି ଶିଳ୍ପାନୁଷ୍ଠାନର ପ୍ରଦୁଷିତ ଜଳ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବାରୁ ନଦୀଧାର ସଂକୁଚିତ ହେବା ସହ ପ୍ରଦୂଷଣ ସ୍ଥିତି ଆହୁରି ସଂଗୀନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି। ବୌଦ୍ଧ ସହରର ନର୍ଦ୍ଦମା ପାଣି ନଦୀକୁ ନିଷ୍କାସନ ହେବା ଫଳରେ ପ୍ରଦୂଷଣର ମାତ୍ରା ଗମ୍ଭୀର ହେବାରେ ଲାଗିଥିବା ଅଭିଯୋଗ ହୋଇଛି। ମାଛ ଓ ଚିଙ୍ଗୁଡ଼ି ମାରିବା ପାଇଁ ମହାନଦୀରେ ନିୟମିତ ବ୍ଲାଷ୍ଟିଂ ଓ କୀଟନାଶକ ବ୍ୟବହାର ଫଳରେ ବହୁ ପ୍ରଜାତିର ମାଛ ଲୋପ ପାଇବାକୁ ବସିଲେଣି।

# ବଲାଙ୍ଗିରରେ ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କଲେ ମୁଖ୍ୟ ନିର୍ବାଚନ ଅଧିକାରୀ

ବଲାଙ୍ଗିର,(ସବ୍ୟୁ): ଆସନ୍ତା ସାଧାରଣ ନିର୍ବାଚନ ନିମନ୍ତେ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତ କରି ବଲାଙ୍ଗିର ଏବଂ ସୁବର୍ଣ୍ଣପୁର ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି । ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ବୈଠକରେ ସେ ମତଦାନ କେନ୍ଦ୍ର ଗୁଡିକରେ ପାନୀୟଜଳ , ବିଦ୍ୟୁତ , ଦିବ୍ୟାଙ୍ଗଙ୍କ ପାଇଁ ରାମ୍ପ, ଶୌଚାଳୟ, ଏବଂ ଖରାରୁ ବର୍ତ୍ତିବା ପାଇଁ ଶେଡ ଆଦିକୁ ଗୁରୁତ୍ୱ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପିଙ୍କ ବୁଥ , ହୋମ ଭୋଟିଂ , ବାଲାଟ ପେପର , ଭୋଟ ହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନ ପ୍ରକ୍ରିୟାକୁ ପ୍ରଯୁକ୍ତି ବ୍ୟବହାର ଦ୍ୱାରା ଆହୁରି ସରଳ କରିହେବ ବୋଲି ସୂଚନା




ଦେବାସହ ଆପ ବ୍ୟବହାର ଉପରେ ପର୍ଯ୍ୟାପ୍ତ କୁଶଳୀ ହେବାକୁ କହିଥିଲେ । ସି ଭିଜିଲ ଆପ ,ଆଦର୍ଶ ଆଚରଣ ବିଧି,ଖର୍ଚ୍ଚ ବିବରଣୀ ଟିମ , ଆଦି ଟିମ ଗୁଡିକର କାର୍ଯ୍ୟ ପଦ୍ଧତି ମଧ ସମୀକ୍ଷା ହୋଇଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ଜିଲ୍ଲାର ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ପୋଲିସ ଅଧିକାରୀଙ୍କ ସହ ବୈଠକ କରିଥିଲେ । ସମ୍ବେଦନଶୀଳ ବୁଥ ତଥା ମାଓ ପ୍ରବଣ ଅଞ୍ଚଳରେ ଚେକପୋଷ୍ଟ, ପୋଲିସ ପାଟ୍ରୋଲିଂ ଉପରେ ଅଧିକ ଧ୍ୟାନ ଦେବାକୁ କହିଥିଲେ । ଅବୈଧ କାରବାର, ଅବକାରୀ ଦ୍ରବ୍ୟ ରୋକିବାକୁ ଅଧିକ ଚେକପୋଷ୍ଟ ସହ ପୋଲିସ ମୁତୟନ ଜରୁରୀ ବୋଲି କହିଥିଲେ । ଲାଇସେନ୍ସ ବନ୍ଧୁକ ଜମା କରିବା ସହିତ ନିର୍ବାଚନକୁ ଅବାଧ , ମୁକ୍ତ ଓ ଶାନ୍ତିପୂର୍ଣ୍ଣ କରିବାକୁ ନିର୍ଦେଶ ଦେଇଥିଲେ । ସମସ୍ତ ଅଧିକାରୀ ନିଜ ଦାୟିତ୍ୱ ଶତ ପ୍ରତିଶତ ସଠିକ ଭାବେ ପାଳନ କରିବା ପାଇଁ କହିଥିଲେ । ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ମହାନ୍ତି, ଆରଡିସି ଶ୍ରୀକାନ୍ତ ପୃଷ୍ଟି ,ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ଗୌରବ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ, ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସ, ବଲାଙ୍ଗିର ଏସପି ଖିଲାରୀ ରିଷିକେଶ ଦ୍ୟାନଦେଓ, ଉଭୟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ଅଧିକାରୀ , ସମସ୍ତ ନିର୍ବାଚନ ସମ୍ବନ୍ଧୀୟ କମିଟି ଓ ସଂଯୁକ୍ତ ଅଧିକାରୀମାନେ ସାମିଲ ଥିଲେ। ଗସ୍ତରେ ମୁଖ୍ୟ ନିର୍ବାଚନ ଅଧିକାରୀ (ଷ୍ଟ୍ରଙ୍ଗ ରୁମ) ସରକାରୀ ଆଇଟିଆଇ ପରିଦର୍ଶନ କରିଥିଲେ ।

# ବିବାହ ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

ଜମନକିରା, (ସବ୍ୟୁ): ଜମନକିରା ଥାନା ଗୌଡପାଲି ଫାଣ୍ଡି ରେଙ୍ଗାଳପାଲି ଗାଁର ଜୈନେକ ଯୁବତୀକୁ ବିଭାଗର ପ୍ରତିଶ୍ରୁତି ଦେଇ ବାରମ୍ବାର ୪ ବର୍ଷ ଧରି ଦୁଷ୍କର୍ମ କରିବା ଅଭିଯୋଗରେ ପୋଲିସ ଶୁକ୍ରବାର କୋଆଗୋଲା ଗାଁର ପ୍ରଦୀପ ମାଝୀ (୨୯) କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦିଆଯାଇଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ଏନେଇ ଜମନକିରା ଥାନା କେସ ନ.୬୧/୨୪(୪୯୩/୩୭୬(୨)(ଏନ୍)୫୦୬ ରେ ଏକ ମାମଲା ରୁଜୁ କରାଯାଇଛି।

# ବାଇକ୍ ସହ ୧୭କିଗ୍ରା ଗଞ୍ଜେଇ ଜବତ, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅବକାରୀ ସଦର ପୋଲିସ ଏକ ବାଇକ ସହ ୧୭କିଗ୍ରା ଗଞ୍ଜେଇ ଜବତ କରିଛି । ଏହି ଅଭିଯୋଗରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ବେଆଇନ ଭାବେ ଗଞ୍ଜେଇ ଚୋରାଚାଲାଣ ହେଉଥିବା ଖବର ପାଇ ଅବକାରୀ ପୋଲିସ ବୁର୍ଲା ଚିପିଲିମା ଛକ ନିକଟରେ ଯାନବାହାନ ଯାଞ୍ଚ କରିଥିଲା । ଯାଞ୍ଚବେଳେ ବାଇକ ଗାଡି ନମ୍ବର(ଓଡି୧୫ଜେ-୩୭୦୬)ରୁ ଉପରୋକ୍ତ ଗଞ୍ଜେଇ ଜବତ ହୋଇଥିଲା । ଏନେଇ ୧୦୫/୨୪ରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଚିପିଲିମା ଅଞ୍ଚଳର ଆନନ୍ଦ ମେହେର(୨୮)ଙ୍କୁ ପୋଲିସ ଗିରଫ କରିଥିଲା । ଜବତ ଗଞ୍ଜେଇର ମୂଲ୍ୟ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି ।



# ତରଭା ଏନଏସି ବାଇପାସ୍ ରାସ୍ତାର ଦୁରାବସ୍ଥା ସୁଧୁରିବ କେବେ !



ତରଭା,(ସବ୍ୟୁ): ସୁବର୍ଣପୁର ଜିଲ୍ଲା ତରଭା ସହର ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ସହରର ଉଭୟ ପାର୍ଶ୍ୱରେ ଦୁଇଟି ବାଇପାସ୍ ରାସ୍ତା ରହିଛି । ଦେଖିବାକୁ ଗଲେ ଉଭୟ ରାସ୍ତାର ଅବସ୍ଥା ଠିକ ନୁହେଁ । ଗୋଟିଏ ବାଇପାସ୍ ଯେଉଁଟା ସାଇ ପେଟ୍ରୋଲ ପମ୍ପ ସାଇଟରେ ଯାଇଛି । ସେହି ରାସ୍ତା ବଡବନ୍ଧ ନିକଟ ଛକ ପାଖର ଅବସ୍ଥା କହିଲେ ନ ସରେ । ଆଜକୁ ବର୍ଷ ବର୍ଷ ଧରି ଏହି ରାସ୍ତା ଅବସ୍ଥା ଏଭଳି ହୋଇଛି ଯେ କୌଣସି ଛୋଟ ଗାଡି ଆଭଳି ମନେ ହୁଏ । ଖରା ବର୍ଷା ଶୀତ ସବୁଦିନ ଏହି ସ୍ଥାନରେ ୧୦/୧୨ ଫୁଟ ଚମଡାର ଗାତ ହୋଇ ଆଣ୍ଠୁଏ ପାଣି ଜମି ରହୁଛି । ଏହି ରାସ୍ତାରେ ଗାଡି ମଟର ଯିବା ତ ଦୂରର କଥା ଜଣେ ମଣିଷ ଯିବା ଆସିବା ମଧ୍ୟ କଷ୍ଟକର ହୋଇଥାଏ । ଏହି ସ୍ଥାନରେ ଅନେକ ସମୟରେ ଅନେକ ଦୁର୍ଘଟଣା ଘଟୁଥିବା ଉଦାହରଣ ରହିଛି । ସେହିପରି ଅପର ପାର୍ଶ୍ୱ ବାଇପାସ୍ କଲେଜ ଗେଟ ଛକ ଠାରେ ସାମାନ୍ୟ ବର୍ଷାରେ ପାଣିଭରି ରହୁଥିବା ଏବଂ ଗାତ ହୋଇଥିବା ବେଳେ ବାକି ଶୁଖିଲା ସମୟରେ ସେହି ଫଟା ରାସ୍ତା କ୍ରସର ଗୁଣ୍ଡ ଭରା ଧୂଳିରେ ଲୋକେ ଅଣ ନିଶ୍ୱାସୀ ହୋଇପଡୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି । ଯେତେ କହିଲେ ମଧ୍ୟ ଏହି ଉଭୟ ସ୍ଥାନର ସମସ୍ୟାର କୌଣସି ସମାଧାନ ହୋଇପାରୁନାହିଁ । ବର୍ଷ ବର୍ଷ ଧରି ଏପରି ପଡିରହିଛି, ଏହି ରାସ୍ତା ଦେଇ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ନିରଂଜନ ପୂଜାରି ଯାତାୟତ କରୁଛନ୍ତି । ରାସ୍ତାର ଅବସ୍ଥା ନେଇ ନିଜେ ମନ୍ତ୍ରୀ ଶ୍ରୀ ପୂଜାରୀ ଅନୁଭବ କରିଛନ୍ତି କି ନାହିଁ ବୁଝାପଡୁନାହିଁ ବୋଲି ବୁଦ୍ଧିଜିବୀ ମହଲରେ ପ୍ରଶ୍ନ ଉଠିଛି । ଯଦି ଅବଗତ ତାହେଲେ ରାସ୍ତା ଅବସ୍ଥାର ସୁଧାର ନେଇ ପ୍ରସାଶନ ପଦକ୍ଷେପ ନେଉ ନାହିଁ କାହିଁକି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି ।

# ଟ୍ରେନରୁ ଖସିପଡି ଦାଦନ ଶ୍ରମିକଙ୍କ ମୃତ୍ୟୁ

ସଇଁତଲା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ସଇଁତଲା ବ୍ଲକ ଆମ୍ବପାଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଭେରୁଆଁଭଟା ଗ୍ରାମର ଜନୈକ ଦାଦନ ଶ୍ରମିକ ଘରକୁ ଫେରୁଥିବାବେଳେ ଟ୍ରେନରେ କଟି ମୃତ୍ୟୁ ଘଟିଛି । ଗତ ତିନି ମାସ ତଳେ ଭେରୁଆଭଟା ଗ୍ରାମର ବୀରେନ୍ଦ୍ର ମାଝୀ (୪୦) ଦାଦନ ଖଟିବାକୁ ଗୁଜୁରାଟକୁ ଯାଇଥିଲେ । ଭେରୁଆଁଭଟା ଗ୍ରାମରେ ପ୍ରହରୀ ନାମଯଜ୍ଞ ହେବାକୁ ଥିବାରୁ ପରିବାର ଲୋକେ ପ୍ରହରୀ ଦେଖିବାକୁ ଆସିବା ପାଇଁ କହିଥିଲେ । ପରିବାର ଲୋକଙ୍କ ଅନୁରୋଧ କ୍ରମେ ଦୀର୍ଘ ତିନି ମାସ ପରେ ନିଜ ଭିଟାମାଟିକୁ ଟ୍ରେନ ଯୋଗେ ଫେରୁଥିଲେ । କୌଣସି କାରଣରୁ ଚଳନ୍ତା ଟ୍ରେନରୁ ଖସିପଡ଼ି ତାଙ୍କ ଦୁଇ ଗୋଡ଼ କଟିଯାଇ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ନିକଟବର୍ତ୍ତୀ ଡ଼ଙ୍ଗରଗଡ଼ (ରାଏପୁର) ରେଲୱେ ଜିଆରପି ପୋଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିଲେ । ବୀରେନ୍ଦ୍ରଙ୍କ ମୋବାଇଲରୁ ତାଙ୍କ ପରିବାର ସହ ଯୋଗାଯୋଗ କରି ଡୋଙ୍ଗରଗଡ଼ ଜିଆରପି ଘଟଣା ବିଷୟରେ ସୂଚନା ଦେଇଥିଲା । ପରିବାର ଲୋକ ଜାଣିବା ପରେ ରାଏପୁର ପହଞ୍ଚି ଏକ ଘରୋଇ ଆମ୍ବୁଲାନ୍ସରେ ନିଜ ଗ୍ରାମକୁ ବୀରେନ୍ଦ୍ରଙ୍କ ଶବ ଆଣି ଦାହ କରିଥିଲେ। ମୃତକଙ୍କ ପରିବାରରେ ତାଙ୍କ ବୃଦ୍ଧ ବାପା ରୋଗାଗ୍ରସ୍ତ ଅବସ୍ଥାରେ ଥିବା ବେଳେ ତାଙ୍କର ଦୁଇଗୋଟି ପୁତ୍ର ଅଛନ୍ତି । ସ୍ୱାମୀଙ୍କ ବିୟୋଗରେ ସ୍ତ୍ରୀ ଗୌରୀ ମାଝୀ ଘର ତଥା ପରିବାର କିଭଳି ଚଳାଇବେ ସେ ନେଇ ଭାଙ୍ଗି ପଡିଛନ୍ତି । ମୃତ ବୀରେନ୍ଦ୍ରଙ୍କ ପରିବାର ଅତ୍ୟନ୍ତ ଗରୀବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ପ୍ରଶାସନ ତରଫରୁ ଆର୍ଥିକ ସାହାଯ୍ୟ ଯୋଗାଇ ଦେବାକୁ ଭେରୁଆଁଭଟା ଗ୍ରାମବାସୀ ଦାବି କରିଛନ୍ତି ।

# ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

କୋରାପୁଟ,(ସବ୍ୟୁ): କୋରାପୁଟ ସଦର ମହକୁମାରେ ସହୀଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଛକରେ ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ ଓ ଅଲୋମନି ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର, ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ ଉପ ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରା,କୋରାପୁଟ ବିଡିଓ ଦେବାଶିଷ ଗୌଡ, ଜିଲ୍ଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଏଚଆରଏମଏସ ସଂଯୋଜକ ସଚ୍ଚିଦାନନ୍ଦ ସାମନ୍ତରାୟ,କୋରାପୁଟ ପୌର ପରିଷଦ ନିର୍ବାହୀ ଅଧିକାରୀ ଦୁତିକୃଷ୍ଣ ପାତ୍ର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପଦ୍ମନାଭ ସେଠୀ, ଅଧାପକ ରବି ଶତପଥି,ସମାଜସେବୀ କାମାକ୍ଷା ପ୍ରସାଦ ମାଝୀ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କୋରାପୁଟ ବସଷ୍ଟାଣ୍ଡ ରେ ସ୍ଥାପିତ ସହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି ରେ ବ୍ୟକ୍ତି ବିଶେଷମାନେ ଯୋଗଦେଇ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। କୋରାପୁଟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ସୀସା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କାର୍ଯ୍ୟାଳୟର ସତ୍ୟ ନାରାୟଣ ପ୍ରଧାନ, ଏ.କେ.ବେହେରା ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କୁ ଖଣ୍ଡାରେ ମରଣାନ୍ତକ ଆକ୍ରମଣ

ବୌଦ୍ଧ,(ସବ୍ୟୁ): ସ୍ଥାନୀୟ ନୂଆସାହିଠାରେ ଶୁକ୍ରବାର ସନ୍ଧ୍ୟାରେ ଜଣେ ମହିଳାଙ୍କୁ ପ୍ରାଣାନ୍ତକ ଆକ୍ରମଣ ହୋଇଛି। ସୂଚନା ମୁତାବକ, ସନ୍ଧ୍ୟାରେ ୫ ଜଣ ମହିଳା କଚେରିପଡ଼ିଆ ପାର୍ଶ୍ୱରେ ବୁଟୁପାଲି ଅଭିମୁଖେ ଚାଲିଚାଲି ଯାଉଥିଲେ। ହଠାତ୍ ଜଣେ ଅଜଣା ବ୍ୟକ୍ତି ଜିଲ୍ଲା ନ୍ୟାୟାଳୟ ସାମ୍ନାରେ ପଛପଟୁ ଆସି ଏକ ଖଣ୍ଡା ଧରି ଗୋଡ଼ାଇଥିଲା। ତାକୁ ଦେଖି ମହିଳାମାନେ ଦୌଡ଼ି ପଳେଇବାକୁ ଉଦ୍ୟମ କରିଥିଲେ। କିନ୍ତୁ, ଜଣେ ମହିଳା ଆକ୍ରମଣର ଶିକାର ହୋଇଥିଲେ। ସେ ହେଲେ ବୁଟୁପାଲିର ପ୍ରିୟଙ୍କା ସେଠ୍। ତାଙ୍କ ହାତ ଓ ମୁଣ୍ଡରେ ଖଣ୍ଡା ଚୋଟ ପଡ଼ିଥିବା ବେଳେ ନିକଟରେ ଥିବା ଏକ ଦୋକାନକୁ ପଶିଯାଇ ଜୀବନ ରକ୍ଷା କରିଥିଲେ। ଦୁର୍ବୃତ୍ତ ଜଣକ ସେଠାରୁ ଫେରାର୍ ମାରିଥିଲା। ସ୍ଥାନୀୟ ଲୋକେ ଗୁରୁତର ମହିଳାଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଡାକ୍ତରଖାନା ପଠାଇଥିଲେ। କିନ୍ତୁ ତାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ବିଜେଡିରେ ମିଶିଲେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂହ ଭୋଇ

ସଇଁନ୍ତଳା,(ସବ୍ୟୁ): ଗୁରୁବାର କଂଗ୍ରେସରୁ ଇସ୍ତଫା ଦେଇଥିବା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂହ ଭୋଇ ଶୁକ୍ରବାର ଭୁବନେଶ୍ୱରରେ ବିଜେଡିରେ ମିଶିଛନ୍ତି। ଶଙ୍ଖ ଭବନରେ ହୋଇଥିବା ମିଶ୍ରଣ ପର୍ବରେ ତାଙ୍କ ସହିତ ୧୨ ଜଣ ସରପଞ୍ଚ, ୧୩ ଜଣ ସମିତି ସଭ୍ୟ ଓ ବହୁ କର୍ମୀ ବିଜେଡିରେ ଯୋଗ ଦେଇଥିଲେ। ଶ୍ରୀ ସିଂହ ଭୋଇ ତିନି ଥର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେ କଂଗ୍ରେସ ଟିକେଟରେ ଦୁଇ ଥର ସଇଁତଳା ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଥରେ ଟିଟିଲାଗଡ଼ରୁ ନିର୍ବାଚିତ ହୋଇଥିଲେ। ଶ୍ରୀ ଭୋଇ ୧୯୯୫ ଓ ୨୦୦୪ରେ ସଇଁତଳାରୁ ଏବଂ ୨୦୦୯ରେ ଟିଟିଲାଗଡ଼ରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୪ ଓ ୨୦୧୯ରେ ସେ ବିଜେଡିର ଟୁକୁନି ସାହୁଙ୍କଠାରୁ ପରାସ୍ତ ହୋଇଥିଲେ।



ବିଜେଡିରେ ଯୋଗ ଦେଇଥିବା ସୁରେନ୍ଦ୍ର ସିଂହ ଭୋଇଙ୍କୁ ବଲାଙ୍ଗିର ଲୋକସଭା ଆସନରୁ ପ୍ରାର୍ଥୀ କରାଯାଇପାରେ ବୋଲି ଚର୍ଚ୍ଚା ହେଉଛି। ମନ୍ତ୍ରୀ ଟୁକୁନି ସାହୁ, ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ଓ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ମିଶିଥିଲେ ଶ୍ରୀ ସିଂହ ଭୋଇ। ଏହା ସହିତ କଂଗ୍ରେସର ଅନ୍ୟତମ ବରିଷ୍ଠ ନେତା ଅସୀମ ପଟ୍ଟନାୟକ(ମଣ୍ଟୁ), ସୁଦାମ ସାହୁ ଓ ଯୁବନେତା ଚନ୍ଦ୍ରମଣୀ ତ୍ରୀପାଠୀ ମଧ୍ୟ ବିଜେଡ଼ିରେ ଯୋଗଦାନ କରିଥିଲେ । ଅସୀମ ପଟ୍ଟନାୟକ ଛାତ୍ର ସମୟରୁ କଂଗ୍ରେସରେ ରହି ବିଭିନ୍ନ ପଦପଦବୀରେ ରହିଥିଲେ । ଏହା ସହିତ ଜିଲ୍ଲା କଂଗ୍ରେସର ଉପସଭାପତି ପଦ ସମ୍ଭାଳିବା ସହ ଜଣେ ଦକ୍ଷ ସଙ୍ଗଠକ ଭାବେ ଜିଲ୍ଲାରେ ତାଙ୍କର ବେଶ ସୁନାମ ରହିଛି ।

# ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କଳାହାଣ୍ଡି, ନୂଆପଡା ଜିଲ୍ଲାର ସମୀକ୍ଷା

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଓ ନୂଆପଡା ଜିଲ୍ଲାରେ ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପ୍ରଶାସନ ପ୍ରସ୍ତୁତିକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଭବାନୀପାଟଣାରେ ସମୀକ୍ଷା କରିଛନ୍ତି । ସ୍ଥାନୀୟ କଳାହାଣ୍ଡି ଜିଲ୍ଲାପାଳଙ୍କ ସମ୍ମିଳନୀ ଗୃହରେ ଆୟୋଜିତ ସମୀକ୍ଷା ବୈଠକରେ ଆର ଡି ସି ସମ୍ବଲପୁର ଶ୍ରୀକାନ୍ତ ପୃଷ୍ଟି , ଦକ୍ଷିଣ ପଶ୍ଚିମାଞ୍ଚଳ ଡି ଆଇ ଜି ଚରଣ ସିଂ ମୀନା, କଳାହାଣ୍ଡି ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ,ନୂଆପଡା ଜିଲ୍ଲାପାଳ ହେମନ୍ତ କୁମାର ସା, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ମିହିର ପ୍ରସାଦ ମହାନ୍ତି , ସହକାରୀ ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରମୋଦ କୁମାର ସାହୁ , ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରଓ୍ୱାନ ଏବଂ ତ୍ରିଲୋଚନ ପାତ୍ର , ଉପ ଜିଲ୍ଲାପାଳ ଧର୍ମଗଡ ଧୀମନ ଚକମା , ଉପଜିଲ୍ଲାପାଳ ଭବାନୀପାଟଣା ବିଶ୍ୱଜିତ ଦାସ , ସି ଡି ଓ ଜିଲ୍ଲା ପରିଷଦ ଦୟାମୟ ପାଢୀଙ୍କ ସମେତ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ବିଭିନ୍ନ ନିର୍ବାଚନ ସମ୍ବନ୍ଧୀୟ କମିଟି ଓ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ । ପି ପି ଟି ମାଧ୍ୟମରେ ପ୍ରଦତ୍ତ ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲାରେ ୦୫.୦୧.୨୦୨୪ ସୁଦ୍ଧା ୧୧,୯୪,୭୫୭ ଜଣ ଭୋଟର ଥିବା ବେଳେ ପୁରୁଷ ଭୋଟର ୫,୯୯,୨୯୩ ଜଣ ଏବଂ ମହିଳା ଭୋଟର ୫,୯୫,୩୯୩ ଜଣ , ତୃତୀୟ ଲିଙ୍ଗ ୭୧ ଜଣ ଏବଂ ଦିବ୍ୟାଙ୍ଗ ୧୫,୯୨୭ ଜଣ ଅଛନ୍ତି । ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାରେ ମତଦାନ କେନ୍ଦ୍ର ମାନଙ୍କରେ ପାନୀୟ ଜଳ , ଆସବାପତ୍ର , ବିଦ୍ୟୁତ , ଦିବ୍ୟାଙ୍ଗମାନଙ୍କ ପାଇଁ ରାମ୍ପ , ଶୌଚାଳୟ , ପିଙ୍କ ବୁଥ, ହୋମ ଭୋଟିଂ , ବାଲାଟ ପେପର , ଭୋଟହାର ବୃଦ୍ଧି ଓ ନୂତନ ଭୋଟର ସଚେତନତା,ଇଭିଏମ ଓ ଭିଭିପାଟ ଉପରେ ଜନ ସଚେତନତା ଓ ନିର୍ବାଚନ ସଂଯୁକ୍ତ ଅଧିକାରୀଙ୍କୁ ତାଲିମ , ଭବାନୀପାଟଣା ସ୍ଥିତ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଏବଂ ଧର୍ମଗଡ ସ୍ଥିତ ପଞ୍ଚାୟତ




ମହାବିଦ୍ୟାଳୟରେ ଭୋଟ ଗଣତି କେନ୍ଦ୍ର,ବିତରଣ ଓ ଗ୍ରହଣ କେନ୍ଦ୍ରର ପ୍ଲାନିଂ , ପୋଲିସ ପ୍ଲାଟୁନର ଆବଶ୍ୟକତା, ସି ଭିଜିଲ ଆପର ବ୍ୟବହାର, ଆଦର୍ଶ ଆଚରଣ ବିଧି,ଖର୍ଚ୍ଚ ବିବରଣୀ ଟିମ ଓ ଅନ୍ୟାନ୍ୟ ଟିମର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଥିଲେ । ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଜିଲ୍ଲାରେ ୫ ଟି ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି ଉପରେ ପିପିଟି ମାଧ୍ୟମରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଥିଲେ । ସେଭଳି ନୂଆପଡା ଜିଲ୍ଲାପାଳ ହେମନ୍ତ କୁମାର ସା ପିପିଟି ମାଧ୍ୟମରେ ନୂଆପଡା ଓ ଖରିଆର ନିର୍ବାଚନ ମଣ୍ଡଳୀର ପ୍ରସ୍ତୁତି ଉପରେ ଅବଗତ କରିଥିଲେ । ପରେ ଦ୍ୱିତୀୟ ପର୍ଯ୍ୟାୟରେ ଦୁଇ ଜିଲ୍ଲାରେ ଆଇନ ଶୃଙ୍ଖଳା ସ୍ଥିତିକୁ ନେଇ ସୁରକ୍ଷା ଓ ପୋଲିସ ଅଧିକାରୀଙ୍କୁ ନେଇ ବୈଠକ କରିଥିଲେ । ବର୍ତ୍ତମାନ କଳାହାଣ୍ଡି ଜିଲ୍ଲାରେ ୧୪୦ ଟି ସମ୍ବେଦନଶୀଳ ବୁଥ ରହିଛି ଓ ୧୯୪ ଜଣ ପୋଲିସ ସେକ୍ଟର ଅଧିକାରୀ ନିୟୋଜିତ ଅଛନ୍ତି । ଛତିଶଗଡ ଜିଲାର ଧର୍ମଗଡ ସୀମାରେ ସିମଳା,କଦଳୀମୁଣ୍ଡା,ଗୋଲାମୁଣ୍ଡା ସୀମାରେ ଡୁମେର ପଦର, କୋକସରା ସୀମାରେ ବେହେରାଗୁଡା, ପାଇକପଡା ରେ ଅବୈଧ କାରବାରକୁ ରୋକିବା ଲାଗି ଚେକପୋଷ୍ଟ କରାଯାଇଛି । ସେଭଳି କନ୍ଧମାଳ , ବଲାଙ୍ଗିର, ରାୟଗଡା , ନୂଆପଡା, ଓ ନବରଙ୍ଗପୁର ସୀମାରେ ୧୩ ଟି ଅନ୍ତଃଜିଲ୍ଲା ଚେକ ପୋଷ୍ଟ କରାଯାଇଛି । ମଦ , ଗଞ୍ଜା ଓ ଅନ୍ୟାନ୍ୟ ନିଶାଦ୍ରବ୍ୟ , ଅବୈଧ ଟଙ୍କା କାରବାରକୁ ରୋକିବା ପାଇଁ ବ୍ୟବସ୍ଥା କରାଯାଇଛି । ସି ଇ ଓ ଶ୍ରୀ ଧଳ ଲାଇସେନ୍ସ ବନ୍ଧୁକ ଜମା କରିବା, ସୋସିଆଲ ମିଡିଆ ମନିଟରିଂ , ମାଓ ନିୟନ୍ତ୍ରଣ ଉପରେ ବିଭିନ୍ନ ପ୍ରଶ୍ନ ପୋଲିସ ଅଧିକାରୀଙ୍କୁ ପଚାରିଥିଲେ । ନିର୍ବାଚନକୁ ଅବାଧ, ମୁକ୍ତ ଓ ଶାନ୍ତିପୂର୍ଣ୍ଣ ଭାବରେ କରିବାକୁ ଜିଲ୍ଲାପାଳ,ଏସପି, ରିଟର୍ଣିଂ ଅଧିକାରୀ,ନୋଡାଲ ଅଧିକାରୀ ନିଜ ଦାୟିତ୍ୱକୁ ସଠିକ୍ ଭାବେ ପାଳନ କରିବାକୁ କହିଥିଲେ । ଭୋଟର ମାନେ ଯେଭଳି ସୁବିଧାରେ , ଶାନ୍ତିପୂର୍ଣ୍ଣ ଭାବରେ ମତଦାନ କରିବେ , ତା ଉପରେ ସମସ୍ତ ପ୍ରକାର ସୁବ୍ୟବସ୍ଥା କରିବା ପାଇଁ ନିଶ୍ଚିତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ନିଖୋଜ ନାବାଳକ ରେଲୱେ ଟ୍ରାକରୁ ଉଦ୍ଧାର

ସୋନପୁର,(ସବ୍ୟୁ): ସୋନପୁର ପଟାଭାଡ଼ି ଅଞ୍ଚଳରୁ ଗୁରୁବାର ନିଖୋଜ ହୋଇଥିବା ଏକ ୧୩ ବର୍ଷର ନାବାଳକ ଜିତୁ ପୂଟେଲକୁ ସୋନପୁର ପୋଲିସ୍ ସନ୍ଧ୍ୟାରେ ରେଲୱେ ଟ୍ରାକ ନରସିଂହ ଗଡ ଠାରୁ ଉଦ୍ଧାର କରି ପରିବାରକୁ ହସ୍ତାନ୍ତର କରିଛି । ଖବରରୁ ପ୍ରକାଶ ଯେ ପଟାଭାଡ଼ିରେ ମାମୁଁ ଘରେ ରହି ପାଠ ପଢୁଥିବା ଉକ୍ତ ବାଳକ ଜିତୁ ମାମୁଁ ଘର ସମ୍ପର୍କୀୟ ଛୁଆ ପିଲାଙ୍କ ସହ ସାମାନ୍ୟ ଗାଳି ଝଗଡ଼ା ହେବାରୁ ଘରୁ ଦିନ ୧୧ ଟାରେ ପଳାଇ ଯାଇଥିଲେ । ସୋନପୁର ରେଲୱେ ଟ୍ରାକରେ ଚାଲି ଚାଲି ଖମ୍ବେଶ୍ୱରୀ ପାଲି ନରସିଂହ ଗଡ ଯାଏ ଯାଉଥିବା ସମୟରେ ସୋନପୁର ପୋଲିସ୍ ଏ ଏସ ଆଇ ସୁଶୀଲ ବିଶିଙ୍କ ଟିମ ସନ୍ଧ୍ୟା ପାଟ୍ରୋଲିଂ ବେଳେ ଉକ୍ତ ନାବାଳକକୁ ଉଦ୍ଧାର କରି ଥାନାକୁ ଆଣିବା ପରେ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଥିଲେ । ପୋଲିସର କାର୍ଯ୍ୟକୁ ସ୍ଥାନୀୟ ଲୋକେ ତଥା ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି ।

**NAME CHANGE**

It is inform to the general public that I Ramesh Agrawal S/o-Radhe Shyam Agrawal age 59, resident of Ward No.10, Khariar Road, PS- Jonk, District Nuapada (Odisha) have changed my old name Ramesh Kumar Agrawal to Ramesh Agrawal. So, in future I should be recognized by my name that is Ramesh Agrawal S/o-Radhe Shyam Agrawal in all government and other documents.

**Sd/- Ramesh Agrawal**
**Ward No.10, Khariar Road, Dist- Nuapada.**

# ୫୦ କେଜି ଗଞ୍ଜେଇ ଜବତ, ଦୁଇ ଗିରଫ



ସୋନପୁର,(ସବ୍ୟୁ): ବେଆଇନ୍ ଚାଲାଣ ହେଉଥିବା ୫୦ କେଜି ଗଞ୍ଜେଇ ଜବତ କରିବା ସହ ଏକ କାର ଓ ୨ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ। ଏକ କାରରେ ସୋନପୁର ଦେଇ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଅବକାରୀ ବିଭାଗ ସୋନପୁର ପଟାଭାଡ଼ି ଛକରେ ଯାଞ୍ଚ ଆରମ୍ଭ କରିଥିଲା। ଏହି ସମୟରେ ଆସୁଥିବା ଓଡି ୦୫ ଟି-୯୭୩୬ କାରକୁ ଧରାଯାଇଥିବା ବେଳେ ଯାଞ୍ଚ କରାଯିବାରୁ ଉକ୍ତ କାର କାରରୁ ୫୦ କେଜି ଗଞ୍ଜେଇ ବାହାରିଥିଲା । କାରରେ ଥିବା ଅନୁଗୁଳ ଜିଲ୍ଲା କିଶୋରନଗର ଥାନା ଡୁରୁଡ଼ା ଗ୍ରାମର ଶରତ ନାଏକ (୩୮) ଏବଂ କରଡିଙ୍ଗାବାହାଲ ଗ୍ରାମର ରଞ୍ଜନ ସିଂହ (୩୯)ଙ୍କୁ ଅଟକ ରଖିଥିଲେ ଅବକାରୀ ବିଭାଗ । ପରେ ଏକ ମାମଲା ରୁଜୁ କରି ଉକ୍ତ ୨ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବ୍ୟବହୃତ କାରକୁ ମଧ ଜବତ କରାଯାଇଛି । ଅବକାରୀ ଅଧୀକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶରେ ଏହି ଚଢ଼ଉରେ ଅବକାରୀ ଇନ୍ସପେକ୍ଟର ପ୍ରକାଶ ସା, ଇନ୍ସପେକ୍ଟର ହରପ୍ରସାଦ ରଣା, ଏସ୍ଆଇ ସୁମିତ୍ରା ହେମ୍ବ୍ରମ, ଏସ୍ଆଇ ଶାନ୍ତନୁ ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ ।

# ପୋଲିସ ଇନଫର୍ମର ସନ୍ଦେହରେ ଯୁବକଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ସୀମାନ୍ତ ଛତିଶଗଡ଼ର ବିଜାପୁର ସୀମାରେ ମାଓବାଦୀ ପୁଣି ହଂସା ଘଟାଇଛନ୍ତି। ଜଣେ ଗ୍ରାମବାସୀଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଛନ୍ତି। ମୃତ ବ୍ୟକ୍ତି ହେଲେ ଅଶୋକ ତାଲାଣ୍ଡି। ସୂଚନା ଅନୁସାରେ ଭାମରାଗଡ଼ ଥାନା ଅଞ୍ଚଳର ଦାମରାଞ୍ଚା ଗ୍ରାମର ନିବାସୀ ଅଶୋକ ତାଲାଣ୍ଡି ନାମକ ବ୍ୟକ୍ତି ଗୁରୁବାର ରାତିରେ ପୋଲିସ ଇନଫର୍ମର ସନ୍ଦେହରେ ଗାଁରେ ବସି ତାକୁ ଘରୁ ଉଠାଇ ନେଇଥିଲେ । ପରେ ହତ୍ୟା କରି ତାକୁ ତାଡଗାଓଁ ଏବଂ ଭାମରାଗଡ ରାସ୍ତାରେ ଫିଙ୍ଗି ଦେଇଥିଲେ । ଶବ ନିକଟରେ ମାଓ ପୋଷ୍ଟର ଛାଡ଼ିକି ଯାଇଥିଲେ। ପୋଷ୍ଟରରେ ଅଶୋକ ପୁଲିସ ଇନଫର୍ମର ଭାବେ କାମ କରୁଥିଲା ବୋଲି ଉଲ୍ଲେଖ କରିଛନ୍ତି। ବାରମ୍ବାର ଚେତାବନୀ ପରେ ମଧ ସେ ସୁଧୁରି ନଥିଲା। ତେଣୁ ତାକୁ ମୃତ୍ୟୁଦଣ୍ଡ ଦିଆଯାଇଛି। ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଘଟଣାର ତଦନ୍ତ ଚାଲିଥିବା ବେଳେ ସୁରକ୍ଷାକର୍ମୀ ସେହି ଅଞ୍ଚଳରେ ସର୍ଚ୍ଚ ଅପରେସନ କରୁଥିବା ଜଣାପଡିଛି।

# କୁଡାସିଙ୍ଗାରୁ ଭାଲୁ ଛୁଆ ଉଦ୍ଧାର



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ବନ ଖଣ୍ଡ ପୁରୁଣା କଟକ ରେଞ୍ଜ କୁସଙ୍ଗ ସେକ୍ସନ ଅନର୍ଗତ ନୂଆ କୁଡାସିଙ୍ଗା ଜଙ୍ଗଲ ପାଖରୁ ଶୁକ୍ରବାର ଅପରାହ୍ନରେ ଏକ ଜଙ୍ଗଲୀ ଗାଡ଼ ଭାଲୁ ଉଦ୍ଧାର କରିଛି ବନ ବିଭାଗ । ସୂଚନା ମତେ ନିକଟସ୍ଥ ଜଙ୍ଗଲରୁ ଏକ ଗାଡ଼ ଭାଲୁ କୌଣସି ମତେ ଗାଁ ମୁହାଁ ହୋଇଥିବା ବେଳେ ଗ୍ରାମବାସୀଙ୍କ ନଜରରେ ଆସିଥିଲା । ପରେ ଗ୍ରାମବାସୀଙ୍କ ଠାରୁ ଖବର ମିଳିଲା ପରେ ବନ ବିଭାଗ ପହଁଚି ଭାଲୁକୁ ଉଦ୍ଧାର କରିଥିଲେ । ଉକ୍ତ ଭାଲୁଟି ରୋଗୀଣା ଥିବା ଜାଣି ତାକୁ ତୁରନ୍ତ ହରଭଙ୍ଗା ପ୍ରାଣୀ ସହାୟକ କେନ୍ଦ୍ର ନିକଟରେ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ବେଳେ ବର୍ତମାନ ଭାଲୁର ସ୍ୱାସ୍ଥ୍ୟ ଅବସ୍ଥା ସାମାନ୍ୟ ସ୍ଥିର ଥିବା ଜଣାପଡ଼ିଛି । କିନ୍ତୁ ଭାଲୁକୁ ନିୟମିତ ଭାବେ ତିନି ଚାରିଦିନ ଚିକିତ୍ସା କଲା ପରେ ସୁସ୍ଥ ଆସିଯାଇ ପାରେ ବୋଲି ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା, ପୃଷ୍ଟି ସୂଚନା ଦେଇଛନ୍ତି । ଅନ୍ୟପଟେ ଜଙ୍ଗଲୀ ଭାଲୁ ଉଦ୍ଧାର ସମୟରେ .କୁସଙ୍ଗ ବନପାଳ ଚିତ୍ତରଞ୍ଜନ ପ୍ରଧାନ, ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାସ, ବନରକ୍ଷୀ ମାନସ ସାହୁ, ରୋହିତ ମଳିକ ପ୍ରମୁଖ ଉପସ୍ଥିତ ଥିଲେ ।

# ୩ ବର୍ଷ ପରେ ବି ଅଙ୍ଗ ନଦୀ ସେତୁ ଅସମ୍ପୂର୍ଣ୍ଣ, ଭୋଟ ବର୍ଜନ ଚେତାବନୀ

ବଲାଙ୍ଗିର,(ସବ୍ୟୁ): ଆଗଲପୁର ବ୍ଲକ୍ ଅନ୍ତର୍ଗତ କୁଟାସିଂହା ପଞ୍ଚାୟତ । ବଲାଙ୍ଗିର ଜିଲ୍ଲାର ସୀମାନ୍ତ ତଥା ଅବହେଳିତ ଅଞ୍ଚଳ ଭାବେ ଜଣାଶୁଣା । କୁଟାସିଂହା ଓ ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅନ୍ତର୍ଗତ କପଶିର ମଧ୍ୟରେ ଅଙ୍ଗନଦି ପ୍ରବାହିତ । ଏହି ନଦୀରେ ଉଚ୍ଚ ସତୁ ନିର୍ମାଣ ପାଇଁ ଗତ ୨୦୧୯ ମାର୍ଚ୍ଚ ୭ ତାରିଖରେ ତତ୍କାଳୀନ ସାଂସଦ କଳିକେଶ ସିଂଦେଓ ଓ ପୂର୍ବତନ ବିଧାୟକ ଯୋଗେନ୍ଦ୍ର ବେହେରା ଭିତ୍ତିପ୍ରସ୍ତର ଦେଇଥିଲେ । ୩୫ କୋଟି ୯୩ ଲକ୍ଷ ୯୭ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ସେତୁ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣକାରୀ ସଂସ୍ଥାକୁ ଚୟନ କରାଯାଇଥିଲା। ୨୦୨୧ରେ ସେତୁ ନିର୍ମାଣ କାର୍ଯ ଆରମ୍ଭ ହୋଇଥିଲା । ମାତ୍ର ନିର୍ମାଣ କାର୍ଯ୍ୟ ଆରମ୍ଭର ୩ ବର୍ଷ ପରେ ବି ଅଙ୍ଗ ନଦୀର ସେତୁ ସମ୍ପୂର୍ଣ୍ଣ ହୋଇପାରିନାହିଁ । ଏହି ସେତୁ ସମ୍ପୂର୍ଣ ହେଲେ ବଲାଙ୍ଗିର ଜିଲ୍ଲାର ଆଗଲପୁର, ଲୋଇସିଂହା ବ୍ଲକର ସିଧାସଳଖ ସୋନପୁର ଜିଲ୍ଲାକୁ ଯାତାୟତ ହୋଇପାରିବ। ପ୍ରଶାସନ, ବିଭାଗୀୟ ଅଧିକାରୀ,ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଅବହେଳା ଯୋଗୁଁ କୁଟାସିଂହା ଅଙ୍ଗନଦୀର ସେତୁ ଅସମ୍ପୂର୍ଣ୍ଣ ଅବସ୍ଥାରେ ଥିବା ପୂର୍ବତନ ସରପଞ୍ଚ ନକୁଳ ପାତ୍ର ସହ ଅଞ୍ଚଳର ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି । ଉକ୍ତ ସେତୁ ପାଇଁ ଦରକାର୍ ପଡ଼ିଲେ ଗ୍ରାମ କମିଟିର ନିଷ୍ପତି କ୍ରମେ ଭୋଟ ବର୍ଜନ କରିବାକୁ ପଛାଇବୁ ନାହିଁ ବୋଲି ଶ୍ରୀ ପାତ୍ର ଜଣାଇଛନ୍ତି।

# କଂଗ୍ରେସରୁ ଉମାଶଙ୍କରଙ୍କ ଇସ୍ତଫା

ଦେବଗଡ,(ସବ୍ୟୁ): ଗତ ୨୦୧୯ ସାଧାରଣ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ତଥା ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ସମୁହ ଭାବେ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ଶୁକ୍ରବାର ପୂର୍ବାହ୍ନ ସମୟରେ ଉମାଶଙ୍କର ନିଜର ସହଯୋଗୀ ମାନଙ୍କୁ ନେଇ ଏକ ବୈଠକ କରିଥିଲେ । ବୈଠକରେ ସମସ୍ତଙ୍କ ସହ ଆଲୋଚନା କରିବା ପରେ ସେମାନ ସାମୁହିକ ଭାବେ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ଗତ ୨୦୧୯ ନିର୍ବାଚନରେ କଂଗ୍ରେସର ବିଧାୟକ ପ୍ରାର୍ଥୀ ଶ୍ରୀ ସାହୁଙ୍କ ସମେତ ଦେବଗଡ଼ ପୌରାଞ୍ଚଳ ଓ ସମସ୍ତ ୩ ବ୍ଲକର ୮୦ ପୂର୍ବତନ ଦଳୀୟ ପଦାଧିକାରୀଙ୍କ ସମେତ ୧୫୦ କଂଗ୍ରେସ କର୍ମୀଙ୍କ ସାମୁହିକ ଇସ୍ତଫା ଦେଇଛନ୍ତି । ସେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ କୁମାର ପଟ୍ଟନାୟକଙ୍କୁ ମେଲ କରି ଦଳରୁ ଇସ୍ତଫା ଦେଇଥିବା କହିଛନ୍ତି । ଶୁକ୍ରବାର ଦେବଗଡରେ ଏକ ଘରୋଇ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଉମା ଶଙ୍କର ସାହୁ ଏହି ଘୋଷଣା କରିଛନ୍ତି । ରାଜ୍ୟ କଂଗ୍ରେସ ଶୀର୍ଷ ନେତୃବୃନ୍ଦଙ୍କ ଦଳ ପରିଚାଳନାରେ ଅପାରଗତାକୁ ଦାୟୀ କରି ସେମାନେ ଇସ୍ତଫା ଦେଇଥିବା ସୂଚନା ଦେଇଛନ୍ତି । ଉମାଶଙ୍କରଙ୍କ ସଦଳବଳେ ଇସ୍ତଫା ଦେବା ପରେ ଦେବଗଡ ଜିଲ୍ଲା କଂଗ୍ରେସରେ ଏକ ବଡ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଛି।

# ବିଜେଡି ଛାଡ଼ି ବିଜେପିରେ ମିଶିଲେ ପୂର୍ବତନ ବିଧାୟକ ଧନେଶ୍ୱର ମାଝୀ

ନର୍ଲା,(ସବ୍ୟୁ): ବିଜେଡି ଛାଡ଼ି ଶୁକ୍ରବାର ବିଜେପିରେ ସାମିଲ ହୋଇଛନ୍ତି କଳାହାଣ୍ଡି ଜିଲ୍ଲାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଧନେଶ୍ୱର ମାଝୀ। ନର୍ଲା ବିଧାନସଭାରୁ ୫ଥର ନିର୍ବାଚିତ ଶ୍ରୀ ମାଝୀ ଆଜି ନିଜର ବହୁ ସମର୍ଥକଙ୍କ ସହ ବିଜେପିରେ ସାମିଲ ହୋଇଛନ୍ତି। ଶ୍ରୀ ମାଝୀ ରାଜ୍ୟସଭାର ପୂର୍ବତନ ସାଂସଦ ମଧ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଆୟୋଜିତ ମିଶ୍ରଣ ପର୍ବରେ ଶ୍ରୀ ମାଝୀଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ସ୍ୱାଗତ କରିଥିଲେ। ଶ୍ରୀ ମାଝୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି। ମୋଦି ସରକାର ଏବଂ ମୋଦି ଗ୍ୟାରେଣ୍ଟି ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ବୃଦ୍ଧି ପାଇ ଚାଲିଛି। ରାଜ୍ୟର ବିକାଶରେ ବଡ ବାଧକ ସାଜିଛି ବିଜେଡି। ବିଜେଡିରେ ଗଣତନ୍ତ୍ର ସଂପୂର୍ଣ୍ଣ ଧ୍ୱଂସ ପାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଶ୍ରୀ ମାଝୀ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଏବଂ ଭାରତୀୟ ଜନତା ପାର୍ଟି ପ୍ରତି ଦେଶବାସୀ ତଥା ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇ ଚାଲିଛି ।

# ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍କାଉଟ୍ସ ଓ ଗାଇଡ୍ସ କାମ୍ବୋରୀ



ଭବାନୀପାଟଣା,(ସବ୍ୟୁ):୨୯ତମ କଳାହାଣ୍ଡି ଜିଲ୍ଲା ଭାରତ ସ୍କାଉଟ୍ସ ଓ ଗାଇଡ୍ସ ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଉଦ୍ଘାଟିତ ହୋଇଯାଇଛି । ଏହି ଉତ୍ସବ ୨୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଚାଲିଥିବା ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ, ମୁଖ୍ୟ ବକ୍ତା ଜାତୀୟ ସ୍ତରର ପ୍ରଶିକ୍ଷକ ତ୍ରିନାଥ ଠାକୁର, ସମ୍ମାନୀତ ଅତିଥି ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣୀ ଜାନୀ, ଅନ୍ୟତମ ସମ୍ମାନୀତ ଅତିଥି ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ବଳରାମ ହରପାଳ, ଜିଲ୍ଲା କମିସନର ସ୍କାଉଟ୍ସ ମହେନ୍ଦ୍ର କୁମାର ପଣ୍ଡା ଏବଂ ଜିଲ୍ଲା କମିସନର ଗାଇଡ୍ସ ବିଷ୍ଣୁପ୍ରିୟା ନାଏକ ଯୋଗଦେଇଥିବା ବେଳେ ଏହି ସଭାରେ ଅଧକ୍ଷତା କରିଥିଲେ ଜିଲ୍ଲା ସ୍କାଉଟ୍ସ ଓ ଗାଇଡ୍ସର ସଭାପତି ଶାନ୍ତନୁ କୁମାର ବେହେରା । ଉତ୍ସବରେ ସାଙ୍ଗଠନିକ ସମ୍ପାଦକ ସାରଙ୍ଗଧର ଠାକୁର ସ୍ୱାଗତ ଭାଷଣ ପରେ ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ମିଶ୍ର ବିବରଣୀ ପଠନ କରିଥିଲେ । ଜି. ସ୍ୱାତୀ ମଞ୍ଚ ପରିଚାଳନା କରି କାର୍ଯ୍ୟକ୍ରମକୁ ଆଗକୁ ନେଇଥିଲେ । ଶେଷରେ ମୋନାଲିସା ରଥ ଧନ୍ୟବାଦ ଦେଇଥିଲେ । ଏହି କାମ୍ବରୀ ୩ ଦିନ ଧରି ଚାଲିଥିବା ଦ୍ୱିତୀୟ ଦିବସ ମୁଖ୍ୟ ଆକର୍ଷଣ ପ୍ରଦର୍ଶନୀ ଫୁଡ ଭିଲ୍ଲା ସହ ସ୍କାଉଟ ଗାଇଡ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୨ତମ ଶ୍ରାଦ୍ଧ ଦିବସ ପାଳିତ



ରାୟଗଡା,(ସବ୍ୟୁ): ରାୟଗଡା ଜିଲ୍ଲା ସଦର ମହକୁମାରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ୮୨ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଜାତୀୟ ରାଜପଥ ଶାସ୍ତ୍ରୀନଗର ଠାରେ ଅବସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ରୂପେ ଯୋଗଦାନ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ରଇତ,ଅତିରକ୍ତ ଏସପି ବିଷ୍ଣୁପ୍ରସାଦ ପାତ୍ର, ଜିଲ୍ଲା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପଜିଲ୍ଲାପାଳ କଲ୍ୟାଣୀ ସଂଘମିତ୍ରା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଦୀପ୍ତ କୁମାର ଦାଶ, ପୂର୍ବତନ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜଳନ୍ଧର ପୃଷ୍ଟିକା, ଶିକ୍ଷାବିତ୍ତ ଡ଼ଃ ଦୁଷ୍ମନ୍ତ କୁମାର ମହାନ୍ତି, ସ୍କୁଲ ଛାତ୍ର ଛାତ୍ରୀ, ସହୀଦ ଲକ୍ଷ୍ମଣ ନାୟକ ଯୁବକ ସଂଘର ସଭାପତି ଓ ସଦସ୍ୟ ମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡ଼ଃ ମହାନ୍ତି ନିଜର ବକ୍ତବ୍ୟରେ ସଂଗ୍ରାମୀ ସହୀଦ ଲକ୍ଷ୍ମଣ ନାୟକଙ୍କ ଅତୁଳନୀୟ ଅବଦାନ ଓ ସଂଗ୍ରାମ ଜୀବନ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ଶାସ୍ତ୍ରୀନଗର ଓ ଆର.ଏସ.ଇ.ଡବ୍ଲୁ.ସି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ବକ୍ତୃତା ପ୍ରତଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ଶ୍ରୀ ମହାଜନ ପୁରସ୍କୃତ କରିଥିଲେ । ଶେଷରେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ବସନ୍ତ କୁମାରପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅପସ୍ମାର ରୋଗର କାରଣ ଓ ନିରାକରଣ



ଡାକ୍ତର ସମୀର କିରୋ

ଏପିଲେପ୍ସି ବା ଅପସ୍ମାର ଏକ ସ୍ନାୟୁଜନିତ ପ୍ରମୁଖ ରୋଗ ଯାହାକି ଜନ୍ମ ହେବା ପର ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କ ଲୋକ ପର୍ଯ୍ୟନ୍ତ ସଭିଁଙ୍କ ଠାରେ ଦେଖାଯାଇଥାଏ। ଏହି ରୋଗରେ ମସ୍ତିଷ୍କର କୋଷିକା ଗୁଡ଼ିକ ଅତ୍ୟଧିକ ପରିମାଣରେ କାର୍ଯ୍ୟ କରିଥାଏ। ଯଦି ମସ୍ତିଷ୍କରେ କିଛି ବିଭ୍ରାନ୍ତ ଦେଖାଯାଏ ତା'ହେଲେ ରୋଗୀକୁ ଅପସ୍ମାର ରୋଗ ହୋଇଥାଏ । ଯଦି ଜଣେ ଲୋକକୁ ଗୋଟିଏ ଥରରୁ ଅଧିକ ଥର ବାତମାରେ ସେମାନଙ୍କୁ ଆମେ ଅପସ୍ମାର ରୋଗୀ ବୋଲି କହିଥାଉ ।

ଅପସ୍ମାର ରୋଗର ଭିନ୍ନ ଭିନ୍ନ କାରଣମାନ ଥାଏ । ଜନ୍ମ ହେବା ଶିଶୁର ଯଦି ମସ୍ତିଷ୍କରେ କିଛି ତ୍ରୁଟି ରହିଥାଏ ତା'ହେଲେ ତାକୁ ବାରମ୍ବାର ବାତ ମାରିଥାଏ । ଶୈଶବ ଅବସ୍ଥାରେ ଶିଶୁମାନଙ୍କୁ ଜ୍ୱର ହେଲେ ମଧ୍ୟ ବାତ ମାରିଥାଏ, ଯାହାକୁ ପିହୁଳା ରୋଗ କୁହାଯାଏ । ଅନ୍ୟ କାରଣ ମଧ୍ୟରେ ମସ୍ତିଷ୍କ ଭିତରେ ସଂକ୍ରମଣ (ଇନ୍‌ଫେକ୍‌ସନ) ହେବା, ମସ୍ତିଷ୍କ ଭିତରେ ଟ୍ୟୁମର ହେବା, ମସ୍ତିଷ୍କରେ ଆଘାତ ଲାଗିବା, ମସ୍ତିଷ୍କରେ ରକ୍ତ ଜମାଟ ବାନ୍ଧିବା ଇତ୍ୟାଦି ପ୍ରମୁଖ କାରଣ ଅଟେ । ବେଳେ ବେଳେ ଯଦି ବାପ, ମାଆଙ୍କ ଠାରେ କାହାକୁ ବାତ ରୋଗ ଥାଏ ତାଙ୍କ ଶିଶୁମାନଙ୍କ ଠାରେ ବାତରୋଗ ହେବାର ସମ୍ଭାବନା ଅଧିକ ଥାଏ । ବେଳେବେଳେ ଯଦି ଶରୀରରେ ରକ୍ତସର୍କରା ବା ସୁଗାର କମିଯାଏ, ଶରୀରରେ ଲବଣ ମାତ୍ରା କମିଯାଏ କିମ୍ବା ଅତ୍ୟଧିକ ମଦ୍ୟପାନ କଲେ ବାରମ୍ବାର ବାତ ମାରିଥାଏ ।

ବାତରୋଗ ଅନେକ ପ୍ରକାରର ଥାଏ । ମୁଖ୍ୟତଃ ବାତ ମାରିବା ସମୟରେ ରୋଗୀ ହଠାତ୍ ମୂର୍ଚ୍ଛା ହୋଇଯାଏ, ତା'ର ମୁହଁ ଗୋଟିଏ ପାର୍ଶ୍ୱକୁ ବଙ୍କା ହୋଇଯାଏ, ହାତଗୋଡ଼ ଜୋରରେ ଥରିବାକୁ ଲାଗେ ତଥା ହାତ ଗୋଡ଼ ଶକ୍ତ ହୋଇଯାଏ । ରୋଗୀ ତା'ର ଜିଭ ବେଳେବେଳେ କାମୁଡ଼ିଦିଏ ଏବଂ କିଛି କ୍ଷେତ୍ରରେ ଝାଡ଼ା ପରିସ୍ରା ମଧ୍ୟ ହୋଇଯାଇଥାଏ । ରୋଗୀର ଏହି ସ୍ଥିତିଟି ଦୁଇ ତିନି ମିନିଟ୍ ଭିତରେ ଠିକ୍ ହୋଇଯାଏ ଏବଂ ରୋଗୀ ପୁନଶ୍ଚ ସାଧାରଣ ଅବସ୍ଥାକୁ ଆସିଯାଇଥାଏ । ଏହିଭଳି ଅସୁବିଧା ରୋଗୀକୁ ବାରମ୍ବାର ହୋଇଥାଏ । ଅନ୍ୟ କିଛି ବାତ ରୋଗରେ ରୋଗୀ ହଠାତ୍ କଥାବାର୍ତ୍ତା ବନ୍ଦ କରିଦିଏ, ହାତ ଗୋଡ଼ରେ ଝଟକା ଅନୁଭବ କରେ।

ବାତରୋଗକୁ ଚିହ୍ନଟ କରିବାକୁ ହେଲେ ତିନୋଟି ପ୍ରମୁଖ ଉପାୟ ଅବଲମ୍ବନ କରିବାକୁ ପଡ଼ିଥାଏ । ପ୍ରଥମତଃ ପରିବାର ସଦସ୍ୟମାନଙ୍କ ଠାରୁ ବାତ ମାରିବା ସମୟରେ ରୋଗୀର ସମସ୍ତ ବିବରଣୀ ପଚାରି ଜାଣିବା ପରେ ଏହାର ଚିହ୍ନଟ ଅନେକ ସମୟରେ ସଠିକ୍ ଭାବରେ କରାଯାଇପାରେ। ଅନ୍ୟ ଦୁଇଟି ଉପାୟ ମଧ୍ୟରେ ବହୁ କ୍ଷେତ୍ରରେ ଇ.ଇ.ଜି. ଏବଂ ମସ୍ତିଷ୍କର ଏମଆରଆଇ ସ୍କାନିଂ ଦ୍ୱାରା ଏହାର ଚିହ୍ନଟ କରାଯାଇଥାଏ। ଯଦି କୌଣସି ରୋଗୀକୁ ହଠାତ୍ ବାତ ମାରେ ତେବେ ରୋଗୀକୁ ଗୋଟିଏ ସୁରକ୍ଷିତ ସ୍ଥାନରେ ଶୁଆଇ ଦିଅନ୍ତୁ ଯେପରିକି ତା'ର ଶରୀରରେ କିଛି ଆଘାତ ନ ଲାଗେ । ରୋଗୀର ବାତ ମାରିବା ସମୟରେ ତା'ର ନାକ ପାଟି ଆଦୌ ବନ୍ଦ କରନ୍ତୁ ନାହିଁ । ରୋଗୀର ପାଟିରେ ଚାମଚ୍, ଚାବି ଆଦି ଜିନିଷ କିଛି ପୁରାନ୍ତୁ ନାହିଁ । ବାତ ମାରିବା ସମୟରେ ରୋଗୀକୁ ଆଦୌ ପାଣି ପିଆନ୍ତୁ ନାହିଁ । ଯଦି ୩ରୁ ୫ମିନିଟ୍ ଭିତରେ ରୋଗୀ ଠିକ୍ ନ ହୁଏ ତା'ହେଲେ ତାକୁ ଅତିଶୀଘ୍ର ହସ୍ପିଟାଲ ନେଇଯାଆନ୍ତୁ।

ବାତରୋଗ ପାଇଁ ଚିକିତ୍ସା ପଦ୍ଧତି ମୁଖ୍ୟତଃ ଦୁଇ ପ୍ରକାର ହୋଇଥାଏ । ଗୋଟିଏ ମେଡ଼ିସିନ୍ ବା ଔଷଧିୟ ଉପଚାର ଅନ୍ୟଟି ଅପରେସନ ବା ସର୍ଜରୀ । ଶତକଡ଼ା ୭୦ ଭାଗ କ୍ଷେତ୍ରରେ ଔଷଧ ଦ୍ୱାରା ବାତରୋଗ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣରେ ରହିଥାଏ ବା କମିଯାଏ କିନ୍ତୁ ଶତକଡ଼ା ୩୦ ଭାଗ କ୍ଷେତ୍ରରେ ଅନେକ ଔଷଧ ଦେଲା ପରେ ବି ବାତରୋଗ ନିୟନ୍ତ୍ରଣ ହୋଇ ନଥାଏ ଏବଂ ରୋଗୀକୁ ଅପରେସନ୍ ବା ସର୍ଜରୀର ଆବଶ୍ୟକତା ପଡ଼ିଥାଏ । ବାତରୋଗରେ ରୋଗୀକୁ ବହୁତ ବର୍ଷ ଧରି ଔଷଧ ସେବନ କରିବାକୁ ପଡ଼ିଥାଏ । ତା' ସହିତ ବେଳେ ବେଳେ ଏହି ଔଷଧ ସେବନର ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥାଏ । ଏ କ୍ଷେତ୍ରରେ ଡ଼ାକ୍ତରଙ୍କ ପରାମର୍ଶ ଜରୁରୀ ଅଟେ । ତେଣୁ ଏ ସମସ୍ତ ଜିନିଷ ଗୁଡ଼ିକୁ ବୁଝି ଆପଣ ନିୟମିତ ଔଷଧ ସେବନ କରିବା ଆବଶ୍ୟକ ଅଟେ । ଶିଶୁମାନଙ୍କୁ ଯଦି ବହୁତ ଥର ବାତ ମାରେ ତା'ହେଲେ ତାଙ୍କର ମସ୍ତିଷ୍କର ଅଭିବୃଦ୍ଧି ଏବଂ ବୁଦ୍ଧିର ବିକାଶରେ ବ୍ୟାଘାତ ଦେଖାଯାଇଥାଏ । ଏଣୁ ନିୟମିତ ଔଷଧ ସେବନ କରି ବାତରୋଗକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ ଅଟେ । ବିବାହିତା ମହିଳାମାନଙ୍କୁ ଯଦି ବାତରୋଗ ଥାଏ ତେବେ ତାଙ୍କର ଗର୍ଭ ଧାରଣରେ ଏବଂ ଗର୍ଭସ୍ଥ ଶିଶୁ ଉପରେ ବାତ ରୋଗର ଔଷଧର ବହୁ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇଥାଏ । ତେଣୁ ମହିଳାମାନେ ଗର୍ଭଧାରଣ ପୂର୍ବରୁ ସ୍ନାୟୁରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରିବା ନିହାତି ଜରୁରୀ ଅଟେ । ବାତ ରୋଗ ଥିଲେ ଝିଅ ଏବଂ ପୁଅମାନେ ବିବାହ କରିବାରେ କିଛି ପ୍ରତିବନ୍ଧକ ନଥାଏ ।

ବିଶ୍ୱ ଅପସ୍ମାର ରୋଗ ଦିବସରେ ଜନସାଧାରଣଙ୍କୁ ଏହି ବାର୍ତ୍ତା ରହିବ କି, ଯାହାର ପରିବାରରେ ଫିଟ୍‌ସ ବା ଅପସ୍ମାର ରୋଗୀ ଅଛନ୍ତି ସେମାନଙ୍କ ପ୍ରତି ଆପଣ ଅଧିକ ଯତ୍ନବାନ ହୁଅନ୍ତୁ, ସେମାନଙ୍କୁ ଭଲ ପାଆନ୍ତୁ ଏବଂ ସେମାନେ ପ୍ରତ୍ୟେହ କିପରି ନିୟମିତ ଔଷଧ ସେବନ କରିପାରିବେ ସେଥିପ୍ରତି ଅଧିକ ଗୁରୁତ୍ୱ ଦିଅନ୍ତୁ। ସ୍ନାୟୁରୋଗ ବିଶେଷଜ୍ଞମାନଙ୍କର ପରାମର୍ଶକ୍ରମେ ନିୟମିତ ଔଷଧ ସେବନ କରିବା ଦ୍ୱାରା ରୋଗୀ ଯେପରି ବାତରୋଗ ମୁକ୍ତ ଜୀବନଯାପନ କରିପାରିବ ସେ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ।

**ଶିଶୁ ସ୍ନାୟୁରୋଗ ବିଭାଗ, ବୁର୍ଲା ମେଡିକାଲ କଲେଜ, ସମ୍ବଲପୁର**

# ନାଟ ନାଟୁଆ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ନାଟ୍ୟ ଅନୁଷ୍ଠାନ ସମନ୍ୱୟ ସମିତି, ନାଟ ନାଟୁଆ ପକ୍ଷରୁ ଜିଲ୍ଲା ସାମ୍ବାଦିକ ସଂଘର ମିଳିତ ସହଯୋଗରେ ସାମ୍ବାଦିକ ଭବନ ଠାରେ ବିଶ୍ୱ ନାଟ୍ୟ ଦିବସ ମହାସମାରୋହ ପାଳିତ ହୋଇଯାଇଛି । ବରିଷ୍ଠ ସାମ୍ବାଦିକ ଦୀପକ ପଣ୍ଡାଙ୍କ ସଭାପତିତ୍ୱ ସଭା ଆୟୋଜିତ ହୋଇଥିଲା। ପ୍ରସାର ଭାରତୀ (ଦୂରଦର୍ଶନ )ର ପ୍ରାକ୍ତନ ଉପ ମହା ନିର୍ଦ୍ଦେଶକ ବୈକୁଣ୍ଠ ପାଣିଗ୍ରାହୀ ମୁଖ୍ୟ ଅତିଥି , ସମ୍ବଲପୁର ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରାଧ୍ୟାପକ ଅଖିଳ ବିଶ୍ୱାଳ ମୁଖ୍ୟବକ୍ତା ଓ ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ସୁବାଷ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ଉମେଶ ପ୍ରସାଦ ରଥଙ୍କୁ ନାଟ୍ୟ ଭବଭୁତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ପ୍ରଚ୍ଛଦରେ ସୁନ୍ଦର ସଂଗୀତ ଦ୍ୱାରା ଅନେକ ନାଟକକୁ ସଫଳତା ଦେଇଥିବା ମହୁରି ବାଦକ ଦଶରଥ ମେହେରଙ୍କୁ ନାଟ୍ ନାଟୁଆ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥିସହ ସମ୍ବଲପୁର ସହରରେ ପ୍ରଥମ ଥର ପାଇଁ ଆୟୋଜିତ ସମ୍ବଲପୁରୀ ଧନୁଯାତ୍ରାର ନାଟ୍ୟକାର ବବଲୁ ବାଗଙ୍କୁ ମଧ ତାଙ୍କର ବିଶେଷ ସୃଷ୍ଟି ପାଇଁ ସମ୍ମାନିତ କରାଯାଇଥିଲା । ଯୁଗ୍ମ ସଂଯୋଜକ ଅତିଶ କୁମାର ଶତପଥି ସମ୍ବର୍ଦ୍ଧନା ପର୍ବକୁ ସଂଯୋଜନା କରିଥିଲେ । ସଂଯୋଜକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏଥିରେ କମଳ ଲୋଚନ ପଣ୍ଡା, ଯୋଗେଶ ନନ୍ଦ, ଲଳିତ ମୋହନ ବେବର୍ତ୍ତା, ପ୍ରଶାନ୍ତ ମାଝୀ, ବଳରାମ ହୋତା, ଆଶିଷ ସୋନାର, ଶଙ୍କର ବେହେରା, ମାନସ ମିଶ୍ର, ସୁକାନ୍ତ କର ଓ ଅଭିଷେକ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ ।

# 'ସୃଜନୀ ପରିବାର' ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ପାଳିତ



ଝାରସୁଗୁଡ଼ା,(ସବ୍ୟୁ): 'ସୃଜନୀ ପରିବାର' ଝାରସୁଗୁଡ଼ା ପକ୍ଷରୁ 'ବିଶ୍ୱ ନାଟ୍ୟ ଦିବସ' ଗତ ୨୭ ତାରିଖରେ ଅନୁଷ୍ଠାନର ଉପ ସଭାପତି ନରେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଦୀପ ପ୍ରଜ୍ୱଳନ ପରେ କମଳ ମହାନନ୍ଦଙ୍କ ସମଲେଶ୍ୱରୀ ବନ୍ଦନା ମାଲେଶରୀ ଗାନ କରିଥିଲେ । 'ଆଞ୍ଚଳିକ ଭାଷା ଓ ନାଟକ' ଆଲୋଚନା ଚକ୍ରରେ ନରେନ୍ଦ୍ର ପଣ୍ଡା,ପଦ୍ମନାଭ ମାଳି,କେବଳ ମିଶ୍ର,ଶଙ୍କର ପୋଢ଼, ଅଧ୍ୟାପିକା ମନ୍ଦାକିନୀ ଶତପଥୀ, ସନ୍ତୋଷ ଦାସ ମତବ୍ୟକ୍ତ କରିଥିଲେ । ପ୍ରମୋଦ ମେହେର ସଭା ପରିଚାଳନା କରିଥିବା ବେଳେ ଶଶୀ ତିୱାରୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରତିମା ବାଗ,ଲୀନା ଚାନ୍ଦ,ରୂପକ ବାରିକ ଓ ମୁନ୍ନା ମେହେର ଆଦି ଅନୁଷ୍ଠାନର ସଦସ୍ୟବୃନ୍ଦ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଶଶୁରଙ୍କୁ ହତ୍ୟା କଲା ଜ୍ୱାଇଁ, ଅଭିଯୁକ୍ତ ଫେରାର

କୋରାପୁଟ,(ସବ୍ୟୁ): ଜ୍ୱାଇଁର ଛୁରାମାଡ଼ରେରେ ଶଶୁରଙ୍କ ଜୀବନ ଗଲା। ଜ୍ୱାଇଁ ସାତୁ ପ୍ରାସ୍କା ଶଶୁର ରାମଚନ୍ଦ୍ର ଉଲ୍ଲାକାଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଗୁରୁବାର ରାତିରେ। ନାରାୟଣପାଟଣା ବ୍ଲକ ବାସନାପୁଟ ଗାଁରେ ଘଟିଛି ଏହି ଘଟଣା। ଏନେଇ ପରିବାର ଲୋକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଏଣେ ରାମଚନ୍ଦ୍ର ଉଲ୍ଲାକା ନିଜ ଆଠ ମାସର ଗର୍ଭବତୀ ଝିଅକୁ ଡାକ୍ତରଖାନାରେ ଚିକିତ୍ସା କରିବାକୁ ଆଣିଥିଲେ। ଏହାକୁ ନେଇ ଜ୍ୱାଇଁ ରାଗିଯାଇ ଶଶୁର ରାମଚନ୍ଦ୍ର ଉଲ୍ଲାକାଙ୍କୁ ଛୁରାମାଡ଼ କରିଥିଲା। ଏଥିରେ ତାଙ୍କର ପ୍ରାଣହାନି ଘଟିଥିଲା। ନାରାୟଣପାଟଣା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ଅଭିଯୁକ୍ତ ଫେରାର ଥିବା ଜଣାଯାଇଛି।

## ବିନା ସୂଚନା ଫଳକରେ ନବନିର୍ମାଣ କୋଠା

# ନିମ୍ନମାନର ସାମଗ୍ରୀ ବ୍ୟବହାର ଅଭିଯୋଗ



ନର୍ଲା,(ସବ୍ୟୁ) :ନର୍ଲା ଚପଟଖଣ୍ଡା ଠାରେ ନିର୍ମାଣାଧୀନ ଯୁକ୍ତ ୩ ମହା ବିଦ୍ୟାଳୟର କୋଠା ଇତି ମଧ୍ୟରେ ଆରମ୍ଭ ହୋଇଯାଇଛି । ବିନା ସୂଚନା ଫଳକରେ ନିର୍ମାଣ ହେଉଥିବା କୋଠାରେ ନିମ୍ନ ମାନର ସାମଗ୍ରୀ ବ୍ୟବହାର ହେଉଥିବା ଅଭିଯୋଗ ହେଉଛି। ଏହି କୋଠାରେ ବ୍ୟବହାର ହେଉଥିବା ଇଟା ଅତି ନିମ୍ନ ମାନର ହୋଇଥିବା ବେଳେ ନିମ୍ନ ମାନର ସିମେଣ୍ଟ ବ୍ୟବହାର କରୁଥିବା ଜଣା ପଡ଼ିଛି।ପୁଣି ଟାଟା ରଡ଼୍ ଲାଗିବା ବଦଳରେ ନିମ୍ନ ମାନ ସହ ଅତି ଶସ୍ତା ରଡ଼୍ ବ୍ୟବହାର କରା ଯାଇଛି । ଆଜକୁ ପ୍ରାୟ ଦୁଇମାସ ହେବ କାମ ବନ୍ଦ ଥିବା ବେଳେ ଭଲ ଭାବରେ ପାଣି ସିଞ୍ଚନ ହେଉ ନଥିବାରୁ ପ୍ଲିନ୍ଥର୍ ଗୁଡ଼ିକ ଫାଟି ଯାଉଥିବା ନଜରକୁ ଆସିଛି । ଆନୁମାନିକ ଦୁଇ କୋଟି ଟଙ୍କାର କାର୍ଯ୍ୟ ହେଉଥିବା ବେଳେ ଅନ୍ତତଃ ପକ୍ଷେ ବୋର୍ ୱେଲ୍ ଗୋଟିଏ ନିହାତି ଆବଶ୍ୟକ ରହିଛି । କିନ୍ତୁ ବାହାରୁ ପାଣି ଆଣି ଜଳ ସିଞ୍ଚନ ହେଉଥିବାରୁ ନବ ନିର୍ମାଣ କୋଠାର ସ୍ଥାୟୀତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ନାମକୁ ମାତ୍ର ସୂଚନା ଫଳକ ଥିବାବେଳେ ସୂଚନା ଫଳକରେ କି ପ୍ରକାର କାର୍ଯ୍ୟ,କାର୍ଯ୍ୟର ନାମ, ଦାୟିତ୍ୱ ନେଇଥିବା ଠିକାଦାରଙ୍କ ନାମ, ସଂସ୍ଥାର ନାମ, କାମ ଆରମ୍ଭ ଓ ଶେଷ ସମୟ ସୀମା ସୂଚନା, ଅଟକଳ ପରିମାଣ କେତେ ତାହା ବୋର୍ଡରେ ଦର୍ଶାଇ ନଥିବା ବେଶ୍ ଜନ ସାଧାରଣଙ୍କୁ ଆଶ୍ଚର୍ଯ କରି ଦେଇଛି । କିଛି ଦିନ ପୂର୍ବରୁ କାର୍ଯ୍ୟ ବନ୍ଦ ଥିବାରୁ ନର୍ଲା ବିଡ଼ିଓ ଓ କନିଷ୍ଠ ଯନ୍ତ୍ରୀ କାର୍ଯ୍ୟ ପରିଦର୍ଶନ ପାଇଁ ଯାଇଥିଲେ । ହେଲେ କାମ ବନ୍ଦ ଥିବା ଦେଖି ଶୀଘ୍ର କାମ ଆରମ୍ଭ କରିବା ପାଇଁ ତାଗିଦ୍ କରିଥିଲେ ମଧ ଏ ପର୍ଯ୍ୟନ୍ତ କାମ ଚାଲୁ ନଥିବା ଦେଖିବାକୁ ମିଳିଛି । ଏଠି ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ଚାଲୁ ଥିବାରୁ ଦୁଇମାସ ହେଲା କାମ ବନ୍ଦ ଥିବା ଠିକାଦାରଙ୍କ ଜଗୁଆଳୀ ପ୍ରକାଶ କରିଛନ୍ତି ।

# ନିର୍ବାଚନରେ ଯାନବାହାନ ପରିଚାଳନାକୁ ନେଇ ପ୍ରସ୍ତୁତି

କୋରାପୁଟ,(ସବ୍ୟୁ): ନିର୍ବାଚନରେ ନିୟୋଜିତ ଅଧିକାରୀ ମାନଙ୍କୁ ଭୋଟ କେନ୍ଦ୍ରକୁ ନେବା ଆଣିବା ପାଇଁ କେତେ ଏବଂ କେଉଁ ପ୍ରକାର ଯାନବାହନ ଦରକାର ତାହାର ଏକ ଆକଳନ ପ୍ରସ୍ତୁତ କରାଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହ ଠାରେ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ଅଧକ୍ଷତାରେ ପ୍ରସ୍ତୁତ ବୈଠକରେ କୋରାପୁଟ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, କୋରାପୁଟ ଉପ ଜିଲ୍ଲାପାଳ ବେଣୁଧର ଶବର ଏବଂ ବିଡିଓ ଓ ତହସିଲଦାର ମାନେ ଯୋଗଦେଇ ରାସ୍ତାଘାଟକୁ ଦେଖି କେତେ ଓ କେଉଁ ଗାଡ଼ିର ଆବଶ୍ୟକତା ରହିଛି ତାହାର ଆକଳନ କରିଥିଲେ । କୋରାପୁଟ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ କୁମାର ମାରାଣ୍ଡି ଓ ସହାୟକ ଜିଲ୍ଲା ପରିବହନ ଅଧିକାରୀ ତପନ କୁମାର ବେଟି ଉପସ୍ଥିତ ଥିଲେ। ଯଦି ଜିଲ୍ଲାରେ ଗାଡ଼ିର ଅଭାବ ଦେଖାଯିବ ତେବେ ବାହାର ଜିଲ୍ଲାରୁ ଗାଡ଼ି ଅଣାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତ କହିଛନ୍ତି।

(ଶ୍ରୀମଦ୍‌ଭଗବଦ୍ ଗୀତା ୪/୩୬)
–କର୍ମଯୋଗଃ–
(ଶ୍ରୀଭଗବାନୁବାଚ)
ଅପିଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।
ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ॥୩୬॥
ତୁମେ ସମସ୍ତ ପାପୀଙ୍କଠାରୁ ଅଧିକ ପାପୀ ହେଲେ ସୁଦ୍ଧା ଜ୍ଞାନରୂପ ନୌକାଦ୍ୱାରା ସମସ୍ତ ପାପସମୁଦ୍ରକୁ ଅକ୍ଳେଶରେ ପାର ହୋଇଯିବ ॥୩୬॥

## ସମ୍ପାଦକୀୟ

# ସନ୍ନ୍ୟାସାଶ୍ରମ

ଆର୍ଯ୍ୟସଂସ୍କୃତିର ଜନ୍ମଦାତା ଋଷିଗଣ ଜୀବନକୁ ଯାତ୍ରାପଥ ନାମରେ ଅଭିହିତ କରିଥିଲେ । ଯାତ୍ରାପଥରେ ଚାଲିବାବେଳେ ପାନ୍ଥଶାଳା ପରି ସେମାନେ ଚାରୋଟି ଆଶ୍ରମ ବିଧାନ କରିଥିଲେ । ଚତୁର୍ଥ ପାନ୍ଥଶାଳାର ନାମ ସନ୍ନ୍ୟାସାଶ୍ରମ । ଋଷିଗଣ ନିର୍ଜନତା ଓ ମୁକ୍ତବାୟୁରେ ବାସ କରୁଥିଲେ । ସେମାନଙ୍କ ଦୃଷ୍ଟିକୋଣ ଅନୁସାରେ ଆର୍ଯ୍ୟଜୀବନର ତିନି ଚତୁର୍ଥାଂଶ ଏକାନ୍ତ ସ୍ଥାନରେ ମୁକ୍ତ ବାୟୁମଣ୍ଡଳରେ ଅତିବାହିତ ହେଉଥିଲା । ବ୍ରହ୍ମଚାରୀ ନଗର ଗ୍ରାମର ଦୂରବର୍ତ୍ତୀ ଜଙ୍ଗଲରେ ଶିକ୍ଷାଗ୍ରହଣ କରୁଥିଲେ । ଗୃହସ୍ଥ ସହରରେ ବାସ କରୁଥିଲେ । ବାନପ୍ରସ୍ଥ ଓ ସନ୍ନ୍ୟାସାଶ୍ରମ ମୁକ୍ତ ବାୟୁମଣ୍ଡଳରେ ସ୍ଥାପିତ ହେଉଥିଲା । ଏହିରୂପେ ଜୀବନର ଅଧିକାଂଶ ସମୟ ମୁକ୍ତ ପ୍ରାନ୍ତର ଓ ଜଙ୍ଗଲରେ ଅତିବାହିତ ହେଉଥିଲା । ତେଣୁ ସେ ଯୁଗର ଲୋକେ ବ୍ୟାଧିଶୂନ୍ୟ ହୋଇ ସୁସ୍ଥସବଳ ଓ ଦୀର୍ଘାୟୁ ହେଉଥିଲେ । ଶତାୟୁ ହେବା–'ଜୀବେମ୍ ଶରଦଃ ଶତମ୍'– ଏହି ବୈଦିକ ଉକ୍ତି ଅନୁସାରେ ପ୍ରତ୍ୟେକ ନରନାରୀ ଦୀର୍ଘାୟୁ ଲାଭ କରୁଥିଲେ ।

ଆଜିକାଲି ଲୋକମାନେ ବୁଝନ୍ତି ଯେ, ସନ୍ନ୍ୟାସାଶ୍ରମ ହେଉଛି କର୍ମବିମୁଖ ହୋଇ ବସି ରହିବା । ଏପରି କର୍ମବିମୁଖ ଲୋକେ ସନ୍ନ୍ୟାସୀ ନାମରେ ଏ ଦେଶରେ ବହୁସଂଖ୍ୟାରେ ଅଛନ୍ତି । ଏମାନଙ୍କର ଧାରଣା ଯେ, କର୍ମକଲେ ସନ୍ନ୍ୟାସର ମର୍ଯ୍ୟାଦା ରହେ ନାହିଁ । ନିଷ୍କ୍ରିୟତା ହିଁ ଏମାନଙ୍କ ମତରେ ସନ୍ନ୍ୟାସର ଅର୍ଥ । ପ୍ରାଚୀନ ସନ୍ନ୍ୟାସାଶ୍ରମ ବ୍ୟବସ୍ଥା ମଧ୍ୟରେ ଉକ୍ତ ମନୋଭାବ ନ ଥିଲା । ଚାରି ଆଶ୍ରମ ଚାରୋଟି ଶିକୁଳି ସଦୃଶ । ତନ୍ମଧ୍ୟରୁ ସନ୍ନ୍ୟାସାଶ୍ରମ ଗୋଟିଏ ଶିକୁଳି । ଜୀବନଯାତ୍ରାରେ ଏହା ଅନ୍ତିମ ଆଶ୍ରମ । ପ୍ରଥମ ତିନୋଟି ଆଶ୍ରମରେ ଯେଉଁ ଭାବନାର ବିକାଶ ହୁଏ, ତାହା ସନ୍ନ୍ୟାସରେ ଚରମ ସୀମାରେ ପହଞ୍ଚିଯାଏ । ଯେଉଁ ଉଦ୍ଦେଶ୍ୟକୁ ନେଇ ପ୍ରଥମ ତିନି ଆଶ୍ରମ ଗଢ଼ା ହୋଇଥିଲା, ସେହି ଉଦ୍ଦେଶ୍ୟ ସନ୍ନ୍ୟାସାଶ୍ରମରେ ପୂର୍ଣ୍ଣତା ଲାଭ କରୁଥିଲା । ସନ୍ନ୍ୟାସାଶ୍ରମ ପୂର୍ବବର୍ତ୍ତୀ ତିନୋଟି ଆଶ୍ରମଠାରୁ ଭିନ୍ନ ନୁହେଁ– ଉକ୍ତ ଆଶ୍ରମ ସହ ଏହା ସଂପୃକ୍ତ । ଯେଉଁ ଭାବନା ଉକ୍ତ ତିନୋଟି ଆଶ୍ରମରେ କାର୍ଯ୍ୟ କରୁଥିଲା, ସନ୍ନ୍ୟାସରେ ତାହା ପରିପୂର୍ଣ୍ଣ ରୂପ ଧାରଣ କରେ ।

ଆଲୋଚିତ ହୋଇଛି ଯେ, ବ୍ରହ୍ମଚର୍ଯ୍ୟାଶ୍ରମ ତ୍ୟାଗ ଓ ସଂଯମ ଶିକ୍ଷାର ସାଧନ । ଏହି ଆଶ୍ରମରେ ଉପଯୁକ୍ତ ଗୃହସ୍ଥ ହେବାପାଇଁ ମୂଳଦୁଆ ପଡ଼େ । ସଂସାର କରି ଭୋଗ ନ କଲେ ଅଭିଜ୍ଞତା ହୁଏ ନାହିଁ । ଭୋଗର ମର୍ମ ନ ବୁଝିଲେ ତ୍ୟାଗ ଭାବନା ଆସେ ନାହିଁ । ଭୋଗର ଆକର୍ଷଣରୁ ମନୁଷ୍ୟ ନିଜକୁ ପୃଥକ୍ କରିପାରେ ନାହିଁ । ସେଥିପାଇଁ ଗୃହସ୍ଥାଶ୍ରମର ବ୍ୟବସ୍ଥା ହୋଇଛି । ସ୍ଥାୟୀ ରୂପରେ ଗୃହସ୍ଥାଶ୍ରମରେ ରହିବା ପାଇଁ ମନୋଭାବ ପ୍ରକାଶ କରିବା ଦ୍ୱାରା ପ୍ରଥମ ଆଶ୍ରମର ଉଦ୍ଦେଶ୍ୟ ସଫଳ ହୁଏ ନାହିଁ । ପ୍ରଥମାଶ୍ରମର ଉଦ୍ଦେଶ୍ୟ ହେଉଛି ଗୃହସ୍ଥାଶ୍ରମରେ ରହି ସେହି ଆଶ୍ରମର ସ୍ନେହମମତା ଓ ଆସକ୍ତି ତୁଟାଇବା, ସଂସାରର ଅସାରତାକୁ ଉପଲବ୍ଧି କରିବା ପାଇଁ ସଂସାରରେ ପ୍ରବେଶ କରିବା, ତ୍ୟାଗବାଦ ଦିଗକୁ ଯିବାପାଇଁ ଭୋଗମାର୍ଗରେ ପ୍ରବୃତ୍ତ ହେବା, ନିବୃତ୍ତି ପାଇଁ ପ୍ରବୃତ୍ତିକୁ ଆଶ୍ରମ କରିବା । ଋଷିଗଣ ସ୍ୱାଭାବିକ ମନୋବୈଜ୍ଞାନିକ ପ୍ରଣାଳୀରେ ଉକ୍ତ ଆଦର୍ଶକୁ ଆଶ୍ରମ ବ୍ୟବସ୍ଥା ମଧ୍ୟରେ ବାନ୍ଧି ଦେଇଥିଲେ । ଆଶ୍ରମ ବ୍ୟବସ୍ଥା ବର୍ତ୍ତମାନ ଲୋପ ପାଇଥିବାରୁ ନାନା ଅଶାନ୍ତି ଓ ନାନା ସମସ୍ୟା ଉପୁଜୁଛି । ଭୋଗ ପରେ ବୈରାଗ୍ୟ ଭାବନା ଆପେ ଆପେ ଆସେ । ବୈରାଗ୍ୟ ଗ୍ରହଣ କରି ବାନପ୍ରସ୍ଥାଶ୍ରମରେ ପ୍ରବେଶ କରିବା ଫଳରେ ସମାଜର କଲ୍ୟାଣ ହେଉଥିଲା । ସେଥିପାଇଁ ଋଷିମାନେ ଏହି ବ୍ୟବସ୍ଥା କରିଥିଲେ । ଆଜିକାଲ ବାପାମାନେ ଘରେ ରହି ନାତିନାତୁଣୀଙ୍କୁ କାନ୍ଧରେ ଧରି ବୁଲନ୍ତି । ସେମାନଙ୍କ ମନର ସନ୍ତୋଷ ଲାଗି କେତେବେଳେ ଘୋଡ଼ା, କେତେବେଳେ ଗଧ, କେତେବେଳେ ବା ବାଘରୂପରେ ଅଭିନୟ କରନ୍ତି । ଋଷିମାନଙ୍କ ଯୋଜନାନୁଯାୟୀ ଏତେବେଳେ କେବଳ ଘରର କେତୋଟି ପିଲାଙ୍କ ଲାଗି ବାପା ହୋଇ ରହିବା ଉଚିତ ନୁହେଁ । ସମସ୍ତଙ୍କ ଛୁଆପିଲାଙ୍କ ଲାଗି ବାପା ହେବା ଉଚିତ । ପ୍ରାଚୀନ ଐତିହ୍ୟରୁ ଆଜିକାଲି ମଧ୍ୟ ଗ୍ରାମର ବାଳକବାଳିକାମାନେ ବୁଢ଼ା ଲୋକଙ୍କୁ ବାପା ବୋଲି ସମ୍ବୋଧନ କରନ୍ତି । ପୂର୍ବ ଆଦର୍ଶକୁ ଭୁଲିଯାଇ ଆଜିକାଲିର ବାପାମାନେ କେବଳ ନିଜ ରକ୍ତଗଢ଼ା ନାତିନାତୁଣୀଙ୍କ ବାପା ବୋଲି ନିଜକୁ ମଣନ୍ତି । ପୂର୍ବକାଳର ଉଦାରତା, ବାତ୍ସଲ୍ୟ ପ୍ରେମ ଅନ୍ତର୍ହିତ ହୋଇଯାଇଛି । ନିଜ ହାତରେ ଗଢ଼ିଥିବା ଗୃହକୁ ପରିତ୍ୟାଗ କରିବା ସହଜ ନୁହେଁ – ଏହା ସତ । ମାୟା–ମମତାର ତ୍ୟାଗ କଠିନ । ଆଜିକାଲିର ଗୃହସ୍ଥମାନେ ଏହା ବୁଝନ୍ତି ନାହିଁ ଯେ, ଦିନେ ସବୁ ଛାଡ଼ି ଯିବାକୁ ହେବ । କାନ୍ଦି କାନ୍ଦି ସଂସାର ଛାଡ଼ିବାକୁ ହେବ । ଛାଡ଼ିଯିବା ବେଳେ ହାୟ ହାୟ ଚିତ୍କାର କରିବାକୁ ହେବ । ଇଚ୍ଛା ନ ଥିଲେ ମଧ୍ୟ ଆତ୍ମୀୟସ୍ୱଜନଙ୍କୁ ଦେଖି ଲୁହ ବୁହାଇ ସେମାନଙ୍କୁ ଭିଡ଼ି ଧରି ଛାଡ଼ି ଯିବାକୁ ହେବ । ଏହା ଅପେକ୍ଷା ହସି ହସି ଆନନ୍ଦ ମୁହଁରେ ଖେଳି ଖେଳି ସମ୍ମାନଜନକ ଭାବରେ ସଂସାରକୁ ଛାଡ଼ିବା ଭଲ ନୁହେଁ କି ? ପ୍ରାଚୀନକାଳରେ ଗୃହସ୍ଥମାନେ ଉକ୍ତ ଭାବ ଗ୍ରହଣ କରିଥିବା ହେତୁ ମୃତ୍ୟୁ ପୂର୍ବରୁ ଆନନ୍ଦ ମନରେ ଗୃହସଂସାର ଛାଡ଼ି ଯାଉଥିଲେ ଓ ବାନପ୍ରସ୍ଥାଶ୍ରମରେ ପ୍ରବେଶ କରୁଥିଲେ । ସହର ଛାଡ଼ି ନିକଟସ୍ଥ ଜଙ୍ଗଲରେ ବାସ କରୁଥିଲେ । ଏହି ଆଶ୍ରମରେ ପୁଣି ବନ୍ଧନର ଆଶଙ୍କା କରି ଚତୁର୍ଥ ଆଶ୍ରମ ସନ୍ନ୍ୟାସ କରୁଥିଲେ । ବନ୍ଧନ ଆଶଙ୍କାର କାରଣରୁ ନିଜ ଗ୍ରାମ ବା ସହର ନିକଟରେ ବାନପ୍ରସ୍ଥାଶ୍ରମ ଥିବା ହେତୁ ନିଜ ସନ୍ତାନସନ୍ତତି ପାଖକୁ ଆସୁଥିଲେ । ସୁଖସ୍ୱାଚ୍ଛନ୍ଦ୍ୟର ସମ୍ବାଦ ନେଉଥିଲେ । ବାନପ୍ରସ୍ଥୀ ମଧ୍ୟ ବେଳେ ବେଳେ ଗ୍ରାମକୁ ବୁଲି ଯାଉଥିଲେ । ଯେଉଁ ବିଦ୍ୟାର୍ଥୀ ତାହାଙ୍କ ନିକଟକୁ ଶିକ୍ଷା ଗ୍ରହଣ ପାଇଁ ଆସୁଥିଲେ, ନିଜ ସନ୍ତାନଙ୍କ ପରି ସେମାନଙ୍କ ସହ ମୋହବନ୍ଧନରେ ପଡ଼ିବାରେ ଆଶଙ୍କା ରହୁଥିଲା । ପୁରାତନ ବନ୍ଧନସ୍ଥଳରେ ନୂତନ ବନ୍ଧନରେ ଗଣ୍ଠି ନ ପଡ଼ନ୍ତି, ସେଥିପାଇଁ ସେ ସଚେତନ ଥିଲେ । ଗଣ୍ଠି ବାନ୍ଧିଦବା ବଦଳରେ ଗଣ୍ଠି ଖୋଲିବାର ଯାତ୍ରାରେ ଅଗ୍ରସର ହେବା ଉଚିତ ବୋଲି ସେ ବିଚାରୁଥିଲେ । ବାନପ୍ରସ୍ଥାଶ୍ରମରେ ଯାହା କିଛି ବନ୍ଧନ ରହିଯାଉଥିଲା, ତାହା ଛିନ୍ନ କରିବାକୁ ସନ୍ନ୍ୟାସୀଶ୍ରମ ଗ୍ରହଣ କରୁଥିଲେ । ସନ୍ନ୍ୟାସାଶ୍ରମର ଆଦର୍ଶ–ମୋହ–ମମତା, 'ମୁଁ, ମୋର' ଭାବନାଦିକୁ ଜଳାଞ୍ଜଳି ଦେବା, କାହାରି ପ୍ରତି ବିଶେଷ ଭାବରେ ମମତାଯୁକ୍ତ ନ ହୋଇ ସମସ୍ତଙ୍କୁ ସମଦୃଷ୍ଟିରେ ଦେଖିବା, ସର୍ବଭୂତରେ ଭଗବାନ ବିରାଜିତ ବୋଲି ସମସ୍ତଙ୍କୁ ଭଲ ପାଇବା ଓ ଶାନ୍ତି ଭାବରେ ସମଦର୍ଶୀ ହୋଇ ବିଚରଣ କରିବା ସନ୍ନ୍ୟାସୀମାନଙ୍କର ରୀତି ଥିଲା । ଆଜିକାଲି ବହୁ ସନ୍ନ୍ୟାସୀମାନଙ୍କର ମଠସମ୍ପତ୍ତି ଅଛି । ଯାହାଙ୍କର ନାହିଁ, ସେମାନେ ମଧ୍ୟ ଅନେକ ମଠ ତିଆରି ପାଇଁ ଉଦ୍ୟୋଗୀ । କଷାୟ ବସ୍ତ୍ର ପରିଧାନ କରି ଭିକ୍ଷାନ୍ନଦ୍ୱାରା ଉଦରପୂର୍ତ୍ତି କରିବା ସନ୍ନ୍ୟାସ ନୁହେଁ । ସନ୍ନ୍ୟାସ ଆଭ୍ୟନ୍ତରୀଣ ବସ୍ତୁ । କାୟମନୋବାକ୍ୟରେ ସମ୍ପୂର୍ଣ୍ଣ ତ୍ୟାଗ ଓ ଈଶ୍ୱରଙ୍କ ପ୍ରତି ଅନୁରାଗ ହିଁ ସନ୍ନ୍ୟାସ । କେବଳ ଗୃହ ଛାଡ଼ିଦେଲେ ସନ୍ନ୍ୟାସ ହୁଏ ନାହିଁ । ଆତ୍ମାକୁ ମଳିନ କରୁଥିବା ରିପୁଗୁଡ଼ିକୁ ନାଶ କରିବା ହିଁ ସନ୍ନ୍ୟାସ । ସନ୍ନ୍ୟାସ ନେବା ପରେ ଘରଲୋକଙ୍କ ସହିତ କୌଣସି ସମ୍ପର୍କ ରହୁ ନ ଥିଲା । ଯେପରି ଲୋକ ମରିଗଲେ ଘରଲୋକଙ୍କ ସହିତ କୌଣସି ସମ୍ପର୍କ ରହେ ନାହିଁ, ସେହିପରି ସନ୍ନ୍ୟାସୀମାନେ ଆତ୍ମୀୟସ୍ୱଜନଙ୍କ ସହ ସମ୍ବନ୍ଧ ରଖୁ ନ ଥିଲେ । ଜ୍ଞାତି-ବନ୍ଧୁବାନ୍ଧବ, କୁଟୁମ୍ବଠାରୁ ବହୁ ଦୂରରେ ରହୁଥିଲେ । କାଳ ଆସିଲେ ସଂସାର ଛାଡ଼ିଯିବା ଅବଶ୍ୟମ୍ଭାବୀ । ଏହା ବୁଝି ଜୀବିତ ଥାଉ ଥାଉ ମୃତ୍ୟୁପାଇଁ ସନ୍ନ୍ୟାସୀ ପ୍ରସ୍ତୁତ ହୋଇ ରହୁଥିଲେ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

# ବଢୁଛି ରୌଦ୍ରତାପ

## ହିମାଂଶୁ ଶେଖର ଆଚାର୍ଯ୍ୟ

ରାଜ୍ୟରେ ପୁଣି ପାରଦ ଉପର ମୁହାଁ ହୋଇଛି । ଫଳରେ ତାପମାତ୍ରା ବଢିବାରେ ଲାଗିଛି । ଏପରି ସ୍ଥଳେ ଯଦି ଆଉ ଦୁଇରୁ ତିନି ଡିଗ୍ରୀ ତାପମାତ୍ରା ବଢେ ତାହା ଦୟନୀୟ ପରିସ୍ଥିତି ସୃଷ୍ଟି କରିବ । ପରୋକ୍ଷରେ ଆଗକୁ ମାଡିଆସୁଛି ପ୍ରଚଣ୍ଡ ତାତି । ଯଦିଓ ମଝିରେ ମଝିରେ କାଳବୈଶାଖୀ ଯୋଗୁଁ ପାଣିପାଗରେ ସାମାନ୍ୟ ପରିବର୍ତ୍ତନ ହେଉଛି ତଥାପି ଚଳିତ ବର୍ଷ ମେ ମାସ ପର୍ଯ୍ୟନ୍ତ ତାତି ପ୍ରକୋପ ବଢ଼ିବାର ସମ୍ଭାବନା ରହିଛି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆହୁରି ମଧ୍ୟ ଜଣାପଡିଛି ଦିନ ଓ ରାତିର ତାପମାତ୍ରା ସ୍ୱାଭାବିକରୁ ଅଧିକ ରହିବା ଦ୍ୱାରା ଗ୍ରୀଷ୍ମ ପ୍ରବାହ ଜାରି ରହିବ । ମାର୍ଚ୍ଚରେ ପେନିନ୍‌ସୁଲା, ଉତ୍ତରପୂର୍ବ, ପଶ୍ଚିମକେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ଭାରତରେ ସର୍ବାଧିକ ତାପମାତ୍ରା ସ୍ୱାଭାବିକରୁ ଅଧିକ ରହିବା ଆକଳନ କରାଯାଇଛି ।

ସୂଚନାଯୋଗ୍ୟ ଯେ, ବାୟୁମଣ୍ଡଳରେ ଜଳୀୟବାଷ୍ପ ନାହିଁ । ମାଟି ପୁରା ଶୁଖିଲା । ଉତ୍ତର ପଶ୍ଚିମରୁ ପବନ ନାହିଁ । ଦକ୍ଷିଣ ପଶ୍ଚିମ ଦିଗରୁ ପବନ ଆସୁଛି । ତେଣୁ ଆଗକୁ ଗରମ ଅଧିକ ଅନୁଭୂତ ହୋଇପାରେ । ସ୍ଥିତି ଏମିତି ଯେ ଫେବୃୟାରୀ ଆରମ୍ଭରୁ ଏସି ପଙ୍ଖାର ଆବଶ୍ୟକତା ପଡିଲାଣି । ବାହାରେ ଖରା ବାଧିଲାଣି । ଏବେ ଠାରୁ ଏତେ ଗରମ, ଆଗକୁ ତାହାଲେ ନିଆଁ ବର୍ଷିବ । ପୂର୍ବରୁ ମଧ୍ୟ ଫେବୃଆରୀରେ ତାପମାତ୍ରା ବଢିବାର ରେକର୍ଡ ରହିଛି । ସୂଚନାଯୋଗ୍ୟ ଯେ, ପୂର୍ବରୁ ମଧ୍ୟ ରାଜ୍ୟରେ ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଫେବୃୟାରୀ ମାସରେ ତାତି ବଢିବାର ଉଦାହରଣ ରହିଛି । ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ–ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା–ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ–ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ ।

ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଭଳି ହାରରେ ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ନିକଟରେ ପାଣିପାଗରେ ବିଶେଷ କିଛି ପରିବର୍ତ୍ତନ ହେବାର ନାହିଁ। ମାର୍ଚ୍ଚ ଓ ଏପ୍ରିଲରେ ଅଧିକରୁ ଅଧିକ ତାତି ଅନୁଭୂତ ହେବ ବୋଲି ପ୍ରାକ୍ ଆକଳନ କରାଯାଇଛି ।

ତାପାୟନ ବୃଦ୍ଧି ଓ ଜଳବାୟୁରେ ଅସ୍ୱାଭାବିକ ପରିବର୍ତ୍ତନ ଏବେ ଆମ ଦେଶ ତଥା ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି । ଏହି କଥାକୁ ଆଖି ଆଗରେ ରଖି ୧୯୭୨ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖକୁ ବିଶ୍ୱ ପରିବେଶ ଦିବସ ରୂପେ ପାଳନ କରାଯାଉଛି । ସେହିପରି ଆମ ଦେଶରେ ୧୯୫୦ ମସିହାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହବ୍ୟାପୀ ବନ ମହୋତ୍ସବ ପାଳିତ ହୋଇ ଆସୁଅଛି । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଜନସଚେତନ ସୃଷ୍ଟି କରିବା ଓ ଏହି ପ୍ରଦୂଷଣର ଦୂରୀକରଣ ପାଇଁ ସର୍ବତ୍ର ଜନସହଯୋଗକୁ ଉତ୍ସାହିତ କରିବା । ଯାହାଫଳରେ ପରିବେଶର ସୁରକ୍ଷା ହେବା ସଙ୍ଗେ ସଙ୍ଗେ ଆଗାମୀ ପିଢି ପାଇଁ ପରିବେଶ ସଂରକ୍ଷିତ ହୋଇ ରହିପାରିବ । ଏସବୁ ସତ୍ତ୍ୱେ ପୃଥିବୀ ସମେତ ଆମ ଦେଶ ତଥା ରାଜ୍ୟରେ ବିଭିନ୍ନ କାରଣରୁ ପ୍ରତିବର୍ଷ ହଜାର ହଜାର ହେକ୍ଟର ଜଙ୍ଗଲ ଧ୍ୱଂସ ପାଉଛି ।

ଫଳରେ ପରିବେଶ ପ୍ରଦୂଷଣକୁ ରୋକିବାରେ ଆମର ପ୍ରଚେଷ୍ଟା ସେତେ ସନ୍ତୋଷଜନକ ହୋଇପାରୁନାହିଁ । ଫଳସ୍ୱରୂପ, ତାପାୟନ ବଢିଚାଲିଛି, ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି ଓ ବୃଷ୍ଟିପାତ ହ୍ରାସ ପାଉଛି । ବିଗତ ୨୦୧୬ ମଇ ୨୩ ତାରିଖରେ ରାଜଧାନୀ ଭୁବନେଶ୍ୱର କଟକ ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଳବୈଶାଖୀର ତାଣ୍ଡବଲୀଳାକୁ ଦେଖି ଲାଗୁଥିଲା ଯେପରି ମହାବାତ୍ୟା ହେଉଛି । ସେହିପରି ୧୯୯୯ ମସିହାରେ ମହାବିନାଶକାରୀ ମହାବାତ୍ୟା ଓ ୧୯୯୮ର ଅଂଶୁଘାତ ଜନିତ ପରିସ୍ଥିତିକୁ ଆମେ ଭୁଲିପାରିବା ନାହିଁ ।

କାରଣ ଖୋଜିଲେ ଜଣାପଡେ ବଢି ଚାଲିଛି କଙ୍କ୍ରିଟ ଜଙ୍ଗଲ । ଗଛକଟା ଅବାଧରେ ଚାଲିଛି । ନୂଆ ଚାରାଗଛ ଲଗାଯାଉଛି । ମଣିଷଟିଏ–ଗଛଟିଏ ସ୍ଲୋଗାନ ଜାରି ରହିଛି। ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ। ଆମକୁ ମଧ୍ୟ ବୃକ୍ଷରୋପଣ କରି ତାକୁ ବଞ୍ଚାଇ ରଖିବାକୁ ହେବ । ଆମକୁ ମଣିଷଟିଏ–ଗଛଟିଏ ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏଠାରେ ସୂଚନାଯୋଗ୍ୟ ଯେ ବଦଳୁଛି ଜଳବାୟୁ, ପାଣିପାଗରେ ଅସ୍ୱାଭାବିକ ପରିବର୍ତ୍ତନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏଥି ସହିତ ଏଲ୍‌ନିନୋର ପ୍ରଭାବ ଯୋଗୁ ଶୁଷ୍କବାୟୁ ପ୍ରବାହିତ ହେବା ସହ ଅସ୍ୱାଭାବିକ ତାପମାତ୍ରା ବଢୁଛି । ଯାହାର ପ୍ରଭାବ ଜନଜୀବନ ଠାରୁ ଆରମ୍ଭ କରି ପଶୁପକ୍ଷୀଙ୍କ ଉପରେ ପଡୁଛି । ଏବେଠାରୁ ଆକଳନ କରାଯାଉଛି ଯେ ଯଦିଓ ୨୦୨୩ ମସିହା ସବୁଠାରୁ ଉତ୍ତପ୍ତ ବର୍ଷ ଥିଲା ତଥାପି ବର୍ତ୍ତମାନ ସ୍ଥିତିକୁ ଦେଖିଲେ ଆସନ୍ତା ବର୍ଷ ମେ , ଜୁନ ପର୍ଯ୍ୟନ୍ତ ତାତିର ପ୍ରକୋପ ନିଶ୍ଚୟ ରହିବ ଏବେ ଠାରୁ ତାହା ଜଳଜଳ ହୋଇ ଦେଖାଗଲାଣି ।

**ତିର୍ତ୍ତୋଲ, ଜଗତସିଂହପୁର**
**ମୋ – ୯୯୩୭୧୫୧୦୫୨**

# ହରିରାଜପୁର ମେଳଣ

## ଜୟଶ୍ରୀ ପଟ୍ଟନାୟକ

ବସନ୍ତର ମୂଳ ପରିବେଶରେ ପ୍ରକୃତି ହସିଉଠେ । ପବନର ହିଲ୍ଲୋଳରେ ଭାସିଆସେ ସୁଗନ୍ଧିତ ଫୁଲର ମହକ, ମଧୁମକ୍ଷୀର ଗୁଞ୍ଜରଣ, କୋକିଳର ପଞ୍ଚମ ସ୍ୱରରେ ଆଦ୍ୟଋତୁକୁ ସ୍ୱାଗତ କରିବା ସହ ଧରଣୀରେ ଓହ୍ଲେଇ ଆସେ ବସନ୍ତ । ତା' ସହିତ ରଙ୍ଗର ପର୍ବ ହୋଲି । ଯେଉଁ ପର୍ବ ସାମ୍ୟ ମୈତ୍ରୀର ବାର୍ତ୍ତା ବହନ କରେ । ଏହିଦିନ ଲୋକମାନେ ରଙ୍ଗ ଅବିରର ଆଦାନପ୍ରଦାନ କରନ୍ତି । ହର୍ଷ ଉଲ୍ଲାସର ସହିତ ରଙ୍ଗ ଖେଳନ୍ତି । କୃଷ୍ଣ ଉପାସନା କରିଥାନ୍ତି । ଦୋଳବେଦୀରେ ଠାକୁର ଦୋଳି ଖେଳିଥାନ୍ତି । ସ୍ୱୟଂ ଈଶ୍ୱର ଏହି ପର୍ବ ପାଳନ ଅବସରରେ ଘର ଘର ବୁଲି ଚଣା, ଗଜାମୁଗ, ସାକର ଭୋଗଖାଇ ତୃପ୍ତ ହୁଅନ୍ତି । ଗାଁ ଭିତରେ ଲୋକମାନଙ୍କର ଯାହା ମନୋମାଳିନ୍ୟ ଥାଏ ତାହା ତୁଟିଯାଏ କାରଣ ଠାକୁର ସେଭଳି ସ୍ଥାନକୁ ଯାଆନ୍ତିନାହିଁ । ଠାକୁର ଗାଁରେ ଏକତା, ସାମ୍ୟ, ମୈତ୍ରୀ କେମିତି ବଜାୟ ରହିବ ସେହି ବାର୍ତ୍ତା ମେଳା ବା ମେଳଣ ମାଧ୍ୟମରେ ପ୍ରଦାନ କରନ୍ତି । ଦୋଳପର୍ବରେ ଠାକୁରଙ୍କୁ ବସନ୍ତ ଋତୁରେ ହେଉଥିବା ଆମ୍ବଫଳ ଅର୍ପଣ କରାଯାଏ । ଫଗୁରେ ଖେଳନ୍ତି ଠାକୁର । ପୁରୋହିତ ଦୋଳବେଦୀରେ ପଞ୍ଜିକା ପଢ଼ିଥାନ୍ତି । ବିଭିନ୍ନ ଗ୍ରାମରେ ପୂଜା ପାଉଥିବା ଠାକୁର ଗୋଟିଏ ସ୍ଥାନରେ ଏକତ୍ରିତ ହୁଅନ୍ତି ତାକୁ ମେଳଣ ପଡିଆ କୁହାଯାଏ । ଠାକୁର ଯେଉଁ ଆସ୍ଥାନରେ ଆସନ୍ତି ତାକୁ ବିମାନ କୁହାଯାଏ ଏବଂ ଯେଉଁ ସ୍ଥାନରେ ରୁହନ୍ତି ତାକୁ ପିଣ୍ଡି କହନ୍ତି । ସେହି ଉପଲକ୍ଷେ କୋଉଠି ଦୋଳଯାତ ହୁଏ କୋଉଠି ଲଉଡି ଖେଳ । କୋଉଠି ପଞ୍ଚଦୋଳ ଓ ଦଶଦୋଳ ମେଳଣ ବି ଅନୁଷ୍ଠିତ ହୁଏ ।

କଳା ଓ ସଂସ୍କୃତିର ରାଜ୍ୟ ଓଡିଶା ତାର ସଂସ୍କୃତି ଓ ପରମ୍ପରାକୁ ଲୋକାଭିମୁଖୀ କରାଇବାରେ ସିଦ୍ଧହସ୍ତ । ଏହି ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ, ଡେଲାଙ୍ଗ ପିପିଲି ନିର୍ବାଚନ ମଣ୍ଡଳୀ ତଥା ଜଟଣୀ ପିପିଲି ମୁଖ୍ୟ ରାସ୍ତାରେ ପଡେ, ଭୂଗର୍ଭରୁ ଆବିର୍ଭାବ ଶ୍ରୀଶ୍ରୀଶ୍ରୀପଶ୍ଚିମଶମ୍ଭୁ ସୋମନାଥ ଠାକୁରଙ୍କ ଗାଁ ହରିରାଜପୁର । ସ୍ଥାନଟି ଭୁବନେଶ୍ୱର ସୁନ୍ଦରପଦା ଠାରୁ ୧୪ କିଲୋମିଟର ଓ ଜଟଣୀ ଠାରୁ ୨ କିଲୋମିଟର ଦୂରତାରେ ଅବସ୍ଥିତ । ସେଠାରେ ପ୍ରତିବର୍ଷ ଅନୁଷ୍ଠିତ ହୁଏ ଶ୍ରୀଶ୍ରୀଶ୍ରୀପଶ୍ଚିମାଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ଯାତ୍ରା ବା ପ୍ରସିଦ୍ଧ ହରିରାଜପୁର ମେଳଣ । ପ୍ରତ୍ୟେକ୍ଷ ଠାକୁର ପଶ୍ଚିମ ଶମ୍ଭୁ ଓ ତାର ନୀଳ ପୋଖରୀ ବାନ୍ଧି ରଖିଛି ଜନମନକୁ । ୧୬୩୭ ମସିହାରେ ଚୈତ୍ର କୃଷ୍ଣପକ୍ଷ ପଞ୍ଚମୀରେ ଆରମ୍ଭ ହୋଇଥିଲା ଏହି ଯାତ୍ରା । ଶ୍ରୀଶ୍ରୀପଶ୍ଚିମ ଶମ୍ଭୁ ହେଉଛନ୍ତି ଏହି ପଞ୍ଚୁଦୋଳ ମେଳନର ଆକର୍ଷଣ ବିନ୍ଦୁ । ଏହି ମେଳନର ସ୍ଥାନାଧିପତି ଶ୍ରୀଶ୍ରୀପଶ୍ଚିମ ଶମ୍ଭୁ ସୋମନାଥ ଦେବଙ୍କ ନିକଟରେ ମାନସିକ ରଖିଥିବା ମାନସିକଧାରୀଙ୍କ ପକ୍ଷରୁ ବିଭିନ୍ନ ରକମର ଆତସବାଜି ଫୁଟା ଯାଇଥାଏ ଯାହାକି ହରିରାଜପୁର ମେଳନର ମୁଖ୍ୟ ଆକର୍ଷଣ । ଫଗୁ ପୂର୍ଣ୍ଣିମା ବା ହୋଲିର ପଞ୍ଚମ ଦିନରେ ଅର୍ଥାତ୍ ଚୈତ୍ର କୃଷ୍ଣ ପଞ୍ଚମୀ ଠାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ନବମୀ ୪ ଦିନ ପାଇଁ ଠାକୁର ମନ୍ଦିର ବାହାରକୁ ଆସି ପୁଣି ବାହୁଡିଯାଆନ୍ତି । ପ୍ରାୟ ଏକମାସ ଯାଏଁ ଚାଲିଥାଏ ଯାତ୍ରାର ଗହଳଚହଳ ଓ ଦୋକାନବଜାର । ନିୟମ ଅନୁସାରେ ପଶ୍ଚିମ ଶମ୍ଭୁ ସୋମନାଥ ଦେବ ହେଉଛନ୍ତି ଆସ୍ଥାନ ଦେବତା ତାଙ୍କର ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ନିମନ୍ତ୍ରଣ ଦିଅନ୍ତି ହୋଲି ଅବସରରେ ଅନ୍ୟ ଗ୍ରାମର ଠାକୁରମାନଙ୍କୁ ଦୋଳମେଳଣକୁ ଆସିବାପାଇଁ । ଏହା ବହୁ ପ୍ରାଚୀନ ମେଳଣ । କିମ୍ବଦନ୍ତୀ ଅନୁସାରେ ଗଜପତି ମହାରାଜା ନରସିଂହ ଦେବଙ୍କ ରାଜତ୍ୱର ପ୍ରଥମ ପନ୍ଦର ବର୍ଷ ସୁଖଶାନ୍ତିରେ କଟିଥିବାରୁ ୧୬୩୬ ଖ୍ରୀଷ୍ଟାବ୍ଦ ଚୈତ୍ରମାସ ଶୁକ୍ଳ ପକ୍ଷରେ ଶ୍ରୀଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବସନ୍ତରାସ (ନୂତନ ରଥଯାତ୍ରା ) ଅନୁଷ୍ଠିତ ହୋଇଥିଲା। ଏହି ରଥଯାତ୍ରାକୁ ଦେଖି ହରିରାଜପୁର ଗ୍ରାମର ବାବାଜୀ ଗୋବର୍ଦ୍ଧନ ଦାସ ଓ ନିତେଇ ସାହୁ (ଖରୁଡା) ଗ୍ରାମକୁ ଫେରିବା ବାଟରେ ଶ୍ରୀଶ୍ରୀପଶ୍ଚିମ ଶମ୍ଭୁ ସୋମନାଥ ଦେବଙ୍କ ପଞ୍ଚୁଦୋଳ ମେଳଣ କରିବାକୁ ମନସ୍ଥ କରି ଆରମ୍ଭ କରିଥିଲେ ୧୬୩୭ ମସିହାରେ । ପୁରୀର ରଥଯାତ୍ରା ଦେଖି ସେମାନେ ନିଜ ପାଖରେ ଥିବା ଏକଟଙ୍କା ଚାରିଅଣାରେ ଛୋଟ ଛୋଟ ଆଟିକାମାନ କିଣି ହରିରାଜପୁର ଗ୍ରାମବାସୀଙ୍କୁ ଦେଇଥିଲେ । ପ୍ରତିଦିନ ଉକ୍ତ ଆଟିକାରେ ଦୁଇ ଓଳି ମୁଠାଏ ଚାଉଳ ପକାଇବାକୁ ଅନୁରୋଧ କରିଥିଲେ ଏବଂ ଏହି ସଂଗୃହୀତ ମୁଠି ଚାଉଳକୁ ବିକ୍ରି କରି ସେହି ଅର୍ଥରେ ୧୯୩୭ ଖ୍ରୀଷ୍ଟାବ୍ଦରେ ଚୈତ୍ର କୃଷ୍ଣପକ୍ଷ ପଞ୍ଚମୀରେ ଶ୍ରୀଶ୍ରୀପଶ୍ଚିମ ଶମ୍ଭୁ ସୋମନାଥ ଦେବଙ୍କର ପଞ୍ଚୁଦୋଳ ମେଳଣ ଆରମ୍ଭ କରିଥିଲେ ବୋଲି ଶୁଣାଯାଏ ।

ଏହି ମେଳଣ ଏକ ପରମ୍ପରା । ଏଥିରେ ହରିରାଜପୁରର ଚତୁଃପାର୍ଶ୍ୱରେ ଥିବା ରାଜ ପ୍ରତିଷ୍ଠିତ ଠାକୁର ଯଥା ହରିରାଜପୁର ଶ୍ରୀଶ୍ରୀପଶ୍ଚିମଶମ୍ଭୁ ସୋମନାଥ ଦେବ, ବୁଢ଼ାପଡାର ଶ୍ରୀଶ୍ରୀସୋମନାଥ ଦେବ, ଭଁସରର ଶ୍ରୀଶ୍ରୀନୀଳକଣ୍ଠେଶ୍ୱର ଦେବ, କନ୍ତିଆର ବାଲୁଙ୍କେଶ୍ୱର ଦେବ ଓ କୁଶମାଟି–ଛଣଘରର ଶ୍ରୀଶ୍ରୀଗତିଶ୍ୱର ଦେବଙ୍କୁ ନେଇ ଏହି ପଞ୍ଚୁଦୋଳ ମେଳଣ ଆରମ୍ଭ ହୋଇ ପରବର୍ତ୍ତୀ ସମୟରେ ପ୍ରାୟ ୮୦ରୁ ଅଧିକ ଠାକୁର ଏହି ମେଳଣରେ ସାମିଲ ହୋଇଥିଲେ । ପ୍ରମୁଖ ଦିଅଁସବୁ ଜମନ୍ତି ବା ମିଳିତ ହୁଅନ୍ତି ମେଳଣ ପଡିଆରେ । ଏହି ମେଳଣରେ ହରିରାଜପୁରର ପଶ୍ଚିମଶମ୍ଭୁ ସୋମନାଥ ଦେବ ନିମନ୍ତ୍ରଣ କରିଥାନ୍ତି ଭଁସରର ନୀଳକଣ୍ଠେଶ୍ୱର, ସୋମନାଥ ବୁଢ଼ାପଡା, ବାଲୁଙ୍କେଶ୍ୱର କନ୍ତିଆ, ଗତିଶ୍ୱର କୁଶମାଟି, କଣ୍ଟି ବା ବଙ୍ଗର ସୋମନାଥଙ୍କୁ ମେଳାରେ ସାମିଲ ହେବାପାଇଁ । ଏମାନେ ପାଞ୍ଚ ଠାକୁର ହେଲେ ଯାତ୍ରାର ପଞ୍ଚ ପ୍ରମୁଖ ଦିଅଁ । କାରଣ ଏମାନଙ୍କୁ ନେଇ ଆରମ୍ଭ ହୋଇଥିଲା ପଞ୍ଚୁଦୋଳ । ତା ଛଡା ପ୍ରାୟ ୮୦ରୁ ଅଧିକ ବିମାନ ମଧ୍ୟ ନିମନ୍ତ୍ରିତ ହୋଇ ଆସିଥାନ୍ତି ଖୁଣ୍ଟମାନଙ୍କରେ ରୁହନ୍ତି ମେଳଣ ପଡିଆରେ । ଦିଅଁମାନଙ୍କ ଉପରେ ଫଗୁ ବିଞ୍ଚାଯାଏ । ହରିରାଜପୁରର ଗ୍ରାମବାସୀ ଏହି ସମୟରେ ଶାକାହାରୀ ରୁହନ୍ତି ମେଳଣ ଜମାଣ ଦିନ ନବବସ୍ତ୍ର ପିନ୍ଧି ମେଳଣ ପଡିଆକୁ ଆସନ୍ତି । ପ୍ରଥମ ଦିନ ଖୋର୍ଦ୍ଧା ଓ ତାର ଆଖପାଖ ଗ୍ରାମର ନିମନ୍ତ୍ରିତ ହୋଇ ଆସିଥିବା ଦିଅଁମାନେ ଆସି ସ୍ୱତନ୍ତ୍ର ପିଣ୍ଡିରେ ରୁହନ୍ତି । ସବୁଦିଅଁ ଆସି ଜମିଲା ଦିନ ଏକାଠି ମିଳିତ ହୁଅନ୍ତି ପଡିଆ ମଝିରେ ଥିବା ଚାନ୍ଦିନୀରେ, ଯାହାକୁ କୁହନ୍ତି ଜମିବା ବା ଜମାଣ ଉତ୍ସବ ବା ଠାକୁର ମେଳଣ । ମେଳଣ ଅର୍ଥାତ୍ ତୃତୀୟ ଦିନ ମଧ୍ୟରାତ୍ରୀରେ ଶ୍ରୀପଶ୍ଚିମ ଶମ୍ଭୁ ସୋମନାଥ ଦେବଙ୍କର ଚଳନ୍ତି ଠାକୁର ଶ୍ରୀଚନ୍ଦ୍ରଶେଖର ସୁସଜ୍ଜିତ ବିମାନ ପାଲିଙ୍କିରେ ମନ୍ଦିରରୁ ବାହାରି ଆସନ୍ତି ମେଳଣ ପଡିଆକୁ । ରୋଷଣୀ, ସଂକୀର୍ତ୍ତନ, ସାହିଯାତ, ଘୋଡାନାଚ, ଶଙ୍ଖ, ହୁଳହୁଳି ଓ ହରିବୋଲ ଓ ବାଣ ଶବ୍ଦରେ ଉଚ୍ଛୁଳି ପଡେ ମେଳଣ ପଡିଆ । ଠାକୁର ଚନ୍ଦ୍ରଶେଖର ଦୋଳବିମାନରେ ମନ୍ଦିରରୁ ବାହାରି ଆସିବା ବାଟରେ ପ୍ରଥମେ ଭେଟ ହୁଏ ମଠ ଠାକୁର ଗୋପାଳ ଜିଉଙ୍କ ସହ ଯହିଁରେ ଥାଆନ୍ତି ରାଧାକୃଷ୍ଣ କିଛିବାଟ ଆସିଲାପରେ ଭେଟ ହୁଏ ବାଳ ମୁକୁନ୍ଦଦେବଙ୍କ ସହ ତାପରେ ଜଟଣୀ ନିକଟସ୍ଥ କୁଶମାଟି ଗ୍ରାମର ଗତିଶ୍ୱର, ବୁଢାପଡା ସୋମନାଥ, ଭଁସରର ନୀଳକଣ୍ଠେଶ୍ୱର, କନ୍ତିଆର ବାଲୁଙ୍କେଶ୍ୱର,କୁଦିଆରୀ ଚନ୍ଦ୍ରଶେଖର ବି ଏହି ଯାତ୍ରାରେ ସାମିଲ ହୁଅନ୍ତି ।

ମାନସିକଧାରୀ କେଳା ବେଶରେ ପଟୁଆରରେ ଯାଆନ୍ତି । ଅନେକ ମାନସିକଧାରୀ ଦଣ୍ଡ ମାରି ମାରି ମେଳଣ ପଡିଆକୁ ଯାଆନ୍ତି । ଭକ୍ତ ଭଗବାନର ମିଳନ ଘଟେ । ଏହି ଅବସରରେ ନିମନ୍ତ୍ରିତ ୮୦ରୁ ଅଧିକ ଠାକୁର ବିମାନରେ ଆସିଥାନ୍ତି ମେଳଣ ପଡିଆକୁ ଏହି ପରମ୍ପରାକୁ କୁହନ୍ତି ଜମିବା । କେବଳ ବାଣ ହିଁ ଏହି ଜମାଣର ମୁଖ୍ୟ ଆକର୍ଷଣ । ମାନସିକଧାରୀମାନେ ବାଣ ମାନସିକ ଓ ସମର୍ପଣ କରି ଫୁଟାଇଥାନ୍ତି । ବିଭିନ୍ନ ପ୍ରକାରର ଆତଶବାଜିରେ କମ୍ପିଉଠେ ଦିଅଁ ମେଳଣ । ଫଗୁ ବିଞ୍ଚି ମେଳଣ ସ୍ଥଳୀକୁ ରଙ୍ଗୀନ କରାଯାଏ ଓ ଠାକୁରମାନଙ୍କୁ ସ୍ୱାଗତ କରାଯାଏ । ମଧ୍ୟ ରାତିରୁ ଆରମ୍ଭ ହୋଇ ଭୋର ୫ ଟା ଯାଏଁ ଚାଲିଥାଏ ଦିଅଁ ମେଳଣ । ସାରାରାତି ବାଣ ରୋଷଣୀର ଆକର୍ଷଣକୁ ଦେଖିବାକୁ ଲକ୍ଷ ଲକ୍ଷ ଲୋକ ଛୁଟି ଆସନ୍ତି ଏହି ପଞ୍ଚଦୋଳ ମେଳଣକୁ ।

ପ୍ରଥା ଅନୁସାରେ ଯେଉଁ ଠାକୁର ଗୋଟିଏ ବର୍ଷ ଯାତ୍ରାରେ ସାମିଲ ହୁଅନ୍ତିନାହିଁ ୧୨ ବର୍ଷ ଯାଏଁ ସାମିଲ ହୁଅନ୍ତିନି । କାରଣ ଏହି ଯାତ୍ରା ମତାନ୍ତର ମନାନ୍ତର ଭୁଲି ଯାତ୍ରାରେ ସାମିଲ ହେବାର ସନ୍ଦେଶ ଦିଏ । ଠାକୁର ମେଳଣ ୪ଦିନ ବ୍ୟାପୀ ଅନୁଷ୍ଠିତ ହୋଇଥାଏ । ହରିହର ଭେଟ ହୁଏ ।

ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ହେଉଛି ବାଣ ଓ ରୋଷଣୀରେ ଠାକୁରମାନଙ୍କୁ ସ୍ୱାଗତ କରିବା । ବାଣ ଫୁଟାଳି ଗୋଟିଏ ଜାଗାରେ ରହିଥାନ୍ତି ସେହି ସ୍ଥାନକୁ କୁହାଯାଏ ପାଲି । ଭକ୍ତମାନେ ମାନସିକ କରି ପାଲିକୁ ଯାଇ ଠାକୁରଙ୍କ ଲାଗି ବାଣ ଆଣନ୍ତି । ଦିଅଁମାନଙ୍କୁ ଖଇ, ଉଖୁଡା, ନବାତ, ଗଜା ମାଟିପାତ୍ରରେ ଦିଆଯାଏ । ତୃତୀୟ ଦିନ ଅନୁଷ୍ଠିତ ହୁଏ ଜମାଣ । ଏହି ରାତିରେ ଜ୍ୟୋତିଷ ପାଞ୍ଜି ପଢ଼ନ୍ତି । ମଧ୍ୟରାତ୍ରୀରେ ସବୁ ଠାକୁର ମିଳିତ ହୁଅନ୍ତି ବେଢ଼ା ପରିକ୍ରମା ପରେ ଶ୍ରୀଶ୍ରୀପଶ୍ଚିମଶମ୍ଭୁ ସୋମନାଥ ଦେବଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖର ମଝିରେ ରୁହନ୍ତି ମେଳଣ ପଡିଆରେ । ଭୋର ୫ଟା ଯାଏଁ ଚାଲିଥାଏ ଦିଅଁମାନଙ୍କର ଜମାଣ ବା ଏକତ୍ର ମିଳିତ ହେବାର ପବିତ୍ର ମେଳଣ । ତାଙ୍କ ନିକଟରେ ପାଚିଲା ପଣସ ଭୋଗ ଲାଗିବାର ପରମ୍ପରା ରହିଛି । ସ୍ଥାନାଧିପତି ପଶ୍ଚିମଶମ୍ଭୁ ସୋମନାଥ ଦେବଙ୍କ ସହ ହରିରାଜପୁରର ବାଳମୁକୁନ୍ଦ ଓ ଭଁସରର ନୀଳକଣ୍ଠେଶ୍ୱର ଦେବ ବିମାନକୁ ମେଳଣ ପଡିଆସ୍ଥ ରତ୍ନବେଦୀକୁ ନିଆଯାଏ । ସେଠାରେ ତିନି ଠାକୁରଙ୍କ ସ୍ୱତନ୍ତ୍ର ପୂଜାନୀତି ଓ ହୋମ ହୋଇ ଅଧରପଣା ଲାଗିହୁଏ ।

ଭଁସରର ନୀଳକଣ୍ଠେଶ୍ୱର ନିଜଗ୍ରାମକୁ ବାହୁଡିବା ପରେ ବାଳମୁକୁନ୍ଦ ଓ ଶ୍ରୀଶ୍ରୀପଶ୍ଚିମା ଶମ୍ଭୁ ସୋମନାଥ ଦେବ ନିଜ ବିମାନରେ ନିଜସ୍ୱ ଗ୍ରାମ ପରିକ୍ରମା କରନ୍ତି । ଚାଉେରୀ ଭୋଗ ଓ ଦହିପଖାଳ ଖାଇ ନିଜ ନିଜ ମନ୍ଦିରକୁ ବାହୁଡିଯାଆନ୍ତି । ସକାଳେ ମନ୍ଦିର ବେଢ଼ାରେ ପ୍ରବେଶ ପରେ ତାଙ୍କର ମାଘସ୍ନାନ ହୋଇ ମନ୍ଦିର ଭିତରକୁ ନିଆଯାଏ ମଧ୍ୟାହ୍ନରେ ଅନ୍ନ ଭୋଗ ହେଲାପରେ ପହୁଡ ପଡେ । ଏହି ଅବସରରେ ମେଳା ପଡେ । ଓଡିଶା ପ୍ରସିଦ୍ଧ ହରିରାଜପୁର ମେଳନ ପଞ୍ଚୁଦୋଳ ମେଳଣ ରୂପେ ଖ୍ୟାତ କାରଣ ଏହା ହୋଲିର ପଞ୍ଚମ ଦିନରେ ପଡେ । ଚାରିଆଡୁ ଆସିଥିବା ଭକ୍ତମାନେ ଦିଅଁମାନଙ୍କୁ ଫଗୁ ବିଞ୍ଚନ୍ତି ହରି ହର ଭେଟ କରନ୍ତି ପ୍ରଭୁଙ୍କର କୃପାଭିକ୍ଷା କରନ୍ତି ଓ ଆଶୀର୍ବାଦ ନିଅନ୍ତି । ହରିରାଜପୁର ଓ ଆଖପାଖ ସବୁ ଗ୍ରାମର ଅଧିବାସୀ ସାମିଲ ହୁଅନ୍ତି ଏହି ଯାତ୍ରାରେ ସାରା ରାତି ଚାଲିଥାଏ ମେଳା ଓ ମେଲୋଡି କାର୍ଯ୍ୟକ୍ରମ । ମେଳଣ ଜମାଣ ପରେ ସବୁ ଘରମାନଙ୍କୁ ଠାକୁରଙ୍କ ଭୋଗ ବଣ୍ଟାଯାଏ । ଗ୍ରାମମାନଙ୍କରେ ଶାନ୍ତି, ସଂହତି ଭାଇଚାରା ରକ୍ଷା ଓ ସୁ–ସମ୍ପର୍କ ରଖିବା ଏହାର ପ୍ରଧାନ ଉଦ୍ଦେଶ୍ୟ । ସେଥିପାଇଁ ପ୍ରତିବର୍ଷ ଲାଗି ରହିଥାଏ ଏହି ମେଳା ଓ ବାଣର ଜମାଣ ଉତ୍ସବ ।

**ଭୁବନେଶ୍ୱର, ମୋ–୭୯୭୮୧୧୦୪୭୪**

# ଜୀବେ ପ୍ରେମ କରେ ଯେଉଁ ଜନ...

ଅନେକ ଜିଜ୍ଞାସୁ ଈଶ୍ୱରଙ୍କ ପ୍ରାପ୍ତି ଆଶାରେ ନିଜର ଘର ପରିବାର, ଜ୍ଞାତି କୁଟୁମ୍ବ ଏବଂ ଅନ୍ୟାନ୍ୟ ସଜ୍ଜନ ବ୍ୟକ୍ତିଙ୍କୁ ତ୍ୟାଗ କରି ପାହାଡ,ଜଙ୍ଗଲ,ଗିରି ବନ ଇତ୍ୟାଦି ସ୍ଥାନରେ ତପସ୍ୟା କରିବା ପାଇଁ ବାହାରି ପଡ଼ିଥାନ୍ତି । କିନ୍ତୁ ସେମାନେ ଜାଣି ନ ଥାଆନ୍ତି ଯେ, ସେମାନଙ୍କ ମଧ୍ୟରେ ବି ଈଶ୍ୱର ବିରାଜମାନ କରିଛନ୍ତି । କ୍ଷଣିକ ସୁଖ ଲୋଭରେ ଯଦି କିଛି ଭଙ୍ଗା ପଡ଼ିଯାଏ, ତେବେ ସେମାନଙ୍କ ମଧ୍ୟରେ ଏଭଳି ବ୍ୟତିକ୍ରମ ଦେଖାଯାଏ । ଜଣେ ବ୍ୟକ୍ତି ସନ୍ଥ ଏକନାଥଙ୍କ ନିକଟକୁ ଆସି କହିଲା,ମହାରାଜ ! ମୋତେ ଭଗବତ ଭକ୍ତିର ସରଳ ଉପାୟ କହି ଦିଅନ୍ତୁ । ମୁଁ ଆପଣଙ୍କ ନିକଟକୁ ଆତ୍ମକଲ୍ୟାଣ ନିମନ୍ତେ ସବୁ ଦିନ ପାଇଁ ଆସିଛି । ଏହା ଶୁଣି ଏକନାଥ ପ୍ରଶ୍ନ କଲେ, ତୁମେ ଏକୁଟିଆ ଅଛ ଅଥବା ଗୃହସ୍ଥ ଧର୍ମ ପାଳନ କରୁଛ ? ପ୍ରଶ୍ନଟି ଶୁଣି ବ୍ୟକ୍ତିଟି ଉତ୍ତର ଦେଲା, ମହାରାଜ,ମୋର ବିବାହ ହୋଇଯାଇଛି । ମୋ ସହ ପତ୍ନୀ ,ପିଲା ଛୁଆଙ୍କୁ ଆଜି ତ୍ୟାଗ କରି ଆପଣଙ୍କ ପାଖକୁ ଖୁବ୍ ଆଶା ନେଇ ଆସିଛି । ଠିକ୍ ଅଛି, ତେବେ ଏଥିପାଇଁ ତୁମର ଅର୍ଦ୍ଧାଙ୍ଗିନୀ କଣ ତୁମକୁ ଅନୁମତି ଦେଇଛନ୍ତି ? ସନ୍ଥ ଏକନାଥ ପ୍ରଶ୍ନ କଲେ । ଆଜ୍ଞା,ବିଲକୁଲ ନୁହେଁ । ସେ କଣ ଏହାକୁ ଗ୍ରହଣ କରିଥାନ୍ତେ ? ସେ ଯେତେବେଳେ ଘୋର ନିଦରେ ଶୋଇଥିଲେ, ମୁଁ ଘରୁ କାହାକୁ ନ ଜଣାଇ ଚାଲି ଆସିଛି । ସନ୍ଥ ପୁଣି ପ୍ରଶ୍ନ କଲେ, ଆଉ ପିଲାମାନେ ? ବ୍ୟକ୍ତିଟି କହିଲା,ପିଲାମାନେ ମଧ୍ୟ ଗଭୀର ନିଦରେ ଶୋଇଥିଲେ, କିନ୍ତୁ ମୋର ଧକ୍କା ବାଜି ପିଲାଟି କାନ୍ଦିବାରୁ ମୁଁ ଲୁଚିଗଲି । କିନ୍ତୁ ଅଳ୍ପ ସମୟ ମଧ୍ୟରେ ପତ୍ନୀ ଶୋଇ ଥିବା ଅବସ୍ଥାରେ କୌଣସି ଶବ୍ଦ ନ କରି ଆସ୍ତେ ଆସ୍ତେ ଘରୁ ବାହାରି ଚାଲି ଆସିଲି । ମୋତେ ଆଶଙ୍କା ଥିଲା, ଯଦି ପତ୍ନୀ ଉଠିଯିବେ, ତେବେ ମୁଁ ଏଠାକୁ ଆସିବା ଅସମ୍ଭବ ହୋଇ ପଡ଼ିବ ।

ଆଜି ସବୁ କିଛି ତ୍ୟାଗକରି ଈଶ୍ୱରଙ୍କ ସେବା କରିବା ଉଦ୍ଦେଶ୍ୟରେ ଆପଣଙ୍କ ନିକଟକୁ ଆସିଛି । ଦୟାକରି ମତେ ସଠିକ୍ ମାର୍ଗ ଦର୍ଶନ କରାନ୍ତୁ । ସନ୍ଥ ଏକନାଥ କହିଲେ, ଆରେ ମୂର୍ଖ ! ଯେଉଁ ଭଗବାନଙ୍କ ସେବା କରିବା ଇଚ୍ଛାରେ ତୁମେ ଏଠାକୁ ଆସିଛ, ସେ ତ ତୁମ ଘରେ ହିଁ ଅଛନ୍ତି ଆଉ ତାଙ୍କୁ ହିଁ ଛାଡ଼ି ଚାଲି ଆସିଛ ! ଆରେ ଭଗବାନ ତ ସମସ୍ତଙ୍କ ଠାରେ ଅଛନ୍ତି । ଈଶ୍ୱର ତ ସର୍ବବ୍ୟାପୀ । ଯେଉଁଦିନ ପର୍ଯ୍ୟନ୍ତ ତୁମେ ନିଜ ଘରର ମନୁଷ୍ୟରୂପୀ ଦେବତାମାନଙ୍କ ସେବା କରି ନାହଁ ,ତୁମର ଉଦ୍ଧାର ହେବ ନାହିଁ । ତ୍ୟାଗ ଆତ୍ମୀୟମାନଙ୍କ ନୁହେଁ, ବରଂ ମନର ବିକାରକୁ କରିବା ଉଚିତ । ତେବେ ଯାଇ ଭଗବାନ ତୁମ ଉପରେ ଖୁସି ହେବେ । ସେଥିପାଇଁ ସ୍ୱାମୀ ବିବେକାନନ୍ଦ କହିଥିଲେ, 'ଜୀବେ ପ୍ରେମ କରେ ଯେଉଁ ଜନ ସେହି ଏକା ମାତ୍ର ସେବଇ ଈଶ୍ୱର' ।

**ପ୍ରଭାତ କୁମାର ମହାପାତ୍ର,**
**କୋରାପୁଟ, ମୋ–୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪୦°...

ସବୁଠୁ ଉତ୍ତପ୍ତ ସହର ହୋଇପାରେ । ରାଜ୍ୟର ଅଧିକାଂଶ ସ୍ଥାନରେ ସର୍ବାଧିକ ତାପମାତ୍ରା ୩୯ ଡିଗ୍ରୀ ଅତିକ୍ରମ କରିପାରେ । ଉପକୂଳରେ ଗୁଳୁଗୁଳି ଜାରି ରହିବ ।

ପାଣିପାଗ ବିଭାଗ ସୂଚନା ଅନୁସାରେ, ବଲାଙ୍ଗୀରରେ ୪୦ ଡିଗ୍ରୀ, ଭବାନୀପାଟଣାରେ ୪୦ ଡିଗ୍ରୀ, ନୟାଗଡ଼ରେ ୪୦ ଡିଗ୍ରୀ, ବୌଦ୍ଧରେ ୪୦ ଡିଗ୍ରୀ, ଟିଟିଲାଗଡ଼ରେ ୪୦ ଡିଗ୍ରୀ, ବାଲେଶ୍ୱରରେ ୩୫.୦ ଡିଗ୍ରୀ, ଚାନ୍ଦବାଲିରେ ୩୮.୬ ଡିଗ୍ରୀ, କଟକରେ ୩୭.୫ ଡିଗ୍ରୀ, ପାରାଦୀପରେ ୩୨.୩ ଡିଗ୍ରୀ, ଭୁବନେଶ୍ୱରରେ ୩୭.୪ ଡିଗ୍ରୀ, ଗୋପାଳପୁରରେ ୩୧.୨ ଡିଗ୍ରୀ, ପୁରୀରେ ୩୩.୦ ଡିଗ୍ରୀ, ଅନୁଗୋଳରେ ୩୯.୧ ଡିଗ୍ରୀ, ବାରିପଦାରେ ୩୭.୮ ଡିଗ୍ରୀ, ଝାରସୁଗୁଡ଼ାରେ ୩୯.୧ ଡିଗ୍ରୀ, ସମ୍ବଲପୁରରେ ୩୭.୭ ଡିଗ୍ରୀ, ସୁନ୍ଦରଗଡ଼ର ତାପମାତ୍ରା ୩୮.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ହୀରାକୁଦରେ ୩୭.୫ ଡିଗ୍ରୀ, ତାଳଚେରରେ ୩୯.୮ ଡିଗ୍ରୀ, କୋରାପୁଟରେ ୩୫.୪ ଡିଗ୍ରୀ, ଫୁଲବାଣୀରେ ୩୯.୨ ଡିଗ୍ରୀ, ମାଲକାନଗିରିରେ ୩୭.୮ ଡିଗ୍ରୀ, ସୋନପୁରରେ ୩୮.୬ ଡିଗ୍ରୀ, ଦାରିଙ୍ଗବାଡ଼ିରେ ୩୫.୫ ଡିଗ୍ରୀ, ଛତ୍ରପୁରରେ ୩୬.୦ ଡିଗ୍ରୀ, ପାରଳାଖେମୁଣ୍ଡିରେ ୩୮.୮ ଡିଗ୍ରୀ ଓ ରାୟଗଡ଼ାର ତାପମାତ୍ରା ୩୮.୪ ଡିଗ୍ରୀ ରେକର୍ଡ କରାଯାଇଛି ।

ସେପଟେ ଓଡ଼ିଶାରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଯାହାର ପ୍ରଭାବରେ ଉତ୍ତର ଓଡ଼ିଶାରେ କିଛି ଜିଲ୍ଲାରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍କା ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତାକାଲି ବିଜୁଳି ଓ ଘଡ଼ଘଡ଼ିର ମାତ୍ର ଅଧିକ ରହିବ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଗୋଟିଏରୁ ଦୁଇଟି ସ୍ଥାନରେ ବିଜୁଳି, ଘଡ଼ଘଡ଼ି ସହ ହାଲ୍କା ବର୍ଷା ହେବାର ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

## ସ୍ନାତକ...

ସେହି ତୁଳନାରେ ୧୫ରୁ ୨୯ ବର୍ଷ ଯୁବକଙ୍କ ମଧ୍ୟରେ ଭାରତରେ ବେକାରୀଙ୍କ ହାର ୮୮.୬%ରେ ପହଞ୍ଚିଛି । ଶିକ୍ଷିତ ଯୁବକଙ୍କ ଅଂଶୀଦାର ସଂଖ୍ୟା ୨୦୦୦ରୁ ୨୦୨୨ ମଧ୍ୟରେ ୫୪.୨%ରୁ ବଢ଼ି ୬୫.୭%ରେ ପହଞ୍ଚିଛି । ବିଶେଷକରି ମହିଳାମାନେ ନିଯୁକ୍ତି କ୍ଷେତ୍ରରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛନ୍ତି । ଶିକ୍ଷିତ ମହିଳା ଓ ଶିକ୍ଷିତ ଯୁବକମାନଙ୍କ ମଧ୍ୟରେ ବେକାରୀ ହାର ଯଥାକ୍ରମେ ୭୬.୭% ଓ ୬୨.୨% । ସହରାଞ୍ଚଳରେ ସର୍ବାଧିକ ବେକାରୀ ଦେଖିବାକୁ ମିଳୁଛି । ସେହିଭଳି ବିଶ୍ୱରେ ଶ୍ରମ ଶକ୍ତିରେ ଭାରତରେ ମହିଳାଙ୍କ ଭାଗିଦାରୀ ସବୁଠୁ କମ । ମାତ୍ର ୨୫% ଭାଗିଦାରୀ ବୋଲି ଆଇଏଲଓ ପକ୍ଷରୁ କୁହାଯାଇଛି । ଏହି ରିପୋର୍ଟଟି ମଧ୍ୟ ଆତ୍ମଘୋଷିତ ନିଯୁକ୍ତି, ଅସ୍ଥାୟୀ ନିଯୁକ୍ତି ଓ କମ ଦରମାରେ ଚାକିରୀ ପ୍ରତି ସତର୍କ ଘଣ୍ଟି ହୋଇଛି । ବିଶେଷକରି ଖାଦ୍ୟ ଦେଉଥିବା ଯୁବକ, ଡିଜିଟାଲ ପ୍ଲାଟ୍‌ଫର୍ମରେ କାର୍ଯ୍ୟ, ବ୍ୟକ୍ତିଗତ ଆତ୍ମନିଯୁକ୍ତି ଏବେ ନୂଆ ଆହ୍ୱାନ ହୋଇଛି ।

## କାର୍ଯ୍ୟରେ...

ରୋଗ ବ୍ୟାପିଥିଲା । ହୀରାକୁଦର କାଲୁପଡା, ଗୌଡପଡା, ଗୁରୁଦ୍ୱାରାପଡା ଓ ନ୍ୟୁ ମାର୍କେଟ ଅଞ୍ଚଳରେ ଏହି ରୋଗ ବ୍ୟାପିଥିବା ବେଳେ ୩ଜଣଙ୍କ ମୃତ୍ୟୁ ହୋଇଥିଲା । ଏଥିସହ ୨୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିଲେ । ତେବେ ମୃତକ ଟିକେଶ୍ୱର ନାୟକ(୪୩), ସୁଧିର ଧରୁଆ(୪୨) ଓ ଯମୁନା ବେହେରା(୬୨)ଙ୍କ ମୃତ୍ୟୁ ଝାଡାବାନ୍ତି ନୁହେଁ ଅନ୍ୟ କାରଣରୁ ବୋଲି ଜିଲ୍ଲା ପ୍ରଶାସନ ଉଲ୍ଲେଖ କରିଛି । ଅନ୍ୟପଟେ ଅପରିଷ୍କାର ପାଣି ଯୋଗୁଁ ଝାଡାବାନ୍ତି ବ୍ୟାପିଥିବା ବେଳେ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩ଜଣ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କାର୍ଯ୍ୟରେ ଅବହେଳା କାରଣରୁ ବେଣୁଧର ବିଶ୍ୱାଳ, ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଓ ହରେକୃଷ୍ଣ ପ୍ରଧାନଙ୍କୁ ନିଲମ୍ବିତ କରାଯାଇଛି । ତେବେ ତଳିଆ କର୍ମଚାରୀଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବଡ ବଡିଆ ଅଧିକାରୀ ଖସି ଯାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

## ବିଜେପି...

ବିଜୁ ଜନତା ଦଳରୁ ଟିକଟ ପାଇ ବିଜୟ ହୋଇଥିବା ବେଳେ ନୀଳଗିରି ମାଟିରେ ବିଜେଡ଼ି ସଂଗଠନର ମୂଳଦୂଆ ପକାଇ ଥିଲେ । ପରେ ୨୦୧୯ ନିର୍ବାଚନରେ ପାଣିପାଗ ବଦଳିବା ପରେ ଶ୍ରୀ ନାୟକ ବିଜେପିରେ ସାମିଲ ହୋଇ ବିଜୟ ମୁକୁଟ ପିନ୍ଧିଥିଲେ । ତାଙ୍କର ସେବା କରିବାର ପ୍ରତିବଦ୍ଧତା ପୁଣି ତାଙ୍କୁ ବିଧାୟକ ପଦରେ ବସାଇଥିଲା । ବିଜେପିରେ ଥାଇ ତାଙ୍କୁ ଦଳତରଫରୁ ଅଣଦେଖା କରାଯିବା, ସାଙ୍ଗଠନିକ କାର୍ଯ୍ୟକ୍ରମରେ ସାମିଲ କରାନଯିବା ଘଟଣା ତାଙ୍କୁ ମର୍ମାହତ କରିଥିବା ନେଇ ତାଙ୍କ ନିକଟତମ କର୍ମୀଙ୍କ ନିକଟରୁ ଶୁଣିବାକୁ ମିଳୁଥିବା ବେଳେ ଶେଷରେ ବିଜେପିର ପ୍ରାଥମିକ ସଦସ୍ୟରୁ ଇସ୍ତଫା ଦେବା ନୂଆ ସମୀକରଣର ସୂଚନା ଦେଇଛନ୍ତି । ଯଦି ସୁକାନ୍ତ ନାୟକ ବିଜେଡ଼ିରେ ଯୋଗଦାନ କରନ୍ତି ଏବଂ ଦଳ ତାଙ୍କୁ ବିଧାୟକ ଟିକଟ ଦିଏ ଏବଂ ସେଥିରେ ସେ କୃତକାର୍ଯ୍ୟ ହୁଅନ୍ତି ତାହେଲେ ଲଗାତର ତୃତୀୟଥର ପାଇଁ ବିଧାୟକ ହୋଇ ଶ୍ରୀ ନାୟକ ହଟ୍ରିକ ଅର୍ଜନ କରିବାରେ ପ୍ରଥମ ଥର ନୀଳଗିରି ମାଟିରେ ଇତିହାସ ରଚିବେ । ସେହିପରି ବିଧାୟକଙ୍କ ଅନୁଗତ କୁହାଯାଉଥିବା ବିଜେପିର ବାଲେଶ୍ୱର ଜିଲ୍ଲା ଉପସଭାପତି ଗଙ୍ଗାଧର ମିଶ୍ର ବ୍ୟକ୍ତିଗତ କାରଣରୁ ନିଜ ଇସ୍ତଫା ପତ୍ର ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି ।

## ସି-ଭିଜିଲ୍...

ଏବଂ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ଦୌଡ଼ି ନଯାଇ ରାଜନୈତିକ ଅସଦାଚରଣ ଘଟଣା ସମ୍ପର୍କରେ ତୁରନ୍ତ ରିପୋର୍ଟ କରିପାରିବେ । ସିଭିଜିଲ୍ ଆପ୍‌ରେ ଅଭିଯୋଗ ପଠାଯିବା ମାତ୍ରେ ଅଭିଯୋଗକାରୀଙ୍କୁ ଏକ ୟୁନିକ୍ ଆଇଡି ମିଳିବ, ଯାହା ଜରିଆରେ ବ୍ୟକ୍ତି ଜଣକ ନିଜ ମୋବାଇଲରେ ଅଭିଯୋଗ ଟ୍ରାକ୍ କରିପାରିବେ ।

ଏକାସାଙ୍ଗରେ କାର୍ଯ୍ୟ କରୁଥିବା କାରକଗୁଡ଼ିକର ଏକ ତ୍ରିକୋଣ ସିଭିଜିଲକୁ ସଫଳ କରିଥାଏ । ଉପଭୋକ୍ତାମାନେ ରିୟଲ ଟାଇମରେ ଅଡିଓ, ଫଟୋ କିମ୍ବା ଭିଡିଓ ସଂଗ୍ରହ କରନ୍ତି ଏବଂ ଅଭିଯୋଗର ସମୟବଦ୍ଧ ପ୍ରତିକ୍ରିୟା ପାଇଁ "୧୦୦ ମିନିଟ୍" କାଉଣ୍ଟଡାଉନ୍ ସୁନିଶ୍ଚିତ କରାଯାଏ । ଆଚରଣ ବିଧି ଉଲ୍ଲଂଘନ ବିଷୟରେ ଜଣାଇବା ପାଇଁ ଉପଭୋକ୍ତା ସିଭିଜିଲରେ ସେମାନଙ୍କ କ୍ୟାମେରା ଅନ୍ କରିବା ମାତ୍ରେ ଏହି ଆପ୍ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଜିଓ-ଟ୍ୟାଗିଂ ଫିଚର୍ ସକ୍ଷମ କରିଥାଏ । ଏହାର ଅର୍ଥ ହେଉଛି ଫ୍ଲାଇଂ ସ୍କ୍ୱାଡ୍ ରିପୋର୍ଟ ହୋଇଥିବା ଉଲ୍ଲଂଘନର ସଠିକ ସ୍ଥାନ ଜାଣିପାରିବ ଏବଂ ନାଗରିକଙ୍କ ଦ୍ୱାରା ନିଆଯାଇଥିବା ଫଟୋକୁ ଅଦାଲତରେ ପ୍ରମାଣ ଭାବରେ ବ୍ୟବହାର କରାଯାଇପାରିବ । ନାଗରିକମାନେ ବେନାମୀ ଭାବେ ମଧ୍ୟ ଅଭିଯୋଗ ଜଣାଇପାରିବେ । ପ୍ରଯୁକ୍ତିର ଉପଯୋଗ କରିବା ଏବଂ ଭୋଟର ଏବଂ ରାଜନୈତିକ ଦଳଗୁଡ଼ିକର ସୁବିଧା ପାଇଁ ଆୟୋଗ ଦ୍ୱାରା ନିର୍ମିତ ଆପ୍ ଗୁଡ଼ିକ ମଧ୍ୟରୁ ଏହି ଆପ୍ ଅନ୍ୟତମ ।

## ସରକାର...

ଦଳଗୁଡ଼ିକ ୨୪ (ଏ) ଫର୍ମ ଫିଲପ କରିଥାନ୍ତି । ଏଥିରେ ଯେଉଁମାନେ ଚାନ୍ଦା ଦେଇଥାନ୍ତି, ସେମାନଙ୍କ ନାମ ଓ ଠିକଣା ଥାଏ । ବିଜେପି ପକ୍ଷରୁ ନିର୍ବାଚନ କମିଶନଙ୍କୁ ଯେଉଁ ତଥ୍ୟ ଦିଆଯାଇଛି, ସେଥିରେ କିଛି ନାଁ ନାହିଁ । ସେହିଭଳି ନିର୍ବାଚନୀ ବଣ୍ଡ ଦୁର୍ନୀତିରେ ବିଜେପି ୮୨୦୦ କୋଟି ଟଙ୍କା ଚାନ୍ଦା ନେଇଛି ବୋଲି ସେ କହିଛନ୍ତି ।

## ସମ୍ବଲପୁର...

ପ୍ରକିୟା ସମ୍ବଲପୁର ଲୋକସଭାରୁ ଆରମ୍ଭ ହେବ । ସମ୍ବଲପୁରବାସୀ ମୋତେ ଭଲ ପାଇବା ଦେଇଥିବାରୁ ମୁଁ ତାଙ୍କ ପାଦତଳେ ପ୍ରଣିପାତ କରୁଛି । ଲୋକଙ୍କ ଏଭଳି ଭଲ ପାଇବା ଦେଖି ମୁଁ ନିଜ ଘରେ ଛିଡା ହୋଇଥିବା ଭଳି ଲାଗୁଛି । ମୋ ଆଖିରୁ ଲୁହ ଓ ହୃଦୟରୁ କୋହ ବାହାରି ଆସୁଛି । ଏଥିପାଇଁ ସମ୍ବଲପୁରବାସୀଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଏମିତି ଭଲ ପାଇବା ମିଳିବ ବୋଲି ମୁଁ କେବେ ଭାବି ନଥିଲି । ସମ୍ବଲପୁରରେ ମୋ ବାପା ପାଠ ପଢୁଥିଲେ । ପିଉସୀ ଏଠି ରହି ଆସୁଥିଲେ । ସମ୍ବଲପୁର ସହ ମୋ ପରିବାରର ୬୦ ଓ ୭୦ବର୍ଷର ସମ୍ପର୍କ ରହିଛି ।

ସମ୍ବଲପୁରର ବିକାଶ ଓ ରୂପାନ୍ତରୀକରଣ ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ବିବେଚିତ କରିଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀ ଓ ସମ୍ବଲପୁରବାସୀଙ୍କ ଉପରେ ତାଙ୍କର ଭରସା ରହିଛି । ସେମାନେ ମୁଖ୍ୟମନ୍ତ୍ରୀଙ୍କ ଏହି ନିଷ୍ପତିକୁ ସମ୍ମାନ ଜଣାଇବେ ବୋଲି କହିଥିଲେ । ପ୍ରଣବଙ୍କ ଗସ୍ତ ବେଳେ ବହୁ ଆଶାୟୀ ନେତା ନିଜ ନିଜର ସମର୍ଥକଙ୍କ ସହ ତାଙ୍କୁ ସ୍ୱାଗତ କରିଥିଲେ । ତେବେ ବବିଙ୍କ ଗସ୍ତ କାର୍ଯ୍ୟକ୍ରମ ଯୋଗୁଁ ବିଜେଡି କର୍ମୀଙ୍କ ମଧ୍ୟରେ ବେଶ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଅନ୍ୟପଟେ ବିଜେପି ଲୋକସଭା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ସମାନ ଢଙ୍ଗରେ ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଥିଲେ । ଦୁଇ ପ୍ରମୁଖ ଦଳର ବିଜେପି ଓ ବିଜେଡି ତାଙ୍କର ପ୍ରଚାର ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ସମ୍ବଲପୁର ଉପରେ ସମସ୍ତଙ୍କ ନଜର ରହିଛି ।

# ବାଇକ ସହ ମଦ ଜବଦ, ଜଣେ ଗିରଫ

ନୀଳଗିରି, (ସବ୍ୟୁ) : ନୀଳଗିରି ଅବକାରୀ ବିଭାଗ ପୁନ୍ଦାଳ ରାସ୍ତାରେ ଜଣେ ମଦ ବେପାରୀଙ୍କୁ କାବୁ କରି ତାଙ୍କ ନିକଟରୁ ୭୦ଲିଟର ଦେଶୀ ମଦ ସହ ବାଇକ୍ ଜବଦ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ମାଟିଆଳି ପଞ୍ଚାୟତ ଘୁଣ୍ଟିବଣିଆ ଗ୍ରାମର ମଙ୍ଗଲ ସିଂ ବାଇକ୍ ଯୋଗେ ୭୦ଲିଟର ଦେଶୀମଦ ନେଇ ଯାଉଥିବା ବେଳେ ଅବକାରୀ ବିଭାଗ କର୍ମଚାରୀମାନେ ତାଙ୍କୁ ମାଡ଼ିବସିଥିଲେ । ଅଭିଯୁକ୍ତ ମଙ୍ଗଲ ସିଂଙ୍କ ବିରୋଧରେ ଅବକାରୀ ବିଭାଗ କାର୍ଯ୍ୟାଳୟରେ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି ।

# ଖେଦରପୁରରେ 'ଦୁହିତା ମିଳନ'ଉତ୍ସବ

ତିହିଡି,(ସବ୍ୟୁ):ତିହିଡି ବ୍ଲକ ବାମନବିନ୍ଧା ପଞ୍ଚାୟତ ଅଧିନ ଖେଦରପୁର ଗାଁରେ ତୃତୀୟ ବାର୍ଷିକ 'ଦୁହିତା ମିଳନ' ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଅଲିଅଳି ଦୁହିତାମାନେ (ବିବାହିତା ଝିଅ) ଏକ ନିର୍ଦ୍ଧିଷ୍ଟ ଦିନରେ ଗାଁକୁ ଆସି ଏକତ୍ରିତ ହୋଇ ଖୁସି ମନାଇଥାନ୍ତି। ଶ୍ୱଶୁର ଘର ଆଖପାଖ ଗ୍ରାମ ହେଉ ଅଥବା ଦୂରଦୂରାନ୍ତରୁ ଦୁହିତା ମାନେ ଛୁଟି ଆସିଥାନ୍ତି ନିଜ ବାପ ଘର ଗାଁକୁ। ଶ୍ୱଶୁର ଘରର ଆବଶ୍ୟକତା ପୂରଣ କରିବା ସହିତ ସେହି ଦିନରେ ନିଜ ବାପ ଘରକୁ ଆସି ଉତ୍ସବ ମନାଇ ବେଶ ଖୁସି ହୋଇଥାନ୍ତି। ଏହି 'ଦୁହିତା ମିଳନ' ଉତ୍ସବରେ ଗାଁର ଦୁହିତାମାନଙ୍କ ମଧ୍ୟରେ ମଉଡମଣି ଓ ଗୌରୀନାନୀ ଚୟନ କରାଯାଇଥାଏ। ଦୁଇ ବର୍ଷ ତଳେ ଆରମ୍ଭ ହୋଇଥିବା ଏହି ପରମ୍ପରାରେ ଚଳିତ ବର୍ଷ ୨୫ରୁ ଉର୍ଦ୍ଧ୍ୱ ଦୁହିତାମାନେ ଉପସ୍ଥିତ ହୋଇଥିଲେ। ଜାହ୍ନବୀ ମହାନ୍ତିଙ୍କ ସଞ୍ଚାଳନାରେ ଆୟୋଜିତ ଉତ୍ସବରେ ଦୁହିତାମାନଙ୍କ ମଧ୍ୟରେ ମଉଡମଣି ଭାବେ ରଶ୍ମିରେଖା ମହାନ୍ତି ଓ ଗୌରୀନାନୀ ଭାବେ ସରସ୍ୱତୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବୟୋଜ୍ୟେଷ୍ଠା ଦୁହିତାଭାବେ ଜାହ୍ନବୀ ମହାନ୍ତିଙ୍କୁ ଦୁହିତାମାନଙ୍କ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଦୁହିତାମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ନାଚଗୀତ ଓ କୁନିକୁନି ପିଲାମାନେ ନୃତ୍ୟ ପରିବେଷଣ କରିଥିଲେ ।

# ବ୍ଲକ ସହକାରୀ ଯନ୍ତ୍ରୀଙ୍କ ବଦଳି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ନୀଳଗିରି (ସବ୍ୟୁ) : ।ଳଗିରି ବ୍ଲକରେ କାର୍ଯ୍ୟରତ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ (ସିଭିଲ) ଦୀପ୍ତେଶ ପରିଡ଼ାଙ୍କୁ ଓଡ଼ିଶା ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଗତ ମାର୍ଚ୍ଚମାସ ୭ତାରିଖରେ ରେମୁଣା ବ୍ଲକକୁ ବଦଳି ହୋଇଥିବା ବେଳେ ଶ୍ରୀ ପରିଡ଼ା ଅଦ୍ୟାବଧି ନୀଳଗିରି ବ୍ଲକରୁ ରିଲିଫ ନହେବା ନେଇ ଅଭିଯୋଗ ଆଣିଛନ୍ତି ନୀଳଗିରିର ପୂର୍ବତନ ବିଧାୟକ ଚିତ୍ତରଂଜନ ଷଡ଼ଙ୍ଗୀ । ଏନେଇ ଶ୍ରୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀଙ୍କୁ ଚିଠିଲେଖି କ୍ଷୋଭ ପ୍ରକାଶ କରିବା ସହ ଶ୍ରୀ ପରିଡ଼ା ଜଣେ ଦୁର୍ନୀତିଖୋର ଅଧିକାରୀଭାବେ ପତ୍ରରେ ଉଲ୍ଲେଖ କରିଛନ୍ତି । ପଞ୍ଚାୟତ ସ୍ତରରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ନାମରେ କାର୍ଯ୍ୟାଦେଶ ରହୁଥିବା ବେଳେ ସହକାରୀ ଯନ୍ତ୍ରୀ ଜଣଙ୍କ ସମସ୍ତ କାର୍ଯ୍ୟ ସ୍ଥାନୀୟ ରାଜନୈତିକ ନେତାଙ୍କୁ ଧରି କାମ କରୁଥିବା ଅଭିଯୋଗ ହୋଇଛି । ଦୀର୍ଘଦିନ ଧରି ବଦଳି ହୋଇଥିଲେ ମଧ୍ୟ ସ୍ଥାନୀୟ ନେତାଙ୍କୁ ଧରି ଶ୍ରୀ ପରିଡ଼ା ନିଜର ବଦଳି ବାତିଲ କରୁଥିବା ଅଭିଯୋଗ ଆଣିଛନ୍ତି ଶ୍ରୀ ଷଡ଼ଙ୍ଗୀ । ତେବେ ନୀଳଗିରିରେ କି ମହୁ ଅଛି ଛାଡ଼ିଯିବାକୁ ଶ୍ରୀ ପରିଡ଼ା ରାଜି ନୁହଁନ୍ତି ବୋଲି ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାରଙ୍କ ପଞ୍ଚାୟତି ରାଜ ବିଭାଗ ପ୍ରିନ୍ସିପାଲ ସେକ୍ରେଟେରୀ, ବାଲେଶ୍ୱର ଜିଲ୍ଲାପାଳଙ୍କୁ ପତ୍ରଲେଖି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି ।

# ବାଲି ବୋଝେଇ ହାଇୱାରୁ ଜୋରିମାନା ଆଦାୟ

ନିମାପଡା, (ସବ୍ୟୁ): ଜିଲ୍ଲା ଖଣିଜ ସଂପଦ ଏବଂ ଚାରିଛକ ଥାନାପୁଲିସ ପକ୍ଷରୁ ମିଳତ ଚଢାଉ କରାଯାଇ ବେଆଇନ ଭାବେ ବାଲିବୋଝେଇ କରି ନେଉଥିବା ୭ଟି ହାଇୱା ଠାରୁ ୪ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାଜୋରିମାନା ଆଦାୟ କରାଯାଇଛି । ଖବରରୁ ପ୍ରକାଶ,ଦୀର୍ଘ ଦିନହେବ ଚାରିଛକ ବଜାର ଦେଇ କଟକର କାଠଯୋଡି, ଦେବୀନଦୀ, ଶିଖରଘାଟ,ଅରିଶୋଲଘାଟ, ପହଙ୍ଗାଘାଟରୁ ହାଇୱା ଗାଡି ଗୁଡିକ ବେଆଇନ ଭାବେ ବାଲି ବୋଝେଇ କରି ବିଭିନ୍ନ ସ୍ଥାନକୁ ଚାରିଛକ ବଜାର ଦେଇ ଯାଉଥିବା ନେଇ ଅଭିଯୋଗ ହେଉଥିଲା । ପୁରୀ ଖଣିଜ ସଂପଦ ବିଭାଗ ଅଧିକାରୀ ଏସ୍.କେ.ମିଶ୍ର ଓ ଚାରିଛକ ଥାନା ଅଧିକାରୀ ସଂଗ୍ରାମ କେଶରୀ ସ୍ୱାଇଁ ପୁଲିସ ଟିମ୍ ସହ ମିଳିତ ଭାବରେ ରାସ୍ତାରେ ଯାଉଥିବା ବେଆଇନ୍ ବାଲି ବୋଝେଇ ହାଇୱା ଗାଡି ଉପରେ ଚଢାଉ କରିଥିଲେ । ଏହି ଚଢଉ ସମୟରେ କିଛି ଗାଡି ଖସିଯାଇଥିବା ବେଳେ ୭ଟି ହାଇୱା ଗାଡିକୁ ଅଟକ ରଖି ଚାରିଛକ ଥାନାକୁ ଆଣିଥିଲେ । ଗାଡିର କାଗଜପତ୍ର,ଓଭର ଲୋଡିଂ,ଡ୍ରାଇଭିଂ ଲାଇସେନ୍ସ ଯାଂଚ କରାଯିବା ସହ ୭ଟି ଗାଡି ଉପରେ ୪ ଲକ୍ଷ ୨୦ ହଜାରଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ଶ୍ରୀସ୍ୱାଇଁ ସୁଚନା ଦେଇଛନ୍ତି ।

# ମହାବୀର ବରିଷ୍ଠ ନାଗରିକ ପରିଷଦର ବନ୍ଧୁମିଳନ କାର୍ଯ୍ୟକ୍ରମ

ଭୁବନେଶ୍ୱର , (ସବ୍ୟୁ) :କଟକ ଶ୍ରୀକୋରୁଆଁ ଗୋପାଳପୁର ସ୍ଥିତ ମହାବୀର ବରଷ୍ଠ ନାଗରିକ ପରିଷଦର ରଙ୍ଗ ପର୍ବ ହୋଲି ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଇଂ ପ୍ରମୋଦ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଷଦ ଉପଦେଷ୍ଟା ଦୁଷ୍ମନ୍ତ ଦାଦ, ସାଧାରଣ ସମ୍ପାଦକ ଧିରେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ ଅର୍ଜ୍ଜୁନ ଚରଣ ସାହୁ, ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଶାନ୍ତ କୁମାର ସ୍ୱାଇଁ , ନରଞ୍ଜନ ବାରିକ, ରାଜ କିଶୋର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଆଇନୀଜୀବୀ ନିରଞ୍ଜନ ବାରିକ ଧନ୍ୟବାଦ ଦେଇଥିଲେ।

# ଶ୍ୟାମସୁନ୍ଦର ମହାପାତ୍ର ସ୍ମୃତି କଳାପରିଷଦ ଗଠିତ

ଭଣ୍ଡାରିପୋଖରୀ,(ସବ୍ୟୁ):ଭଣ୍ଡାରିପୋଖରୀ ଅଂଚଳ ଯାତ୍ରା ସମ୍ରାଟ ସ୍ୱର୍ଗତ ଶ୍ୟାମସୁନ୍ଦର ମହାପାତ୍ରଙ୍କ ସ୍ମୃତି ରକ୍ଷା ପାଇଁ କଳାପରିଷଦ ଗଠନ କରାଯାଇଛି। ଭଣ୍ଡାରିପୋଖରୀ ହନୁମାନ ମଣ୍ଡପରେ ଜାଗରଯାତ୍ରା ଅବସରରେ ସ୍ୱର୍ଗତ ମହାପାତ୍ରଙ୍କ ଶୁଭେଚ୍ଛୁମାନେ ବୈଠକରେ ମିଳିତ ହୋଇ କଳା ପରିଷଦ ଗଠନ କରିଥିଲେ। ଏହି କଳା ପରିଷଦ ସ୍ୱର୍ଗତ ଯାତ୍ରା ସମ୍ରାଟଙ୍କ ସ୍ମୃତି ରକ୍ଷା ସହ ନୂତନ କଳାକାର ସୃଷ୍ଟି ଦିଗରେ କାର୍ଯ୍ୟ କରିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଆଗାମୀ ୧୭ ତାରିଖରେ କଳା ପରିଷଦର ପରିବର୍ଦ୍ଧିତ ବୈଠକ ଅନୁଷ୍ଠିତ ହୋଇ କର୍ମକର୍ତ୍ତା ସ୍ଥିର କରାଯିବ ବୋଲି କାର୍ଯ୍ୟକ୍ରମ ଚୁଡାନ୍ତ ହୋଇଛି।

### ଆଚରଣ ବିଧି ଉଲ୍ଲଘଂନ

# ସଦର ବିଜେପି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

ବାଲେଶ୍ୱର,(ସବ୍ୟୁ) :ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ ଗତ ୧୭ ମାର୍ଚ୍ଚ ଠାରୁ ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପର ଠାରୁ ନୂତନ କାର୍ଯ୍ୟାଦେଶ ଓ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତରରେ ଫଳକ ଲଗାଇବା ସଂପୂର୍ଣ୍ଣ ନିଷେଧ ହୋଇଥିବା ବେଳେ ଶାସକ ବିଜୁ ଜନତା ଦଳ ଦ୍ୱାରା ପ୍ରଭାବିତ ହୋଇ ବ୍ଲକର ଦାୟିତ୍ୱରେ ଥିବା ବହୁ ଅଧିକାରୀ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାଦେଶ ପିଛିଲା ତାରିଖରେ ଇସୁ୍ୟ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସହ ଫଳକ ଲଗାଇବା ପାଇଁ ବ୍ୟସ୍ତ ଅଛନ୍ତି। ଏହା ସଂପୂର୍ଣ୍ଣ ରୂପେ ନିର୍ବାଚନ ଆଚରଣ ବିଧିକୁ ଉଲ୍ଲଘଂନ କରୁଅଛି। ଏହାଦ୍ୱାରା ସମ୍ପୃକ୍ତ ଅଞ୍ଚଳରେ ରାଜନୈତିକ ଉତ୍ତେଜନା ସୃଷ୍ଟି କରୁଛି ଯାହାକି ପରବର୍ତ୍ତୀ ସମୟରେ ହିଂସା ସହ ଗଣ୍ଡଗୋଳ ରୂପ ନେବାରେ ସମ୍ଭାବନା ମଧ୍ୟ ଅଛି। ସରକାରୀ ଦଳର ନେତା ସରକାରୀ କଳର ଅପବ୍ୟବହାର କରିବା ସହିତ ବ୍ଲକ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟକାରୀ ସଂସ୍ଥାର ଅଧିକାରୀ ମାନଙ୍କୁ ଚାପ ପକାଇ କାର୍ଯ୍ୟ କରିବା ପାଇଁ ବାଧ କରୁଛନ୍ତି। ତେଣୁ ବାଲେଶ୍ୱରରେ ଏକ ସ୍ୱଚ୍ଛ, ନିର୍ମଳ ଏବଂ ସୌହାର୍ଦ୍ଦ୍ୟପୂର୍ଣ୍ଣ ନିର୍ବାଚନ ପାଇଁ ଉକ୍ତ ସମସ୍ୟା ଗୁଡିକୁ ସମାଧାନ କଲେ ଏକ ଅବାଧ ନିର୍ବାଚନ ହୋଇପାରିବ ବୋଲି ଶ୍ରୀ ଦତ୍ତ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି।ଉକ୍ତ ପ୍ରତିନିଧି ଦଳରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଗଙ୍ଗାଧର ରାଉତ ଓ ଲୋକନାଥ ଭୂୟାଁ, ମଣ୍ଡଳ ସଭାପତି କାର୍ତ୍ତିକ ରାଉତ, ମଣ୍ଡଳ ସାଧାରଣ ସମ୍ପାଦକ ଅନନ୍ତ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଗୟାଧର ବେହେରା, ରାଜେନ୍ଦ୍ର ଚାଟାର୍ଜୀ, ସରପଞ୍ଚ ରବିନାରାୟଣ ପ୍ରଧାନ, ମାୟାଧର ପ୍ରଧାନ, ପ୍ରମୋଦ ଦାଶ, ଭୀମକାନ୍ତ ତରେଇ ପ୍ରମୁଖ ଉପସ୍ଥିତ ଥିଲେ।

# ବିସିଇଟିରେ ଜାତୀୟ ଆଲୋଚନାଚକ୍ର

ବାଲେଶ୍ୱର, (ସବ୍ୟୁ) : ସେରଗଡ଼ସ୍ଥିତ ବାଲେଶ୍ୱର କଲେଜ ଅଫ୍ ଇଞ୍ଜିନିୟରିଂ ଏଣ୍ଡ ଟେକ୍ନୋଲୋଜି (ବିସିଇଟି) ପରିସରରେ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ ଓ ଆଇ.କ୍ୟୁ.ଏ.ସି. ମିଳିତ ଉଦ୍ୟମରେ ଏକ ଦୁଇଦିନ ଧରି ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ଶରତ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏଫିସିଏନଟ୍ ଏନରଜି ମେନେଜ୍‌ମେନ୍‌ଟ ଇନ୍ ଇଣ୍ଡିଆନ୍ ପାୱାର ସେକ୍ଟର ବିଷୟ ଭିତ୍ତିକ ଆଲୋଚନା ଚକ୍ରରେ ଏନ୍.ପି.ଟି.ଆଇ. ମଧ୍ୟପ୍ରଦେଶର ନିର୍ଦ୍ଦେଶକ ପ୍ରାଧ୍ୟାପକ ଦୀପକ ପଣ୍ଡିତ, ଏ.ଏ.ପିସି. ପ୍ରାଇଭେଟ୍ ଲିମଟେଡ଼୍, କଟକର ନିର୍ଦ୍ଦେଶକ ଇଂ ଚନ୍ଦନ କୁମାର ବାରିକ, ଏ.ସି.ବି. ଇଣ୍ଡିଆ ଲିମିଟେଡ଼୍ ଛତିଶଗଡ଼ର ମେନେଜର ଇଂ. ଷ୍ଟାଲିନ୍ ଦାସ ଅତିଥି ଭାବରେ ଯୋଗ ଦେଇଥିଲେ। ସେମାନେ ଦୁଇଦିନ ଧରି ଅଧ୍ୟାପନା ରତ ଅଧ୍ୟାପକ ଅଧ୍ୟାପିକା, ପିଲାମାନଙ୍କୁ ଶକ୍ତିର ଗୁଣାତ୍ମକ ମାନ ଓ ଗବେଷଣା ଜନିତ ଜ୍ଞାନର ଅଭିବୃଦ୍ଧି ନିମନ୍ତେ ଆଲୋଚନା ଚକ୍ରର ଆବଶ୍ୟକତା ଏକାନ୍ତ ଅପରିହାର୍ଯ୍ୟ ବୋଲି ମତପୋଷଣ କରିଥିଲେ। ଅନୁଷ୍ଠାନର ଇଲେକ୍ଟ୍ରିକାଲ ବିଭାଗର ଅଧ୍ୟାପକ କୃଷ୍ଣଚନ୍ଦ୍ର ସାହୁ କର୍ମଶାଳାର ସଂଯୋଜକ ଥିଲେ। ଆଇ.କ୍ୟୁ.ଏ.ସି. କୋଡ଼ିନେଟର ଅଧ୍ୟାପିକା ଶ୍ରୀବିଦ୍ୟା ବେଦସ୍ନାତା ଅତିଥି ପରିଚୟ ପ୍ରଦାନ ସହ ମଂଚ ପରିଚାଳନା କରିଥିଲେ। ସହନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ସାମନ୍ତ, ଅଧକ୍ଷ ଡକ୍ଟର ଶିବେନ୍ଦ୍ର କୁମାର ଘଡ଼ାଇ, ଉପାଧ୍ୟକ୍ଷ ଜ୍ୟୋତିରଞ୍ଜୀ ରାଉତ, ଏକାଡ଼େମିକ୍ ଡିନ୍ ଇଂ. ସରୋଜ କୁମାର ପାତ୍ର , ଇଲେକ୍ଟ୍ରିକାଲ ବିଭଗୀୟ ମୁଖ୍ୟ ଅଧ୍ୟାପିକା ଶୁଭଶ୍ରୀ ଦାସ, ଶଶିଭୂଷଣ ବେହେରା, ସଞ୍ଜୟ ପରିଡ଼ା, ସୁଶୀଲ ସ୍ୱାଇଁ, ପ୍ରାଚୀ ପଣ୍ଡା, ଅକ୍ଷୟ କୁମାର ବିଶ୍ୱାଳ, ଜୟନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇ କର୍ମଶାଳାର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳନା ପରିଷଦର ସଭାପତି ଡ. ମନ୍ମଥ କୁମାର ବିଶ୍ୱାଳ, ସମ୍ପାଦିକା ସୁବ୍ରତା ବିଶ୍ୱାଳ, ଉପସଭାପତି ଅଭିଷେକ ବିଶ୍ୱାଳ ଓ ସହ-ଉପସଭାପତି ରାଜଶ୍ରୀ ସ୍ୱାଇଁ ଆଲୋଚନା ଚକ୍ରରେ ଉପସ୍ଥିତ ସମସ୍ତ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବାରୁ ଶୁଭେଚ୍ଛା ଜଣାଇଛନ୍ତି।

# ୟାମାହାର ନୂତନ ସୋରୁମ ଉଦ୍‌ଘାଟିତ

ଖଇରା, (ସବ୍ୟୁ) :ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକରେ ୟାମାହାର ନୂତନ ସୋରୁମ ଉଦ୍ଘାଟିତ ହୋଇ ଯାଇଛି । ସାଇ ଅନନ୍ତ ଅଟୋମୋବାଇଲ କଂପାନୀର ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମହାନ୍ତି ଏହାକୁ ଉଦ୍ଘାଟନ କରିଥିଲେ । ଦିବ୍ୟଜ୍ୟୋତି ମହାନ୍ତି,ଦାମୋଦର ସାମଲ,ମନୋରଞ୍ଜନ କର,ଚକ୍ରଧର ବାରିକ,ବଳରାମ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ । ୟାମାହା ର ବିଭିନ୍ନ ମଡେଲର ବାଇକ ଓ ସ୍କୁଟି ଗ୍ରାହକଙ୍କର ପ୍ରଥମ ପସନ୍ଦ ସାଜିବ ବୋଲି ନିର୍ଦ୍ଦେଶକ ଶ୍ରୀ ମହାନ୍ତି କହିଛନ୍ତି ।


**ଦ.ପୂ. ରେଳପଥ**

**ସଂଶୋଧନ-୧**

ଚିଫ୍ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ପ୍ରୋଜେକ୍ଟ), ୧୧ କନଭେଣ୍ଟ ଲେନ୍, ବେଲିଆ ଘାଟ, କୋଲକାତା-୭୦୦୦୧୫ଙ୍କ ଦ୍ୱାରା ପୂର୍ବରୁ ପ୍ରକାଶିତ **ଇ-ଟେଣ୍ଡର ନୋଟିସ୍ ନଂ. ସିଇଇ/ପିଏସଆଇ/୧/ଆରକେଏସ୍‌ଏନ-ଏମ୍‌ୱାଇଜି ତାରିଖ : ୧୭.୦୩.୨୦୨୪ର ସଂଶୋଧନ ।** ଉପରୋକ୍ତ ଟେଣ୍ଡରରେ ନିମ୍ନୋକ୍ତ ସଂଯୋଗକୁ ଏହିଭଳି ଭାବେ ପଢ଼ାଯିବା ଆବଶ୍ୟକ । **"ପ୍ରି ବିଡ୍ କନଫରେନ୍ସ ସମୟରେ ବିଭିନ୍ନ ଫାର୍ମ ଦ୍ୱାରା ଉଠାଯାଇଥିବା କ୍ୱେରୀ ସମ୍ପର୍କରେ ଉତ୍ତର/ମନ୍ତବ୍ୟ ଅପଲୋଡ୍ କରାଯାଇଅଛି ।"** ଟେଣ୍ଡରର ଅନ୍ୟ ସମସ୍ତ ଚୁକ୍ତି ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି । ଇ-ଟେଣ୍ଡର ନୋଟିସ୍ ର ସବିଶେଷ ବିବରଣୀ **ସହିତ ସଂଶୋଧନ ନଂ ୦୧ www.ireps.gov.in**ରେ ଉପଲବ୍ଧ ଅଟେ । **(PR-1259/C)**



**ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି**
ନିର୍ଦ୍ଧାରଣ କ୍ଷେତ୍ରରେ ଶ୍ରେଷ୍ଠତ୍ୱ
(ଉଚ୍ଚତର ଶିକ୍ଷା ବିଭାଗ, ଶିକ୍ଷା ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନସ୍ଥ ଏକ ସ୍ୱୟଂଶାସିତ ସଂଗଠନ)

IIM BODH GAYA
IIM JAMMU

**ସର୍ବସାଧାରଣ ବିଜ୍ଞପ୍ତି**
**ତାରିଖ : ୨୨ ମାର୍ଚ୍ଚ, ୨୦୨୪**
**ମ୍ୟାନେଜମେଣ୍ଟ ଆଡମିଶନ ପରୀକ୍ଷା ୨୦୨୪ରେ**
**ଯୁଗ୍ମ ସମନ୍ୱିତ କାର୍ଯ୍ୟକ୍ରମ ପାଇଁ ଅନଲାଇନ ଦରଖାସ୍ତ ଫର୍ମ**

ରାଷ୍ଟ୍ରୀୟ ପରୀକ୍ଷା ଏଜେନ୍ସି (ଏନଟିଏ), ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆଇଆଇଏମ ବୋଧ ଗୟା ଏବଂ ଆଇଆଇଏମ ଜାମ୍ମୁ ରେ ମ୍ୟାନେଜମେଣ୍ଟରେ ୫ ବର୍ଷିଆ ସମନ୍ୱିତ କାର୍ଯ୍ୟକ୍ରମରେ ଆଡମିଶନ ନିମନ୍ତେ ଜେଆଇପିଏମଏଟି ପରିଚାଳନା କରିବେ । ସବିଶେଷ ବିବରଣୀ ନିମ୍ନରେ ଦର୍ଶାଯାଇଛି ।

| | |
|---|---|
| ଅନଲାଇନ ଦରଖାସ୍ତ ଫର୍ମ ଦାଖଲ | ୨୨ ମାର୍ଚ୍ଚ ୨୦୨୪ରୁ ୨୧ ଏପ୍ରିଲ ୨୦୨୪ (୦୫.୦୦ ଟା ପର୍ଯ୍ୟନ୍ତ) |
| ଅନଲାଇନ ଦରଖାସ୍ତ ଫି ଦାଖଲ | ୨୨ ଏପ୍ରିଲ ୨୦୨୪ (୧୧.୫୦ଟା ପର୍ଯ୍ୟନ୍ତ) |
| ସବିଶେଷ ବିବରଣୀ ଗୁଡିକରେ ସଂଶୋଧନ | ୨୩ ଏପ୍ରିଲ ୨୦୨୪ ଠାରୁ ୨୫ ଏପ୍ରିଲ ୨୦୨୪ (୧୧.୫୦ଟା ପର୍ଯ୍ୟନ୍ତ) |
| ପରୀକ୍ଷା ତାରିଖ | ୦୬ ଜୁନ, ୨୦୨୪ (ଗୁରୁବାର) |
| ପରୀକ୍ଷା ପ୍ରଣାଳୀ | କମ୍ପ୍ୟୁଟର ଆଧାରିତ ପରୀକ୍ଷା (ସିବିଟି) |
| ପେପର ପଦ୍ଧତି | ମଲଟିପଲ ଚଏସ ପ୍ରଶ୍ନାବଳୀ |

ପ୍ରାର୍ଥୀମାନେ ୬୦% ମାର୍କ ସହିତ ୧୦+୨/ଦ୍ୱାଦଶ/ଏଚଏସସି/ପିୟୁସି କଳା/ବାଣିଜ୍ୟ/ବିଜ୍ଞାନ/ଡିପ୍ଲୋମା କିମ୍ବା ସମତୁଲ ପରୀକ୍ଷାରେ ୬୦% ସହିତ ଉତ୍ତୀର୍ଣ୍ଣ ହୋଇଥିବା ଆବଶ୍ୟକ ୨୦୨୨, ୨୦୨୩ କିମ୍ବା ୨୦୨୪ରେ ଭାଗ ନେଇଥିବା (ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟ ଲିଙ୍ଗୀ ପ୍ରାର୍ଥୀମାନଙ୍କ ପାଇଁ ୫୫% ମାର୍କ) । ପ୍ରାର୍ଥୀ ୬୦% ମାର୍କ ସହିତ ଦଶମ ଶ୍ରେଣୀ ପରୀକ୍ଷାରେ ନିଶ୍ଚୟ ଉତ୍ତୀର୍ଣ୍ଣ ହୋଇଥିବେ (୨୦୨୦ ସୁଦ୍ଧା ଏସ୍‌ସି/ଏସ୍‌ଟି/ପିଡବ୍ଲ୍ୟୁଡି/ତୃତୀୟ ଲିଙ୍ଗୀ କିମ୍ବା ଅଧିକ ପ୍ରାର୍ଥୀମାନଙ୍କ ପାଇଁ ୫୫% ମାର୍କ ।
ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ/ସମୟ/ମିଡିୟମ/ସିଲାବସ, ଯୋଗ୍ୟତା ମାନଦଣ୍ଡ, ପରୀକ୍ଷାମୂଳକ ଭାବେ ଗ୍ରହଣ ବ୍ୟବସ୍ଥା, ସିଟ୍ ସଂରକ୍ଷଣ, ପରୀକ୍ଷା ହେଉଥିବା ସହର, ଗୁରୁତ୍ୱପୂର୍ଣ୍ଣ ତାରିଖ ପ୍ରଭୃତି https://exams.nta.ac.in/JIPMAT/ ରେ ଉପଲବ୍ଧ ସୂଚନା ପୁସ୍ତିକାରେ ଦର୍ଶାଯାଇଛି । ପରୀକ୍ଷା ଦେବାକୁ ଆଗ୍ରହୀ ପ୍ରାର୍ଥୀମାନେ ଜେଆଇପିଏମ୍ଏଟି ପାଇଁ ଉଦ୍ଦିଷ୍ଟ ବିସ୍ତୃତ ସୂଚନା ପୁସ୍ତିକା ପଢ଼ିପାରିବେ ଏବଂ କେବଳ ଅନଲାଇନରେ https://exams.nta.ac.in/JIPMAT/ ରେ ଆବେଦନ କରିପାରିବେ । ପରୀକ୍ଷା ଫି ଅନଲାଇନରେ ଦାଖଲ କରିବାକୁ ପଡିବ । ଏଥିପାଇଁ ନେଟ ବ୍ୟାଙ୍କିଙ୍ଗ ଡେବିଟ୍ କାର୍ଡ/କ୍ରେଡିଟ୍ କାର୍ଡ/ୟୁପିଆ ଜରିଆରେ ଏସବିଆଇ ଓ ଏଚଡିଏଫ୍‌ସି ବ୍ୟାଙ୍କ ପେମେଣ୍ଟ ଗେଟୱେ ବ୍ୟବହାର କରିବାକୁ ପଡିବ । ପ୍ରାର୍ଥୀମାନଙ୍କୁ ଏନଟିଏ. ୱେବସାଇଟ୍ https://exams.nta.ac.in/JIPMAT/ ସହିତ ଯୋଗାଯୋଗ ରଖିବା ପାଇଁ ପରାମର୍ଶ ଦିଆଯାଉଛି । ପ୍ରାର୍ଥୀମାନେ jipmat@nta.ac.in ରେ ଏନଟିଏ ନିକଟକୁ ଲିଖିତ ଭାବେ ଜଣାଇ ପାରିବେ କିମ୍ବା ଏନଟିଏକୁ ୦୧୧-୪୦୭୫୯୦୦୦ ରେ ଫୋନ କରିପାରିବେ ।

ସ୍ୱା/-
ବରିଷ୍ଠ ନିର୍ଦ୍ଦେଶକ (ପରୀକ୍ଷା)

CBC 21354/12/0017/2324


# ବଡ଼ବାଣପୁର ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ




ଖଣ୍ଡପଡା, (ସବ୍ୟୁ): ଖଣ୍ଡପଡା ବ୍ଲକ ଅଧିନ ବଡ଼ବାଣପୁର ପଂଚାୟତରେ ପୂର୍ବତନ ବିଧାୟକଅନୁଭବ ପଟ୍ଟନାୟକଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିୟାର ସିଂ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟରମାକାନ୍ତ ସେଠୀ, ପୂର୍ବତନ ସରପଂଚ ପ୍ରଦୀପ୍ତ କର, ପରିକ୍ଷିତ ମାଝି, ବିପିନ୍ ସାମଲ, ନିରଞ୍ଜନ ପଣ୍ଡା, ପୂର୍ବତନସମିତିସଭ୍ୟ ସଦାନନ୍ଦ ପ୍ରଧାନ, ସମାଜସେବୀ ଅଖିଳ କୁମାର ମହାରଣା, ଶିକ୍ଷାବିତ୍ ଜନ୍ମେଜୟ ନାୟକ, ସମବାୟନିର୍ଦ୍ଦେଶକ ସଞ୍ଜୟ ଖୁଂଟିଆ, ପ୍ରଫୁଲ୍ଲ କୁମାର ପ୍ରଧାନ, ତାରେଶ୍ୱର ପ୍ରଧାନ, ମାଟିଆ ପ୍ରଧାନ, ଅକ୍ରୁରପ୍ରଧାନ, ସଚିଦାନନ୍ଦ ପ୍ରଧାନ, ଧନେଶ୍ୱର ଦଳେଇ, ନିହାର ରଞ୍ଜନ ମିଶ୍ର, ଭରତ ମାଝିଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱକର୍ମୀ, ସଂଗଠକ ଓ ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କବିକାଶର ବାର୍ତା ଜନସାଧାରଣଙ୍କ ନିକଟରେ ପହଁଚାଇବା ସହ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରେ ଦଳୀୟ କର୍ମୀମାନେଶଙ୍ଖଚିହ୍ନ ପୋଷ୍ଟର ଲଗାଇଥିଲେ ।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର- ୭୫୧୦୦୭

**ଦଖଲ ନୋଟିସ୍**
[ରୁଲ- ୮(୧)] ସ୍ଥାବର ସମ୍ପତ୍ତି ନିମନ୍ତେ

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ସମ୍ପତ୍ତିଗୁଡିକର ଦଖଲ ସମ୍ବନ୍ଧୀୟ ନୋଟିସ୍ ପ୍ରକାଶନ**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨)ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଧାରା ୧୩(୨)ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ସେମାନଙ୍କର ଋଣ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩ (୪) ସହିତ ରୁଲ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ବନ୍ଧକ ସମ୍ପତ୍ତି ନିମ୍ନରେ ଦର୍ଶାଯାଇଥିବା ତାରିଖରେ ଦଖଲକୁ ନେଇଛନ୍ତି। ଏତଦ୍‌ଦ୍ୱାରା ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ, ଖର୍ଚ୍ଚ, ଆଇନଗତ ଦେୟ ପାଇଁ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ନୋଟିସ୍ ତାରିଖ | ବକେୟା ଦେୟ |
|---|---|---|---|---|
| **ଋଣଗ୍ରହୀତା: ମେସର୍ସ ମା ତାରା ତାରିଣୀ ରାଇସ୍ ମିଲ୍,** ସା/ପୋ: ଯାମିନୀ, ଜିଲ୍ଲା: ଗଞ୍ଜାମ-୭୬୧୦୪୩ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ସୁଧାଂଶୁ ଶେଖର ପାଣିଗ୍ରାହୀ, ୨) ଶ୍ରୀ ବଂଶୀଧର ପାଣିଗ୍ରାହୀ, ୩) ଶ୍ରୀମତୀ ପ୍ରଫୁଲ୍ଲ କୁମାରୀ ପାଣିଗ୍ରାହୀ, ୪) ଶ୍ରୀମତୀ ସସ୍ମିତା କୁମାରୀ ପାଣିଗ୍ରାହୀ,** ସମସ୍ତଙ୍କ ଠିକଣା- ସା: ଲକ୍ଷ୍ମଣ ବାଲାଜୀ ଷ୍ଟ୍ରିଟ୍, ପୋ: ଯାମିନୀ, ଗଞ୍ଜାମ-୭୬୧୦୪୩ | ସ୍ୱ ବଳରାମ ପାଣିଗ୍ରାହୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୧୩/୭୪୭, ପ୍ଲଟ୍ ନଂ.: ୬୪୯, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, କିସମ: ଘରବାରୀ, ମୌଜା: ଯାମିନୀ, ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୪୩, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୪୯୬୨, ଦକ୍ଷିଣ: ପ୍ଲଟ୍ ନଂ.: ୬୫୦, ପୂର୍ବ: ପ୍ଲଟ୍ ନଂ.: ୬୫୨, ପଶ୍ଚିମ: ପ୍ଲଟ୍ ନଂ.: ୬୪୮ | ୨୮.୧୧.୨୦୨୩ | ୨୭.୦୩.୨୦୨୪ | ୦୨.୦୫.୨୦୨୩ ସୁଦ୍ଧା ଟ.୮୧,୭୯,୩୮୧.୩୭ + ତତ୍‌ପରବର୍ତ୍ତୀ ସୁଧ, ଆନୁସଙ୍ଗିକ ଦେୟ, ଖର୍ଚ୍ଚ ଏବଂ ସୁଧ |

**ସ୍ଥାନ: ଭୁବନେଶ୍ୱର, ତାରିଖ : ୩୦.୦୩.୨୦୨୪** ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୬୭୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧ ।

## ଅଜଣା ନମ୍ବରରୁ ଆସୁଛି ଫୋନ : ଭୟଭୀତ ଅଭିଭାବକ

ଢ଼େଙ୍କିକୋଟ, (ସବ୍ୟୁ) :ବର୍ତ୍ତମାନ ଏକ ଅଜଣା ନମ୍ବରରୁ ହ୍ୱାଟସପ ମାଧ୍ୟମରେ ଫୋନ୍ କଲ ଆସୁଛି ପିଲାମାନଙ୍କ ଅଭିଭାବକମାନଙ୍କ ପାଖକୁ ।ସେ ଅଜଣା ନମ୍ବର ଟି ହେଉଛି ୭୮୪୦୮୬୧୮୧୦ ।ଯେଉଥିପାଇଁ ପିଲାମାନେ ଓ ଅଭିଭାବକ ଭୟଭୀତ। ଶୁକ୍ରବାର ଦିନ ଢ଼େଙ୍କିକୋଟ ନିକଟବର୍ତ୍ତି ସାନ୍ତରାପୁର ଲକ୍ଷ୍ମୀନାରୟଣ ବିଦ୍ୟାପୀଠ ର ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଶତପଥୀ ହାଇସ୍କୁଲ ଦଶମଶ୍ରେଣୀ ପରୀକ୍ଷା ଖାତା ଦେଖିବାକୁ କେନ୍ଦୁଝର ଯାଇଥିଲେ । ହଠାତ ଉକ୍ତ ନମ୍ବରରୁ ଫୋନ ଆସିଥିଲା । ଜଣେବ୍ୟକ୍ତି ହିନ୍ଦୀ ଭାଷାରେ କହିଥିଲେ ଆପଣଙ୍କ ପୁଅ ଅସୁବିଧାରେ ପଡିଛି । ତାଂକୁ ଅସାମାଜିକ ଯୁବକ ଆକ୍ରମଣ କରିଥିଲେ, ସେ ବର୍ତମାନ ଆମ ପାଖରେ ଅଛି। ତେଣୁ ଆମକୁ ଆମ ଟଂକା ପଠାଅ, ପୁଅକୁ ପାଇବ । ଏ କଥାଶୁଣି ସେ ଭୁବନେଶ୍ୱରରେ ରହୁଥିବା ପୁଅ କୁ ଫୋନ୍ କରିଥିଲେ । କିନ୍ତୁ ପୁଅ କହିଥିଲେ ମୁଁ ଠିକ୍ ଅଛି,ସେମିତି କିଛି ହୋଇନି । ପରେ ପରେ ସେହିଭଳି ଅନ୍ୟଜଣେ ସାର୍‌ଙ୍କୁ ଫୋନ୍ କଲ ଆସିଥିଲା ।ଯେଉଁ ନମ୍ବର୍ ରେ କଲ୍ ଆସିଥିଲା ଉକ୍ତ ହ୍ୱାଟସପରେ ୨ଜଣ ପୋଲିସଙ୍କ୍ ଫଟୋ ମଧ୍ୟଅଛି । ତେଣୁ ସମସ୍ତେ ସଚେତନ ହେବା ସହିତ ପୋଲିସ ସହାୟତା ନେବାକୁ ଶିକ୍ଷକ ସନ୍ତୋଷ କୁମାର ଶତପଥୀ ଅନୁରୋଧ କରିଛନ୍ତି ।





'ଗୁଡ ଫ୍ରାଇଡେ' ଅବସରରେ ଭୁବନେଶ୍ୱର ସତ୍ୟନଗର ସ୍ଥିତ କ୍ୟାଥୋଲିକ୍ ଚର୍ଚ୍ଚରେ ସମୂହ ପ୍ରାର୍ଥନା

## ବିଜେଡ଼ିରେ ଯୋଗଦେଲେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ

ଭୁବନେଶ୍ୱର (ସବ୍ୟୁ): କଂଗ୍ରେସର ବଲାଙ୍ଗିର ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଶୁକ୍ରବାର ଶଙ୍ଖଭବନ ଠାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ, ରାଜ୍ୟସଭାସାଂସଦ ଡକ୍ଟରସସ୍ମିତ ପାତ୍ର,ଖରିଆରବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ଓ ଶତାଧିକ କଂଗ୍ରେସକର୍ମୀଙ୍କୁ ଶ୍ରୀମତୀ ସାହୁ, ଡକ୍ଟର ପାତ୍ର ଓ ଶ୍ରୀ ପାଣିଗ୍ରାହୀ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ଆଜି କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ବିଶେଷ କରି ବଲାଙ୍ଗିର ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଶ୍ରୀମତୀ ସାହୁ, ଡକ୍ଟର ପାତ୍ର ଓ ଶ୍ରୀ ପାଣିଗ୍ରାହୀ କହିଥିଲେ ।




ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ସୁରେନ୍ଦ୍ର ସିଂ ଭୋଇ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛଶାସନ, ନିର୍ମଳଭାବ ମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁକ୍ରବାର ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେତାକୁ ସୁଚାରୁରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ଓ ନବୀନ ଓଡ଼ିଶା ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ।

ଏହି ମିଶ୍ରଣ ପର୍ବରେ ସଇଁତଲା ବ୍ଲକ ଅଧ୍ୟକ୍ଷା ମୋନିକା ସିଂଭୋଇ, ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ଟିଟିଲାଗଡ଼ ବ୍ଲକ କଂଗ୍ରେସ ସଭାପତି ବିକାଶ ଚନ୍ଦ୍ର ପାଣିଗ୍ରାହୀ, ପୂର୍ବତନ ବ୍ଲକକାର୍ଯ୍ୟକାରୀ ସଭାପତି ଅସୀମ ପଟ୍ଟନାୟକ, ଟାଉନ କଂଗ୍ରେସ ସଭାପତି ସୁଦାମ ସାହୁ, ସାଧାରଣ ସମ୍ପାଦକ ଚନ୍ଦ୍ରମଣୀ ତ୍ରିପାଠୀ, ଯୁବକଂଗ୍ରେସ ସମ୍ପାଦକ ସୁବ୍ରତ ବେହେରା, ଯୁବ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ସରାଫ, ଦୀପକ କୁମାର ଅଗ୍ରୱାଲ, ରଂଜିତ ସିଂହ ବାବୁ, ଦୀପାଳୀ ବାରିକ, ରାମେଶ୍ୱର ରଣା, ରଜତ ପଟ୍ଟନାୟକ, ଶ୍ରୀକାନ୍ତ ବାଗ, କୃଷ୍ଣଚନ୍ଦ୍ର ସରାଫ, ସତ୍ୟନାରାୟଣ ପଣ୍ଡା, ଗଦାଧର ସାହୁ, ଅମିତ ରଥ, ଛନ୍ଦାଚରଣ ବେହେରା, ରାଜକିଶୋର ପଟେଲ, ସଂଜୀବ ସ୍ୱାଇଁ, ସରପଞ୍ଚ ରାଜେନ୍ଦ୍ର ଜାନୀ, ଯୁଗଳମାଝୀ, ନନ୍ଦୀ କିଶୋରବାଗର୍ତୀ, ସମିତି ସଭ୍ୟ ସିମରଞ୍ଜନ ସିଂ, ରାକେଶ ନାୟକ, ଉମାକାନ୍ତ ରଣା, ଭାଗିରଥୀ ଛତିୟା, ଆରତୀସେଠ, ବନିତାସାହୁ, ନବୀନ ରଣା, ସିମାଞ୍ଚଳ ବେଣୁଆ, ସକ୍ରିୟ ସଦସ୍ୟ ସୋଭନେ ସିଂ ଭୋଇ, ଧନବର ସାହୁ, ବୈକୁଣ୍ଠସାହୁ, ଦେବେନ୍ଦ୍ର ଯୋଶୀ, ସଂଜୀବ ଅଗ୍ରୱାଲ, କାନନ ପଟ୍ଟନାୟକ, ଚୈତନ୍ୟ ସାହୁ, ଭିସମ ସାହୁ, ଆଶୀଷ ସାହୁ, ଉମେଶ ସାହୁ, ଅଶ୍ୱିନୀ ମାଝୀ, ନରେଶ ରଣା, ଯୋଗେଶ ରଣା, ରୋହିତ ଜାନୀ, ତପନ ଦାସଙ୍କ ସହ ଶତାଧିକ ନିର୍ବାଚିତ ପ୍ରତିନିଧି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହିମିଶ୍ରଣ ପର୍ବରେ ବିଜେଡ଼ି ମୁଖପାତ୍ର ଶ୍ରୀ ଡୁମ୍ବନାଥ ପଣ୍ଡା ଉପସ୍ଥିତ ଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଯୋଗ ମହୋତ୍ସବ ସମିତିର ଯୋଗ ଶିବିର

ବାଲେଶ୍ୱର,(ସବ୍ୟୁ) : ଗୁରୁବାର ପ୍ରାତଃ କାଳରେ ବିବେକାନନ୍ଦ ମାର୍ଗସ୍ଥିତ କାଳୀ ମନ୍ଦିର ପ୍ରାଙ୍ଗଣରେ ଏକ ଯୋଗଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରାର୍ଥୀମାନେ ଜଗିଙ୍ଗ୍ ଓ ସୂର୍ଯ୍ୟ ନମସ୍କାର ମାଧ୍ୟମରେ ଶରୀରକୁ ସନ୍ତୁଳିତ କରିବା ପରେ ପ୍ରାଣାୟାମ ଅଭ୍ୟାସ କରିଥିଲେ। ଯୋଗ ମହୋତ୍ସବ ସମିତି ବାଲେଶ୍ୱର ଦ୍ୱାରା ନିକଟରେ ଅନୁଷ୍ଠିତ ହୋଇଥିବା ତୀର୍ଥଦର୍ଶନରେ ତୀର୍ଥଯାତ୍ରୀମାନଙ୍କର ଅନୁଭୂତି ଆଦାନ ପ୍ରଦାନ କରାଯାଇଥିଲା। ଚନ୍ଦ୍ରଭାଗା ସମୁଦ୍ର ତଟରେ ସାଧକ ସାଧିକାମାନଙ୍କ ଦ୍ୱାରା ଉଦିତ ସୂର୍ଯ୍ୟଙ୍କୁ ସ୍ୱାଗତ ଜଣାଇ ୧୦୮ସମୂହ ସୂର୍ଯ୍ୟ ନମସ୍କାର ଅଭ୍ୟାସ ସହିତ ଶ୍ରୀମନ୍ଦିରରେ ବିଜେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଓ ପରିକ୍ରମା ପରିଭ୍ରମଣର ଅନୁଭୂତିକୁ ଶ୍ରୀଜଗନ୍ନାଥଙ୍କ ଅପାର କୃପା ବୋଲି ଦର୍ଶାଇଥିଲେ। ଏଥିରେ ଯୋଗ ମହୋତ୍ସବ ସମିତିର ସଭାପତି ସୁଜିତ କୁମାର ଜେନା ଉପସଭାପତି ଦମୟନ୍ତୀ ମହାପାତ୍ର, ଯୁଗ୍ମ ସମ୍ପାଦକ ସଞ୍ଜିବ କୁମାର ତାଲଦିଙ୍କ ସମେତ ବିଭିନ୍ନ ଯୋଗ କେନ୍ଦ୍ରରେ ସାଧକ ସାଧିକା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ସପ୍ତାହରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ମ୍ୟୁନିସିପାଲିଟି ଗୁଡ଼ିକରେ ଏହିଭଳି ଯୋଗଶିବିରମାନ ଅନୁଷ୍ଠିତ କରାଯାଇ ଯୋଗକୁ ସାର୍ବଜନୀନ କରି ବିଶ୍ୱ ଯୋଗଦିବସ ଜୁନ୍ ୨୧ ତାରିଖକୁ ସଫଳ କରାଇବାରେ ପ୍ରଚେଷ୍ଟା କରାଯିବାକୁ ସିଦ୍ଧାନ୍ତ ନିଆଯାଇଥିଲା।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ନୟାହାଟ, (ସବ୍ୟୁ): ଗୋପବ୍ଲକ ଅନ୍ତର୍ଗତ ମଧୁବନ ଗ୍ରାମର ଜାହାନ ଚରଣ ସାହୁ(୮୦)ଙ୍କର ଗତ ମଙ୍ଗଳବାର ମଧ୍ୟ ରାତିରେ ପରଲୋକ ଘଟିଛି । ସେ ଅମରଶ୍ୱର,କଦମ୍ବପାଟଣା ଇତ୍ୟାଦିବିଦ୍ୟାଳୟରେ ଶିକ୍ଷାଦାନ କରି ସୁହାନପୁର ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟରୁ ପ୍ରଧାନ ଶିକ୍ଷକରୁ ଅବସର ନେଇଥିଲେ । ତାଙ୍କର ପୁତ୍ରଙ୍କନିକଟକୁ ଚିକିତ୍ସିତ ହେବାକୁ ରାଉରକେଲାକୁ ଯିବା ବାଟରେ ହୃଦଘାତରେ ମୃତ୍ୟୁବରନ କରିଥିଲେ । ସେ ଜଣେ ସରଳ, ନିଷ୍କପଟ, ପରୋପକାରି ଛାତ୍ର ବତ୍ସଳ ଥିଲେ । ତାଙ୍କର ମୃତ୍ୟୁ ଖବର ପାଇ ମଧୁସୂଦନ ବରିଷ୍ଠ ନାଗରିକ ମଞ୍ଚର ଉପଦେଷ୍ଟା ପୂର୍ବତନତହସିଲଦାର ସୁରେନ୍ଦ୍ର ମୋହନ ମିଶ୍ର,ଉପସଭାପତି ସୁରେନ୍ଦ୍ର ମୋହନ ବିଟି,ସଭ୍ୟ କାହ୍ନୁଚରଣ ସାହୁ,ପ୍ରାଣବନ୍ଧୁ ଦଲାଇ,ରାମଚନ୍ଦ୍ରମହାନ୍ତି,ପୁର୍ବତନ ସରପଞ୍ଚ ପ୍ରଣୟ କୁମାର ସାହୁ,ସରପଞ୍ଚ ପ୍ରଭାତି ସାହୁ ଓ ବହୁ ଶିକ୍ଷକ ଶିକ୍ଷୟତ୍ରୀ ,ଛାତ୍ର ଛାତ୍ରୀ ପ୍ରମୁକ ସ୍ୱର୍ଗତ ସାହୁଙ୍କବାସଭବନରେ ପହଞ୍ଚି ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଅନ୍ତିମ ଦର୍ଶନ କରି ତାଙ୍କର ଅମରଆତ୍ମାର ସଦଗତି କାମନା କରିଥିଲେ । ଶେଷରେ ଜ୍ଞାତିକୁଟୁମ୍ବଙ୍କ ଗହଣରେ ପୁରି ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା । ଜ୍ୟେଷ୍ଠପୁତ୍ର କେଲୁ ଚରଣ ସାହୁ ମୁଖାଗ୍ନି ଦେଇଥିଲେ ।

### ଗଣତନ୍ତ୍ରର ସୁରକ୍ଷା ପାଇଁ ସମସ୍ତେ ଭୋଟ ଦେବା ଜରୁରୀ

## ଏଡିଆର ଓ ଓଡିଶା ଇଲେକସନ ୱାଚ ପକ୍ଷରୁ ରାଜ୍ୟସ୍ତରୀୟ ଆଲୋଚନାଚକ୍ର




ଭୁବନେଶ୍ୱର (ସବ୍ୟୁ): ଗଣତନ୍ତ୍ରକୁ ସୁରକ୍ଷିତ ରଖିବାପାଇଁ ଆମ ସମସ୍ତଙ୍କୁ ଭୋଟ ଦେବାକୁ ପଡିବ । ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନମଙ୍ଗଳ ଯୋଜନାଗୁଡିକ କାର୍ଯ୍ୟକାରୀ ହୋଇଥାଏ । ତେଣୁ ଯୁବ ଭୋଟରମାନେ ନିଜେ ଭୋଟ ଦେବା ସହିତ ଅନ୍ୟମାନଙ୍କୁ ଭୋଟ ଦେବାରେ ସହାୟତା କରିବା ପାଇଁ କହିଛନ୍ତି ରାଜ୍ୟ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର । ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମସ (ଏଡିଆର) ଓ ଓଡିଶା ଇଲେକସନ ୱାଚ ପକ୍ଷରୁ ଆୟୋଜିତ 'ନାଗରିକ ଶିକ୍ଷା ମାଧ୍ୟମରେ ଯୁବ ସଶକ୍ତିକରଣ : ମତଦାନ ସଂକ୍ରାନ୍ତୀୟ ସୂଚନା ଜ୍ଞାନକୌଶଳ '' ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ରକୁ ଉଦଘାଟନ କରି ଶ୍ରୀ କର ଉପରୋକ୍ତ ମତ ରଖିଛନ୍ତି । ସେ କହିଛନ୍ତି ଯେ ସମସ୍ତ ଯୋଗ୍ୟ ଭୋଟରଙ୍କୁ ତାଲିକାରେ ସାମିଲ କରିବା ହେଉଛି ମୁଖ୍ୟ ଲକ୍ଷ୍ୟ । ପୂର୍ବ ନିର୍ବାଚନଗୁଡିକରେ ୨.୮୧ ପ୍ରତିଶତ ନୂଆ ଭୋଟର ସାମିଲ ହେଉଥିବାବେଳେ ଚଳିତବର୍ଷ ସେଥିରେ ଅଭିବୃଦ୍ଧି ହୋଇଛି । ତାଲିକାରେ ସାମିଲ ପାଇଁ ୭୦ହଜାର ଆବେଦନପତ୍ର ପଡିଛି । ଓଡିଶା ଇଲେକସନ ୱାଚର ସଂଯୋଜକ ରଞ୍ଜନ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଆଲୋଚନାଚକ୍ରର ଉଦ୍ଦେଶ୍ୟ ସଂକ୍ରାନ୍ତରେ କହିଥିଲେ । ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ପୂର୍ବତନ ପୁଲିସ ମହାନିର୍ଦ୍ଦେଶକ ଅମୀୟ ଭୂଷଣ ତ୍ରିପାଠୀ ଅଧ୍ୟକ୍ଷତା କରି କହିଥିଲେ ଯେ ଭୋଟ ଦେବା ହେଉଛି ଆମର ଅଧିକାର । ତେଣୁ ଠିକ ଲୋକଙ୍କୁ କିଭଳି ଚୟନ କରାଯିବ ସେ ସଂକ୍ରାନ୍ତରେ ଯୁବ ଭୋଟରମାନେ ଲୋକଙ୍କୁ ବୁଝାଇବା ଦରକାର । ଆଲୋଚନାଚକ୍ରରେ ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ମତଦାନ ବ୍ୟବସ୍ଥାରେ ଲୋକଙ୍କୁ ସୂଚନା ଦେବା ସହ ସଚେତନ କରିବାପାଇଁ ଥିବା ବିଭିନ୍ନ ୱେବସାଇଟ ଓ ଆପ ସଂକ୍ରାନ୍ତରେ ସୂଚନା ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ଯତୀନ୍ଦ୍ର ଦାଶ ଓ ଡକ୍ଟର ସୌମ୍ୟା ପରିଡା ଯୁବ ଭୋଟରମାନେ ନିଜେ ସଚେତନ ହେବା ସହିତ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବରର ସତ୍ୟାସତ୍ୟ ବୁଝି ଅନ୍ୟମାନଙ୍କୁ ସଚେତନ କରିବା ଉପରେ ଜୋର ଦେଇଥିଲେ ।

## ଟିପିସିଓଡିଏଲ୍ ପକ୍ଷରୁ ଆର୍ଥ ଆୱାର ପାଳିତ

ଭୁବନେଶ୍ୱର (ସବ୍ୟୁ) : ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଂଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପରିବେଶ ଅବକ୍ଷୟ ଏବଂ ଜଳବାୟୁ ପରିବର୍ତନ ରୋକିବା ପାଇଁ ଜରୁରୀ ପଦକ୍ଷେପର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆର୍ଥ ଆୱାରରେ ଗର୍ବର ସହ ଅଂଶଗ୍ରହଣ କରିଛି।୨୦୨୪ ମାର୍ଚ୍ଚ ୨୩ ତାରିଖରେ ଟିପିସିଓଡିଏଲ୍ ପୃଥିବୀ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ଭାବେ ରାତି ସାଢ଼େ ୮ଟାରୁ ରାତିସାଢ଼େ ୯ଟା ପର୍ଯ୍ୟନ୍ତ ୬୦ ମିନିଟ୍ ପାଇଁ ଲାଇଟ୍ ବନ୍ଦ କରିବାକୁ ଗ୍ରାହକମାନଙ୍କୁ ଉତ୍ସାହିତ କରି ବିଶ୍ୱର ଲକ୍ଷ ଲକ୍ଷ ଲୋକଙ୍କସହ ମିଶି ଆର୍ଥ ଆୱାର ପାଳନ କରିଥିଲା। ୨୦୨୪ ଆର୍ଥ ଆୱାରର ଶୀର୍ଷକ 'ସୁଇଚ୍ ଅଫ୍ ଆଣ୍ଡ ଗିଭ ଆନ୍ ଆୱାର ଫର୍ ଆର୍ଥ' ଜରିଆରେ ପରିବେଶ ନିରନ୍ତରତାକୁ ପ୍ରୋତ୍ସାହିତ କରିବା ଏବଂ ପ୍ରକୃତି ସହିତ ପୁନଃ ସଂଯୋଗ କରୁଥିବାକାର୍ଯ୍ୟକଳାପ ପାଇଁ ନିଜକୁ ଉତ୍ସର୍ଗ କରିବାକୁ ଅଂଶଗ୍ରହଣକାରୀମାନଙ୍କୁ ଅନୁରୋଧ କରାଯାଇଥିଲା।ଟିପିସିଓଡିଏଲ୍ ଏବଂ ଏହାର ଅଂଶୀଦାରଙ୍କ ଠାରୁ ଆର୍ଥ ଆୱାର ପାଳନ ପାଇଁ ମିଳିଥିବା ପ୍ରତିକ୍ରିୟା ଉଲ୍ଲେଖନୀୟ ଅଟୋକମ୍ପାନିର କଲ୍ ସେଂଟର ଏଥିରେ ଅଂଶଗ୍ରହଣ କରିଥିବା ବେଳେ ଅନ୍ୟ କର୍ମଚାରୀମାନେ ସେମାନଙ୍କ ପରିବାର ସହିତଉତ୍ସାହର ସହ ଏହି ପଦକ୍ଷେପକୁ ସମର୍ଥନ କରିଥିଲେ।ଟିପିସିଓଡିଏଲର ସିଇଓ ଶ୍ରୀ ଅରବିନ୍ଦ୍ ସିଂହ ଆର୍ଥ ଆୱାର ପାଳନର ଆବଶ୍ୟକତା କୁ ନେଇ କହିଛନ୍ତି ଯେ ଏହା ପୃଥିବୀମାତାକୁ ଧନ୍ୟବାଦ ଦେବା ଏବଂ ତାହାର ସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ଆମର ପ୍ରତିଶ୍ରୁତିକୁ ନବୀକରଣ କରିବାର ସମୟ। ଚଳିତବର୍ଷର ଆର୍ଥ ଆୱାର ବିଷୟବସ୍ତୁ 'ସୁଇଚ୍ ଅଫ୍ ଆଣ୍ଡ ଗିଭ ଆନ୍ ଆୱାର ଫର୍ ଆର୍ଥ' ଆମକୁ ପ୍ରକୃତି ସହ ପୁନର୍ବାରଯୋଡ଼ିଥିବା କାର୍ଯ୍ୟକଳାପରେ ନିୟୋଜିତ ହେବାକୁ ପ୍ରେରଣା ଦେଇଛି। ଆର୍ଥ ଆୱାର ପାଳନ କେବଳ ଏକ ସାଧାରଣପଦକ୍ଷେପ ନୁହେଁ, ଏହା ଏକ ବିଶ୍ୱବ୍ୟାପୀ ଆନ୍ଦୋଳନ ଯାହା ଆମ ପୃଥିବୀକୁ ସୁରକ୍ଷିତ ରଖିବା ପାଇଁ ଆମର ମିସନରେଲକ୍ଷ ଲକ୍ଷ ଲୋକଙ୍କୁ ଏକାଠି କରିଛି।''ଜଳବାୟୁ ପରିବର୍ତ୍ତନ, ଜୈବ ବିବିଧତା ନଷ୍ଟ ଏବଂ ପ୍ରତିକୂଳ ପାଣିପାଗ ଘଟଣାର ବଢୁଥିବା ଆହ୍ୱାନକୁ ଦୃଷ୍ଟିରେ ରଖି,ଆର୍ଥ ଆୱାର ବ୍ୟକ୍ତି ବିଶେଷ ଏବଂ ସଂଗଠନଗୁଡିକୁ ଦୀର୍ଘସ୍ଥାୟୀ କାର୍ଯ୍ୟ ମାଧ୍ୟମରେ ବାସ୍ତବ ପରିବର୍ତ୍ତନ ଆଣିବାକୁ ଏକସୁଯୋଗ ପ୍ରଦାନ କରୁଛି।



## ଏକ ପେନ୍‌ସନ ଉତ୍ପାଦରେ ନିବେଶ କରିବା ପାଇଁ ଏହା ହେଉଛି ଉପଯୁକ୍ତ ସମୟ

ଭୁବନେଶ୍ୱର (ସବ୍ୟୁ) : ବିଭିନ୍ନ ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି ଯେ, ଭାରତରେ ସୁଧ ହାରଗୁଡିକ ଆସନ୍ତା କିଛି ମାସରେ ବର୍ତମାନର ହାରାହାରି ସ୍ତରରୁ ହ୍ରାସ ପାଇବ। ୭%ର ସୁଧହାର ବର୍ତମାନ ଗ୍ରାହକମାନଙ୍କୁ ବିଦ୍ୟମାନ ସୁଧହାରରେ ଏକ ଆନ୍ୟୁଟି ପ୍ରଡକ୍ଟରେ ସେମାନଙ୍କର ନିବେଶକୁ ଲକ୍-ଇନ୍ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି। ତେଣୁ ଏକ ଆନ୍ୟୁଟି ପ୍ରଡକ୍ଟରେ ନିବେଶ କରିବା ଦ୍ୱାରା ତାହା କିଭଳି ଗ୍ରାହକଙ୍କୁ ଉପକୃତ କରିଥାଏ , ଆସନ୍ତୁ ଜାଣିବା। ବିଭିନ୍ନ ଆନ୍ୟୁଟି ପ୍ରଡକ୍ଟଗୁଡିକ ମଧ୍ୟରେ ଆଇସିଆଇସିଆଇ ପ୍ରୁ ଗ୍ୟାରେଂଟିଡ ପେନ୍‌ସନ ପ୍ଲାନ୍ ଫ୍ଲେକ୍ସି ସ୍ୱତନ୍ତ୍ର ଭାବେ ଉଭା ହୋଇଛି କାରଣ ଏହା ଗ୍ରାହକଙ୍କୁ ସିଷ୍ଟମାଟିକ ବା ବ୍ୟବସ୍ଥିତ ଭାବେ ନିବେଶ କରି ଏକ ଅବସରକାଳିନ ପାଣ୍ଠି ନିର୍ମାଣ କରିବା ପାଇଁ ସାହାଯ୍ୟ କରୁଛି। ଏହା ଅବସର ପରେ ଏକ ନିଶ୍ଚିତ ଓ ସ୍ଥିର ଆୟ ସୁନିଶ୍ଚିତ କରୁଛି, ଯାହା ବିଶେଷ କରି ଭାରତ ଭଳି ବଜାରଗୁଡିକରେ ଲାଭଦାୟକ ଅଟେ ଯେଉଁଠାରେ ସୁଧ ହାର ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ଏହାବ୍ୟତୀତ ଏହି ପ୍ଲାନ୍‌ର ଏକ ଭାରିଆଂଟ୍ ଏକ ସ୍ୱତନ୍ତ୍ର ଫିଚର ପ୍ରଦାନ କରୁଛି ଯାହା ପଇଠ କରାଯାଇଥିବା ସମସ୍ତ ପ୍ରିମିୟମର ୧୦୦% ରିଫଣ୍ଡ ପ୍ରଦାନ କରୁଛି, ଯାହା ଏହାକୁ ଜୀବନ ବୀମା ଶିଳ୍ପର ଏଭଳି ପ୍ରଥମ ଉତ୍ପାଦରେ ପରିଣତ କରୁଛି।

### ବିଜେପିର ପ୍ରାଥମିକ ସଭ୍ୟ ପଦରୁ ପ୍ରକାଶଙ୍କ ଇସ୍ତଫା

## କର୍ମୀ, ଶୁଭେଚ୍ଛୁ, ମୁରବିଙ୍କ ସହ ଆଗାମୀ କାର୍ଯ୍ୟକ୍ରମ ପାଇଁ ଲୋଡିଲେ ସହଯୋଗ



କଟକ, (ସବ୍ୟୁ): ବିଜେପି ଦଳର ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା କର୍ମୀ ମାନଙ୍କ ସୁବିଧା, ଅସୁବିଧା ସଂକ୍ରାନ୍ତରେ ଛାମୁଆ ନେତାଙ୍କ ସହ ଆଲୋଚନା କଲି କିନ୍ତୁ ଏଥିରେ କୌଣସି ପରିବର୍ତ୍ତନ ଦେଖାଦେଲାନି । ଦଳରେ ଖାପ ଖୁଆଇ ଚଳିପାରିଲାନି । ତେଣୁ ବାଧ ହୋଇ ବିଜେପି ଦଳରୁ ଇସ୍ତଫା ଦେଲି ବୋଲି ଆଜି ଟାଙ୍ଗୀ ସାଲେପୁର ଠାରେ କର୍ମୀ, ଶୁଭେଚ୍ଛୁ ଓ ମୁରବୀ ମାନଙ୍କ ସହ ଆଲୋଚନା ବେଳେ କହିଛନ୍ତି ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା । ତେବେ ନିର୍ବାଚନ ବିଗୁଲ ବାଜିସାରିଥିବା ବେଳେ ଆଗକୁ କଣ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ ସେ ସଂକ୍ରାନ୍ତରେ ସେ ସଂକ୍ରାନ୍ତରେ ଉପସ୍ଥିତ ଶୁଭେଚ୍ଛୁଙ୍କ ସହ ଆଲୋଚନା ସହ ପରାମର୍ଶ ଗ୍ରହଣ କରିଥିଲେ ।

## ଏନଏମଡିସିର ପୂର୍ବତନ କର୍ମଚାରୀ ପୋର୍ଟାଲ୍ 'ସମ୍ମାନ୍' ଉନ୍ମୋଚିତ

ଭୁବନେଶ୍ୱର (ସବ୍ୟୁ): ଏନଏମଡିସି ପୂର୍ବତନ କର୍ମଚାରୀଙ୍କ ପାଇଁ ସମ୍ମାନ୍ ପୋର୍ଟାଲ୍ ଉନ୍ମୋଚନ କରି ଡିଜିଟାଲ୍ ନବସୃଜନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ହାଇଦ୍ରାବାଦସ୍ଥିତ କମ୍ପାନୀର ମୁଖ୍ୟାଳୟରେ ଅମିତାଭ ମୁଖାର୍ଜୀଙ୍କ ଅଧକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ (ଅତିରିକ୍ତ ଚାର୍ଜ) ବିନୟ କୁମାର, ନିର୍ଦ୍ଦେଶକ ( ବୈଷୟିକ) ବି ବିଶ୍ୱନାଥ, ସିଭିଓ, ପ୍ରକଳ୍ପ ମୁଖ୍ୟ, ମୁଖ୍ୟାଳୟର ବିଭାଗର ମୁଖ୍ୟ ପ୍ରମୁକ ଉପସ୍ଥିତ ଥିଲେ । ଭାରତର ସର୍ବବୃହତ ଲୁହାପଥର ଉତ୍ପାଦନକାରୀ ଭାବରେ ଏନଏମଡିସି କେବଳ ଶିଳ୍ପ ଉନ୍ନତି ପାଇଁ ପ୍ରତିବଦ୍ଧ ନୁହେଁ ବରଂ ମାନବ ସମ୍ବଳକୁ ମଧ୍ୟ ଗୁରୁତ୍ୱ ଦେଇଥାଏ ଯାହା ଏହାର ସଫଳତାର ଏକ ପ୍ରମୁଖ କାରଣ ଅଟେ । ସମ୍ମାନ ହେଉଛି ଏହି ପ୍ରତିବଦ୍ଧତାର ଏକ ସୂଚକ, ପୂର୍ବତନ କର୍ମଚାରୀମାନଙ୍କୁ ବିଭିନ୍ନ ଚିକିତ୍ସା ଦାବି ପରିଚାଳନା, ବ୍ୟକ୍ତିଗତ ପ୍ରୋଫାଇଲ୍, ନିର୍ଭରଶୀଳ ବିବରଣୀ ଏବଂ ପ୍ରୟୋଗ ସ୍ଥିତିକୁ ପରିଚାଳନା କରିବା ପାଇଁ ଅନଲାଇନରେ ଡିଜିଟାଲ୍ ପ୍ଲାଟଫର୍ମ ପ୍ରଦାନ କରିଥାଏ । ୟୁଜର୍ ଫ୍ରେଣ୍ଡଲି ପୋର୍ଟାଲ୍ ଡିଜାଇନ୍ ହୋଇଛି ଯେ ସମସ୍ତ ଅବସରକାଳୀନ ସେବାକୁ ଠିକ୍ ସମୟରେ ପରିଶୋଧ ଏବଂ ସହଜ ପ୍ରବେଶ ସୁନିଶ୍ଚିତ କରିବା, ଯାହା ଦ୍ୱାରା ପୂର୍ବତନ ଏନଏମଡିସି କର୍ମଚାରୀମାନଙ୍କୁ ସେମାନଙ୍କ ଦ୍ୱାରରେ ଆରାମଦାୟକ ଏବଂ ସୁବିଧାଜନକ ସେବା ଯୋଗାଇ ଦିଆଯାଉଛି । ଏହି ଉନ୍ମୋଚନ ଉତ୍ସବରେ ଯୋଗ ଦେଇ ସିଏମଡି (ଅତିରିକ୍ତ ଚାର୍ଜ) ଅମିତାଭ ମୁଖାର୍ଜୀ କହିଛନ୍ତି, ଆମର ପୂର୍ବତନ କର୍ମଚାରୀଙ୍କ ଜୀବନକୁ ସହଜ କରିବାରେ ଆମେ ଯୋଗଦାନ ଦେଇଥିବାରୁ ଆମେ ଆନନ୍ଦିତ । କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ ନାହିଁ । ଲାଭ ବିନା ଦାନ କରିବାର ଆମର ମୂଳ ଆତ୍ମାକୁ ପ୍ରତିନିଧିତ୍ୱ କରି ଏହି ପଦକ୍ଷେପ ଆମର ବିଶ୍ୱାସକୁ ପୁନଃ ପ୍ରମାଣିତ କରେ ଯେଉଁମାନେ ଆମର ଯାତ୍ରାର ଏକ ଅବିଚ୍ଛେଦ୍ୟ ଅଙ୍ଗ ହୋଇସାରିଛନ୍ତି । 'ସମ୍ମାନ'ର ଶୁଭାରମ୍ଭ କେବଳ ଏନଏମଡିସର ଡିଜିଟାଲ୍ ଯାତ୍ରାରେ ଏକ ନୂତନ ଅଧ୍ୟାୟ ଚିହ୍ନିତ କରେ ନାହିଁ, ବରଂ ଏନଏମଡିସି ପରିବାରର ସମସ୍ତ ସଦସ୍ୟଙ୍କ ପାଇଁ ଅତୀତ ଏବଂ ବର୍ତ୍ତମାନର ଏକ ଯତ୍ନଶୀଳ ତଥା ଅନ୍ତର୍ଭୁକ୍ତ ପରିବେଶ ପ୍ରତିପୋଷଣ ପାଇଁ କମ୍ପାନୀର ଉତ୍ସର୍ଗୀକୃତତାକୁ ମଧ୍ୟ ସୂଚିତ କରେ ।




### ନକଲି ଖବର ଉତ୍ସଗୁଡିକର ବିଶ୍ଳେଷଣ

## ବ୍ରାଣ୍ଡଗୁଡିକୁ ହେଉଥିବା କ୍ଷତିକୁ ଉନ୍ମୋଚନ କରୁଛି

ଭୁବନେଶ୍ୱର (ସବ୍ୟୁ): ଆଜିର ଡିଜିଟାଲ ଯୁଗରେ ନକଲି ଖବରର ବ୍ୟାପକ ପ୍ରସାର ଏକ ବିନାସକାରୀ ଶକ୍ତିରେ ପରିଣତ ହୋଇଛି, ଯାହା ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ଏପରିକି ସମଗ୍ର ଶିଳ୍ପଗୁଡିକ ଉପରେ ବିଧ୍ୱଂସକାରୀ ପ୍ରଭାବ ପକାଇବା ପାଇଁ ସକ୍ଷମ ଅଟେ। ଏହି ମହାମାରୀର ପୀଡିତମାନଙ୍କ ମଧ୍ୟରେ ବ୍ରାଣ୍ଡଗୁଡିକ ସାମିଲ ଅଛନ୍ତି ଯିଏ ନିଜକୁ ଭୂଲ ସୂଚନାର ଜାଲରେ ଛନ୍ଦି ହୋଇଯାଇଥିବା ପାଇଥାନ୍ତି ଯାହା ସେମାନଙ୍କର ପ୍ରତିଷ୍ଠାକୁ ନଷ୍ଟ କରିବା ସହିତ ଉପଭୋକ୍ତାଙ୍କ ବିଶ୍ୱାସକୁ ଭାଙ୍ଗିଥାଏ। ନକଲି ଖବରର ଫ୍ୟାକ୍ଟ୍ରିଗୁଡିକ ଆଶ୍ଚର୍ଯ୍ୟଜନକ ଦକ୍ଷତା ସହିତ ନକଲି ବା ଭୂଲ ସୂଚନା ପ୍ରସାର କରିବା ପାଇଁ ସୋସିଆଲ ମିଡିଆ, କ୍ଲିକ୍ ବେଟ୍ ହେଡ୍‌ଲାଇନ ଓ ଭାଇରାଲ କଂଟେଂଟ୍‌ର ଉପଯୋଗ କରି ଗୁପ୍ତ ଭାବେ ପରିଚାଳନା କରିଥାନ୍ତି । ଏହି ଫ୍ୟାକ୍ଟ୍ରିଗୁଡିକ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡିକର ଅନ୍ତର୍ନିହିତ ଦୁର୍ବଳତାକୁ ଶୋଷଣ କରିଥାନ୍ତି, ଯେଉଁଠାରେ ସେନ୍ସେସ୍‌ନାଲିଜିମ, ସଠିକତାକୁ ପରାଜିତ କରିଥାଏ ଏବଂ ଭୂଲ ଓ ମିଥ୍ୟା ଖବର ଜଙ୍ଗଲ ନିଆଁ ଭଳି ବ୍ୟାପିଥାଏ। ଏସ୍.ଏନ୍.ଡି.ଟି ୱମେନ୍‌ସ ୟୁନିଭର୍ସିଟିର ଡିପାର୍ଟମେଂଟ୍ ଅଫ୍ ପୋଷ୍ଟ ଗ୍ରାଜୁଏଟ ଷ୍ଟଡିସ ଆଣ୍ଡ ରିସର୍ଚ୍ଚ ଇନ୍ ହୋମ୍ ସାଇନ୍ସ, ଡିପାର୍ଟମେଂଟ୍ ଅଫ୍ ଫୁଡ୍ ସାଇନ୍ସ ଆଣ୍ଡ ନ୍ୟୁଟ୍ରିସନରେ ବର୍ତମାନ ଜଣେ ଭିଜିଟିଂ ଫ୍ୟାକଲ୍ଟି ଭାବେ କାର୍ଯ୍ୟ କରୁଥିବା ଜଣେ ଆସୋସିଏଟ ପ୍ରଫେସର ଡଃ ମୀନା ମେହତା କହିଛନ୍ତି, 'ସମୁଦାୟର ଏକ ସଚେତକ ସ୍ୱର ଭାବେ ଆମେ ପାମ୍ ତେଲକୁ ନେଇ ରହିଥିବା ଭୂଲ ସୂଚନାଗୁଡିକ ଯୋଗୁଁ ସୃଷ୍ଟି ହେଉଥିବା ଆହ୍ୱାନଗୁଡିକୁ ଚିହ୍ନଟ କରିଛୁ। ଭୂଲ ସୂଚନାର ପ୍ରସାର କେବଳ ଉପଭୋକ୍ତାଙ୍କୁ ବିପଥଗାମୀ କରିନଥାଏ ବରଂ ପାମ୍ ତେଲ ଶିଳ୍ପର ଏକତାକୁ ସଙ୍କଟଗ୍ରସ୍ତ କରିଥାଏ ।

# ଏପ୍ରିଲ ୧ରେ ୨ ହଜାର ଟଙ୍କିଆ ନୋଟ୍ ଅଦଳବଦଳ ବନ୍ଦ



**ନୂଆଦିଲ୍ଲୀ:** ଏପ୍ରିଲ ୧ ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ)ରେ ଦୁଇ ହଜାର ଟଙ୍କିଆ ନୋଟ୍ ଜମା କରି ହେବ ନାହିଁ କି ବଦଳ କରି ହେବ ନାହିଁ। କାରଣ ସେହି ଦିନ ଆରବିଆଇ ଏହି ବର୍ଷ ପାଇଁ ତା'ର ଏକାଉଣ୍ଟ ବନ୍ଦ କରିବ। ତେବେ ଏପ୍ରିଲ ୨ ତାରିଖରୁ ଆରବିଆଇରେ ପୁଣି ଥରେ ଦୁଇ ହଜାର ଟଙ୍କିଆ ନୋଟ୍ ଜମା କରି ହେବା ବା ବଦଳାଇ ହେବ। ଆରବିଆଇ ପକ୍ଷରୁ ଏହି ଘୋଷଣା କରାଯାଇଛି। ଆରବିଆଇ ପକ୍ଷରୁ କୁହାଯାଇଛି ଯେ ସୋମବାର (ଏପ୍ରିଲ ୧ ତାରିଖ) ଭାରତୀୟ ରିଜର୍ଭ ବ୍ୟାଙ୍କର ୧୯ଟି ଯାକ ଅଫିସରେ ଦୁଇ ହଜାର ଟଙ୍କିଆ ନୋଟ୍ ଜମା କରି ହେବା ନାହିଁ କି ବଦଳା ଯାଇ ପାରିବ ନାହିଁ। ବାର୍ଷିକ ଆକାଉଣ୍ଟ ବନ୍ଦ ସହିତ ଜଡ଼ିତ କାମ ସଂପନ୍ନ କରିବାକୁ ଥିବାରୁ ଏହି ଦିନ ଦୁଇ ହଜାର ଟଙ୍କିଆ ନୋଟ୍ ଜମା କରି ହେବା ନାହିଁ କି ବଦଳା ଯାଇ ପାରିବ ନାହିଁ। ଅହମଦାବାଦ, ବେଙ୍ଗାଲୁରୁ, ମୁମ୍ବାଇ ସହିତ ଦେଶର ଅନ୍ୟାନ୍ୟ ସ୍ଥାନରେ ଥିବା ଆରବିଆଇର ୧୯ଟି ଅଫିସରେ ଲୋକେ ଦୁଇ ହଜାର ଟଙ୍କିଆ ନୋଟ୍ ବଦଳାଇ ପାରୁଛନ୍ତି। ୨୦୨୪ ମାର୍ଚ୍ଚ ୧ ତାରିଖ ସୁଦ୍ଧା ଆରବିଆଇକୁ ୯୭.୬୨% ଦୁଇ ହଜାର ଟଙ୍କିଆ ନୋଟ୍ ଫେରି ସାରିଛି। ୨୦୨୩ ମେ' ୧୯ ତାରିଖରେ ଆରବିଆଇ ବଜାରରେ ପ୍ରଚଳିତ ଥିବା ୨ ହଜାର ଟଙ୍କିଆ ନୋଟ୍ ପ୍ରତ୍ୟାହାର ହେବ ବୋଲି ଘୋଷଣା କରିଥିଲା।

# ସିରିଆରେ ଇସ୍ରାଏଲର ଏୟାରଷ୍ଟ୍ରାଇକ୍: ୩୮ ମୃତ

**ବେରୁଟ୍:** ଇସ୍ରାଏଲ ସେନା ସିରିଆରେ ଭୟଙ୍କର ଏୟାର ଷ୍ଟ୍ରାଇକ୍ କରିଛି। ଶୁକ୍ରବାର ସକାଳେ ଉତ୍ତର ସିରିଆର ଆଲେପ୍ପୋ ସହର ନିକଟରେ ହୋଇଥିବା ଇସ୍ରାଏଲର ଏହି ଏୟାର ଷ୍ଟ୍ରାଇକ୍ ରେ ୩୮ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆହୁରି ଅନେକ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୫ ହିଜବୁଲ୍ଲା ଆତଙ୍କବାଦୀ ଅଛନ୍ତି। ଏଥିସହିତ ଅନେକ କ୍ଷୟକ୍ଷତି ହୋଇଛି। ଆଲେପ୍ପୋ ଓ ଏହାର ଉପାନ୍ତ ଅଞ୍ଚଳରେ ଥିବା ବେସାମରିକ ଟାର୍ଗେଟ ଉପରେ ଇସ୍ରାଏଲର ଆକ୍ରମଣ ଏବଂ ସିରିଆ ବିଦ୍ରୋହୀ ଗୋଷ୍ଠୀଙ୍କ ଡ୍ରୋନ୍ ଆକ୍ରମଣ ହୋଇଛି ବୋଲି ସିରିଆର ସରକାରୀ ଗଣମାଧ୍ୟମ ଜଣେ ଅଜ୍ଞାତ ସାମରିକ ଅଧିକାରୀଙ୍କ ବୟାନକୁ ଭିତ୍ତି କରି କହିଛି।



ସିରିଆନ୍ ଅବଜର୍ଭେଟରୀ ଫର୍ ହ୍ୟୁମାନ ରାଇଟ୍ସ କହିଛି ଯେ ଆଲେପ୍ପୋର ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏହି ଏୟାରଷ୍ଟ୍ରାଇକ୍ କରାଯାଇଥିଲା। ଆଲେପ୍ପୋର ଦକ୍ଷିଣ ଉପନଗର ଜିବରିନରେ ଥିବା ଲେବନାନ ଆତଙ୍କବାଦୀ ହିଜବୁଲ୍ଲା ଗୋଷ୍ଠୀର ଏକ କ୍ଷେପଣାସ୍ତ୍ର ଡିପୋକୁ ଟାର୍ଗେଟ୍ କରି ଇସ୍ରାଏଲ ଏହି ଆକ୍ରମଣ କରିଥିଲା। ଏହି ଆକ୍ରମଣରେ ଏକ ଡଜନରୁ ଅଧିକ ସୈନିକ ପ୍ରାଣ ହରାଇଛନ୍ତି କିମ୍ବା ଆହତ ହୋଇଛନ୍ତି। ଆକ୍ରମଣର ଦୁଇ ଘଣ୍ଟା ପରେ ବି ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳୁଛି ବୋଲି ଅବଜର୍ଭେଟୋରି କହିଛି। ତେବେ ଏହି ଆକ୍ରମଣ ସମ୍ପର୍କରେ ଇସ୍ରାଏଲ ଅଧିକାରୀଙ୍କ ପକ୍ଷରୁ କୌଣସି ବୟାନ ଦିଆଯାଇନାହିଁ।

# ବସ୍ ସହ ଜଳିଗଲେ ୪୫ ଯାତ୍ରୀ

**କୋହାନ୍ସବର୍ଗ:** ଦକ୍ଷିଣ ଆଫ୍ରିକାର ଉତ୍ତର-ପୂର୍ବ ଲିମ୍ପୋପୋ ପ୍ରଦେଶରେ ଗୁରୁବାର ବ୍ରିଜ୍ ଉପରୁ ଏକ ବସ୍ ପ୍ରାୟ ୫୦ ମିଟର ତଳେ ପଡ଼ିବା ପରେ ଜଳିଯିବାରୁ ୪୫ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ କେବଳ ଜଣେ ୮ ବର୍ଷର ଝିଅ ଜୀବିତ ଅଛନ୍ତି। ସେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦ.ଆଫ୍ରିକାର ରାଜଧାନୀ ଜୋହାନସବର୍ଗଠାରୁ ପ୍ରାୟ ୩୦୦ କିଲୋମିଟର ଦୂରରେ ଏହି ଦୁର୍ଘଟଣା ଘଟିଛି। ମୋକୋପେନ୍ ଓ ମାର୍କେନ ମଧ୍ୟରେ ଏହି ଦୁର୍ଘଟଣା ଘଟିଛି। ମୃତାହତମାନେ ବୋଟସ୍ୱାନାର ରାଜଧାନୀ ଗାବୋରୋନରୁ ମୋରିଆ ସହରକୁ ଇଷ୍ଟର ପାଳନ କରିବା ପାଇଁ ଯାଉଥିଲେ। ବସଟି ଏକ ପାହାଡ଼ିଆ ଅଞ୍ଚଳରେ ଥିବା ବ୍ରିଜ୍ ଅତିକ୍ରମ କରୁଥିବା ବେଳେ ଭାରସାମ୍ୟ ହରାଇ ସୁରକ୍ଷା ବାଡ଼ରେ ପିଟି ହୋଇଥିଲା ଓ ବ୍ରିଜ୍ ତଳକୁ ଖସି ପଡ଼ିଥିଲା। ବସଟି ତଳେ ପଡ଼ିବା ପରେ ସେଥିରେ ନିଆଁ ଲାଗି ଯାଇଥିଲା। ବସଟି ପୂରା ଜଳି ଯାଇଛି। ତା' ସହିତ ଅନେକ ମୃତକ ମଧ୍ୟ ଜଳି ଯାଇଛନ୍ତି। ବ୍ରିଜ୍ ତଳକୁ ଖସି ପଡ଼ିବା ପରେ ବସଟି ଜଳି ଯାଇଛି। ଦକ୍ଷିଣ ଆଫ୍ରିକାର ପରିବହନ ମନ୍ତ୍ରୀ ସିଣ୍ଡିସିୱେ ଚିକୁଙ୍ଗା ଦୁର୍ଘଟଣାସ୍ଥଳକୁ ଯାଇଥିଲେ। ସେ ମୃତକଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ଏହା ସହିତ ସୁରକ୍ଷିତ ଗାଡ଼ି ଚାଳନା ନେଇ ଲୋକଙ୍କୁ ଆହୁରି ସତର୍କ କରାଯିବ ବୋଲି ସେ କହିଛନ୍ତି।



## ତୃତୀୟ ସନ୍ତାନର ବାପା ହେଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

**ଚଣ୍ଡିଗଡ଼:** ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍‌ଙ୍କ ଘରେ ମାର୍ଚ୍ଚ ୨୬ ତାରିଖରେ ଶିଶୁ କନ୍ୟାର ଜନ୍ମ ହୋଇଛି। ଏହାର ସୂଚନା ଭଗୱନ୍ତ ମାନ୍ ଗୁରୁବାର ନିଜେ ସୋସିଆଲ ମିଡ଼ିଆ ହ୍ୟାଣ୍ଡେଲ୍ ଏକ୍ସରେ ଦେଇଥିଲେ। ଏହି ଖୁସି ଖବର ଦେଇ ଭଗବନ୍ତ ମାନ୍ କହିଥିଲେ, ମୁଁ ଏକ ଶିଶୁକନ୍ୟାର ପିତା ହୋଇଛି। ମା' ଏବଂ ଶିଶୁ ଉଭୟ ସୁସ୍ଥ ଅଛନ୍ତି। କନ୍ୟା ସନ୍ତାନ ଜନ୍ମ ହେବାର ଅନେକ ସମୟ ପରେ ମୁଁ ହସ୍ପିଟାଲ ଯାଇଥିଲି। କାରଣ ମୋ ହେତୁ ହସ୍ପିଟାଲରେ ଜଦି ଭିଡ଼ ଲାଗିଯାଏ ତେବେ ଅନ୍ୟ ଲୋକଙ୍କୁ ଏନେଇ ଅସୁବିଧା ହୋଇଥାଆନ୍ତା। ତେଣୁ ଝିଅକୁ ଦେଖିବା ପାଇଁ ମୁଁ ରାତି ସମୟରେ ଯାଇଥିଲି। 'ମୁଖ୍ୟମନ୍ତ୍ରୀ ହେବାର ୪ ମାସ ପରେ ଭଗୱନ୍ତ ମାନ୍ ୨୦୨୨ ଜୁଲାଇରେ ଗୁରପ୍ରୀତଙ୍କୁ ବିବାହ କରିଥିଲେ। ମାନ୍‌ଙ୍କର ପ୍ରଥମ ସ୍ତ୍ରୀଙ୍କଠାରୁ ୨୨ ବର୍ଷ ବୟସ୍କା ଝିଅ ସିର୍ତ୍ତ କେର ମାନ୍ ଏବଂ ୧୯ ବର୍ଷ ବୟସ୍କ ପୁଅ ଦିଲସାନ ସିଂ ମାନ୍ ରହିଛନ୍ତି।

# ମଦୁଆ ପାଇଲଟ୍‌ଙ୍କୁ ବହିଷ୍କାର କଲା ଏୟାର୍ ଇଣ୍ଡିଆ

**ନୂଆଦିଲ୍ଲୀ:** ଘରୋଇ ବିମାନ କମ୍ପାନୀ ଏୟାର୍ ଇଣ୍ଡିଆର ଜନେକ ପାଇଲଟ୍ ମଦ ପିଇ ବିମାନ ଚଳାଇଥିବା ଜଣାପଡ଼ିବା ପରେ ତାଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଟାଟା ଗ୍ରୁପ୍ ପରିଚାଳିତ ଏୟାର୍ ଇଣ୍ଡିଆ ପକ୍ଷରୁ ମିଳିଥିବା ସୂଚାନାନୁସାରେ, ଫୁକେଟରୁ ଭାରତ ଚଳାଚଳ କରୁଥିବା ବିମାନ ଭାରତରେ ଅବତରଣ କରିବା ପରେ ଉକ୍ତ ପାଇଲଟ୍‌ଙ୍କ ଶ୍ୱାସ ପରୀକ୍ଷଣ କରାଯାଇଥିଲା। ପରୀକ୍ଷଣରେ ସେ ମଦ ପିଇଥିବା ଜଣାପଡ଼ିଥିଲା। ଏହାପରେ ତାଙ୍କୁ ଚାକିରିରୁ ବହିଷ୍କୃତ କରାଯିବା ସହ ତାଙ୍କ ବିରୋଧରେ ଥାନାରେ ମାମଲା ରୁଜୁ କରାଯାଇଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟକୁ ମଧ୍ୟ ସୂଚିତ କରାଯାଇଛି ବୋଲି ସୂଚନାରେ ଦର୍ଶାଯାଇଛି। ସୂଚନାଯୋଗ୍ୟ, ଯଦିଓ ଭାରତରେ ବିମାନ ଚଳାଇବା ସମୟରେ ମଦ ପିଇବା ଏକ ଦଣ୍ଡନୀୟ ଅପରାଧ, ତେବେ ଆନ୍ତର୍ଜାତିକ ବିମାନଗୁଡ଼ିକରେ ଏହି କଟକଣା ନାହିଁ। ଭାରତରେ ମଦ ପିଇ ବିମାନ ଚଳାଉଥିବା ପାଇଲଟ୍‌ଙ୍କୁ ପ୍ରଥମ ଅପରାଧରେ ତିନିମାସ ପାଇଁ ବିମାନ ଚଳାଇବା ପଞ୍ଜୀକରଣ ବାତିଲ କରାଯାଇଥାଏ। ୨୦୨୩ର ପ୍ରଥମାର୍ଦ୍ଧରେ ୩୩ ଜଣ ପାଇଲଟ୍ ମଦ ପିଇ ଧରାପଡ଼ିଥିଲେ।



# ପରକୀୟା ପ୍ରୀତି କଲେ ମହିଳାଙ୍କୁ ବିଚ ରାସ୍ତାରେ ହେବ ପଥର ମାଡ଼

**କାବୁଲ:** ବନ୍ଧୁକ ମୁନରେ ଆଫଗାନିସ୍ତାନକୁ ଦଖଲ କରିଥିବା ତାଲିବାନ ପୁଣିଥରେ ଦେଶକୁ କଳାଯୁଗ ମଧ୍ୟକୁ ନେବାକୁ ଉଦ୍ୟମ ଆରମ୍ଭ କରି ଦେଇଛି। ତାଲିବାନ ସୁପ୍ରିମୋ ହିବାତୁଲ୍ଲା ଅଖୁଣ୍ଡଜାଦା ଆଜି ମହିଳାମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି।

ସେ ଗୋଟିଏ ଅଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ ଆଫଗାନିସ୍ତାନର କୌଣସି ମହିଳା ଯଦି ପରକୀୟା ପ୍ରୀତିରେ ସାମିଲ ହୁଅନ୍ତି, ତା'ହେଲେ ତାଙ୍କୁ ବିଚ୍ ରାସ୍ତାରେ ମୃତ୍ୟୁଦଣ୍ଡ ଦିଆଯିବ। ଏପରି ମହିଳାଙ୍କୁ ରାସ୍ତାରେ ଛିଡ଼ା କରାଯିବ ଓ ମୃତ୍ୟୁ ହେବା ଯାଏ ପଥର ମାଡ଼ କରାଯିବ। ତାଲିବାନ ପଶ୍ଚିମ ଦେଶଗୁଡ଼ିକର ତଥାକଥିତ ଗଣତନ୍ତ୍ର ବିରୋଧରେ ଲଢ଼େଇ ଜାରି ରଖିବ ବୋଲି ମଧ୍ୟ ସେ କହିଛନ୍ତି। ଗୋଟିଏ ବାର୍ତ୍ତାରେ ହିବାତୁଲ୍ଲା ଅଖୁଣ୍ଡଜାଦା କହିଛନ୍ତି ଯେ ବିଦେଶୀ ରାଷ୍ଟ୍ରଗୁଡ଼ିକ ମହିଳା ଅଧିକାର ସମ୍ପର୍କରେ ଯେଉଁ ସବୁ କଥା କହୁଛନ୍ତି, ସେସବୁ ତାଲିବାନର ଇସଲାମିକ ଶରିଆ ଆଇନ ସହ ଖାପ ଖାଉ ନାହିଁ। ପଶ୍ଚିମଦେଶ ଗୁଡ଼ିକ କହୁଥିବା ଅଧିକାର ମହିଳାମାନେ ଚାହୁଁଛନ୍ତି କି? ସେସବୁ ଶରିଆ ବିରୋଧୀ। ମୌଲବୀମାନେ ଏହା ବିରୋଧରେ ରହିଛନ୍ତି। ସେମାନେ ୱେଷ୍ଟର୍ଣ୍ଣ ଗଣତନ୍ତ୍ରକୁ ଭାଙ୍ଗିଛନ୍ତି। ସେ କହିଛନ୍ତି, ଆମେ ୱେଷ୍ଟର୍ଣ୍ଣ ଦେଶ ବିରୋଧରେ ୨୦ ବର୍ଷ ଲଢ଼ିଛି। ଆମେ ଆହୁରି ୨୦ ବର୍ଷ କିମ୍ବା ଦରକାର ପଡ଼ିଲେ ତା'ଠାରୁ ଅଧିକ ବର୍ଷ ଲଢ଼ିବୁ। ତୁମେମାନେ ଚାଲି ଯାଇଥିଲେ ମଧ୍ୟ ଲଢ଼େଇ ସରିନି। ମୁଜାହିଦନମାନେ ଏବେ ଶାନ୍ତିରେ ବସିବେ ଓ ଚା' ପିଇବେ ବୋଲି ଭାବନ୍ତୁ ନାହିଁ। ଏଠାରେ ଶରିଆ ଲାଗୁ ହେବ। ଆମେ କାବୁଲ ଦଖଲ କରିବା ବେଳକୁ ଏହା ଶେଷ ହୋଇ ଯାଇଥିଲା। ଏବେ ଆମକୁ ଶରିଆ ପୁଣି ଆଣିବାକୁ ପଡ଼ିବ। ମହିଳାମାନଙ୍କ ଉପରକୁ ପଥର ମାଡ଼ କଲେ ସେମାନଙ୍କର ଅଧିକାରର ଉଲ୍ଲଙ୍ଘନ ହେଉଛି ବୋଲି କୁହାଯାଇଛି। କିନ୍ତୁ ଆମେ ପରକୀୟା ପ୍ରୀତି ପାଇଁ ଦଣ୍ଡବିଧାନ କରିବାକୁ ପୁଣି ଏହାକୁ ଲାଗୁ କରିବୁ। ଆମେ ସର୍ବସାଧାରଣରେ ମହିଳାଙ୍କୁ ଦଣ୍ଡ ଦେବୁ। ସେମାନଙ୍କୁ ବିଚ ରାସ୍ତାରେ ଛିଡ଼ା କରି ପଥର ମାଡ଼ କରାଯିବ। ୨୦୦୧ରେ ଆମେରିକା ସେନା ଆଫଗାନରେ ପ୍ରବେଶ କରିବା ସହ ତାଲିବାନ ଶାସନରେ ପୂର୍ଣ୍ଣଚ୍ଛେଦ ଟାଣିଥିଲେ। କିନ୍ତୁ ତାଲିବାନ ଶାସନ ଗାଦିରୁ ହଟିଥିଲେ ହେଁ ଆମେରିକା ସେନା ସ୍ୱଦେଶ ଫେରି ନଥିଲା।

# ଆମେରିକା ପୁଣି ଉଠାଇଲା କେଜରିୱାଲ ପ୍ରସଙ୍ଗ

**ୱାସିଂଟନ୍:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀ ଉପରେ ମନ୍ତବ୍ୟକୁ ନେଇ ଭାରତ ଜଣେ ଆମେରିକୀୟ କୂଟନୀତିଜ୍ଞଙ୍କୁ ଡକାଇ ଆପତ୍ତି ଉଠାଇବାର ଦିନକ ପରେ ଆମେରିକା ନିରପେକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ଆଇନଗତ ପ୍ରକ୍ରିୟା ପାଇଁ ପୁଣି ଥରେ ଆହ୍ୱାନ ଦେଇଛି। ଆମେରିକୀୟ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଥ୍ୟୁ ମିଲର ମଧ୍ୟ କହିଛନ୍ତି ଯେ ଟିକସ କର୍ତ୍ତୃପକ୍ଷ ସେମାନଙ୍କର କିଛି ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଛନ୍ତି ବୋଲି କଂଗ୍ରେସ ଦଳର ଅଭିଯୋଗ ବିଷୟରେ ସେମାନେ ଅବଗତ ଅଛନ୍ତି। ଅରବିନ୍ଦ କେଜରିୱାଲଙ୍କ ଗିରଫଦାରୀ ସମେତ ଏହି କାର୍ଯ୍ୟ ଉପରେ ଆମେ ତୀକ୍ଷ୍ଣ ନଜର ରଖିଛୁ। ଏହି ସବୁ ପ୍ରସଙ୍ଗ ପାଇଁ ଆମେ ନିରପେକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ଆଇନଗତ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରୁଛୁ ବୋଲି ମିଲର କହିଛନ୍ତି। ଭାରତ ଦିଲ୍ଲୀରେ କାର୍ଯ୍ୟକାରୀ ଡେପୁଟି ଚିଫ୍ ଅଫ୍ ମିସନ ଗ୍ଲୋରିଆ ବର୍ବେନାଙ୍କୁ ସମନ କରିବା ସହ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରାଯିବା ସମ୍ପର୍କରେ ପ୍ରଶ୍ନ କରାଯିବାରୁ ବୈଦେଶିକ ବିଭାଗର ଏକ ସାମ୍ବାଦିକ ସମ୍ମିଳନୀରେ ମିଲର ଏହା କହିଛନ୍ତି। ଭାରତ ଆମେରିକୀୟ କୂଟନୀତିଜ୍ଞଙ୍କୁ ସମନ କରିବା ବିଷୟରେ ପଚରାଯିବାରୁ ମିଲର ଏହା ପ୍ରାଇଭେଟ୍ କୂଟନୈତିକ କଥାବାର୍ତ୍ତା ବୋଲି ଦର୍ଶାଇ କୌଣସି ମନ୍ତବ୍ୟ ଦେବାକୁ ମନା କରିଦେଇଥିଲେ। 'ମୁଁ କୌଣସି ପ୍ରାଇଭେଟ୍ କୂଟନୈତିକ କଥାବାର୍ତ୍ତା ବିଷୟରେ କିଛି କହିବି ନାହିଁ। କିନ୍ତୁ ଅବଶ୍ୟ, ଆମେ ସର୍ବସାଧାରଣରେ ଯାହା କହିଛୁ ତାହା ହେଉଛି, ଆମେ ନିରପେକ୍ଷ, ସ୍ୱଚ୍ଛ ଓ ସମୟୋପଯୋଗୀ ଆଇନଗତ ପ୍ରକ୍ରିୟାକୁ ପ୍ରୋତ୍ସାହିତ କରୁଛୁ। ଏଥିରେ କେହି ଆପତ୍ତି କରିବା ଉଚିତ ନୁହେଁ' ବୋଲି ମିଲର କହିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଆମେରିକାର କାର୍ଯ୍ୟକାରୀ ଡେପୁଟି ଚିଫ୍ ଅଫ୍ ମିସନ୍ ଗ୍ଲୋରିଆ ବର୍ବେନାଙ୍କୁ ଦିଲ୍ଲୀର ସାଉଥ୍ ବ୍ଲକ୍ ସ୍ଥିତ ନିଜ କାର୍ଯ୍ୟାଳୟକୁ ଡକାଇଥିଲା। ଏହି ବୈଠକ ୩୦ ମିନିଟରୁ ଅଧିକ ସମୟ ଧରି ଚାଲିଥିଲା। ପରେ ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଥିଲା ଯେ, ଭାରତରେ କେତେକ ଆଇନଗତ ପ୍ରକ୍ରିୟା ସମ୍ପର୍କରେ ଆମେରିକୀୟ ବୈଦେଶିକ ବିଭାଗର ମୁଖପାତ୍ରଙ୍କ ମନ୍ତବ୍ୟକୁ ନେଇ ଆମେ ଦୃଢ଼ ଆପତ୍ତି ଉଠାଇଛୁ। କୂଟନୀତିରେ ଦେଶଗୁଡ଼ିକ ଅନ୍ୟମାନଙ୍କ ସାର୍ବଭୌମତ୍ୱ ଓ ଆଭ୍ୟନ୍ତରୀଣ ବ୍ୟାପାରକୁ ସମ୍ମାନ ଦେବେ ବୋଲି ଆଶା କରାଯାଏ।



## ବେଙ୍ଗାଲୁରୁ କାଫେ ବ୍ଲାଷ୍ଟ
## ୨ ଅଭିଯୁକ୍ତଙ୍କୁ ଧରିବାକୁ ପୁରସ୍କାର ଘୋଷଣା

**ବେଙ୍ଗାଲୁରୁ:** ମାର୍ଚ୍ଚ ୧ ତାରିଖରେ ବେଙ୍ଗାଲୁରୁର ରାମେଶ୍ୱରମ କାଫେର ହୋଇଥିବା ବିସ୍ଫୋରଣ ଦୁଇ ମୁଖ୍ୟ ଖଳନାୟକଙ୍କୁ ଏଯାଏ ଧରିବାକୁ ସକ୍ଷମ ହୋଇନି ଜାତୀୟ ତଦନ୍ତକାରୀ ସଂସ୍ଥା ବା ଏନଆଇଏ। ଏବେ ୨ ଅଭିଯୁକ୍ତଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ଏନଆଇଏ ୨୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଛି। ଯଦି କେହି ଅଭିଯୁକ୍ତଙ୍କୁ ଧରାଇବାରେ ସହାୟତା କରିବେ, ତା'ହେଲେ ତାଙ୍କୁ ଟଙ୍କା ମିଳିବ।

ଏନଆଇଏ ପୁରସ୍କାର ଘୋଷଣା କରିବା ସହ ଦୁଇ ସନ୍ଦିଗ୍ଧଙ୍କ ଫଟୋ ମଧ୍ୟ ଜାରି କରିଛି। ଅଭିଯୁକ୍ତ ମୁସାବୀର ହୁସେନ ଶାଜିବ କାଫେ ଭିତରେ ଆଇଇଡି ରଖିବା ସହ ବିସ୍ଫୋରଣ କରିଥିଲା। ସେହିପରି ଅବଦୁଲ ଅହମଦ ହେଉଛି ପୁରା ଘଟଣାର ଷଡ଼ଯନ୍ତ୍ରକାରୀ। ଉଭୟ ୨୦୨୦ର ଗୋଟିଏ ଆତଙ୍କବାଦ କାର୍ଯ୍ୟକଳାପରେ ମଧ୍ୟ ସାମିଲ ରହିଛନ୍ତି। ଯଦି ଏମାନଙ୍କ ସମ୍ପର୍କରେ କେହି ଖବର ପାଆନ୍ତି, ତା'ହେଲେ ଏନଆଇଏକୁ info.blr.niagov.inକୁ ଇ-ମେଲ କିମ୍ବା କଲ କରି ସୂଚନା ଦେଇ ପାରିବେ। ସୂଚନାଦାତାଙ୍କ ପରିଚୟ ଅତ୍ୟନ୍ତ ଗୋପନ ରହିବ। ପ୍ରତି ଅଭିଯୁକ୍ତଙ୍କ ପିଛା ୧୦ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରହିଛି। ଏନଆଇଲ କହିଛି ଯେ ଶାଜିବ ନିଜ ପରିଚୟକୁ ଗୋପନ ରଖିବା ପାଇଁ ନିଜକୁ ମହମ୍ମଦ ଜୁନେଦ ସୟିଦ କରି ଦେଇଛି। ସେହିପରି ଅବଦୁଲ ଅହମଦ ନିଜକୁ ହିନ୍ଦୁ ଭାବେ ସଜାଇ ଦେଇଛି। ସେ ନକଲି ଆଧାର କାର୍ଡ ପ୍ରସ୍ତୁତ କରି ବିଗ୍ନେଶ ନାଁରେ ଆତ୍ମଗୋପନ କରିଛି।

ମାର୍ଚ୍ଚ ୨୮ରେ ଏନଆଇଏ ଘଟଣାର ସହ ଷଡ଼ଯନ୍ତ୍ରକାରୀ ମୁଜାମ୍ମିଲ ଶରୀଫଙ୍କୁ ଗିରଫ କରିଥିଲା। କର୍ଣ୍ଣାଟକାର ୧୨ଟି, ତାମିଲନାଡୁର ୫ଟି ଓ ଉତ୍ତର ପ୍ରଦେଶର ଗୋଟିଏ ଠିକଣାରେ ରେଡ କରିବା ପରେ ଶରୀଫର ଗିରଫଦାରୀ ହୋଇଥିଲା।

# କେଜରିୱାଲ ଗିରଫ, କଂଗ୍ରେସ ଆକାଉଣ୍ଟ ଅଚଳ: ଜାତିସଂଘର ନାପସନ୍ଦ

**ଜେନେଭା:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଗିରଫଦାରୀ ଏବଂ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଅଚଳ ଉପରେ ମିଳିତ ଜାତିସଂଘ ପ୍ରତିକ୍ରିୟା ରଖିଛି। ଜାତିସଂଘ କହିଛି ଯେ, ଭାରତ ଏବଂ ଅନ୍ୟ ରାଷ୍ଟ୍ରର ନିର୍ବାଚନ ସମୟରେ ଲୋକଙ୍କ ରାଜନୈତିକ ତଥା ନାଗରିକ ଅଧିକାର ସୁରକ୍ଷା ଥିବ ବୋଲି ବିଶ୍ୱ ସଂସ୍ଥା ଆଶା ରଖିଛି। ଜାତିସଂଘର ମୁଖ୍ୟ ଶାସନ ସଚିବ ଆଣ୍ଟୋନି ଗୁଟେରସଙ୍କ ମୁଖପାତ୍ର ଷ୍ଟିଫେନ ଡୁଜେରିକ କହିଛନ୍ତି, ଭାରତ ଏବଂ ଅନ୍ୟ ରାଷ୍ଟ୍ରମାନଙ୍କର ନିର୍ବାଚନ ସମୟରେ ସମସ୍ତଙ୍କ ରାଜନୈତିକ ଏବଂ ମାନିବିକ ଅଧିକାର ସୁରକ୍ଷିତ ଥିବ ବୋଲି ଆମେ ଆଶା କରୁଛୁ। ନିର୍ବାଚନ ସମୟରେ ପ୍ରତ୍ୟେକ ବ୍ୟକ୍ତି ଏକ ସ୍ୱଚ୍ଛ ଏବଂ ନିରପକ୍ଷ




ପରିବେଶରେ ମତଦାନ କରିବାକୁ ସକ୍ଷମ ହେବେ। ଲୋକସଭା ନିର୍ବାଚନର କିଛି ଦିନ ପୂର୍ବରୁ ଦିଲ୍ଲୀର ମଦ ନୀତି ମାମଲାରେ ଅରବିନ୍ଦ କେଜରିୱାଲଙ୍କୁ ଗିରଫ କରାଯିବାକୁ ନେଇ ସବୁଠି ଚର୍ଚ୍ଚା ହେଉଛି। ଚଳିତ ମାସ ୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ତାଙ୍କୁ ଗିରଫ କରିଥିଲା। ସେ ବର୍ତ୍ତମାନ କେନ୍ଦ୍ରୀୟ ଅନୁସନ୍ଧାନ ଏଜେନ୍ସିର ହେପାଜତରେ ଅଛନ୍ତି। ଗତକାଲି କେଜରିୱାଲଙ୍କ ୭ ଦିନିଆ ରିମାଣ୍ଡ ଅବଧି ସରିବା ପରେ ଇଡି ତାଙ୍କୁ ପୁଣି ଏପ୍ରିଲ ୧ ଯାଏ ହେପାଜତକୁ ନେଇଛି। ସେପଟେ, ଆୟକର ବିଭାଗ କଂଗ୍ରେସ ବ୍ୟାଙ୍କ ଖାତା ଅଚଳ କରିଦେଇଛି। ନିର୍ବାଚନ ସମୟରେ ଜାଣିଶୁଣି ଆମ ଖାତା ଅଚଳ କରାଯାଇଥିବା ଅଭିଯୋଗ କରିଛି କଂଗ୍ରେସ।

## କେଜରିୱାଲଙ୍କ ପାଇଁ ଚାକିରି ଛାଡ଼ି ଦେଇଥିଲେ ପତ୍ନୀ ସୁନୀତା

**ନୂଆଦିଲ୍ଲୀ:** ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ହେପାଜତରେ ଥିବା ବେଳେ ତାଙ୍କ ସ୍ତ୍ରୀ ସୁନୀତା କେଜରିୱାଲଙ୍କୁ ନେଇ ଚର୍ଚ୍ଚା ଜୋର ଧରିଛି। କାରଣ ସେ ସ୍ୱାମୀଙ୍କ ସମର୍ଥନରେ ବାହାରି ଏହି ଯୁଦ୍ଧରେ ସାମିଲ ହେବାକୁ ଦିଲ୍ଲୀବାସୀଙ୍କୁ ଅନୁରୋଧ କରୁଛନ୍ତି। ଏହି କ୍ରମରେ ଖବର ଉଠୁଛି କି ସୁନୀତା କେଜରିୱାଲ ଜଣେ ଉଚ୍ଚଶିକ୍ଷିତ। ତେଣୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦର ଦାୟିତ୍ୱ ସୁନୀତାଙ୍କୁ ପ୍ରଦାନ କରାଯାଇପାରେ। ସୁନୀତା ଓ ଅରବିନ୍ଦ ଦୁହେଁ ଆଇଆରଏସ ଅଧିକାରୀ ରହିଛନ୍ତି। ଅରବିନ୍ଦ ଓ ସୁନୀତାଙ୍କ ଭେଟ ଆଇଆରଏସ ଅଧିକାରୀମାନଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ହୋଇଥିଲା। କିଛିଦିନ ବନ୍ଧୁ ହୋଇ ରହିବା ପରେ ଦୁହେଁ ବିବାହ କରିଥିଲେ। ଆରବିନ୍ଦ ୨୦୦୬ରେ ଆଇଆରଏସ ପଦରୁ ଇସ୍ତଫା ଦେବା ସମୟରେ ସୁନୀନା ସିଭିଲ ସର୍ଭିସ ସେବାରେ ଥିଲେ। ଅରବିନ୍ଦ କେଜରିୱାଲ ଯେତେବେଳେ ଦିଲ୍ଲୀରେ ସକ୍ରିୟ ରାଜନୀତିରେ ପ୍ରବେଶ କଲେ ଓ ନିଜର ଏକ ଭିନ୍ନ ପରିଚୟ ସୃଷ୍ଟି କରିଥିଲେ ସେତେବେଳେ ସୁନୀତା ଆଇଟିଏଟିରେ ଆୟକର ଆୟୁକ୍ତ ପଦରେ କରୁଥିବା ଚାକିରି ଛାଡ଼ି ଦେଇଥିଲେ। ଚାକିରି ଛାଡ଼ିବା ପରେ ସେ ସମୟରେ ଚର୍ଚ୍ଚା ହୋଇଥିଲା କି ସୁନୀତା ସ୍ୱାମୀ କେଜରିୱାଲଙ୍କ ନିର୍ବାଚନ ପ୍ରଚାର ଓ ତାଙ୍କୁ ଯଥେଷ୍ଟ ସମୟ ଦେବା ପାଇଁ ସରକାରୀ ଚାକିରି ଓ ନାଲିବତୀ ଗାଡ଼ି ଛାଡ଼ି ଦେଇଛନ୍ତି। ସମାଜରେ ସୁନୀତାଙ୍କ ପରିଚୟ ଜଣେ ଗୃହିଣୀ, ସମାଜ ସେବୀ ଓ ଅବସରପ୍ରାପ୍ତ ଅଧିକାରୀ ଭାବେ ରହିଛି।



## କଳାହାଣ୍ଡି କପ୍

# ନୟାଗଡ଼, ଭୁବନେଶ୍ୱର ବି', ପୁରୀ ବିଜେତା





ଭୁବନେଶ୍ୱର,୨୯।୩(ସବ୍ୟୁ): ଓଡ଼ିଶା କ୍ରିକେଟ୍ ଆସୋସିଏସନ୍‌ର ଘରୋଇ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍ ସିନିୟର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ୍‌ର ପ୍ରିଲିମିନାରି ଲିଗ୍ ଦ୍ୱିତୀୟ ପର୍ଯ୍ୟାୟରେ ଶୁକ୍ରବାର ନୟାଗଡ଼, ଭୁବନେଶ୍ୱର ବି' ଏବଂ ପୁରୀ ବିଜୟୀ ହୋଇଛନ୍ତି ।

ରେଭେନ୍ସା ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚରେ ନୟାଗଡ଼ ୩୭ ରନ୍ ବ୍ୟବଧାନରେ ମୟୂରଭଞ୍ଜକୁ ହରାଇଥିଲା । ଏହି ମ୍ୟାଚରେ ନୟାଗଡ଼ ୩୯.୪ ଓଭରରେ ୨୩୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଲୀଳାଧର ପ୍ରଧାନ ୬୬ ଓ ଅଙ୍କିତ ଅରୁଣଭ ୬୨ ରନ୍ କରିଥିଲେ । ମୟୂରଭଞ୍ଜ ୪୭ ଓଭରରେ ୧୯୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଶୁଭମ ନାୟକ ସର୍ବାଧିକ ୫୪ ରନ୍ କରିଥିଲେ ।

ଡ୍ରିମ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ଭୁବନେଶ୍ୱର ବି' ୧ ରନ୍ ବ୍ୟବଧାନରେ କେନ୍ଦୁଝରକୁ ହରାଇଛି । ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଭୁବନେଶ୍ୱର ବି' ୩୬ ଓଭରରେ ୧୫୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ କେନ୍ଦୁଝର ୩୬.୪ ଓଭରରେ ୧୫୧ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚରେ ପୁରୀ ୬ ୱିକେଟ୍‌ରେ କୋରାପୁଟକୁ ହରାଇଛି । ଏହି ମ୍ୟାଚରେ କୋରାପୁଟ୍ ୩୭.୧ ଓଭରରେ ୧୧୬ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ଅର୍ସଦ କିଶୋର ସର୍ବାଧିକ ୪୪ ରନ୍ କରିଥିଲେ । ରିସିକେଶ ଦାସଙ୍କୁ ୫ ୱିକେଟ୍ ସଫଳତା ମିଳିଥିଲା । ଜବାବରେ ପୁରୀ ୨୨.୪ ଓଭରରେ ୪ ୱିକେଟ୍ ହରାଇ ୧୨୦ ରନ୍ କରିଥିଲା । ରାଜେଶ ବେହେରା ୫୪ ରନ୍‌ର ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ ।

# କୋହଲିଙ୍କ ଅର୍ଦ୍ଧଶତକ ଫିକା, ବିଜୟ ଦେଲେ ଆୟର

**ଆଇପିଏଲ୍ ମହାସମର**



ବେଙ୍ଗାଲୁରୁ,୨୯।୩(ଏଜେନ୍ସି): ଘରୋଇ ମାହୋଲରେ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁକୁ ମ୍ୟାଚ ହାତଛଡ଼ା କରିଛି । ଶୁକ୍ରବାର କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ବେଙ୍ଗାଲୁରୁ ୭ ୱିକେଟ୍‌ରେ ପରାଜିତ ହେବା ସହ ତାରକା ବିରାଟ କୋହଲିଙ୍କ ୮୩ ରନ୍‌ର ଅର୍ଦ୍ଧଶତକୀୟ ଇନିଂସ ବ୍ୟର୍ଥ ଯାଇଥିଲା । କିନ୍ତୁ କୋଲକାତା ନାଇଟ ରାଇଡର୍ସକୁ ଜମାଣିଆ ବିଜୟ ଦେଇଛନ୍ତି ଭେଙ୍କଟେଶ ଓ ଶ୍ରେୟାସ ଆୟର । ଏଥିସହ କୋଲକାତା ଚଳିତ ସିଜନ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଥିବା ବେଳେ ବେଙ୍ଗାଲୁରୁ ୩ ମ୍ୟାଚରୁ ୨ଟି ପରାଜିତ ହୋଇଛି । ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଆର୍‌ସିବି ୨୦ ଓଭରରେ ୬ ୱିକେଟ୍ ହରାଇ ୧୮୨ ରନ୍ କରିଥିଲା । ଜବାବରେ କୋଲକାତା ନାଇଟ ରାଇଡର୍ସ ୧୬.୫ ଓଭରରେ ୩ ୱିକେଟ୍ ହରାଇ ୧୮୬ ରନ୍ କରି ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲା ।

ଟସ୍ ଜିତି କୋଲକାତା ନାଇଟ ରାଇଡର୍ସ ଘରୋଇ ଆର୍‌ସିବିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା । ଦଳୀୟ ସ୍କୋର ୧୭ ରନ୍ ବେଳେ ଫାଫ ଡୁପ୍ଲେସିସ୍ ମାତ୍ର ୮ ରନ୍ କରି ପାଭିଲିୟନ ଫେରିଯାଇଥିଲେ । ପ୍ରାରମ୍ଭିକ ୱିକେଟ୍ ପତନ ସତ୍ତ୍ୱେ ବେଙ୍ଗାଲୁରୁର ଦ୍ରୁତ ରନ୍ ସଂଗ୍ରହ ହାର ଅଟକି ନଥିଲା । କାମେରନ୍ ଗ୍ରୀନ୍‌ଙ୍କ ସହ ବିରାଟ କୋହଲି ଦ୍ୱିତୀୟ ୱିକେଟ୍ ପାଇଁ ୬୫ ରନ୍ ସଂଗ୍ରହ କରିଥିଲେ । ଗ୍ରୀନ୍ ୨୧ ବଲ୍‌ରୁ ୨୩ ରନ୍ କରି ଆନ୍ଦ୍ରେ ରସେଲଙ୍କ ଶିକାର ହୋଇଥିଲେ । ଗୋଟିଏ ପଟେ ବେଙ୍ଗାଲୁରୁ ୬ଟି ୱିକେଟ୍ ହରାଇଥିଲେ ମଧ୍ୟ ଓପନର ବିରାଟ କୋହଲି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଦଳୀୟ ସ୍କୋରକୁ ୧୮୦ ପାର କରାଇଥିଲେ । ବିସ୍ଫୋରକ ଗ୍ଲେନ୍ ମ୍ୟାକ୍ସୱେଲ ୧୯ ବଲର ସମ୍ମୁଖୀନ୍ ହୋଇ ୨୮ ରନ୍ କରିଥିବା ବେଳେ ମ୍ୟାଚର ଶେଷ ଭାଗରେ ଦିନେଶ କାର୍ତ୍ତିକଙ୍କ ବିସ୍ଫୋରକ ଅନ୍ଦାଜ ଦେଖିବାକୁ ମିଳିଥିଲା । ସେ ୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ଟି ଛକା ସହାୟତାରେ ୨୦ ରନ୍ ସଂଗ୍ରହ କରିଥିଲେ । ବିରାଟ କୋହଲି ୫୯ ବଲ୍‌ର ସମ୍ମୁଖୀନ ହୋଇ ୪ଟି ଚୌକା ଓ ୪ଟି ଛକା ସହାୟତାରେ ଅପରାଜିତ ୮୩ ରନ୍ କରିଥିଲେ । ହର୍ସିତ ରାଣା ଓ ଆନ୍ଦ୍ରେ ରସେଲ ଦୁଇଟି ଲେଖାଏଁ ତଥା ସୁନୀଲ ନାରିନ୍ ଗୋଟିଏ ୱିକେଟ୍ ସଫଳତା ହାସଲ କରିଥିଲେ ।

୧୮୩ ରନ୍‌ର ବିଜୟଲକ୍ଷ୍ୟକୁ ହାସଲ କରିବା ପାଇଁ ପଡ଼ିଆକୁ ଓହ୍ଲାଇଥିବା କୋଲକାତା ନାଇଟରାଇଡର୍ସ ଅବିଶ୍ୱାସନୀୟ ଆରମ୍ଭ କରିଥିଲା । ୬ ଓଭରରେ ୮୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରି ଦଳକୁ ଫ୍ଲାଇଙ୍ଗ ଷ୍ଟାଟ ଦେଇଥିଲେ ସୁନୀଲ ନାରିନ ଓ ଫିଲ୍ ସଲ୍ଟ । ସଲ୍ଟ ୨୦ ବଲ୍‌ରୁ ଦୁଇଟି ଲେଖାଏଁ ଚୌକା ଓ ଛକା ମାରି ୩୦ ରନ୍ କରିଥିଲେ । ସୁନୀଲ ନାରିନ୍ ୨୨ ବଲ୍‌ରୁ ୨ଟି ଚୌକା ଓ ୫ଟି ଛକା ସହାୟତାରେ ୪୭ ରନ୍ କରି ଅଳ୍ପକେ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ । ଭେଙ୍କଟେଶ ଆୟର ୩୦ ବଲ୍‌ରୁ ଦ୍ରୁତ ୫୦ ରନ୍ ସଂଗ୍ରହ କରିବା ମ୍ୟାଚର ଟର୍ଣ୍ଣିଂ ପଏଣ୍ଟ ଥିଲା । ଭେଙ୍କଟେଶ ଆୟର ଓ ଶ୍ରେୟାସ ଆୟରଙ୍କ ଚତୁର ବ୍ୟାଟିଂ ଯୋଗୁଁ କୋଲକାତା ନାଇଟ ରାଇଡର୍ସ ନିର୍ଦ୍ଧାରିତ କୋଟାର ୧୯ଟି ବଲ୍ ପୂର୍ବରୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଯାଇଥିଲା । ଶ୍ରେୟାସ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ଛକା ମାରି ମ୍ୟାଚ ଫିନିସ କରିଥିଲେ । ସେ ୨୪ ବଲ୍‌ରୁ ଦୁଇଟି ଲେଖାଏଁ ଚୌକା ଓ ଛକା ମାରି ୩୯ ରନ୍ କରିଥିଲେ । ସମସ୍ତଙ୍କ ନଜରରେ ଥିବା ରିଙ୍କୁ ସିଂ ଶେଷ ଭାଗରେ ୫ ରନ୍ କରିଥିଲେ । ବିଜୟ ସହ କୋଲକାତା ନାଇଟ ରାଇଡର୍ସ ୨ ମ୍ୟାଚରୁ ୪ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି ।

## ବାପୁନ ସ୍ମାରକୀ କ୍ରିକେଟ : କପିଳମୁନି କ୍ଲବ ଚାମ୍ପିଅନ୍

ଅସୁରାଳି,୨୯।୩(ସବ୍ୟୁ): ଧାମନଗର ବ୍ଲକର ଅସୁରାଳି ଠାରେ ଚାଲିଥିବା ଦ୍ୱିତୀୟ ବାପୁନ ସ୍ମାରକୀ ରାତ୍ରିକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ କପିଳମୁନି କ୍ରିକେଟ କ୍ଲବ୍ ପଳିକିରି ଚାମ୍ପିଆନ୍ ହୋଇଛି । ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଭଦ୍ରକ ଅର୍ଣ୍ଣପାଳର ଜୟଦୂର୍ଗା କ୍ରିକେଟ ଟିମ ଏବଂ ଧାମନଗର ପଳିକିରିର କପିଳମୁନି କ୍ଲବ୍ ମଧ୍ୟରେ ରବିବାର ସନ୍ଧ୍ୟାରେ ଖେଳା ଯାଇଥିଲା। ପ୍ରଥମେ ବ୍ୟାଟିଂ କରି ପଳିକିରି ଟିମ ନିର୍ଦ୍ଧାରିତ ୧୦ ଓଭରରେ ୫ ୱିକେଟ ହରାଇ ୪୯ ରନ କରିଥିଲା । ୫୦ ରନର ବିଜୟଲକ୍ଷ୍ୟ ପିଛା କରି ଜୟଦୁର୍ଗା କ୍ଲବ୍ ଅର୍ଣ୍ଣପାଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ ହରାଇ ୩୯ ରନ କରିବାକୁ ସକ୍ଷମ ହୋଇ ମ୍ୟାଚକୁ ୧୧ ରନରେ ହାରିଥିଲା । ଫାଇନାଲ ମ୍ୟାଚରେ ଅମୂଲ୍ୟ ବେହେରା ଏବଂ ସତ୍ୟଜିତ୍ ବେହେରା ଅମ୍ପାୟାରିଂ କରିଥିଲେ । ସିପୁ ବେହେରା, ବିଶାଳ ବେହେରା ସ୍କୋରର ଥିବା ବେଳେ ଶୈଳେନ୍ଦ୍ର ବେହେରା ଖେଳର ଧାରାବିବରଣୀ ପ୍ରଦାନ କରିଥିଲେ । ଅସୁରାଳି ସରପଞ୍ଚ ମିନତୀ ସାହୁ, ଧାମନଗର ପ୍ରେସ କ୍ଲବର ସଭାପତି ବୈକୁଣ୍ଠ ନାଥ ସାହୁ, ବିଦ୍ୟାଧର ଦାସ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଟିମ୍ ଏବଂ ରନର୍ସଅପ୍ ଟିମକୁ ଟ୍ରଫି ସହ ନଗଦ ପୁରସ୍କାର ଅର୍ଥ ପ୍ରଦାନ କରିଥିଲେ । ପ୍ରତିଯୋଗିତାର ମ୍ୟାନ୍ ଅଫ ଦି ମ୍ୟାଚ୍ ଏବଂ ସିରିଜ୍ ଭାବେ ଶଶିକାନ୍ତ ବେହେରା, ବେଷ୍ଟ ବୋଲର ହରିହର ସାହୁ ଏବଂ ବେଷ୍ଟ ଫିଲ୍ଡର ପାପୁଲ ବେହେରା ସ୍ୱତନ୍ତ୍ର ପୁରସ୍କାର ପାଇଥିଲେ ।

## ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ

# ପ୍ରଥମ ଦିନ ଓଡ଼ିଶାକୁ ବଡ଼ ସଫଳତା




ଭୁବନେଶ୍ୱର,୨୯।୩(ସବ୍ୟୁ): ବିହାରର ପାଟଣାରେ ଆରମ୍ଭ ହୋଇଥିବା ଖେଲୋ ଇଣ୍ଡିଆ ଜୁନିୟର ମହିଳା ସନ୍ତରଣ ପ୍ରତିଯୋଗିତାର ପ୍ରଥମ ଦିନ ଓଡ଼ିଶା ପ୍ରତିଯୋଗୀଙ୍କୁ ବଡ଼ ସଫଳତା ମିଳିଛି । ପ୍ରଥମ ଦିନର ୫୦ଟି ସଫଳତା ମଧ୍ୟରୁ ଓଡ଼ିଶା ୨୬ଟି ହାତେଇଛି । ୧୮ ବର୍ଷରୁ କମ୍ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ଦିବ୍ୟଙ୍କା ଦିବ୍ୟଜ୍ୟୋତି ପ୍ରଧାନ, ୧୫ ବର୍ଷରୁ କମ୍ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକରେ ଆଞ୍ଚଲ ବାଗ୍, ୧୦୦ ମିଟର ବଟର ଫ୍ଲାଏରେ ଅର୍ପିତା ସାମଲ ଏବଂ ୧୫ ବର୍ଷରୁ କମ୍ ୨୦୦ ମିଟର ଫ୍ରି-ଷ୍ଟାଇଲରେ ଅଂଶିକା ଆରାଧନା ସାହୁ ପ୍ରଥମ ସ୍ଥାନ ଅଧିକାର କରିଥିଲେ ।

ସେହିଭଳି ୨୦୦ ମିଟର ଫ୍ରି-ଷ୍ଟାଇଲରେ ଭଦ୍ରା ଶତପଥୀ, ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ମାହିକା ମହାକୁଡ ୧୦୦ ମିଟର ବ୍ୟାକ୍ ଷ୍ଟ୍ରୋକ୍‌ରେ ପ୍ରିୟଦର୍ଶିନୀ ରାଉତ, ୧୦୦ ମିଟର ବଟର ଫ୍ଲାଏରେ ଆକାଂକ୍ଷା ନାୟକ, ସୃଷ୍ଟି କାଲାସ ସିନି ଏବଂ ୨୦୦ ମିଟର ବ୍ରେଷ୍ଟ ଷ୍ଟ୍ରୋକ୍‌ରେ ଆଲ୍ୟାନା ପଣ୍ଡା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ । ଏହି ପ୍ରତିଯୋଗିତାର ଅନ୍ୟାନ୍ୟ ବୟସ ବର୍ଗରେ ଓଡ଼ିଆ ପ୍ରତିଯୋଗିତାର ଜମାଣିଆ ପ୍ରଦର୍ଶନ ଦେଖିବାକୁ ମିଳିଥିଲା । ପ୍ରଥମରୁ ପଞ୍ଚମ ସ୍ଥାନ ମଧ୍ୟରେ ଓଡ଼ିଆ ଖେଳାଳି ସଫଳତା ହାସଲ କରିଛନ୍ତି । ଏହି ସନ୍ତରଣ ପ୍ରତିଯୋଗିତାକୁ ସୁଇମିଂ ଫେଡେରେସନ୍ ଅଫ୍ ଇଣ୍ଡିଆ ଏବଂ ଭାରତୀୟ କ୍ରୀଡା ପ୍ରାଧିକରଣ ମିଳିତ ଭାବେ ଆୟୋଜନ କରିଛନ୍ତି ।

## ଡାଇମଣ୍ଡ ଲିଗ୍‌ରେ ଭାଗ ନେବେ କିଶୋର

ଭୁବନେଶ୍ୱର,୨୯।୩(ସବ୍ୟୁ): ଓଡ଼ିଶାର ତାରକା ଜାଭେଲିନ୍ ଥ୍ରୋୟର କିଶୋର ଜେନା ଡାଇମଣ୍ଡ ଲିଗ୍‌ରେ ପଦାର୍ପଣ କରିବାକୁଯାଉଛନ୍ତି । ୨୮ ବର୍ଷୀୟ ଏହି ଆଥଲେଟ୍ ୨୦୨୩ ସ୍ମରଣୀୟ ପ୍ରଦର୍ଶନ ଦେଖାଇଥିଲେ । ମେ' ୧୦ରେ ଦୋହାରେ ହେବାକୁଥିବା ଡାଇମଣ୍ଡ ଲିଗ୍‌ରେ କିଶୋର ଅଂଶଗ୍ରହଣ କରି ଅଲିମ୍ପିକ୍ସ ପୂର୍ବରୁ ନିଜ ପ୍ରଦର୍ଶନକୁ ଶାଣୀତ କରିବାକୁ ଲକ୍ଷ୍ୟରେ ରହିଛନ୍ତି । ୧୫ଟି ସିରିଜ୍‌ରେ ବିଶ୍ୱର ଶ୍ରେଷ୍ଠ କ୍ରୀଡାବିତଙ୍କୁ ନେଇ ଲିଗ୍ ଆୟୋଜିତ ହୋଇଥାଏ । ଅଲିମ୍ପିକ୍ସ ଓ ବିଶ୍ୱ ଚାମ୍ପିଅନସିପ୍ ପରେ ଏହି ଲିଗ୍ ସର୍ବାଧିକ ମାନ୍ୟତା ପାଇଛି । ୨୦୨୩ରେ ବୁଦାପେଷ୍ଟରେ ଅନୁଷ୍ଠିତ ବିଶ୍ୱ ଚାମ୍ପିଅନ୍‌ସିପ୍‌ରେ କିଶୋର ପଞ୍ଚମ ସ୍ଥାନରେ ରହିଥିଲେ । ହାଙ୍ଗଝୌ ଏସିଆନ୍ ଗେମ୍ସରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୭.୫୪ ମିଟର ରୌପ୍ୟ ପଦକ ଜିତି ପ୍ୟାରିସ ଅଲିମ୍ପିକ୍ସ ଟିକେଟ୍ ହାତେଇଥିଲେ । ଏହି ପ୍ରତିଯୋଗିତା ଜରିଆରେ ନିରଜ ଚୋପ୍ରା ଓ କିଶୋର ଜେନା ଅଲିମ୍ପିକ୍ସ ଯୋଗ୍ୟତା ହାତେଇଥିଲେ । ଅଲିମ୍ପିକ୍ସ, ବିଶ୍ୱ ଚାମ୍ପିଅନ୍‌ସିପ୍ ପରେ ନିରଜ ମଧ୍ୟ ଡାଇମଣ୍ଡ ଲିଗ୍‌ରେ ଶ୍ରେଷ୍ଠତ୍ୱ ବଜାୟ ରଖିବା ପାଇଁ ଚାହିଁବେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

# ମହିଳା ଫୁଟବଲ ଲିଗ୍: ଫାଓ ଏକାଡେମୀ, ୟୁନିଟ୍-୬ ବିଜୟୀ

ଭୁବନେଶ୍ୱର,୨୯।୩(ସବ୍ୟୁ): ଖେଲୋ ଇଣ୍ଡିଆ ମହିଳା ଫୁଟବଲ ଲିଗ୍‌ରେ ଶୁକ୍ରବାର ୩ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମ ମ୍ୟାଚଟି ଓଡ଼ିଶା ଏକାଦଶ ଏବଂ ସ୍ପୋର୍ଟ୍ସ ଓଡ଼ିଶା ମଧ୍ୟରେ ୧-୧ ଗୋଲ୍‌ରେ ଡ୍ର' ରହିଥିଲା । ୨ୟ ମ୍ୟାଚରେ ଫାଓ ଏକାଡେମୀ ତୃତୀୟ ମ୍ୟାଚରେ ୟୁନିଟ-୬ ଆଥଲେଟିକ୍ ଆସୋସିଏସନ୍ ବିଜୟୀ ହୋଇଥିଲା ।

ପ୍ରଥମ ମ୍ୟାଚରେ ଓଡ଼ିଶା ଏକାଦଶ ଏବଂ ସ୍ପୋର୍ଟ୍ସ ଓଡ଼ିଶା ଭେଟାଭେଟି ହୋଇଥିଲେ । ଓଡ଼ିଶା ଏକାଦଶ ପକ୍ଷରୁ ପାୟଲ ଜେନା ୨୮ ମିନିଟ୍‌ରେ ତଥା ସ୍ପୋର୍ଟ୍ସ ଓଡ଼ିଶାର ରୂପଶ୍ରୀ ମୁଣ୍ଡା ପଞ୍ଚମ ମିନିଟ୍‌ରେ ଗୋଲ୍ କରିଥିଲେ । ସେହିଭଳି ଦ୍ୱିତୀୟ ମ୍ୟାଚରେ ଫାଓ ଏକାଡେମୀ ୨-୦ ଗୋଲରେ କାଜିବାଜାର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଥିଲା । ବିଜୟୀ ଦଳ ପକ୍ଷରୁ ଲକ୍ଷ୍ମୀପ୍ରିୟା ବାରିକ ଏବଂ ତୁଳସୀ ଟୋପ୍ପୋ ୫୩ ମିନିଟ୍‌ରେ ଗୋଲ୍‌ସ୍କୋର କରିଥିଲେ । ତୃତୀୟ ମ୍ୟାଚରେ ୟୁନିଟ୍-୬ ଆଥଲେଟିକ୍ ଆସୋସିଏସନ୍ ଦଳ ଜୋବ୍ରା ମ୍ୟୁନିସିପାଲଟି ବାଳିକା ଉଚ୍ଚବିଦ୍ୟାଳୟକୁ ହରାଇଥିଲା । ବିଜୟୀ ଦଳର ଆୟୁଷି ଜେନା ୨,୧୪ ଓ ୫୨ ତମ ମିନିଟ୍‌ରେ ୩ଟି ଏପ୍ରିୟଦର୍ଶିନୀ ୨୦ ଓ ୩୭ତମ ମିନିଟ୍‌ରେ ଦୁଇଟି ତଥା ମଣି କେରାଇ ୩୧ତମ ମିନିଟ୍‌ରେ ଗୋଟିଏ ଗୋଲ୍ କରିଥିଲେ ।






Meera's COURTYARD

AT KURANGA PHULNAKHARA



Huge lush green happening space situated in between Cuttack and Bhubaneswar.
- Pollution free ambience
- Blend of traditionalism & modernity
- Far from the madding crowd
- Truely magnificent setting
- Hassel free parking,

WILL perfectly match to your dream to make your event a memorable one.



For:
• Wedding • Star night • Conference and work shops
• Birthday party • Musical events • Corporate meet

Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076


## ରାଖାଲ ଜିଣିଲେ ସ୍ୱର୍ଣ୍ଣ

ଭଣ୍ଡାରିପୋଖରୀ,୨୯।୩(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ କୁଲଣା ଗ୍ରାମର ଭିନ୍ନକ୍ଷମ କ୍ରୀଡାବିତ୍ ରାଖାଲ ଚନ୍ଦ୍ର ସେଠୀ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିଅନସିପରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ଚେନ୍ନାଇର କୋଏମ୍ବାଟୁର ଠାରେ ଅନୁଷ୍ଠିତ ୧୬ତମ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିଅନସିପରେ ଓଡିଶାରୁ ପ୍ରତିନିଧିତ୍ୱ କରି ରାଖାଲ ବ୍ୟକ୍ତିଗତ ଭାବେ ସ୍ୱର୍ଣ୍ଣ ସହ ଦଳଗତ ଭାବେ ସ୍ୱର୍ଣ୍ଣ ପଦକ ଜିଣି ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । କୋଚ ବଲଦୀପ ସହୋତାଙ୍କ ଦ୍ୱାରା ପ୍ରଶିକ୍ଷିତ ରାଖାଲ ବିଭିନ୍ନ ଜାତୀୟ ହୁଇଲ ଚେୟାର ଫେନ୍ସିଂ ଚାମ୍ପିଅନସିପରେ ବହୁ ପଦକ ଜିଣିବାରେ ସକ୍ଷମ ହୋଇପାରିଛନ୍ତି ।

## ରାମେଶ୍ୱର କପ୍

# ଫାଇନାଲରେ ପାରାମାଉଣ୍ଟ



ଭୁବନେଶ୍ୱର,୨୯।୩(ସବ୍ୟୁ): ରାମେଶ୍ୱର ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଷଷ୍ଠ ରାମେଶ୍ୱର କପ୍ ଜୁନିୟର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପାରାମାଉଣ୍ଟ ସ୍ପୋର୍ଟିଂ ପ୍ରବେଶ କରିଛି । ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ପାରାମାଉଣ୍ଟ ସ୍ପୋର୍ଟିଂ ୩୫ ଓଭରରେ ୯ ୱିକେଟ୍ ହରାଇ ୨୮୩ ରନ୍ କରିଥିଲା । ପ୍ରଣତିକ୍ ନାୟକ ୧୧୧ ରନ୍ ଓ ମୃତ୍ୟୁଞ୍ଜୟ ତ୍ରିପାଠୀ ୮୩ ରନ୍ କରିଥିଲେ । ଜବାବରେ ଟାଉନ୍ କ୍ଲବ୍ ୩୫ ଓଭରରେ ୬ ୱିକେଟ୍ ହରାଇ ୧୮୬ ରନ୍ କରିବାକୁ ସକ୍ଷମ ହୋଇଥିଲା । ପ୍ରଜ୍ୟୋତ ସାମଲ ସର୍ବାଧିକ ୭୧ ରନ୍ କରିଥିଲେ । ୧୧୧ ରନ୍‌ର ଇନିଂସ ଖେଳିଥିବା ପ୍ରଣତିକ ନାୟକଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ ବିବେଚିତ କରାଯାଇଥିଲା । ବିଜୟ ରଥ ଓ ସୂର୍ଯ୍ୟ ନାୟକ ଅତିଥି ଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଅମ୍ପାୟାର ପ୍ରିୟବ୍ରତ ପ୍ରଧାନ ଓ ଅରନ୍ ମହାପାତ୍ର ମ୍ୟାଚ ପରିଚାଳନା କରିଥିଲେ । ଶନିବାର ପାରାମାଉଣ୍ଟ ସ୍ପୋର୍ଟିଂ ଏବଂ ରମେଶ୍ୱର ସ୍ପୋର୍ଟିଂ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯିବ ।


**ସୂଚନା**

ସମୟ
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।


Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541